# ସମାରୋହ

ସେପ୍ଟେମ୍ବର ୨୦୧୪ www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

With Best Complements From



The No.1 Outdoor Media in the State of Odisha

**torrent ADVERTISERS**

R.Shed No.37,Rasulgarh Ind. Estate
Bhubaneswar - 751010, Odisha

Mob - 9437021015
Email - torrentadv1 @gmail.com

Branch Office
Cuttack, Sambalpur, Rourkela, Behrampur, Puri

- Deals In -

Hoarding, Bulletin, Kiosks, Backlit, Mobile Van
Hi-tech Bus Shelters


Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )

**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 33 Issue - 12**
**September - 2024**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ଦଶପଲ୍ଲା ଗଡ଼ରେ ଐତିହାସିକ ଲଙ୍କାପୋଡ଼ି ଯାତ୍ରା** ଅଧ୍ୟାପକ ପବିତ୍ର ମୋହନ ବାରିକ... ୬
**ଧର୍ମର ପରିଭାଷା** ସଂତୋଷ କୁମାର ସାହୁ............. ୯


### କଥା ଓ କାହାଣୀ


**ବାଘର ମୃତ୍ୟୁ** ବିନୋଦ............................. ୧୨
**କଳିଯୁଗ** ସୁପ୍ରିୟା ମଲିକ୍...................... ୧୬
**ମୋହଭଙ୍ଗ** ମଧୁମିତା ମହାନ୍ତି.................... ୨୩
**କିଏ ଆଗୋ ଶୌର୍ଯ୍ୟମୟୀ, କରୁଣାମୟୀ, ପ୍ରଜାବତ୍ସଳା-ମହାରାଣୀ ଶୁକଦେଇ** ଚୈଧୁରୀ ବରଦା ପ୍ରସନ୍ନ ଦାସ....... ୨୭
**ଶିକ୍ଷା** ମନୋଜ କୁମାର ବେହେରା......... ୩୧
**ଉଡ଼ାଣ** ରୀନାରାଣୀ ରାଉତରାୟ.............. ୩୪
**ଅଳୁହା କଥା** ବୀରେଶ୍ୱର ମହାନ୍ତି.................. ୩୭


### ଧାରାବାହିକ ଉପନ୍ୟାସ


**ଶ୍ରୀ ଖାରବେଳ** ଡାକ୍ତର ଇନ୍ଦ୍ରମଣି ଜେନା............ ୩୯


### କବିତା


**ସୂର୍ଯ୍ୟାସ୍ତର ପକ୍ଷୀ** ବିଷ୍ଣୁ ମୋହନ....................... ୪୭
**ନିବିଡ଼ ଅନ୍ତରଙ୍ଗ-୮** ଅଜିତ ଦାଶ ମହାପାତ୍ର............... ୪୭
**ମୁହୂର୍ତ୍ତଟିଏ ଲୋଡ଼ା** ଉଷା ଶତପଥୀ....................... ୪୮
**ଅନ୍ଧାରର ନକ୍‌ସା** ନରହରି ମିଶ୍ର......................... ୪୯
**ଅଳସ ପ୍ରହର** ଡ. କଳ୍ପନା ମହାନ୍ତି.................. ୪୯
**ଆଲୋକ** ଶୈବାଳିନୀ ସାହୁ.................... ୫୦
**ଏକପଦୀ କବିତା** ମମତାରାଣୀ ଦାସ.................... ୫୦
**ମୋତେ ଦୁବଘାସଟିଏ କର** ଡ. ସୁରେନ୍ଦ୍ର ନାଥ ପତି......... ୫୧
**ଆକାଂକ୍ଷା** ମାତୃପ୍ରସାଦ ଶତ୍ରୁଜିତ୍................. ୫୧

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**
- **ଶ୍ରୀ ଦେବ ପଟ୍ଟନାୟକ**
- **ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**
- **ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
- **ଡା. ଅମରେନ୍ଦ୍ରନାଥ ଦାସ**

## ତନ୍ମାତ୍ର

**ଆଗାମୀ ଓଡ଼ିଆ ଚଳଚ୍ଚିତ୍ର ସଂପର୍କରେ ସୂଚନା**............ ୫୨

## ଖେଳ ଓ ଖେଳାଳୀ

୨୦୨୪ ଅଲିଂପିକ୍ - ପ୍ୟାରିସ........................................୫୩

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ**

ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ.........୫୫

**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**




**ଯୋଗାଯୋଗ ଠିକଣା**
ସହଯୋଗୀ ସଂପାଦକ : ସମାରୋହ
ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩
ଫୋନ୍ ନମ୍ବର : ୦୬୭୪-୨୩୫୪୮୬୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬

| **ସମାରୋହର ଦେୟ** | |
|---|---|
| ବାର୍ଷିକ.................ଟ. ୨୫୦.୦୦ | ଦ୍ୱିବାର୍ଷିକ...............ଟ. ୫୦୦.୦୦ |
| ୩ ବର୍ଷ ପାଇଁ...........ଟ. ୭୫୦.୦୦ | ୫ ବର୍ଷ ପାଇଁ...........ଟ. ୧୨୫୦.୦୦ |

*ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।*

# ସଂପାଦକୀୟ

ବହୁ ଅତୀତରେ ଭାରତବର୍ଷକୁ ମୁକ୍ତ କରିବା ପାଇଁ ଯେଉଁ ସତ୍ୟାଗ୍ରହୀମାନେ ନିଜ ଜୀବନକୁ ମଧ୍ୟ ବିସର୍ଜନ ଦେଇଥିଲେ ସେହି ସମୟରେ ଚନ୍ଦ୍ରଶେଖର ଆଜାଦ୍ କହିଥିଲେ, "ଅନ୍ୟମାନେ କଣ କରୁଛନ୍ତି ତାହା ଦେଖିବା ଛାଡ଼ି ନିଜେ ଦେଶ ପାଇଁ କ'ଣ କରିପାରିବ ସେ ନେଇ ପଦକ୍ଷେପ ଗ୍ରହଣ କର।" ଆମେ କେତେଦୂର ସେଥିରେ ସକ୍ଷମ ହେଇଛୁ ଏପର୍ଯ୍ୟନ୍ତ କହି ହେବନାହିଁ କିନ୍ତୁ ଏହା ଯେ ପ୍ରକୃତ ଉପଦେଶ ଥିଲା ଏହାକୁ ଗ୍ରହଣ କରିପାରିନାହୁଁ। ଏପର୍ଯ୍ୟନ୍ତ କେବଳ ତୁଳନାରେ ହିଁ ଆମେ ଦେଶକୁ ଉଦ୍ଧାର କରିବୁ ବା ଆଗେଇନେବୁ ବୋଲି ଚେଷ୍ଟା କରି ଚାଲିଛୁ। କିନ୍ତୁ ଛୋଟ କଥାକୁ ନେଇ କେବଳ ମାସ ମାସ ଧରି ଯୁକ୍ତ ତର୍କ ଚାଲିଛି। ସେଥିରେ ବର୍ତ୍ତମାନର ପରିସ୍ଥିତିରେ ପ୍ରଧାନ ହେଲା ରେଭେନ୍ସା କଲେଜର ନାମ ପରିବର୍ତ୍ତନ। ଏପର୍ଯ୍ୟନ୍ତ ସମାଧାନର କୌଣସି ଉପାୟ କେହି ପାଇନାହାଁନ୍ତି। ସେ ଯୁଗରେ ନାରଦଙ୍କ କଳି ମୁଣି ଭଳି ବିଞ୍ଚି ହୋଇଯାଇ ଚତୁର୍ଦ୍ଦିଗ ବିକ୍ଷିପ୍ତ ହୋଇଯାଇଛି। କେବଳ ସମାଧାନର ଉପାୟ ମିଳୁନାହିଁ। ଜଣେ ଅନ୍ୟଜଣକୁ ଦୋଷ ଦେଇ ନୀରବ ରହୁଛି। ମୋର ସେଇ ବିଷୟରେ କହିବାର କିଛି ଉପାୟ ନାହିଁ କାରଣ ବହୁତ ବିଦ୍ୱାନ ଏଥିରେ ସମ୍ପୃକ୍ତ ଅଛନ୍ତି। ତେଣୁ ଭବିଷ୍ୟତ ଭରଷା। ଆଜି ଏତିକି।

ପ୍ରକାଶ ପାଇଥିଲା, "ବୁଲ୍‌ଡୋଜର ନ୍ୟାୟ"କୁ ସୁପ୍ରିମ କୋର୍ଟର ନାପସନ୍ଦ। ସିଏ କହିଛନ୍ତି ଦୋଷୀ ଘରକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗିବା ବେଆଇନ। ଆଉ ଗୋଟିଏ ଖବର "ଓଡ଼ିଶା ଇତିହାସ ଓ ସଂସ୍କୃତିର ପୁନଃ ସମୀକ୍ଷା ଆଲୋଚନା ଚକ୍ର" ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଜାତୀୟ ସ୍ତରୀୟ ସମ୍ମାନ ଅନୁଷ୍ଠିତ ହୋଇଛି। 'ଫଳେନ ପରିଚୟତେ' ପ୍ରକୃତରେ ଓଡ଼ିଶାର ଅତୀତ ସାମନାକୁ ଆସିପାରିବ କି ନାହିଁ ତାହା ଭଗବାନ ଜାଣନ୍ତି। ରାଜଧାନୀର ଶିକ୍ଷା ବିକାଶର ବିକଳ ଚିତ୍ର। ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପରେ ବି ସମସ୍ୟା ସମାଧାନ ହେଉନି। ନାହାଁନ୍ତି ସ୍ଥାୟୀ ଶିକ୍ଷକ, ପାଠପଢ଼ା ପ୍ରଭାବିତ। 'ସୁଭଦ୍ରା'ରେ ସବୁ ମହିଳାଙ୍କୁ ସାମିଲ ଦାବି। ଏହି ପ୍ରସଙ୍ଗରେ ପ୍ରବଳ ହଟ୍ଟଗୋଳ ହୋଇ ଏଥିଯୋଗୁ ପ୍ରଶ୍ନକାଳ ସମ୍ଭବପର ହୋଇନାହିଁ। ଆମ ଦେଶଚିନ୍ତକ ମାନଙ୍କ ମନବୃତ୍ତି ସଫଳ ହେଉ। ଓଡ଼ିଶାରେ ହାତୀର ଗଣନା ଆଉ ହୋଇପାରିବ ନାହିଁ କାରଣ ପ୍ରତିଦିନ ହାତୀମାନଙ୍କ ଉପରେ କିଛି ନା କିଛି ଦୁଃଖଦ ସମ୍ବାଦ ପ୍ରକାଶିତ ହେଉଛି। ଏହା ମନୁଷ୍ୟ ହାତରେ ନାହିଁ। ଭଗବାନଙ୍କ ଉଦ୍ଦେଶ୍ୟ କଣ ସିଏ ଜାଣିଥିବେ। ଏ ଭିତରେ ବାର୍ଡ ଫ୍ଲୁ ଆସିଯାଇଛି। ସେଥିଯୋଗୁଁ ମରାଯାଉଥିବା ପକ୍ଷୀଗୁଡ଼ିକ ଦ୍ୱାରା ଅନେକ ଆକ୍ରାନ୍ତ ହୋଇଯାଉଛନ୍ତି। ତା'ର ଉପାୟ ବର୍ତ୍ତମାନ କରିବା ବୋଧହୁଏ ସମ୍ଭବପର ନୁହେଁ।

ଆମର କେତେବେଳେ ଘୁଷୁରୀ ତ କେତେବେଳେ ଗାଈଙ୍କର ପ୍ରଭାବ ପଡୁଛି। ଏହାର ସମାଧାନ ହୋଇପାରୁନାହିଁ। ଉପାୟ ବୋଧହୁଏ ନାହିଁ ତାହା ଭଗବାନଙ୍କ ଇଚ୍ଛା ବୋଲି ଗ୍ରହଣ କରିନେବାକୁ ପଡ଼ିବ।

ଏ ମଧ୍ୟରେ ବହୁ ପୂଜା ପାର୍ବଣ ଦେଇ ଗତି କରୁଛି ଓଡ଼ିଶା। ଜନ୍ମାଷ୍ଟମୀ ଠାରୁ ଆରମ୍ଭ ହୋଇ ଶ୍ରୀ ଗଣେଶଙ୍କର ଆବିର୍ଭାବ ହୋଇଗଲାଣି, ଏହାପରେ ଆସିବେ ବିଶ୍ୱକର୍ମା, ତା'ପରେ ହେବ ଦେବୀଙ୍କର ଆବିର୍ଭାବ। ସେଥି ନିମନ୍ତେ ରାସ୍ତାଘାଟ ଝଲସି ଉଠିବ। କିନ୍ତୁ କାହାରି ହୃଦୟ ପରିବର୍ତ୍ତିତ ହେବ ବୋଲି ଆଶା ନଥିବ। "ଲାଞ୍ଜିଆ ସୌରା ଛାତ୍ର ହେବେ ପ୍ରଥମ ଡାକ୍ତର, ଭୀମସାର୍‌ରେ ପଢ଼ିବ ପାଠ।" ଏହା ଏକ ସୌଭାଗ୍ୟର ବିଷୟ। "କୁନି ହାତରେ ବଡ଼ ସଫଳତା।" ୧୨ ବର୍ଷୀୟା ତନଭି ପତ୍ରୀ ସ୍ୱର୍ଣ୍ଣପଦକ ଜିତି ଇତିହାସ ରଚିଛନ୍ତି। ଏହି ଆଦର୍ଶ ଅନ୍ୟ ଛାତ୍ରଛାତ୍ରୀମାନଙ୍କ ପାଖକୁ ବ୍ୟାପିଯାଉ।

ଶତାଧିକ ଆଧ୍ୟାତ୍ମିକ ସଂସ୍ଥାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ, ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିଲେ ମଧ୍ୟ ଓଡ଼ିଶାରେ ସେପରି ବିଶେଷ କିଛି ପରିବର୍ତ୍ତନ ଦୃଶ୍ୟମାନ ହେଉନାହିଁ। ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ପୁରୀରେ ଜୀବନ୍ତ ହୋଇ ରହିଥିଲେ ମଧ୍ୟ ତା'ର ପ୍ରଭାବ ଓଡ଼ିଶାବାସୀଙ୍କ ଉପରେ ପଡ଼ିପାରୁନାହିଁ, କାରଣ ଅର୍ଥ, ଲୋଭ, ପ୍ରତିଷ୍ଠାରେ ପ୍ରଭାବିତ ହୋଇ ଆମେ ଅସଲ ମଣିଟିକି ଖୋଜିବାରେ ସମୟ ଦେଉନାହୁଁ। ନିକଟରେ ବାହାରିଛି ରତ୍ନ ଭଣ୍ଡାରରେ ସ୍ୱର୍ଣ୍ଣ ଛାଉଣି ହେବ। ସେଥିରେ କାହା ହୃଦୟରେ ସାମାନ୍ୟ ପରିବର୍ତ୍ତନ ଆସିଲେ ବହୁ ଉପକାର ହୋଇପାରନ୍ତା। ଆମର ମାନସିକତା ଭିନ୍ନ ଗତିରେ ଗତି କରୁଛି। ତେଣୁ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଏକମାତ୍ର ଭରସା ହୋଇ ଆମ ବୁଦ୍ଧିକୁ ପବିତ୍ର କରନ୍ତୁ। ଏତିକି ଆଶା ରଖି ପ୍ରଣତି ଜଣାଉଛି।

ହରିଓଁ ତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ

ପ୍ରବନ୍ଧ

# ଦଶପଲ୍ଲା ଗଡ଼ରେ ଐତିହାସିକ ଲଙ୍କାପୋଡ଼ି ଯାତ୍ରା

ଅଧ୍ୟାପକ ପବିତ୍ର ମୋହନ ବାରିକ

ତତ୍କାଳୀନ ସମୟରେ ଚାରୋଟି ଦେଶୀୟ ରାଜ୍ୟ ବା ଗଡଜାତ ରାଜ୍ୟକୁ ନେଇ ବର୍ତ୍ତମାନର ନୟାଗଡ ଜିଲ୍ଲା ଗଠିତ। ଖଣ୍ଡପଡା, ଦଶପଲ୍ଲା, ନୟାଗଡ ଓ ରଣପୁର ଏହି ଚାରୋଟି ପୂର୍ବତନ ଗଡଜାତ ରାଜ୍ୟ ବର୍ତ୍ତମାନର ନୟାଗଡ ଜିଲ୍ଲାରେ ଅନ୍ତର୍ଭୁକ୍ତ। ବ୍ରିଟିଶ ରାଜତ୍ୱ ସମୟରେ ଓଡ଼ିଶାର ୨୬ଟି ଗଡଜାତ ରାଜ୍ୟମାନଙ୍କ ମଧ୍ୟରେ ଏହି ଚାରୋଟି ଗଡଜାତର ପରିଚୟ ଓ ପ୍ରତିଷ୍ଠା ଥିଲା ସ୍ୱତନ୍ତ୍ର। ଏହି ଚାରୋଟି ଦେଶୀୟ ରାଜ୍ୟ ନିଜର କଳା,ସ୍ଥାପତ୍ୟ, ଦର୍ଶନ, ଇତିହାସ, ଶାସନ, ଧର୍ମ, ସାହିତ୍ୟ ଓ ସଂସ୍କୃତି ପ୍ରଭୃତିର ବିଭିନ୍ନ ଦିଗରେ ଯଥେଷ୍ଟ ଅବାଦନ ଓଡ଼ିଆ ଜାତି ପ୍ରତି ସମର୍ପିତ କରିଛନ୍ତି ଏହି ଚାରୋଟି ଗଡଜାତ ସମ୍ପର୍କରେ ବିଭିନ୍ନ ପ୍ରସଙ୍ଗରେ ସୁନ୍ଦର ବ୍ୟାଖ୍ୟା କରିଛନ୍ତି। ନୟାଗଡର ରାଜ କବି ଯଶସ୍ୱୀ ସାରସ୍ୱତ ସାଧକ ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ର। ଏହି ମର୍ମରେ କାଳଜୟୀ ସ୍ରଷ୍ଟା ଯଦୁମଣି ମହାପାତ୍ରଙ୍କର ଏକ ଉକ୍ତି –

"ଖଣ୍ଡା ଚକ ଚକ ଖଣ୍ଡପଡିଆ
ହାଣନ୍ତି ମାରନ୍ତି ଦଶପଲ୍ଲିଆ
ବାଘେଇ ବଂଶିୟ ନୟାଗଡିଆ
କଉଡି ଗଢ଼ନ୍ତି ରଣପୁରିଆ।"

କହିବା ବାହୁଲ୍ୟ ଏହି ଚାରୋଟି ଗଡଜାତ ରାଜ୍ୟ ନିଜସ୍ୱ ସାଂସ୍କୃତିକ ବିଭବ ପାଇଁ ଯଥେଷ୍ଟ ଗୌରବର ଅଧିକାରୀ ହୋଇଛନ୍ତି। ଇଂରେଜ ପ୍ରଶାସକ ତଥା ଗବେଷକ ହଣ୍ଟର ସାହେବ ଓ ରେସେସ୍‌ସି ସାହେବଙ୍କ ରଚିତ ଗଡଜାତ ସମ୍ବନ୍ଧୀୟ ପୁସ୍ତକରେ ଉଲ୍ଲେଖ କରିଛନ୍ତି – ଗଡଜାତ ପୂର୍ବରୁ ନୟାଗଡ ଓ ଦଶପଲ୍ଲା ଖୋର୍ଦ୍ଧା ଗଜପତି ରାଜାଙ୍କ ସାମନ୍ତ ରାଜା ରଣପୁର ଓ ବୌଦ୍ଧ ଅଧିନସ୍ଥ ଦଳପତି ରୂପେ କାର୍ଯ୍ୟ କରୁଥିଲେ। ଦୁଇ ଇଂରେଜ ବିଦ୍ୱାନଙ୍କ ଲିଖିତ ତଥ୍ୟ ଅନୁଯାୟୀ ଏହି ଗଡଜାତରେ କିଛି ଡମ ଗଡତିଆ ଓ ମଲ୍ଲ ଦଳପତିମାନେ ଶାସନ କରୁଥିଲେ। ସାଧାରଣରେ ସେମାନେ ରାଜା ଉପାଧିରେ ବିଭୁଷିତ ଥିଲେ। ନୟାଗଡ ଓ ଦଶପଲ୍ଲା ଯଥାକ୍ରମେ ରଣପୁର ଓ ବୌଦ୍ଧ ରାଜାଙ୍କ ଅଧିନସ୍ଥ ଦଳପତି ଥିଲେ। କୁଞ୍ଜମଲ୍ଲ ନାମକ ଜଣେ ଗଡତିଆ ଦଳପତିଙ୍କ ଅଧିନରେ ଓ ନେତୃତ୍ୱରେ ଦଶପଲ୍ଲା ଶାସିତ ହେଉଥିଲା। ବୌଦ୍ଧଗଡର ରାଜାଙ୍କ ସାନଭାଇ ଶାଳଭଞ୍ଜ କୌଣସି ପାରିବାରିକ କଳହ ପାଇଁ ୧୪୯୫ରେ ଗଡ ତ୍ୟାଗ କରି ଶ୍ରୀକ୍ଷେତ୍ର ପରେ ଦଶପଲ୍ଲାର ବରମୂଳ ଏବଂ ପରେ ଗଣିଆରେ ଅବସ୍ଥାନ କରିଥିଲେ। ଶାଳଭଞ୍ଜ ନୟାଗଡ ରାଜାଙ୍କଠାରୁ କିଛି ଅଞ୍ଚଳ ଉପହାର ସ୍ୱରୂପେ ପାଇ ଏକ ନୂତନ ଗଡ ସ୍ଥାପନ କଲେ ଯାହା ବର୍ତ୍ତମାନ ପୁରୁଣା ଦଶପଲ୍ଲା ଗଡବୋଲି କୁହାଯାଉଅଛି। ପଦ୍ମନାଭ ଭଞ୍ଜ ପରବର୍ତ୍ତୀ ସମୟରେ ଏକ ନୂତନ ଗଡ ସ୍ଥାପନ କଲେ ଯାହାକୁ ବର୍ତ୍ତମାନ ଦଶପଲ୍ଲା ଗଡ ବୋଲି କୁହାଯାଉଅଛି। ଦଶପଲ୍ଲାର ସ୍ଥାପନ ସମ୍ପର୍କରେ ଏକ ଚିତ୍ତାସ୍ପର୍ଶକ ଲୋକ କଥା ଶୁଣିବାକୁ ମିଳେ। କୁଞ୍ଜ ମଲ୍ଲିକ ନାମକ ଜଣେ ଗଡତିଆଙ୍କ ଦ୍ୱାରା ଦଶପଲ୍ଲା ଶାସିତ ହେଉଥିଲା। ତାଙ୍କ ଅଧୀନରେ ୧୦ଜଣ ମଲ୍ଲ ୧୦ଟି ପଲ୍ଲୀର ମୁଖ୍ୟ ରୂପେ ଅବସ୍ଥାପିତ ଥିଲେ।

ତେଣୁ ଏ ଅଞ୍ଚଳ ଦଶପଲ୍ଲା ନାମରେ ନାମିତ। କୁଞ୍ଜ ମଲ୍ଲିକଙ୍କ ଇଷ୍ଟ ଦେବୀ ନାୟିକାଶୁଣିଙ୍କ ଅପାର କରୁଣାରୁ ବିନା ବାଧା ବିଘ୍ନରେ ତାଙ୍କର ସମସ୍ତ କାର୍ଯ୍ୟ କୁଶଳ ହେଉଥିଲା। ଦିନେ ଦଶପଲ୍ଲା ରାଜା ପଦ୍ମନାଭ ଭଞ୍ଜ ପାରିଧି କରିବା ସମୟରେ ଦେଖିଲେ ଏକ ଶାଗୁଣା ଉପରେ କାଉ ମାଡି ବସିଛି। ରାଜା ପଦ୍ମନାଭ ଭଞ୍ଜ ଆଶ୍ଚର୍ଯ୍ୟ ହେଲେ ଏବଂ ଅନୁଭବ କଲେ ଏହା ଏକ ବୀର ଭୂମି। ତେଣୁ ଏଠାରେ ଏକ ନୂତନ ଗଡ ସ୍ଥାପନ ପାଇଁ ଉଦ୍ୟମ କଲେ। କିନ୍ତୁ ଏ ଅଞ୍ଚଳର ଗଡତିଆ କୁଞ୍ଜମଲ୍ଲଙ୍କ ସହିତ ରାଜାଙ୍କର ବାରମ୍ବାର ଭୟଙ୍କର ଯୁଦ୍ଧ ହେଲା। କିନ୍ତୁ ଦେବୀ ନାୟିକାଶୁଣିଙ୍କ ଆଶୀର୍ବାଦ ଥିବାରୁ କୁଞ୍ଜ ମଲ୍ଲ କେବେ ପରାସ୍ତ ହେଲେ ନାହିଁ। ପରବର୍ତ୍ତୀ ସମୟରେ ରାଜା ଏହାର ଗୁପ୍ତ ରହସ୍ୟ ଜାଣିପାରି ବଳୀ ଭୋଜି ଦେଇ ଦେବୀ ନାୟିକାଶୁଣିଙ୍କୁ ସନ୍ତୁଷ୍ଟ କଲେ ଏବଂ କୁଞ୍ଜ ମଲ୍ଲଙ୍କ ସମେତ ୧୦ଟି ପଲ୍ଲୀର ୧୦ଜଣ ମୁଖିଆଙ୍କୁ ପରାସ୍ତ ଓ ନିହତ ତଲେ। ମୃତ୍ୟୁ ପୂର୍ବରୁ କୁଞ୍ଜମଲ୍ଲଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ରାଜା ଏହି ନୂତନ ଅଞ୍ଚଳର ନାମ କୁଞ୍ଜବନଗଡ ବା ଦଶମଲ୍ଲଙ୍କୁ କେନ୍ଦ୍ର କରି ନୂତନ ଗଡ ସ୍ଥାପନ କରିଥିବାରୁ ଏହାକୁ ଦଶପଲ୍ଲା ଗଡ ବୋଲି ମଧ୍ୟ କୁହାଗଲା। ଦେବୀ ନାୟିକାଶୁଣିଙ୍କ ପାଦତଳେ ମାଟି ଖୋଳି କନ୍ଧବୀର କୁଞ୍ଜମଲ୍ଲଙ୍କ ସମେତ ୧୦ଜଣ ମୁଖିଆଙ୍କ ମୁଣ୍ଡ ପୋତି ଦିଆଗଲା। ଆଜି ପର୍ଯ୍ୟନ୍ତ ମଧ୍ୟ ସେମାନେ ଦେବୀ ନାୟିକାଶୁଣିଙ୍କ ସହିତ ପୂଜା ପାଇ ଆସୁଛନ୍ତି। ରାଜା ଦେବୀ କନକ ଦୁର୍ଗାଙ୍କୁ ନଅର ମଧ୍ୟରେ ସ୍ଥାପନ କଲେ। ଦେବୀ ରାଜବଂଶ ଓ ଗଡର ଇଷ୍ଟଦେବୀ ରୂପେ ପୂଜିତା ହେଲେ। ଗଡ ମଧ୍ୟରେ ରାଜାଙ୍କ ଦ୍ୱାରା କନକ ଦୁର୍ଗାଙ୍କର ରୌପ୍ୟ ନିର୍ମିତ ବିଗ୍ରହ ସ୍ଥାପନ କଲେ ରାଜା। ରାଜବାଟୀରେ ରାଜବଂଶର ଇଷ୍ଟଦେବତା ରାଧାକାନ୍ତ ଦେବଙ୍କର ବିଗ୍ରହ ଓ ମନ୍ଦିର ସ୍ଥାପନ କରିଥିଲେ। ରାଜବଂଶର

ପ୍ରତୀକ ରଖାଗଲା ସୂର୍ଯ୍ୟଯୁକ୍ତ ମୟୂର। ଦଶପଲ୍ଲାର ରଜାବଂଶ ସୂର୍ଯ୍ୟ ବଂଶୀ। ଏମାନଙ୍କର ପୂର୍ବଜ କେଉଁଝର, ମୟୂରଭଞ୍ଜର ଭଞ୍ଜବଂଶୀୟ। ବୌଦ୍ଧ ଇତିହାସରୁ ଜଣାଯାଏ ରୁଦ୍ରକାଳୀ ଦେବୀଙ୍କୁ ଦଶପଲ୍ଲା ଗଡ ମଧ୍ୟରେ ସ୍ଥାପନ କରାଯାଇଥିଲା। ଦଶପଲ୍ଲାର ସୂର୍ଯ୍ୟବଂଶୀ ଭଞ୍ଜ ରାଜାମାନେ ନାଗରିକମାନଙ୍କର ମଙ୍ଗଳ ବିଧାନ ନିମନ୍ତେ ଅନେକ ଶିକ୍ଷା, ସ୍ୱାସ୍ଥ୍ୟ, ମାତୃମଙ୍ଗଳ କେନ୍ଦ୍ରମାନ ନିର୍ମାଣ କରିଥିଲେ। ଏବଂ ଅନେକ ପୁଷ୍କରିଣୀ ମଧ୍ୟ ଖନନ କରିଥିଲେ। ଗଡ ମଧ୍ୟରେ ଅନେକ ବିଷ୍ଣୁ, ଶିବ ଓ ଦେବୀ ମନ୍ଦିର ନିର୍ମାଣ କରିଥିଲେ। ଦଶପଲ୍ଲାର ଶେଷ ରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଅବସ୍ଥାନ କଲେ। ସେଠାରେ ସେ ଏକ ପାଞ୍ଚତାରକା ହୋଟେଲ ନିର୍ମାଣ କରିଛନ୍ତି ଓ ଏହାର ନାମକରଣ କରିଛନ୍ତି ହୋଟେଲ ଦଶପଲ୍ଲା ଏବଂ ଏହା ଏକ ରାଜପ୍ରାସାଦ ସଦୃଶ୍ୟ। ଠାକୁରମାନଙ୍କ ଉଦ୍ଦେଶ୍ୟରେ ଅନେକ ଯାନିଯାତ୍ରା ଓ ଉତ୍ସବମାନ ଦଶପଲ୍ଲା ରାଜା ଆୟୋଜନ କଲେ। ଏମାନଙ୍କ ମଧ୍ୟରେ ମହାବୀର ହନୁମାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଲଙ୍କାପୋଡିଯାତ୍ରା ବିଶ୍ୱ ପ୍ରସିଦ୍ଧ।

ନୟାଗଡ ଜିଲ୍ଲାର ଦଶପଲ୍ଲା ଗଡ ବିଜ୍ଞାପିତ ଅଞ୍ଚଳ ମହାହାବୀର କ୍ଷେତ୍ର ନାମରେ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ। ଦଶପଲ୍ଲାଗଡରେ ୨୨୨ ବର୍ଷ ଧରି ଲୋକ ସଂସ୍କୃତି, ଲୋକକଳା ଓ ଲୋକନୃତ୍ୟର ନିଦର୍ଶନ ସ୍ୱରୂପ ଲଙ୍କାପୋଡ଼ି ଯାତ୍ରା ଆୟୋଜିତ ହୋଇ ଆସୁଛି ଯାହା ଓଡ଼ିଶା, ଭାରତ ତଥା ବିଶ୍ୱରେ ବିସ୍ମୟ ସୃଷ୍ଟି କରିଛି। ୨୦୧୬ ମସିହାରେ ଭାରତ ସରକାରଙ୍କର ସଂସ୍କୃତି ବିଭାଗ ଦଶପଲ୍ଲାର ଲଙ୍କାପୋଡିଯାତ୍ରାକୁ ଓଡ଼ିଶାର ସର୍ବ ପୁରାତନ ପ୍ରଥମ ଯାତ୍ରା ଓ ଭାରତ ପରିପ୍ରେକ୍ଷୀରେ ଦ୍ୱିତୀୟ ପ୍ରାଚୀନ ଯାତ୍ରାର ମାନ୍ୟତା ପ୍ରଦାନ କରିଛନ୍ତି। ବାରଣାସୀର ଶ୍ରୀରାମ ଲୀଳା ନାଟକକୁ ପ୍ରଥମ ପ୍ରାଚୀନ ଯାତ୍ରାର ସ୍ୱୀକୃତି ମିଳିଛି। କେବଳ ସୋନପୁରକୁ ବାଦ୍ ଦେଲେ ଓଡ଼ିଶାରେ ଅନ୍ୟତ୍ର କୌଣସି ସ୍ଥାନରେ ଲଙ୍କାପୋଡିଯାତ୍ରା ଆୟୋଜିତ ହୁଏ ନାହିଁ। ଓଡ଼ିଶାର ଜୀବନ ରେଖା ମହାନଦୀ ଓ ତା'ର ଉପନଦୀ ତେଲ ନଦୀର ସଙ୍ଗମସ୍ଥଳରେ ମନ୍ଦିରମାଳିନୀ ଐତିହାସିକ ସହର ସୋନପୁର ଅବସ୍ଥିତ। ଉଦ୍ଧାର ହୋଇଥିବା ବିଭିନ୍ନ ତାମ୍ର ଫଳକରେ ଏହା ପଶ୍ଚିମ ଲଙ୍କା ନାମରେ ଖ୍ୟାତ। ରାମାୟଣ ବର୍ଣ୍ଣିତ ବିଭିନ୍ନ ସ୍ଥାନ ସୋନପୁର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏଭଳି ନାମକରଣ ଦେଖିବାକୁ ମିଳେ। ସୀତାଙ୍କ ସ୍ୱୟମ୍ବର ସଭାରେ ଉଭୟ ଲଙ୍କାଧିପତି ଓ ସିଂହଳାଧିପତି ଉପସ୍ଥିତ ଥିଲେ। ସିଂହଳ ଓ ଲଙ୍କା ଏକା ନୁହେଁ। ସୋନପୁର ହିଁ ଲଙ୍କା ଏକଥା ପ୍ରମାଣ କରିବା ନିମନ୍ତେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଖ୍ୟାତ ଐତିହାସିକ ଡଃ ନବୀନ କୁମାର ସାହୁ ଓ ପୁନେ ବିଶ୍ୱବିଦ୍ୟାଳୟର ଡଃ ସଖାଂକିଆଙ୍କ ନେତୃତ୍ୱରେ ସୋନପୁରରେ ପତ୍ନତାତ୍ତ୍ୱିକ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭାଦ୍ରବ ମାସ ସପ୍ତପୁରୀ ଅମାବାସ୍ୟା ରାତ୍ରରେ ସୋନପୁରର ବାଳକ-ବାଳିକାମାନେ ମାଟିନିର୍ମିତ ହନୁମାନଙ୍କର ଲାଙ୍ଗୁଡରେ ଅଗ୍ନି ସଂଯୋଗ କରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥାନ୍ତି। ଦଶପଲ୍ଲାଗଡର ଲୋକପ୍ରିୟ ଲଙ୍କାପୋଡି ଯାତ୍ରାର ପରିଚୟ ଅନନ୍ୟ ଓ ଅନୁପମ। ଏହି ଯାତ୍ରାର ଉତ୍ପତ୍ତି ଓ ଇତିହାସ ସମ୍ବନ୍ଧରେ ଅନେକ ରୋମାଞ୍ଚକର ହୃଦୟସ୍ପର୍ଶୀ ତଥ୍ୟ ଲୋକଲୋଚନକୁ ଆସିଥାଏ। ବିଭିନ୍ନ ଗଡଜାତ ରାଜ୍ୟରେ ମହାପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଦଶପଲ୍ଲା ଗଡଜାତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। ଏଠାରେ ପାଳିତ ହୁଏ ଲଙ୍କାପୋଡି ଯାତ୍ରା। କିମ୍ବଦନ୍ତୀ ରାଜାଙ୍କ ସ୍ୱପ୍ନାଦେଶ ଅନୁଯାୟୀ ବରଦାୟିନୀ ପାହାଡର ଏକ ଗୁମ୍ଫାରୁ ମହାବୀର ହନୁମାନଙ୍କର ଏକ ମୂର୍ତ୍ତିକୁ ଆଣି ନିଜ ରାଜ୍ୟରେ ସ୍ଥାପନ କଲେ ଏବଂ ପୂଜାର୍ଚ୍ଚନାର ବ୍ୟବସ୍ଥା ମଧ୍ୟ କଲେ। ପରବର୍ତ୍ତୀ ସମୟରେ ରାଜାଙ୍କୁ ପୁନର୍ବାର ସ୍ୱପ୍ନାଦେଶ ହେବାରୁ କଟକ ମାତାମଠ ନିକଟସ୍ଥ ଏକ ନିମ୍ବଗଛମୂଳରୁ ଶାଳଗ୍ରାମ ଆଣି ପ୍ରତିଷ୍ଠା କରିଥିଲେ। ବିଭିନ୍ନ ପୋଥି, ରାଜକୀୟ ଦସ୍ତାବିଜ ଓ ଦଶପଲ୍ଲା ଇତିହାସର ତଥ୍ୟ ଅନୁଯାୟୀ ଦଶପଲ୍ଲାର ନବମ ରାଜା ତ୍ରିଲୋଚନ ଭଞ୍ଜ (୧୭୫୩-୧୭୭୫) ରାଜ ନଅର ନିକଟରେ ଏକ ବଖୁରିଆ ଛାତ ଘରେ ଶ୍ରୀ ରଘୁନାଥ ଜୀଉଙ୍କର ପ୍ରତିଷ୍ଠା କରିଥିଲେ। ଦଶପଲ୍ଲାର ଆରାଧ୍ୟ ଦେବତା ପ୍ରଭୁ ମହାବୀର। ଏହାକୁ ମହାବୀର କ୍ଷେତ୍ର ରୂପେ ମାନ୍ୟତା ମିଳିଛି। ଦଶପଲ୍ଲାରେ ମୁଖ୍ୟତ ମହାବୀର ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଓ ବ୍ୟତିକ୍ରମ। ପ୍ରଥମେ ଏଠାରେ ମହାବୀର ସ୍ଥାପିତ ହୋଇଥିଲେ ଏବଂ ପରେ ପ୍ରଭୁ ରଘୁନାଥ ଓ ମାତା ସୀତାଙ୍କୁ ପ୍ରତିଷ୍ଠା କରାଯାଇଥିଲା। ମହାବୀର ଏଠାରେ ପାର୍ଶ୍ୱଦେବତା ହେଲେ ହେଁ ଉନ୍ନତ ଓ ସମୃଦ୍ଧ ମଞ୍ଚରେ ବିରାଜମାନ। ସାଧାରଣତଃ ହନୁମାନ ମହାପ୍ରଭୁ ବାମମୁଖା ହୋଇଥିବା ବେଳେ ଏଠାରେ ପ୍ରଭୁ ଗଦାହସ୍ତ ଦକ୍ଷିଣ ମୁଖା ଅଟନ୍ତି। ଶ୍ରୀ ରଘୁନାଥଜୀ ଓ ପରମ ଭକ୍ତ ଶ୍ରୀ ହନୁମାନ ମହାବୀରଙ୍କ ପ୍ରୀତି ଉଦ୍ଦେଶ୍ୟରେ ସେଦିନରୁ ରାଜାଙ୍କ ଦ୍ୱାରା ରାମାୟଣ ପଠନ କାର୍ଯ୍ୟ ଆରମ୍ଭ ହେଲା। ଏହି ପ୍ରଥା କିଛି ବର୍ଷ ଚାଲିଲା। ଏକ ଆଶ୍ଚର୍ଯ୍ୟ ଜନକ ଘଟଣା। ଏ କ୍ଷେତ୍ରରେ ଏକ ବଡ ପରିବର୍ତ୍ତନ ଆଣିଲା। ଦଶପଲ୍ଲାର ଏକାଦଶ ରାଜା ଗୌରଚନ୍ଦ୍ର ଭଞ୍ଜ (୧୭୯୫-୧୮୦୫)ଙ୍କ ରାଜତ୍ୱ ସମୟରେ ଦଶପଲ୍ଲାଠାରେ ଇଂରେଜ ଓ ମରହଟ୍ଟାଙ୍କ ମଧ୍ୟରେ ଏକ ନିର୍ଣ୍ଣାୟତ ଯୁଦ୍ଧ ସଂଗଠିତ ହୋଇଥିଲା। ରାଜା ଗୌର ଚନ୍ଦ୍ର ଭଞ୍ଜ ଇଂରେଜମାନଙ୍କ ପକ୍ଷ ସମର୍ଥନ କରି ମରହଟ୍ଟାମାନଙ୍କୁ ଶୋଚନୀୟ ପରାସ୍ତ କରି ବିଜୟର ସ୍ୱାଦ ଚାଖିଥିଲେ। ଏହି ବିଜୟକୁ ସ୍ମରଣ କିରବା ନିମନ୍ତେ ରାଜା ଆରମ୍ଭ କରିଥିଲେ ଶ୍ରୀରାମ ଲୀଳାଭିନୟ ବା ଲଙ୍କାପୋଡି ଯାତ୍ରା ୧୮୦୨ ମସିହାରେ। ଦଶପଲ୍ଲା ଗଡଜାତର ଦ୍ୱାଦଶ ରାଜା କୃଷ୍ଣ ଚନ୍ଦ୍ର ଭଞ୍ଜ (୧୮୦୫-୧୮୪୫) ଯାତ୍ରାକୁ ଏକ ନୂତନ ଶୈଳୀ ଓ ରୂପରେଖ ପ୍ରଦାନ କରି ଇତିହାସ ସୃଷ୍ଟି କଲେ। ବିକ୍ରମ ନରେନ୍ଦ୍ରଙ୍କ ଭଣିତ ଶ୍ରୀରାମଲୀଳାକୁ ଆଧାର କରି ନୃତ୍ୟନାଟିକା ଶୈଳୀରେ ଲଙ୍କାପୋଡି ଯାତ୍ରାର ଲୀଳାଭିନୟର ସୂତ୍ରପାତ ହେଲା। ରାଜା କୃଷ୍ଣ ଚନ୍ଦ୍ର ଭଞ୍ଜ ଗଡଜାତର ୧୮ ଜଣ ସର୍ଦ୍ଦାର ଓ ସର୍ବରାକାରମାନଙ୍କୁ ଲଙ୍କାପୋଡି ଯାତ୍ରାରେ ସଂଶ୍ଲିଷ୍ଟ କରାଇ ଏହାକୁ ଏକ ଗଣ ପର୍ବରେ ପ୍ରତିଫଳିତ କରାଇଥିଲେ। ଓଡ଼ିଶାର ସର୍ବପୁରାତନ ଐତିହାସିକ ଲଙ୍କାପୋଡି ଯାତ୍ରା ସେହିଦିନଠାରୁ ନିରବଚ୍ଛିନ୍ନ ଭାବରେ ପ୍ରତିବର୍ଷ ପାଳିତ ହୋଇ ଆସୁଛି। ପ୍ରତିବର୍ଷ ଦଶପଲ୍ଲାରେ ଚୈତ୍ରଶୁକ୍ଳ ନବମୀ ଶ୍ରୀରାମ ଜନ୍ମୋତ୍ସବଠାରୁ ପର୍ଯ୍ୟାୟକ୍ରମେ ଲଙ୍କାପୋଡି ବା ରାବଣ ବଧ ଓ ରାଜ୍ୟାଭିଷେକ ପର୍ଯ୍ୟନ୍ତ ଏହି ରାମଲୀଳା ଅଭିନୀତ ହୋଇଥାଏ। ଲୀଳାର ଗତି ଅନୁଯାୟୀ ଯାଗରକ୍ଷା, ଧନୁଭଙ୍ଗ, ସୀତା ବିବାହ, ପର୍ଶୁରାମ ଭେଟ, ଗଣ୍ଡାବଧ, ବନବାସ, ଭରତ ମିଳନ, ବିରାୟୁଧ ବଧ, ବେଢ଼ା ପରିକ୍ରମା, ସୀତା ହରଣ, ଶ୍ରୀରାମ ବିଳାପ, ବଳିବଧ, ଅଭିଷେକ, ବେଲବନେ ପ୍ରବେଶ, ସୀତାଠାବ, ଛତ୍ରଛେଦନ, କୁମ୍ଭକର୍ଣ୍ଣବଧ, ରାବଣ ବଧ ଓ ଅଭିଷେକ ଆଦି ରାଜ ନାଟକ ଅଭିନୀତ ହୁଏ। ଏହି ରାମଲୀଳାର ମୁଖ୍ୟ ଆକର୍ଷଣ ଓ ପ୍ରସଙ୍ଗ ଲଙ୍କାପୋଡି ଯାତ୍ରା ବା ରାବଣ ବଧ। ଦଶପଲ୍ଲା ଲଙ୍କାପୋଡିଯାତ୍ରାର ଅନ୍ୟତମ ବିଶେଷତ୍ୱ ହେଲା

ମଙ୍ଗଳରାତି ବୁଧ ପାହାନ୍ତି ପରମ୍ପରା କ୍ରମେ ରାବଣ ବଧ କରାଯାଇଥାଏ। ଅତୀତରେ ଏହି ପରମ୍ପରାର ବ୍ୟତିକ୍ରମ ଘଟିବାରୁ ଅନେକ ବିପର୍ଯ୍ୟୟ ଘଟିଥିଲା। ବର୍ଷାପବନ ଆସି ଥରେ କାଷ୍ଠ ନିର୍ମିତ ରାବଣ ଭୂପତିତ ହୋଇଥିଲା। ଓ ଅନେକ କ୍ଷତି ସହିବାକୁ ପଡିଥିଲା ସେ ସମୟରେ।

ଲଙ୍କାପୋଡି ଯାତ୍ରା ସମୟରେ ଜୀଉମାନଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୁଏ। ପ୍ରଥମେ ଭକ୍ତମାନେ ମହାବୀରଙ୍କୁ ମାଜଣା କରନ୍ତି ପରେ ପ୍ରଭୁ ରାମ ଓ ମାତା ସୀତାଙ୍କୁ ମାଜଣା କରିଥାନ୍ତି। ଏହାପରେ ଠାକୁରମାନଙ୍କର ବସ୍ତ୍ରଲାଗି ହୋଇଥାଏ। ମଧ୍ୟାହ୍ନରେ ଠାକୁରମାନଙ୍କ ନିକଟରେ ସଙ୍କୁଡି ଭୋଗ ଲାଗି କରାଯାଏ। ଲଙ୍କାପୋଡି ଅବସରରେ ଜୀଉମାନଙ୍କ ନିକଟରେ ସନ୍ଧ୍ୟାରେ ଅନ୍ୟାନ୍ୟ ନୀତି ସହିତ ସ୍ୱତନ୍ତ୍ର ପୁରୀ ପଣା ଭୋଗ ଲାଗି କରାଯାଏ। ଏହି ପରିପ୍ରେକ୍ଷୀରେ ପୁରୀ, ମୁଆଁ, ଖଜା ଓ ପଣା ଭୋଗ ପ୍ରଭୁଙ୍କ ନିକଟରେ ଅର୍ପଣ କରାଯାଏ। ଲଙ୍କାପୋଡ଼ି ଯାତ୍ରାରେ ଶ୍ରୀରାମ ଲୀଳାଭିନୟ ୩ କିମି ବ୍ୟାପୀ ଅଞ୍ଚଳରେ ଆୟୋଜିତ ହୋଇଥାଏ। ପାଞ୍ଚଟି ଖୋଲା ରଙ୍ଗ ମଞ୍ଚରେ ଅଭିନୀତ ହୋଇଥାଏ ରାମ ନାଟକ। ସେହି ମଞ୍ଚଗୁଡିକ ହେଲା ମହାବୀର ମନ୍ଦିର ପ୍ରାଙ୍ଗଣରେ କନ୍ଦି ସାହି ଛକ ମଞ୍ଚ (ମାଲ୍ୟବନ୍ତଗିରି), ଗଣିଆ ଛକ ମଞ୍ଚ (ସୁବଳଗିରି), ଦୁର୍ଗାବଜାର ଛକ ମଞ୍ଚ (ଶବର ପଲ୍ଲୀ) ଓ ମେଡିକାଲ ଛକ ମଞ୍ଚ (ଲଙ୍କାଗଡ)। ଏହି ଖୋଲା ମଞ୍ଚମାନଙ୍କରେ ଗୀତିନାଟ୍ୟ ମାଧ୍ୟମରେ ଶ୍ରୀରାମ ନବମୀଠାରୁ ଲୀଳାଭିନୟ କରାଯାଇଥାଏ। କେବଳ ଗୋଟିଏ ମୃଦଙ୍ଗ ଓ ଦୁଇ ହଳ ଗିନି ବ୍ୟବହାର କରାଯାଇଥାଏ। ପୁରାଣ ପଣ୍ଡା ସଂଯୋଜକ ଭାବେ କାର୍ଯ୍ୟ ନିର୍ବାହ କରିଥାନ୍ତି। ଗୀତି ଓ ବାଦ୍ୟ ଏକ ପ୍ରକାର ହୋଇଥିବାବେଳେ କିନ୍ତୁ ନୃତ୍ୟ ତିନି ପ୍ରକାର ହୋଇଥାଏ। ଶ୍ରୀରାମ,ଲକ୍ଷ୍ମଣ, ସୀତାଙ୍କ ନୃତ୍ୟ ଗୋଟିଏ ପ୍ରକାର ଓ ଅସୁରମାନଙ୍କର ନୃତ୍ୟ ଅନ୍ୟ ଏକ ପ୍ରକାର। ଭଲ୍ଲୁକ ଓ ବାନରମାନଙ୍କ ନୃତ୍ୟ ଅନ୍ୟ ଏକ ପ୍ରକାର ହୋଇଥାଏ। ଏହି ନୃତ୍ୟ ଅଭିନୟ ଶ୍ରୀରାମ ଜନ୍ମରୁ ଅଭିଷେକ ଉତ୍ସବ ପର୍ଯ୍ୟନ୍ତ ଚାଲିଥାଏ। କେବଳ ଗୁରୁବାର ଓ ସଂକ୍ରାନ୍ତି ତିଥିରେ ଲୀଳାଭିନୟ ବନ୍ଦ ରହିଥାଏ। ଏହି ଲୀଳାରେ ୧୫୦ରୁ ଊର୍ଦ୍ଧ୍ୱ କଳାକାର ଅଂଶ ଗ୍ରହଣ କରିଥାନ୍ତି। କଳାକାରମାନେ ସମ୍ପୂର୍ଣ୍ଣ ରୂପେ ନିଜ ପରିବାରଠାରୁ ଅଲଗା ରହି ବ୍ରତ ଧାରଣ କରିଥାନ୍ତି। ରାବଣ ଓ ସୀତା ଭୂମିକାରେ ଅଭିନୟ କରୁଥିବା କଳାକାର ବ୍ରାହ୍ମଣ ପରିବାରର ଏହି ପ୍ରଥା ଆଜି ପର୍ଯ୍ୟନ୍ତ ପ୍ରଚଳିତ ହୋଇ ଆସୁଅଛି। କଳାକାରମାନେ ବିଭିନ୍ନ ଚରିତ୍ରର କାଠ ନିର୍ମିତ ମୁଖା ପିନ୍ଧି ଅଭିନୟ କରିଥାନ୍ତି। ଏହି ମୁଖାଗୁଡିକ ବର୍ଷସାରା ବିଭିନ୍ନ ମନ୍ଦିରରେ ପୂଜା ପାଉଥାଏ। ରାମ ନାଟକରେ ଅଭିନୟ କରୁଥିବା କଳାକାରମାନେ ଅତ୍ୟନ୍ତ ନିଷ୍ଠା ଓ ଭକ୍ତିପୂତ ଜୀବନ ଅତିବାହିତ କରନ୍ତି। ଯେହେତୁ ଦଶପଲ୍ଲା ଏକ ପୂର୍ବତନ ଗଡଜାତ ରାଜ୍ୟ ତେଣୁ ପ୍ରତିବର୍ଷ ଦଶହରା ଦିନ ଲଙ୍କା ପୋଡି ଯାତ୍ରାରେ ପୋଥି ପୂଜା ଗଡର ଇଷ୍ଟ ଦେବୀ କନକ ଦୁର୍ଗାଙ୍କ ନିକଟରେ ସମ୍ପନ୍ନ ହୁଏ। ଲଙ୍କାପୋଡିଯାତ୍ରାର ଦେଢ଼ ମାସ ପୂର୍ବରୁ ଆଖଡା ଆରମ୍ଭ ହୋଇଥାଏ। ଲଙ୍କାପୋଡି ଯାତ୍ରାର ଅନ୍ୟ ଏକ ଆକର୍ଷଣ ବାଣ ଫୁଟାଇବା ପ୍ରତିଯୋଗିତା। ମାନସିକଧାରୀମାନେ ଏଠାରେ ମହାବୀରଙ୍କ ନିକଟରେ ବାଣ ଫୁଟାଇଥାନ୍ତି। ନିଜର ମନବାଞ୍ଛା ପୂର୍ଣ୍ଣ ନିମନ୍ତେ ବାଣଫୁଟାଇବା ପାଇଁ ମହାବୀରଙ୍କ ନିକଟରେ ଶ୍ରଦ୍ଧାଳୁମାନେ ମାନସିକ କରିଥାନ୍ତି। ଲଙ୍କାଗଡକୁ ଆଲୋକମାଳାରେ ସଜ୍ଜିତ କରାଯାଇଥାଏ। ଦାପଲ୍ଲା ଲଙ୍କାପୋଡି ଯାତ୍ରାର ପ୍ରମୁଖ ଆକର୍ଷଣ ୩୫ ଫୁଟର କାଷ୍ଠନିର୍ମିତ ଚଳବାନ ରାବଣ, ୧୫ ଫୁଟ ଘୂର୍ଣ୍ଣାୟମାନ ପୁଷ୍ପକ ବିମାନ ଓ ସ୍ୱତନ୍ତ୍ର ଭାବେ ନିର୍ମିତ ହୁଏ ବ୍ରହ୍ମାସ୍ତ୍ର। ରାମ, ରାବଣ ଭୂମିକାରେ ଅଭିନୟ କରୁଥିବା କଳାକାର ଓ ବ୍ରହ୍ମାସ୍ତ୍ର ନିର୍ମାଣକାରୀ ବ୍ୟକ୍ତି ଲଙ୍କାପୋଡି ଦିନ ଉପବାସ ବ୍ରତ ପାଳନ କରନ୍ତି। ବ୍ରହ୍ମାସ୍ତ୍ରର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ପ୍ରଭୁ ଶ୍ରୀରାମ ବ୍ରହ୍ମାସ୍ତ୍ର ନିକ୍ଷେପ କଲାପରେ ୫୦ ଫୁଟ ଦୂରରେ ଥିବା ରାବଣକୁ ବଧ କରି ପୁନର୍ବାର ରାମଙ୍କ ହସ୍ତକୁ ଫେରିଆସେ। ଯଦି ବ୍ରାହ୍ମାସ୍ତ୍ର ଫେରିନ ଆସେ ତେବେ କିଛି ଅଘଟଣ ଘଟିବାର ସମ୍ଭାବନା ରହିଛି ବୋଲି ବିଶ୍ୱାସ କରାଯାଏ। ୨୦୧୯ ମସିହାରେ ବ୍ରହ୍ମାସ୍ତ୍ର ଗତି କରିନଥିଲା ପରବର୍ତ୍ତୀ ସମୟରେ କରୋନା ପାଇଁ ଦୁଇବର୍ଷ ଲଙ୍କାପୋଡି ଯାତ୍ରା ବନ୍ଦ ରହିଥିଲା। ଦଶପଲ୍ଲାର ଐତିହାସିକ ଲଙ୍କା ପୋଡିଯାତ୍ରା ରାମ ସଂସ୍କୃତିର ପ୍ରଚାର ଓ ପ୍ରସାରର ଏକ ବଳିଷ୍ଠ ମାଧ୍ୟମ। ଏହାର ପ୍ରଭାବ ଯୁଗାନ୍ତକାରୀ ଓ ସୁଦୂରପ୍ରସାରୀ। ଦଶପଲ୍ଲା, ନୟାଗଡ, ଖଣ୍ଡପଡା, ବୌଦ୍ଧ ଓ ରଣପୁର ପ୍ରଭୃତି ଅଞ୍ଚଳରେ ଇତିହାସ ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରାର ବିଶେଷ ପ୍ରଭାବ ପରିଲକ୍ଷିତ ହୁଏ। ଓଡିଶା ତଥା ଭାରତରେ ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ଯଥେଷ୍ଟ ଗୁରୁତ୍ୱ ଓ ମହତ୍ତ୍ୱ ରଖିଥାଏ। ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ପ୍ରଭାବରେ ଏ ଅଞ୍ଚଳରେ ଅନେକ ଗ୍ରାମରେ ରାମ ଲୀଳା ଦଳମାନ ଗଠିତ ହୋଇଅଛି। ଏହି ରାମଲୀଳା ଦଳ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରାମ କଥାକୁ ଅତି ସୁନ୍ଦର ଭାବରେ ଅଭିନୟ କରି ଧାର୍ମିକ ଓ ସାଂସ୍କୃତିକ ଜାଗରଣ ସୃଷ୍ଟି କରିଥାନ୍ତି। ବରଗଡର ଧନୁଯାତ୍ରା ସମ୍ବଲପୁର ଶୀତଳ ଷଷ୍ଠୀ, ତାଳଚେରରେ ହିଙ୍ଗୁଯାତ୍ରା, ଢେଙ୍କାନାଳ-ଅନୁଗୁଳରେ ଲକ୍ଷ୍ମୀପୂଜା, କଟକର ବାଲିଯାତ୍ରା, ଜଟଣୀର ଗଣେଶ ପୂଜା, ଭବାନୀପାଟଣାରେ ମା' ମାଣିକେଶ୍ୱରୀଙ୍କର ଛତର ଯାତ୍ରା, ପୁରୀର ସାହି ଯାତ୍ରା, ବ୍ରହ୍ମପୁରର ଠାକୁରାଣୀ ଯାତ୍ରା, ଭୁବନେଶ୍ୱରର ରୁକୁଣା ରଥଯାତ୍ରା, କୋଣାର୍କ ଓ ଖଣ୍ଡଗିରିରେ ମାଘ ସପ୍ତମୀ କୁମ୍ଭ ମେଳା, ଯୋରନ୍ଦାର ମାଘମେଳା, ଅତ୍ରିର ମକର ମେଳା ପ୍ରଭୃତିଠାରୁ ଓଡ଼ିଶାର ସର୍ବପୁରାତନ ଯାତ୍ରା ଦଶପଲ୍ଲାର ଲଙ୍କାପୋଡି ଯାତ୍ରା ଓଡ଼ିଆ ଜାତିର ଗୌରବ, ଗାରିମାମୟ ସାଂସ୍କୃତିକ ଓ ଧାର୍ମିକ ଇତିହାସକୁ ସମୃଦ୍ଧ ଓ ଶକ୍ତିଶାଳୀ କରିଛି। ଦଶପଲ୍ଲାର ଲଙ୍କାପୋଡିଯାତ୍ରା ନାଟ୍ୟ, ସଂଗୀତ, ବିଧି, ବ୍ୟବସ୍ଥା, ବିଶ୍ୱାସ, ଭାବ, ଭକ୍ତି, ପ୍ରୀତି, ଓ କାରିଗରୀ ଶୈଳୀର ଅପୂର୍ବ ସମନ୍ୱୟର ନିଦର୍ଶନ ଅଟେ। ସଂହତି, ସଦ୍‌ଭାବ ଓ ସଂସ୍କାରର ପ୍ରତୀକ ଦଶପଲ୍ଲା ଲଙ୍କା ପୋଡିଯାତ୍ରା ଏହା ନିଃସନ୍ଦେହ। ସାମାଜିକ ଏକତା, ଅର୍ଥନୈତିକ ବିକାଶ, ସାଂସ୍କୃତିକ ଭାବଧାରାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଦଶପଲ୍ଲା ଲଙ୍କାପୋଡିଯାତ୍ରା ନିରବଚ୍ଛିନ୍ନ ଭାବରେ ତା'ର ଯାତ୍ରା ଅବ୍ୟାହତ ରଖିଚି। ଓଡ଼ିଶାର ସାଂସ୍କୃତିକ ଓ ଧାର୍ମିକ ବିଭବକୁ ଦଶପଲ୍ଲାଗଡର ଇତିହାସ ପ୍ରସିଦ୍ଧ ଲଙ୍କାପୋଡିଯାତ୍ରା ଏକ ଅତୁଳନୀୟ ଅବଦାନ। ଓଡ଼ିଶାର ପ୍ରଥମ ଓ ଭାରତ ବର୍ଷର ଦ୍ୱିତୀୟ ପୁରାତନ ଯାତ୍ରା ଲଙ୍କାପୋଡି ଏଜାତିର ଅସ୍ମିତାକୁ ବିଶ୍ୱଦରବାରରେ ଉପସ୍ଥାପନ କରିବା ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିଛି। ଆମ ଗୌରମମୟ ସାଂସ୍କୃତିକ ଇତିହାସର ଏକ ସ୍ୱର୍ଣ୍ଣାଭ ଅଧ୍ୟାୟ ଦଶପଲ୍ଲାର ଲଙ୍କାପୋଡିଯାତ୍ରା ଏଥିରେ କୌଣସି ଦ୍ୱିମତ ନାହିଁ।

*ଇତିହାସ ବିଭାଗ, ସନାତନ ହରିଚନ୍ଦନ ମହାବିଦ୍ୟାଳୟ*
*ମଦନପୁର, ଖୋର୍ଦ୍ଧା: ୭୫୨୦୫୪*
*ଦୂରଭାଷ:- ୮୮୯୫୧୯୦୪୭୫*

# ଧର୍ମର ପରିଭାଷା

## ସଂତୋଷ କୁମାର ସାହୁ

ଧର୍ମ କହିଲେ ସାଧାରଣତଃ ଆସ୍ଥାବିଶ୍ୱାସ ବୁଝନ୍ତି ଲୋକେ। ଅର୍ଥାତ୍ ମଣିଷର ଆଧ୍ୟାତ୍ମିକ ବିଶ୍ୱାସ, ପରମାର୍ଥିକ ବିଶ୍ୱାସକୁ ନେଇ ଧର୍ମ ବ୍ୟବହାର ହୁଏ। ଭାରତୀୟମାନେ ଧର୍ମକୁ 'ଧରାଂ ଧାରୟତି ଇତି ଧର୍ମଃ' କହିଛନ୍ତି। ଅର୍ଥାତ୍ ଯାହା ନିଶ୍ଚୟ ସନ୍ତୁଳନ ରକ୍ଷା କରେ। ଆମେ ସଂସାର ଧର୍ମ, ଜୀବନ ଧର୍ମ, ରାଜ ଧର୍ମ, ରାଷ୍ଟ୍ର ଧର୍ମ, ଶାସନ ଧର୍ମ ମଧ୍ୟ ବ୍ୟବହାର କରୁ। କିନ୍ତୁ ସାଧାରଣ ଲୋକେ ଧର୍ମ କହିଲେ ଏକ ଆଧ୍ୟାତ୍ମିକ ଈଶ୍ୱର ବିଶ୍ୱାସ କରନ୍ତି। ଏହି ଧର୍ମ ମଧ୍ୟ ପୃଥିବୀର ସବୁ ମଣିଷଙ୍କ ପାଇଁ ଏକା ନୁହଁ। ବଞ୍ଚିବା ପାଇଁ ଅର୍ଥ ଅନିବାର୍ଯ୍ୟ। ତେଣୁ ଅର୍ଥ ଉପାର୍ଜନ ମଧ୍ୟ ଏକ ଧର୍ମ, ଏକ ପରମ କର୍ତ୍ତବ୍ୟ। କିନ୍ତୁ ଚାଣକ୍ୟ ଅର୍ଥକୁ ରାଜନୀତି ଦୃଷ୍ଟିରୁ ଧର୍ମନୀତି କହିଥିଲେ। ଜୀବନ ହିଁ ଧର୍ମର କର୍ତ୍ତବ୍ୟ ପଥ। ଏହି ପଥ ଅତିକ୍ରମ କରିବାକୁ ହେଲେ, ନ୍ୟାୟ-ସତ୍ୟ ସହ ଅର୍ଥ ଉପାର୍ଜନ ଓ ପ୍ରେମ ମଧ୍ୟ ଆବଶ୍ୟକ। ପ୍ରତ୍ୟେକ ମଣିଷ ତାର ଧର୍ମବିଶ୍ୱାସ ଅନୁସାରେ ବଞ୍ଚିପାରେ। ଏହି ବଞ୍ଚିବା ହିଁ ଧର୍ମ। ଧର୍ମ କହିଲେ ପ୍ରତ୍ୟେକ ପ୍ରାଣୀର କର୍ମକୁ ହିଁ ବୁଝାଏ। ଯେପରି ଗଛର ଧର୍ମ ଛାଇ ଦେବା, ଚନ୍ଦ୍ରର ଧର୍ମ ଶୀତଳତା ପ୍ରଦାନ କରିବା। ସେପରି ମାନବର ଧର୍ମ ହେଲା- ମାନବିକତା। ମାନବବାଦ ହିଁ ସବୁ ଧର୍ମର ଉଚ୍ଚାରଣ। ସବୁ ଧର୍ମଶାସ୍ତ୍ରର ଉଦ୍ଦେଶ୍ୟ ହେଲା ମାନବୀୟ ଉତ୍ତରଣ। ସବୁ ଧର୍ମର ସାରକଥା କେବେ ବି ସମାଜ ନୁହେଁ, ତେବେ ସବୁ ଧର୍ମରେ ଗୋଟିଏ ସମାନତା ରହିଛି, ତାହା ହେଲା ପରସ୍ପର ପ୍ରତି ଅସହିଷ୍ଣୁତା। ଗୋଟିଏ ଧର୍ମ ଅନ୍ୟ ଧର୍ମକୁ ସହ୍ୟ କି ନପାରିପାର ସଂକୀର୍ଣ୍ଣତା। ଏହି ସଂକୀର୍ଣ୍ଣ ଭାବ ହିଁ ଧର୍ମ ଧର୍ମ ମଧ୍ୟରେ ମତଭେଦର କାରଣ ଧର୍ମାଧୀଶ ଓ ଧର୍ମାବଲମ୍ବୀମାନେ ନିଜ ନିଜର କ୍ଷୁଦ୍ର କୂପ ଭିତରେ ବସିରହି ସେହିଟିକୁ ସମଗ୍ର ଜଗତ ବୋଲି ଭାବିନିଅନ୍ତି। ଧର୍ମ ଉପରେ କାର୍ଲମାର୍କ୍ସଙ୍କର ମତ ହେଲା, "ମଣିଷ ଧର୍ମ ତିଆରି କରୁଛି, ମାତ୍ର ଧର୍ମ ମଣିଷ ତିଆରି କରୁନାହିଁ।" ଏକଦା ଯୋଗେଶ୍ୱର ଶ୍ରୀକୃଷ୍ଣ ସଂସାରରେ ଧର୍ମର ସୁରକ୍ଷା ପାଇଁ ନିଜର ଭୂମିକା ସଂପର୍କରେ ସୂଚନା ଦେଇ ମୋହବନ୍ଧ ଅର୍ଜୁନଙ୍କୁ ଗୀତାର ସେହି ଅମୃତବାଣୀ ଶୁଣାଇଥିଲେ।

ଯେଉଁ ଯେଉଁ ସମୟରେ ଧର୍ମର ଗ୍ଲାନି ହୁଏ ଓ ଅଧର୍ମର ବୃଦ୍ଧି ହୁଏ, ସେତେବେଳେ ମୁଁ ପ୍ରକଟ ହୋଇ ଧର୍ମର ସଂସ୍ଥାପନା କରେ। ଭଗବାନଙ୍କ ମୁଖୋଚ୍ଚାରିତ ଏହି ଧର୍ମ ଶବ୍ଦର ସଂଜ୍ଞା କେବେ ବିସମ୍ବାଦିତ ନୁହେଁ। ସିଏ ହେଉଛି ଧର୍ମ ଯାହାର ମୂଳ ହେଉଛି ସତ୍ୟ, ଶାନ୍ତି, ଦୟା ଓ କ୍ଷମା। ମହର୍ଷି ବ୍ୟାସଦେବ ପ୍ରଚାର କରିଥିଲେ 'ଧର୍ମ ହେଉଛି ଆଚାର ସଂଭୂତି।' ଅଳ୍ପରେ କହିଲେ- ବଂଚିବା ପାଇଁ ଯେଉଁ ପଥ ଶ୍ରେୟ ଓ ଧେୟ ତାହା ହିଁ ଧର୍ମ। ସେଥିପାଇଁ ଗାନ୍ଧିଜୀ କହିଥିଲେ 'ମୁଁ ପାଣି ଓ ପବନ ବ୍ୟତିରେକେ ବଂଚି ରହିପାରେ। ମାତ୍ର ଧର୍ମ ବ୍ୟତିରେକେ କ୍ଷଣଟିଏ ବି ବଂଚି ରହିପାରିବି ନାହିଁ।' ଗାନ୍ଧିଜୀ ଧର୍ମକୁ ଜୀବନ ଏବଂ ସମାଜର ଆଧାର ଭୂତ ତତ୍ତ୍ୱ ଭାବରେ ଗ୍ରହଣ କରିଥିଲେ। ତାଙ୍କର ମତ ଥିଲା ଯେ ଧର୍ମକୁ ବାଦଦେଇ ବ୍ୟକ୍ତି ଏ ସମାଜର ପରିକଳ୍ପନା କରିବା ସମ୍ଭବ ନୁହେଁ। ଧର୍ମକୁ ଔପଚାରିକ ଅର୍ଥରେ ଗ୍ରହଣ ନକରି ସେ ଆଧ୍ୟାତ୍ମିକତା ଓ ଚାରିତ୍ରିକ ଶୁଦ୍ଧତା ଅର୍ଥରେ ଗ୍ରହଣ କରିଥିଲେ। ଧର୍ମର ଅଭାବରେ ବ୍ୟକ୍ତି ଓ ସମାଜ ଶକ୍ତିହୀନ, ନିଷ୍ପ୍ରାଣ ଏବଂ ଉଦ୍‌ଭ୍ରାନ୍ତ ହୋଇଯିବ। ତେଣୁ ସେ ସମାଜର ପ୍ରତ୍ୟେକ କାର୍ଯ୍ୟ ଏବଂ ବ୍ୟକ୍ତିର ପ୍ରତ୍ୟେକ ଆଚରଣ ଓ ବିଶ୍ୱର ପ୍ରତ୍ୟେକ ପ୍ରଶ୍ନକୁ ଧର୍ମର ପରିସର ମଧ୍ୟରେ ହିଁ ବିଶ୍ଳେଷଣ କରିବାକୁ ଋହୁଁଥିଲେ। ତାଙ୍କ ମତରେ କୌଣସି ଧର୍ମ ଯଦି ବିବେକ ବିରୋଧରେ ବା ମାନବିକତା ବିରୋଧୀ ହୋଇଥାଏ ତେବେ ତାହାକୁ ଧର୍ମ କୁହାଯାଇପାରିବ ନାହିଁ। ଗାନ୍ଧିଜୀ ଧର୍ମ ପରିଦର୍ଶନକୁ ଦୃଢ଼ ଭାବରେ ବିରୋଧ କରୁଥିଲେ। ତାଙ୍କ ମନରେ ସ୍ୱଧର୍ମେ ନିଧନଂ ଶ୍ରେୟ ପରଧର୍ମୋ ଭୟାବହ। ତାଙ୍କ ଆଶ୍ରମରେ ସବୁ ଧର୍ମର ଲୋକ ଥିବା ସତ୍ତ୍ୱେ ସେ କେବେ କାହାକୁ ଧର୍ମ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇନାହାନ୍ତି। ଧର୍ମ ପରିବର୍ତ୍ତନ ସମାଜରେ ବିଦ୍ୱେଷ ଓ ବିଶୃଙ୍ଖଳା ସୃଷ୍ଟି କରେ ଓ ବ୍ୟକ୍ତିର ନୈତିକ ଓ ଆଧ୍ୟାତ୍ମିକ ସତ୍ତାକୁ ବିପର୍ଯ୍ୟସ୍ତ କରେ। ମନୁଷ୍ୟର ନିଜ ମନ ଭିତରେ ଭଗବାନ ବିରାଜମାନ ବୋଲି ଗାନ୍ଧିଜୀ କହୁଥିଲେ। ତେଣୁ ଉଗଗଜ ପୂଜା, ଆରାଧନା ପାଇଁ ମନ୍ଦିର, ମସଜିତ ବା ଚର୍ଚ୍ଚକୁ ଯିବା ଦରକାର ନାହିଁ। ମହତ କାର୍ଯ୍ୟ ପରିପ୍ରକାଶ

ହେବା ଉଚିତ। ଧର୍ମର ରାଜନୀତି କରଣକୁ ଦୃଢ଼ ବିରୋଧ କରି ସେ ଧର୍ମର ସମାଜୀକରଣ ଓ ମାନବିକକଣ ପାଇଁ ଚେଷ୍ଟା କରିଥିଲେ। ଗାନ୍ଧିଜୀ ତାଙ୍କର ଧର୍ମ ଭିତରେ ନିଷ୍କାମ କର୍ମକୁ ଜୀବନର ସତ୍ୟ ବୋଲି ଗ୍ରହଣ କରିଥିଲେ।

ସ୍ୱାମୀ ଶିବାନନ୍ଦଙ୍କ ମତରେ, 'ଜୀବନର ସାୟାହ୍ନରେ ଧର୍ମ ହିଁ ପ୍ରକୃତ ମାର୍ଗ ପ୍ରଦର୍ଶକ ଏବଂ ସହାୟକ ହୋଇଥାଏ। ଯଦି ତୁମେ ଜୀବନର ପ୍ରାରମ୍ଭରୁ ଧର୍ମ ପ୍ରତି ରଚି ପ୍ରଦର୍ଶନ କରିନାହଁ କିମ୍ବା ଆଦୌ ଆଧାତ୍ମିକ ସାଧନ କରିନାହଁ ତେବେ ଚିନ୍ତା କରନାହିଁ। ଆଜିଠାରୁ ଆରମ୍ଭ କରିଦିଅ। ତୁମର ବାର୍ଦ୍ଧକ୍ୟର ନାନା ଦୁଃଖ, ନାନା ସମସ୍ୟାର ସମାଧାନ ହୋଇଯିବ। ତୁମେ ସୁଖ ଶାନ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ ଲାଭକରି ଆନନ୍ଦମୟ ଜୀବନର ଅଧିକାରୀ ହୋଇପାରିବ।'

ଧର୍ମ ଓ ବିଶ୍ୱାସ ପରିପୂରକ। ବିଶ୍ୱାସ ହେଉଛି ସମ୍ପୂର୍ଣ୍ଣ ଆସ୍ଥା। ଧର୍ମ ଉପରେ ବିଶ୍ୱାସ ନ ରଖି ଯଦି କେବଳ ପ୍ରମାଣ ଖୋଜାଯାଏ, ତେବେ ପ୍ରମାଣ ଖୋଜୁଥିବା ଲୋକ କେବେ ବି ପ୍ରକୃତ ସିଦ୍ଧାନ୍ତରେ ଉପନୀତ ହୋଇପାରିବ ନାହିଁ। ବିଶ୍ୱାସ ଓ ଅନ୍ଧବିଶ୍ୱାସ ମଧ୍ୟରେ ସଠିକ୍ ଜିନିଷଟି ନିଶ୍ଚୟ କରିବାର ଉପାୟ ହେଲା, ମହାଜନେଃ ଯେନ ଗତଃ ସ ପନ୍ଥା। ଅର୍ଥାତ୍ ମହାପୁରୁଷମାନେ ଯେଉଁ ମାର୍ଗ ଦେଇ ଗମନ କରିଛନ୍ତି, ତାହା ହିଁ ଶ୍ରେୟସ୍କର ମାର୍ଗ। ଧର୍ମ ଉପରେ ବିଶ୍ୱାସ ବା ଆସ୍ଥା ନ ରଖିଲେ ଏହା ଉକ୍ତ ଭ୍ରମସ୍ତରରେ ହିଁ ରହିଯାଏ। ନିଜେ ଭଲହେବା, ଭଲ କାମ କରିବା, ଖରାପ ଗୁଣକୁ ଛାଡ଼ିବା, ଦୁର୍ଗୁଣ ଠାରୁ ଦୂରେଇ ରହିବା- ଏହା ହିଁ ଧର୍ମ। ତେଣୁ 'ଧର୍ମୋ ରକ୍ଷତି ରକ୍ଷିତଃ।' ଯଦି ଦୈନନ୍ଦିନ ଜୀବନରେ ଆମେ ଧର୍ମକୁ ପାଳନ ଓ ସମ୍ମାନ କରୁଥିବା, ତେବେ ଧର୍ମ ମଧ୍ୟ ଆମକୁ ରକ୍ଷା କରିବ। ତେଣୁ ଧର୍ମ କେବଳ ଉଚ୍ଚାରଣ ମଧ୍ୟରେ ସୀମିତ ନରହି ଆଚରଣଗତ ହେବା ଉଚିତ। ଚର୍ଚ୍ଚାର ବିଷୟ ନହୋଇ ଚର୍ଯ୍ୟାର ବିଷୟ ହେବା ଉଚିତ। କେବଳ ପୂଜାପାଠ, କର୍ମକାଣ୍ଡ, ମନ୍ଦିର, ମସଜିଦ୍, ଚର୍ଚ୍ଚ ଭିତରେ ଧର୍ମ ବନ୍ଧା ନରହି, ଏହା ଆମ ଦୈନନ୍ଦିନ ଜୀବନରେ ପ୍ରତିଫଳିତ ହେବା ଉଚିତ।

ଆମ ସଂସ୍କୃତିରେ ଦୁଇଟି ପ୍ରଧାନ ଗ୍ରନ୍ଥ ଅଛି, ଗୋଟିଏ ରାମାୟଣ ଆଉ ଅନ୍ୟଟି ମହାଭାରତ। କ'ଣ କଲେ ଜୀବନ ସୁଖମୟ ହେବ ତାହା ରାମାୟଣ ଶିଖାଇଦିଏ, ଆଉ କ'ଣ ନକଲେ ଜୀବନ ସୁରକ୍ଷିତ ରହିବ ତାହା ଶିଖାଇ ଦିଏ ମହାଭାରତ। ରାମାୟଣ ଶିଖାଇଦିଏ ଭାଇ ଭାଇ ପ୍ରତି କ'ଣ କରିବା ଉଚିତ, ରାଜା ପ୍ରଜା ପ୍ରତି କି ଆଚରଣ କରିବା ଉଚିତ। ସେବକର ଧର୍ମ କ'ଣ ହେବା ଉଚିତ। ଏହା ବିଧିରୂପୀ ଧର୍ମ। ଆଉ ମହାଭାରତ ଶିଖାଇଦିଏ ଜୁଆଡ଼ି ହେବା ଅନୁଚିତ। କାହାକୁ କଟୁ ବଚନ କହିବା ଅନୁଚିତ। ଏହା ନିଷେଧ ରୂପୀ ଧର୍ମ। ଧର୍ମ ସର୍ବଦା ଅଧର୍ମ, ପାପର ବିନାଶ ପାଇଁ ଅଭିପ୍ରେତ ହୋଇଥାଏ। ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି, ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ନଷ୍ଟ ହୋଇଥାଏ। ଧନ, ସମ୍ପତ୍ତି, ପ୍ରାଣ, ଶରୀର ଇତ୍ୟାଦିର ଅଧିକ ମୋହ କରିବା ଉଚିତ ନୁହଁ।

ଶ୍ରୀ ରାମକୃଷ୍ଣଙ୍କ ମତରେ, ବିବେକ-ବୈରାଗ୍ୟ ନଥିଲେ ଶାସ୍ତ୍ର ପାଠ ମିଥ୍ୟା। ବିବେକ - ବୈରାଗ୍ୟ ଛଡ଼ା ଧର୍ମଲାଭ ହୁଏନାହିଁ। ଭାରତରେ ଧର୍ମର ପରିଭାଷା ବଦଳିଯାଇଛି। ଏବେ ଆମର ବୈଦିକ ସନାତନ ଧର୍ମ ମନ୍ଦିର ସର୍ବସ୍ୱ ହୋଇଯାଇଛି।

ମନ୍ଦିର ନ ଗଲେ ଲୋକେ ଭାବୁଛନ୍ତି ଭଗବାନ ରାଗିବେ, ଯାହା ମିଳିବାର ଅଛି ମିଳିବ ନାହିଁ, ଲୋକଙ୍କ ଭିତରେ ଭଗବାନ, ଦେବୀ, ଦେବତା ଏମାନଙ୍କୁ ନେଇ ଏକ ପ୍ରକାର ତ୍ରାସ।

ପ୍ରଶ୍ନ ଉଠୁଛି, ଆମର ଅତି ପ୍ରାଚୀନ ଧର୍ମ ଗ୍ରନ୍ଥରେ କେଉଁଠି ମନ୍ଦିର କଥା ଲେଖାଯାଇଛି ? କେଉଁଠି ଲେଖାଯାଇଛି ଈଶ୍ୱରଙ୍କ ପ୍ରାପ୍ତି ନିମନ୍ତେ ମନ୍ଦିର ଯିବା ଆବଶ୍ୟକ। ମନ୍ଦିରର ଆବଶ୍ୟକତା ରହିଛି ସାମାଜିକ ଶୃଙ୍ଖଳା ପାଇଁ। ମନ୍ଦିର ଭିତରେ ଭଗବାନଙ୍କୁ ଦେଖିଦେଲେ ଆମକୁ ଈଶ୍ୱର ସାକ୍ଷାତକାର ହେଲାଭଳି ଲାଗେ। କେବଳ ଏହି ବିଶ୍ୱାସ ହିଁ ଆମକୁ ମନ୍ଦିର ଯିବାକୁ ପ୍ରେରିତ କରେ। ତେବେ ଆମେ ଧାର୍ମିକ କିପରି ? ରାମାୟଣରେ ଅଛି ମାତା କୌଶଲ୍ୟା ଯେତେବେଳେ ଶ୍ରୀରାମଙ୍କୁ ପରମାତ୍ମାଙ୍କର ଅବତାର ବୋଲି ଜାଣିଲେ ସେତେବେଳେ ପ୍ରକାରାନ୍ତରେ ସେଇ ଏକା ପ୍ରଶ୍ନ କରିଥିଲେ- କ'ଣ କଲେ ମଣିଷ ସଠିକ୍ ଧର୍ମ ଆଚରଣ କରିପାରିବ ଓ ମୁକ୍ତି ଲାଭ କରିବ ?

ଭଗବାନ ଶ୍ରୀରାମଙ୍କର ପରାମର୍ଶ ଥିଲା- "ମଣିଷ ଏମିତି ଜୀବନ ବଂଚିବା ଉଚିତ୍ ଯେମିତିକି ତାକୁ ସୃଷ୍ଟିର ପ୍ରତ୍ୟେକଙ୍କ ବସ୍ତୁରେ ଈଶ୍ୱର ଅନୁଭବ ହେବ। ଏହା ହେଲେ ହିଁ ଯାଇ ସେ ସୃଷ୍ଟିର ଜଟିଳତାକୁ ବୁଝିପାରିବ। ଏ ବିଶାଳ ବିଶ୍ୱ ତା ଲାଗି ଅତି ସରଳ ପ୍ରତୀୟମାନ ହେବ।"

ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ- 'ପ୍ରତ୍ୟକ୍ଷାନୁଭୂତି ହିଁ ଧର୍ମର ଏକମାତ୍ର ପଥ। ଅନୁଭୂତି ହିଁ ଧର୍ମ, ଅନୁଭୂତି ସମ୍ପନ୍ନ ବ୍ୟକ୍ତି ହିଁ ଧାର୍ମିକ। ଧର୍ମ କ'ଣ ମନୁଷ୍ୟ ପାଇଁ ଅନ୍ନ ବସ୍ତ୍ରର ବ୍ୟବସ୍ଥା କରିପାରେ ? ଅବଶ୍ୟ କରିପାରେ। କିନ୍ତୁ ଧର୍ମ ଏତିକି ଅପେକ୍ଷା ଅଧିକ କିଛି ଆହୁରି କରିପାରେ। ସୁତରାଂ ଆତ୍ମାକୁ ଆତ୍ମାରୂପେ ଅନୁଭବ କରିବା ହେଲା ବାସ୍ତବ ଧର୍ମ। ସ୍ୱାମୀଜୀଙ୍କ ମତରେ, "ଯାଗ-ଯଜ୍ଞ, ମୁଦ୍ରା ଓ ବ୍ୟାସ, ମନ୍ତ୍ରୋଚ୍ଚାରଣ ବା ମନ୍ତ୍ର ଜପ ପ୍ରଭୃତିକୁ ଧର୍ମ କହିବା ଠିକ୍ ନୁହେଁ। ଏସବୁ ସେତିକିବେଳେ ପ୍ରଶଂସନୀୟ, ଯେତେବେଳେ ସେଗୁଡ଼ିକ ଆମ ମନରେ ସାହସର ସହିତ ସୁନ୍ଦର ଓ ବିରୋଚିତ କର୍ମ ସଂପାଦନ ନିମିତ୍ତ ଉତ୍ସାହ ସଂଚାର କରେ ଏବଂ ଆମର ଚିତ୍ତକୁ ଭଗବାନଙ୍କ ପୂର୍ଣ୍ଣତା ଉପଲବ୍ଧ କରିବା ସ୍ତରକୁ ଉନ୍ନୀତ କରେ।"

ମହର୍ଷୀ କଣାଦ ମତରେ- "ଯାହାଦ୍ୱାରା ଏହି ଲୋକରେ ଅଭ୍ୟୁଦୟ ହୁଏଓ ପରମ କଲ୍ୟାଣ ରୂପୀ ମୋକ୍ଷର ପ୍ରାପ୍ତି ହୁଏ, ତାହା ହିଁ ଧର୍ମ।" ଅନ୍ୟର ଗୁଣଯୁକ୍ତ ଉତ୍ତମ ଧର୍ମ ଅପେକ୍ଷା ନିଜ ଧର୍ମ ହିଁ ନିଜପାଇଁ ଶ୍ରେଷ୍ଠ ଓ ଆଚରଣ କରିବା ଯୋଗ୍ୟ ଅଟେ। ସ୍ୱଧର୍ମ ପାଳନରେ ମନୁଷ୍ୟକୁ ପାପ ଲାଗେ ନାହିଁ। (ଗୀତା ୧୮/୪୭

"ଧର୍ମ ଏବ ହତୋ ହନ୍ତି ଧର୍ମୋ ରକ୍ଷତି ରକ୍ଷିତଃ।"

ଯେଉଁ ମନୁଷ୍ୟ ନିଜ ଧର୍ମକୁ ନାଶ କରିଦିଏ, ବା ତ୍ୟାଗ କରି ଦିଏ, ଧର୍ମ ମଧ୍ୟ ତା'କୁ ନାଶ କରିଦିଏ। ପରନ୍ତୁ ଯିଏ ଧର୍ମ ରକ୍ଷା କରେ, ତାକୁ ଧର୍ମ ରକ୍ଷା କରେ।

ମନୁଷ୍ୟ ପକ୍ଷରେ ଘୋର ବିପତ୍ତି ପଡ଼ିଲେ ମଧ୍ୟ କାମ, ଲୋଭ, ଭୟ ଓ ମୋହର ବଶୀଭୁତ ହୋଇ କେବେହେଲେ ଧର୍ମ ତ୍ୟାଗ କରିବା ଉଚିତ୍ ନୁହଁ। ଧର୍ମର ଅନୁକୂଳ ଚଳିବାରେ ହିଁ ମନୁଷ୍ୟର ମନୁଷ୍ୟତ୍ୱ। ଉତ୍‌ଥାନ ଓ ପରମ ଲାଭ ହୁଏ ଏବଂ ପ୍ରତିକୂଳ ଚଳିଲେ ହିଁ ମନୁଷ୍ୟତ୍ୱର ପତନ, ଅବନତି ଓ ସମ୍ମାନ ହାନି ହୁଏ। ଏ ପରିପ୍ରେକ୍ଷୀରେ 'ଗୁରୁ-ଶିଷ୍ୟ ଉପାଖ୍ୟାନ' ଟି ସ୍ମରଣକୁ ଆସୁଛି। ଏହା ସବୁକାଳର ସାର୍ବଜନୀନ ଓ ଚିରନ୍ତନ। କାରଣ ଏଥିରେ ସଂଚିତ ରହିଛି ଜୀବନର କିଛି ସତ୍ୟ କଥା।

ଜଣେ ବ୍ୟକ୍ତି ଗୁରୁଙ୍କ ପାଖକୁ ଯାଇ ପ୍ରଶ୍ନ କଲେ- ଗୁରୁଦେବ ଧର୍ମ କ'ଣ ? ମୋତେ ଧର୍ମର ଅର୍ଥ ବୁଝାଇ ଦିଅନ୍ତୁ। ଗୁରୁଦେବ କହିଲେ, ମୁଁ ବର୍ତ୍ତମାନ ବ୍ୟସ୍ତ ଅଛି। ଏ ସହର ସୀମାନ୍ତରେ ଥିବା ପୁଷ୍କରିଣୀରେ ଗୋଟିଏ ମାଛ ଅଛି, ତୁମେ ତା ପାଖକୁ ଯାଅ। ତୁମ ପ୍ରଶ୍ନର ଠିକ୍ ଉତ୍ତର ପାଇଯିବ। ସେହି ଶିଷ୍ୟଟି ମାଛ ପାଖକୁ ଖୋଜି ଖୋଜି ଗଲା। ମାଛଟି ପାଣି ଶୈବାଳ ଭିତରେ ବିଶ୍ରାମ ନେଉଥିଲା। କିଛି ସମୟ ପରେ ମାଛଟି ଯେତେବେଳେ ଆଖି ମେଲିଲା, ଅପେକ୍ଷା କରିଥିବା ଲୋକଟି ପଚାରିଲା- ତୁମେ କ'ଣ ମୋତେ ଧର୍ମର ପରିଭାଷା ବୁଝେଇ ପାରିବ ? ମାଛ କହିଲା- କାହିଁକି ନୁହେଁ ? ମାତ୍ର ମୋତେ ବଡ଼ ଶୋଷ ହେଉଛି। ପ୍ରଥମେ ମୋ ପାଇଁ ପାଣି ଗିଲାସେ ନେଇଆସ। ଲୋକଟି ଆଶ୍ଚର୍ଯ୍ୟ ହୋଇ କହିଲା- ମୁର୍ଖ ଭଳି କ'ଣ କଥା କହୁଛ ? ମାଛ କହିଲା- ତୁମେ ବି ତ ଜଣେ ମୁର୍ଖ। ଧର୍ମ ତୁମ ଭିତରେ ଅଛି। ଅଥଚ ତୁମେ ବାହାରେ ଆସିଚ ଧର୍ମର ସଂଜ୍ଞା ବୁଝିବାକୁ ଆସିଛ। ଏହା ଠାରୁ ବଡ଼ ମୁର୍ଖତା ଆଉ କ'ଣ ହୋଇପାରେ ? ତୁମ ଭିତରେ ଥିବା ମାନବୀୟ ଭାବ ହିଁ ଧର୍ମର କେନ୍ଦ୍ରବିନ୍ଦୁ। ଧର୍ମ ସଂପର୍କରେ ବିଶିଷ୍ଟ କବିଙ୍କ ବାଣୀ।

୧. ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର ବାରିଧି।
ଧର୍ମ ଏକା ସିନା ମହତ ପଣିଆ (ରାଧାନାଥ)
ଆଉ ସବୁକଥା ଅଢ଼େଇଦିନିଆ ॥

୨. ଧର୍ମ ଅସ୍ତ୍ରେ ଯେହୁ କରନ୍ତି ବିଜୟ
ଯୁଦ୍ଧକ୍ଷେତ୍ର ତାଙ୍କ ମନୁଷ୍ୟ ହୃଦୟ।
ଉପୁଜାଏ ବାହୁବଳ ଶତ୍ରୁଭୀତି
ଧର୍ମବଳ ଆଣିଦିଏ ଶତ୍ରୁପ୍ରୀତି। (ରାଧାନାଥ)

୩. ବୃଥା ଜୀବନ ଯହିଁ ନାହିଁ ଧରମ
ପଶୁ ଲୀଳା ସାଧନ ମାତ୍ର କରମ। (ମଧୁସୂଦନ)

୪. ଯୌବନେ ଧାର୍ମିକ ହେବ, ଏ ଜୀବନ
ଯେଣୁ ଅନିଶ୍ଚିତ,
କେ ଜାଣେ କାହାର ଆଜି ମୃତ୍ୟୁକାଳ
ହେବ ଉପସ୍ଥିତ।

୫. ଧନ ଅର୍ଜନେ ଧର୍ମ କରି
ଧର୍ମେ ପ୍ରାପତ ନରହରି।
ଅଧର୍ମ ପରମ ଧର୍ମପାଳୁ
ତୁ ନାଥ ପରମ ଦୟାଳୁ। (ଭାଗବତ)

୬. ଧର୍ମ ପକ୍ଷେ ଜୟ ସଦା ସୁନିଶ୍ଚୟ
ରଖ ହୃଦୟରେ ଏ ଦୃଢ଼ ପ୍ରତ୍ୟୟ (ଗୋପବନ୍ଧୁ)

୭. ଧର୍ମ ଲଙ୍ଘିବା ପାଇଁକି ଯେଉଁ ପ୍ରାଣୀ
ଆୟୁ କ୍ଷୟ ଯାଏ ତାର ଶିରୀ ହୁଏ ହାନି। (ଶାରଳା ଦାସ)

ବାସ୍ତବରେ ଧର୍ମ ହେଉଛି, ଆମ ବଂଚିବାର ବ୍ୟାକରଣ। ଧର୍ମର ଆଶ୍ରୟରେ ନ ଥିବା ମନୁଷ୍ୟ ମେରୁଦଣ୍ଡହୀନ ପ୍ରାଣୀ ସହିତ ସମାନ। ପ୍ରାଣ ଚାଲିଯାଉ ପଛେ ଈଶ୍ୱରଭକ୍ତି ଓ ଧର୍ମକୁ କେବେ ଛାଡ଼ିବା ଉଚିତ୍ ନୁହଁ। ସର୍ବସ୍ୱ ଭୂଷଣ ଧର୍ମ। ଧର୍ମରେ ଧର୍ମ ଆଚରଣ କରିବା କଥା। ସଂସାରରେ ଧର୍ମ ହେଉଛି ମାତ୍ର ଗୋଟିଏ, ତାହାର ଶହ ଶହ ଭାଷ୍ୟ ହିଁ ରହିଛି। ଧର୍ମକୁ ଈଶ୍ୱରଙ୍କ ସାକ୍ଷାତ ସ୍ୱରୂପ ବୋଲି ମନେ କରାଯାଏ। ପରମ୍ପରା ନୁହେଁ, ବିବେକାନୁମୋଦିତ କର୍ମ ହିଁ ଧର୍ମର ପରିଭାଷା।

*ନୂଆପଟଣା, ରାସୋଳ, ଢେଙ୍କାନାଳ*
*ଦୂରଭାଷ: ୬୩୭୦୫୩୧୮୩୩*

# ବାଘର ମୃତ୍ୟୁ

**ବିନୋଦ**

ସେ ଜଙ୍ଗଲରେ ବୁଲୁ ନଥିଲା କି କଂଚାମାଂସ ଖାଉ ନଥିଲା। ତଥାପି ତା' ନାଁ ଥିଲା ବାଘ।

ସେ ଚାକିରି କରୁ ନଥିଲା କି କୌଣସି ଅଫିସର ନଥିଲା। ତଥାପି ତା' ନାଁ ଶୁଣୁଥିଲେ ସରକାରୀ ଚାକିରିଆ ଡରୁଥିଲେ।

ସେ କୌଣସି ଅପକର୍ମ କରୁ ନଥିଲା କି ମୁହଁ ଭରସି କାହାକୁ କିଛି ଗାଳିମନ୍ଦ କରୁ ନଥିଲା। ତଥାପି ତା' କଥା ପଡ଼ିଲେ ପିଲାଠୁ ବଡ଼ ସମସ୍ତେ ଶ୍ରେୟ ଦେଉଥିଲେ।

ସେ ଧନୀ ଘରର ପିଲା ନୁହେଁ କି ବାପା ପ୍ରଭାବଶାଳୀ ନୁହେଁ। ତଥାପି ତା' ପ୍ରତି ଅନ୍ୟମାନଙ୍କ ସମ୍ମାନ ଥିଲା ଅନନ୍ୟ।

ସେ ଚାନ୍ଦା ମାଗି ଚଳେନି କି କାହାକୁ ଭୟ ଦେଖାଏନି। ମାତ୍ର ସେ ଯାହା କୁହେ ତାହାକୁ ଅମାନ୍ୟ କରିବାର ଯୁ କାହାରି ନିକଟରେ ନଥାଏ।

ତା'ର ଭାଇ ଜଣେ ଓ ଭଉଣୀ ଜଣେ ଅଛନ୍ତି। ମାତ୍ର ସେ ଯେ ଶହ ଶହ ପିଲାଙ୍କ ଭାଇ- ଏକଥା ସମସ୍ତେ କହନ୍ତି।

ସାଧାରଣତଃ ବାଘ ନାଁ ଶୁଣିଲେ ଲୋକଙ୍କ ଭିତରେ କୋକୁଆ ଭୟ ଖେଳିଯାଏ। ଗାଁ ଗହଳିରେ ତାଟିକବାଟ ପଡ଼ିଯାଏ। ମାତ୍ର ଏହି ବାଘ ଗାଁକୁ ଆସିଛି ବୋଲି ପ୍ରଚାର ହେଲେ ଅନେକ ଲୋକ ତା' ନିକଟରେ ଜମା ହୋଇଯାଆନ୍ତି।

ସେ ଆଜିଯାଏ କାହାକୁ ହାତ ଦେଇନି। ମାତ୍ର ତାକୁ ଦେଖିବା ମାତ୍ରେ ଅପରାଧୀମାନଙ୍କ ଛନକା ପଶେ। ସେମାନେ ତା' ନିକଟରେ ନିଜକୁ ଅତି ଛୋଟ ମଣନ୍ତି।

ଏଠାରେ ଯାହା କଥା କୁହାଯାଉଛି ସେ ହେଉଛି ଉଦୟ ଦାସ। ସୂର୍ଯ୍ୟ ଉଦୟ ବେଳେ ଜନ୍ମ ନେଇଥିବାରୁ ବାପା ମା' ତାକୁ ଶ୍ରଦ୍ଧାରେ ଉଦୟ ନାଁ ଦେଇଥିଲେ। ମାତ୍ର ଆଶ୍ଚର୍ଯ୍ୟର କଥା ସେ ବଡ଼ ହେବାକୁ ଲାଗିବା ସହ ତା'ର ହାଭଭାବ ବଦଳିବାରେ ଲାଗିଲା। ପିଲାଟି ନିକଟରେ ଭିନ୍ନ ଗୁଣ ଦେଖି ବାପା ମା' ପ୍ରମାଦ ଗଣିଲେ। ଯେପରି ଏକ୍‌ଜିଦିଆ ସେପରି ରାଜକୀୟ ହାବଭାବ। ଯାହା ବୁଝିଥିବ ସେୟା। ସାଲିସ୍ ଶିଖିପାରିଲା ନାହିଁ। କାହାରି ଭୁଲ୍ ଦେଖିଲେ ସହିଲା ନାହିଁ। ନିଜେ ଯଦିଓ ସେପରି କୌଣସି ଭୁଲ୍ କରୁ ନଥିଲା ତଥାପି ସେ ବଡ଼ମାନଙ୍କ ପରି ଅତ୍ୟନ୍ତ ଶାଳୀନତା ରକ୍ଷା କରୁଥିଲା। କୌଣସି କ୍ଷେତ୍ରରେ ଦବି ଯିବାର ପିଲା ବି ନଥିଲା। ଯାହା ତାହା ଦେଲେ ଖାଉଥିଲା ସତ ନିଜ ଭିତରେ ଯେ ବଡ଼ ସ୍ୱାଭିମାନ ରଖୁଥିଲା ଏହା ପରିପ୍ରକାଶ ହେଉଥିଲା। ଏଥିପାଇଁ ବାପା ମା' ପ୍ରମାଦ ଗଣିଲେ ଯେ, ଏଧରଣର ପିଲା ଆଜିକାଲିର ସଂସାରରେ ଚଳିବା ମୁସ୍କିଲ। ଅନେକେ କହନ୍ତି ବିନା ସାଲିସ୍‌ରେ ସଂସାରରେ ବଂଚି ହେବ ନାହିଁ। ଆଉ କେହି କହନ୍ତି, ନିଜ ବଡ଼ପଣିଆ ନିଜ ପାଖରେ ଥାଉ। ଘରୁ ବାହାରକୁ ବାହାରିବା ମାତ୍ରେ ସବୁକିଛି ଅନ୍ୟ ହାତର ନିୟନ୍ତ୍ରଣକୁ ଚାଲିଯାଏ। କେହି କେହି ବି କହନ୍ତି, ଦୁନିଆରେ ସମସ୍ତଙ୍କ ଲାଗି ଭଲ ହେବା ଯେତିକି ଖରାପ, ସମସ୍ତଙ୍କ ଲାଗି ଖରାପ ହେବା ସେତିକି ଖରାପ। ଏପରି ନାନା ଚିନ୍ତା ଭିତରେ ବାପା ମା' ଉଦୟକୁ ନେଇ କାଳ କାଟିଲେ। ମାତ୍ର କମ୍ ଦିନ ଭିତରେ ଗାଁର ପିଲାମାନେ କେଜାଣି କାହିଁକି ତା' ନାଁ ବାଘ ଦେଇଦେଲେ। ବୋଧହୁଏ ତା'ର ଚାହାଣି, ରୂପଭଙ୍ଗୀ, ଚାଲିଚଳଣି, ଚିନ୍ତାଧାରା ଆଦିର ସମାହାରକୁ ବିଚାର କରି ସେମାନେ ଏହି ନାଁ ଦେଲେ। ଗାଁଗହଳିର ପିଲାମାନେ ସାଧାରଣତଃ ଚଗଲା। ଅତି ଅମାନ୍ୟ ହୁଅନ୍ତି। ନିଜସ୍ୱ ବିଚାରଧାରା ରଖନ୍ତି ନାହିଁ। ଘରୁ ସ୍କୁଲକୁ ଯିବାକୁ କହି ଆସି ପଡ଼ିଆରେ ଖେଳୁଥିବେ। ଗୁରୁଜନ ଯାହା କହି ନଥିବେ ତାହା କରିବେ। କାହାକୁ ସମ୍ମାନ ଦେବା ଶିଖନ୍ତି ନାହିଁ। ନିଦରୁ ଉଠିବା ଯାଏ ରାତିରେ ଶୋଇବା ଯାଏ- ସବୁବେଳେ ବାପା ମା'ଙ୍କ ଲାଗି ସେମାନେ ଚିନ୍ତାର କାରଣ ହୋଇଥାନ୍ତି। ମାତ୍ର ଉଦୟ ଏସବୁଥିରୁ ଦୂରରେ ଥିବା ହେତୁ ପିଲାମାନେ ହିଁ ତାକୁ ବାଘ ନାଁ ଦେଇଥିଲେ। ଉଦୟ ବି କେଜାଣି କାହିଁକି ବାଘ ଡାକ ଶୁଣି ନିଜକୁ ବାଘ ପରି କରିଦିଏ। ମରିଯିବ ସିନା ନଇଁବ ନାହିଁ। ପରାଜୟ କ'ଣ ସେ ଜାଣେନା। ବାଘ ପଚା ମାଂସ ଖାଇ ନଥାଏ। ଏହା ହୁଏତ୍ ଉଦୟ ଜାଣି ନଥାଇପାରେ। ମାତ୍ର ବାଘ ଯେପରି ଅନେକ ପ୍ରାକୃତିକ ନିୟମ ମାନେ ଠିକ୍ ସେପରି ଉଦୟ ଅନେକ

ନିୟମ ମାନେ। ଏହି ନିୟମ ମାନିବା ଲାଗି ତାକୁ କେହି କହିନାହାନ୍ତି କି ଉପଦେଶ ଦେଇ ନାହାନ୍ତି। ମାତ୍ର ସେ ଏହି ସବୁ ବିଷୟରେ ଭାରି ସଚେତନ।

ଥରେ କିଛି ପିଲା ସାଥି ହୋଇ ପଡ଼ିଆରେ ଖେଳୁଥିଲେ। ଗୋଟିଏ ନିମ୍ନ ଜାତିର ପିଲାକୁ ଅନ୍ୟ ଏକ ଉଚ୍ଚ ଜାତିର ପିଲା କଟୁ ଟିପ୍ପଣୀଟିଏ ଦେଇଦେଲା। ଏ କଥା ବାଘ କାନରେ ପଡ଼ିଲା। ସେ କିଛି ପିଟାପିଟି କଲା ନାହିଁ। ମାତ୍ର ପରିସ୍ଥିତି ଏପରି ସୃଷ୍ଟି କଲା ଯେ, ପିଲାଟି ସେଠାରେ ହିଁ ଭୁଲ୍ ମାଗିଲା। ଏସବୁ ପରେ ତାକୁ ବାଘ ଅନେକ କିଛି ବୁଝାଇଲା। ସେହିଦିନଠାରୁ ବାଘ ପ୍ରତି ପିଲାଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଗଲା।

ରାଖୀ ପୂର୍ଣ୍ଣମୀ ଆସିଲେ ବାଘର ଚାହିଦା ବେଶ୍ ବଢ଼ିଯାଏ। ତା' ଘର ଆଗରେ ଗାଁର ଅନେକ ଝିଅ ଠିଆ ହୁଅନ୍ତି। ସମସ୍ତେ ତା' ହାତରେ ରାଖୀ ବାନ୍ଧିଦିଅନ୍ତି। ମିଠା ଖୁଆନ୍ତି। ସେମାନଙ୍କୁ ଖର୍ଚ୍ଚବାର୍ଚ୍ଚ ଦେବାକୁ ବାଘ ପାଖରେ ପଇସା ନଥାଏ। ମୁହଁ ମାରି ରହେ। ହେଲେ ଝିଅଙ୍କ ସେଥିପ୍ରତି ନିଘା ନାହିଁ। କେବଳ କହନ୍ତି- ବାଘ ଭାଇ ସାହା ଥାଉ।

ସେହି ଗାଁର ନବଘନ ଲେଙ୍କାର ପୁଅ ବିଜୟ ଗୋଟିଏ ଝିଅକୁ ବାଟରେ କ'ଣ କହିଦେଲା। ସାରା ଗାଁରେ ଏହା ଚହଳ ପଡ଼ିଗଲା। ନବଘନ ଧନୀ ଲୋକ ବୋଲି ତା' ପୁଅ ଯାହାକୁ ତାକୁ କ'ଣ କହିଯିବ। ଏହା ହୋଇପାରିବ ନାହିଁ। ସାରା ଗାଁ ଚୁପ୍ ରହିଲା। ଏକଥା ବାଘ କାନକୁ ଗଲା। ଏକଥା ସତ୍ୟ ଯେ ବାଘ ଥରେ ଡାକ ପକାଇଲେ ତା'ର ପଛରେ ଠିଆ ହୁଅନ୍ତି କୋଡ଼ିଏ ସରିକି ପିଲା। ଯେଉଁ ଝିଅଟି ତା' ହାତରେ ରାଖୀ ବାନ୍ଧି ଦେଇଛି ସେ ତା ବାଘକୁ ଭାଇ ଭାବେ ଗ୍ରହଣ କରିଛି। ଏହିକଥାରେ ଭାଇ ଠିଆ ନ ହେଲେ ଠିଆ ହେବ କିଏ ? ବାଘ ଚିନ୍ତାରେ ଘାରି ହେଲା। କାଳବିଳମ୍ବ ନ କରି ନବଘନ ଘରକୁ ଯାଇ ବିଜୟକୁ ଡାକିଲା। ମାତ୍ର ବିଜୟ ଶୁଣିଲା ନାହିଁ। ଏମିତି କେତେ କଥା ସେ କରିଆସିଛି। କାହାକୁ ସେ ମାନିନି। ବାଘ କି ଛାର। ସେ ନ ଆସିବା ପରେ ବାଘ ତା'ର ସାଥିମାନଙ୍କୁ ଡାକ ପକାଇଲା। ସେମାନେ ସମସ୍ତେ ଆସିଲେ। ଆଶ୍ଚର୍ଯ୍ୟର କଥା ସମସ୍ତେ ନବଘନ ଘର ଆଗରେ ବସିଗଲେ। ନବଘନ ଦେଖିଲେ କଥାଟା ଅନ୍ୟ ଆଡ଼କୁ ଗଡିକଲାଣି। ଏହି ପିଲାମାନେ ଘୁଂଚିବା ସହଜ କଥା ନୁହେଁ। ପିଲାମାନଙ୍କ ଗୋଟିଏ ଜିଦ୍ ଯେ ବିଜୟ ସେହି ଝିଅ ଆଗରେ କ୍ଷମା ମାଗୁ। ଶେଷରେ ବାଧ୍ୟ ହୋଇ ବିଜୟ ସେହି ଝିଅ ନିକଟରେ ଭୁଲ୍ ମାଗିଲା। ନବଘନ ଘର ଆଗରୁ ଧାରଣା ଉଠିଲା। ପିଲାମାନଙ୍କ ବିଜୟ ହେଲା।

ଗାଁର ଜାଣିବା ଶୁଣିବା ପଢ଼ନ୍ତା ଲୋକମାନେ ସ୍ୱାଧୀନତା ସଂଗ୍ରାମରେ ବାନର ସେନାର ଭୂମିକା ସମ୍ପର୍କରେ ଅବଗତ ଥିଲା। ପିଲାମାନଙ୍କ ସ୍ୱାଧୀନଚେତା ମନୋଭାବ ଓ ଆନ୍ଦୋଳନ ଯୋଗୁ ବ୍ରିଟିଶ୍ ଡରୁଥିଲା ବୋଲି କୁହାଯାଏ। ଠିକ୍ ସେପରି ନାବାଳକ ବାଘର ବିଭିନ୍ନ କାର୍ଯ୍ୟକ୍ରମକୁ ଅନେକ ଲୋକ ପ୍ରଶଂସା ନ କରି ରହିପାରନ୍ତି ନାହିଁ।

ବାଘ ଗାଁ ସ୍କୁଲରେ ପଢ଼େ। ସାର୍‌ମାନଙ୍କ ନିକଟରେ ସେ ଖୁବ୍ ପ୍ରିୟ ଓ ବିଶ୍ୱସ୍ତ। ସେ କେବଳ ନିଜେ ପଢ଼େ ନାହିଁ ସାଥିମାନଙ୍କୁ ବି ବେଶ୍ ସାହାଯ୍ୟ କରେ। କାହାର କିଛି ଅବୁଝା ରହିଲେ ସେ ବୁଝାଇଦିଏ।

ସେ ଜାତି ଅଜାତି ମାନେନା। କାହାକୁ ଜାତି ବିଷୟ ବି ପଚାରେନା। ସେ ଜାଣେ ଜାତି ହେଉଛି ଗୋଟିଏ। ତାହା ହେଉଛି ମଣିଷ ଜାତି। ଏହି ବଡ଼ ଚିନ୍ତାଖଣ୍ଡିକ ଯୋଗୁ ବାଘ ସବୁ ବର୍ଗରେ ଭାରି ପ୍ରିୟପାତ୍ର ହୋଇପାରିଛି। ଏପରି ଭାବନା ସମସ୍ତଙ୍କ ନିକଟରେ ରହିଥିଲେ ଜାତିବାଦ ଅନେକ ବର୍ଷ ତଳୁ ତ ଲୋପ ପାଇଯାଆନ୍ତାଣି।

ଦିନେ କିଛି ପିଲା ସାଥି ହୋଇ ଜଣକର ଆମ୍ବ ବଗିଚାରେ ପଶିବାକୁ ଉଦ୍ୟମ କଲେ। ଏହି କଥା ବାଘ କାନରେ ପଡ଼ିଲା। କୌଣସି ପ୍ରକାରେ ଏହି କାମ ନକରିବା ଲାଗି ପରାମର୍ଶ ଦେଲା। ଆମ୍ବ ଖାଇବା ତ ଚାଲ ଯିବା ତାକୁ ମାଗିବା। ଏହି ପରାମର୍ଶ କ୍ରମେ ସମସ୍ତେ ଯାଇ ପର୍ଶୁରାମ ମଉସାର ବଗିଚା ଆଗରେ ଠିଆହେଲେ। ପର୍ଶୁରାମ ପିଲାଙ୍କର ଏହି କଥା ଦେଖି ଆଶ୍ଚର୍ଯ୍ୟ ହେଲା। ସେ ଜାଣେ ତା' ବଗିଚାରୁ ନିତି ଆମ୍ବ ଚୋରିଯାଉଛି। ସେ କାହାର କିଛି କରିପାରୁନାହିଁ। ମାତ୍ର ଏହି ପିଲାମାନେ ଯେ ସାଧୁତାର ସହ ମାଗୁଛନ୍ତି। ସେ ଖୁସ ହୋଇଯାଇ ସମସ୍ତଙ୍କୁ ଆମ୍ବ ଦେଲା। ବାଘର କଥା ରହିଲା, ପିଲାମାନଙ୍କ ସମ୍ମାନ ବି ବାଘ ପ୍ରତି ବଢ଼ିଗଲା।

ସ୍କୁଲରେ କିଛି ଦୁଷ୍ଟ ପିଲା ସାର୍‌ମାନଙ୍କ ସାଇକେଲ ବା ଗାଡ଼ିକୁ ରାଗି ନଷ୍ଟ କରନ୍ତି। ଅନେକେ ଧରାପଡ଼ନ୍ତି ନାହିଁ। ଏକଥା ବାଘ ଶୁଣିଥିଲା। ସେ ଦିନେ ଦେଖିଦେଲା ଗୋଟିଏ ପିଲା ସାର୍‌ଙ୍କ ଗାଡ଼ିରେ ଦାଗ କରୁଛି। ସେ ତୁରନ୍ତ ସେଠାକୁ ଯାଇ ତାକୁ ମନା କରିବା ସହ ବୁଝାଇଲା। ପିଲାଟି ବାଘର ଗୋଡ଼ହାତ ଧରିଲା। ଆଉ କେବେ ଏହି ଭୁଲ୍ କରିବ ନାହିଁ ବୋଲି ପ୍ରମାଣ କଲା।

ବାଘର ବୟସ ଗଡ଼ିଚାଲିଲା।

ବୟସ ବଢ଼ିବା ସହ ବାଘର ଏହି ନୀତି ଅଧିକ ଶାଣିତ ହେଲା। ସାରା ଅଂଚଳରେ ବାଘର ଖ୍ୟାତି ବଢ଼ି ବଢ଼ି ଯାଉଥାଏ। ଯେଉଁ ଜୀବନ ଯେଉଁପରି ଗଢ଼ା ସେ ସେହି ଧରଣର ହିଁ ଗଢ଼ି ହୋଇଚାଲିବ। ଏଥିରୁ ବିଚ୍ୟୁତ ହେବା ସମ୍ଭବ ନୁହେଁ। କୌଣସି ବଡ଼ ମଣିଷ ଚେଷ୍ଟା କରି ବଡ଼ ହୋଇନାହାନ୍ତି। ସେମାନେ ସେହି ଉପାଦାନରେ ହିଁ ଗଢ଼ା।

ବାଘର ବାପାମା' ଦେଖିଲେ ପୁଅର ଖ୍ୟାତି, ସମ୍ମାନ ଯେତିକି ବଢ଼ିବାରେ ଲାଗିଛି ତା'ର ଶତ୍ରୁ ସଂଖ୍ୟା ସେତେ ବଢ଼ିବାରେ ଲାଗିଛନ୍ତି। ଅନେକେ ତା'ର ଏହି ନୀତିକୁ ପସନ୍ଦ କରନ୍ତି ନାହିଁ। ଯେପରିକି ଗାଁର ଦୋକାନୀ। ସେ କୌଣସି ନା କୌଣସି ପ୍ରକାରେ କିଛି ଜିନିଷ ବିକିବାକୁ ଚେଷ୍ଟିତ ଥାଏ। ମାତ୍ର ଭେଜାଲ ଜିନିଷ ବିକୁଛି ବୋଲି ବାଘ ପ୍ରମାଣ ପାଇବା ପରେ ତାକୁ ବୁଝାଇଲା। ସେ ନଶୁଣିବା ପରେ ବାଘ ନିଜର ସାଥିଙ୍କୁ ନେଇ ଦୋକାନ ଆଗରେ ହଙ୍ଗାମା କଲା। ସେହିଦିନଠୁ ସେ ଠିକ୍ ଜିନିଷ ବିକିଲା, ଲୋକେ ଖୁସି ହେଲେ। ମାତ୍ର ଦୋକାନୀ ପାଲଟିଗଲା ବାଘର ଶତ୍ରୁ। ସେହିଦିନ କହିଥିଲା- ରହ ତୋର ଦିନେକୁ ମୋର ଦିନେ। ଏହାକୁ ବାଘ ହସରେ ଉଡ଼ାଇ ଦେଇଥିଲା।

ବାଘ କିପରି ଏତେ ପ୍ରଭାବଶାଳୀ ହେଲା ତାହା କେହି କହିପାରିବେ

ନାହିଁ। ପିଲାଦିନୁ ଏପରି ମାନସିକତାରେ ବଂଚିବା କ'ଣ ସହଜ କଥା ? ଆଜିକାଲରି ମଣିଷ ପାଦେ ଆଗକୁ ଗଲେ ନିଜ ସ୍ୱାର୍ଥ ଖୋଜେ। ରାତି ଅଧରେ ଦୂରର କଥା ଦିନବେଳା ବି ଅନ୍ୟର ବିପଦ ଆପଦରେ ସାହା ହେବା ପ୍ରଶ୍ନ ପାଲଟିଗଲାଣି। ତଥାକି ବାଘ ନିଜ ଭୂମିକାରେ ସଶକ୍ତ ରହିବା କେତେ ବଡ଼ କଥା !

ବାଘ କଲେଜ ଗଲା। ସେଠି ବି ସେପରି। ତା'ର ନିଜସ୍ୱ ଶକ୍ତି ସେଠାରେ ସ୍ୱୟଂକ୍ରିୟ ଭାବେ ତିଆରି ହୋଇଗଲା। ଯେଉଁ ସାର୍‌ମାନେ ବିଳମ୍ବରେ ଶ୍ରେଣୀକୁ ଆସୁଥିଲେ ସେମାନେ ଠିକ୍ ସମୟରେ ଶ୍ରେଣୀକୁ ଆସିବାରେ ଲାଗିଲେ। ପିଲାମାନଙ୍କୁ ସାଥି କରି କଲେଜରେ ଅଳିଆ ଆବର୍ଜନ ସଫା କରିବାଠାରୁ ଆରମ୍ଭ କରି ରିଲିଫ କାର୍ଯ୍ୟରେ ନିୟୋଜିତ ହୋଇ ବାଘ ସବୁ ବର୍ଗର ପ୍ରିୟପାତ୍ର ହେଲା।

ସମସ୍ତଙ୍କ ଅନୁରୋଧ ରକ୍ଷା କରି ସେ ନିର୍ବାଚନ ଲଢ଼ିଲା। ସଭାପତି ଭାବେ ବି ବିଜୟ ହେଲା। ତା' ସହ ପ୍ରତିଯୋଗିତା କରିବାକୁ କେହି ଚିନ୍ତା ସୁଦ୍ଧା କରିପାରିଲେ ନାହିଁ।

ଦିନେ ସେ ଘରେ ଥିଲା। ଶୁଣିଲା ପାଖ ଗାଁରେ ଗୋଟିଏ ଲୋକ ମରିଯାଇଛି। ମାତ୍ର ସାମାଜିକ ଅବସ୍ଥା କାରଣରୁ ତା'ର ଶବ କେହି ନେବାକୁ ନାରାଜ। ଲୋକଟିର ଦୁର୍ଭାଗ୍ୟ ଏହା ଯେ, ଦୁଇଟି ଯାକ ପୁଅ ବାହାରେ ରହୁଛନ୍ତି। ବାପାଙ୍କ ସହ ନ ପଡ଼ିବାରୁ ସେମାନେ ବାପାର ମଲା ମୁହଁ ଦେଖିବାକୁ ବି ଆସୁନାହାନ୍ତି। ପୁଣି ସ୍ତ୍ରୀ ଏକୁଟିଆ କରିବ କ'ଣ ? ତେଣେ ଗାଁଲୋକ ବି ଶବ ଉଠାଇବାକୁ ଆସୁନାହାନ୍ତି।

ବାଘ ନିଜ ସାଥିମାନଙ୍କୁ ଧରି ସେହି ଗାଁକୁ ଗଲା। ଘର ଘର ବୁଲି କାଠ ମାଗିଲା। କେହି ମନା କଲେ ନାହିଁ। ଶେଷରେ ସେ ଓ ସାଥିମାନେ ଶବ ବୋହି ସତ୍କାର କଲେ। ସାରା ଅଂଚଳବାସୀ ସ୍ତବ୍ଧ ହୋଇଗଲେ।

ଏଥିରେ ସାଧାରଣତଃ ବାଘ ନିଜ ପାରିବାପଣିଆ ନେଇ ଗର୍ବ କରିବା କଥା। ମାତ୍ର ତାହା ହେଲା ନାହିଁ। ସେ ଜନ୍ମରୁ ଗର୍ବ କ'ଣ ଜାଣେନି। ଏଥିଲାଗି ତ ସେ ବଡ଼।

ସେହି ଗାଁ ଦାଣ୍ଡରେ ହିଁ ସେ ଆସିଲା। ଆସିବାବେଳେ ଲୋକଙ୍କ ଉଦ୍ଦେଶ୍ୟରେ କହିଲା– ତୁମେମାନେ ଆଉ କେତେ ଦିନ ପରେ ମଣିଷ ହେବ କେଜାଣି ?

ବାଘ ଗାଁ ରାସ୍ତା ଭାରି ଆବୁଡ଼ାଖାବୁଡ଼ା ଥିଲା। ମୁଖ୍ୟ ରାସ୍ତା ହେଲେ କ'ଣ ହେବ ଦୀର୍ଘ ଦିନ ଧରି ତାହା ଅସଜଡ଼ା ରହିଥିଲା। ଶେଷରେ ସରକାରଙ୍କ ଚେତା ପଶିଲା। ରାସ୍ତା କାମ ତିଆରି ଲାଗି କ୍ଷେତ୍ର ପ୍ରସ୍ତୁତି କରାଗଲା।

ପ୍ରାୟ ତିନି କୋଟି ଟଙ୍କାର କାମ। ଆଜିକାଲି ସମସ୍ତେ ଜାଣନ୍ତି ରାସ୍ତା କାମରେ କିପରି ବାଟ ମାରଣା ହୁଏ। ଉପରୁ ତଳୁ ଯାଏ ପିସି କାରବାର। ପିସି ନଦେଲେ ଫାଇଲ ବିଳମ୍ବ।

ରାତାରାତି କାମ ଚାଲିଲା। ମାତ୍ର କାମ ଯେ ନିମ୍ନ ମାନର ହେଉଥିଲା ଏହା ପ୍ରମାଣିତ ହେଉଥିଲା। କାମ ଯିଏ ନେଇଥିଲା ସେ ଭାରି ଶକ୍ତିଶାଳୀ ଠିକାଦାର। ମନ୍ତ୍ରୀଙ୍କ ଅତି ପାଖଲୋକ। ଯିଏ ଯେତେ ବିରୋଧ କଲେ ବି ତା'ର କିଛି କ୍ଷତି ହୋଇଯିବ ନାହିଁ ବୋଲି ସେ ବିଚାର କରେ।

ବାଘ ଦେଖିଲା କୋଟି କୋଟି ଟଙ୍କାର କାମରେ ଅପର୍ଯ୍ୟାପ୍ତ ଅର୍ଥ ହେଉଛି ବାଟମାରଣା। ପୂରା ନିୟମ ଉଲ୍ଲଂଘନ କରି କାମ ହେଉଥିଲା। ଗୋଟିଏ ରାତିରେ ଗୋଟିଏ କିଲୋମିଟର ରାସ୍ତା ହୋଇଯିବା କ'ଣ ସହଜ କଥା !

କାମ ସାରିଦେଇ ଠିକାଦାର ଚାଲିଯିବ। ପରେ ରାସ୍ତାର ଅବସ୍ଥା ରହିବ ଯେଉଁ ତିମିରକୁ ସେହି ତିମିରେ।

ବାଘର ଜୀବନ ଆଗରେ ଏକ ବିରାଟ ପ୍ରଶ୍ନବାଚୀ ଠିଆ ହେଲା। ସାଧାରଣ ଲୋକେ ଏବିଷୟ ଅଜ୍ଞ। ପୁଣି ସେ ବି ଦେଖିଲା ଯେଉଁ କିଛି ରାଜନୈତିକ ନେତା, ନିର୍ବାଚିତ ପ୍ରତିନିଧି ଅଛନ୍ତି ସମସ୍ତେ ସେହି ଠିକାଦାରର ପକେଟରେ। କେଇ ହଜାର ଟଙ୍କାରେ ସେମାନଙ୍କ ପାଟି ଚୁପ୍। ସାଧାରଣ ଲୋକଙ୍କୁ ମତାଇ କାମକୁ ବିରୋଧ କରିବା ଏକ୍‌ଦମ୍ ଅସମ୍ଭବ ଯେପରି।

ବାଘ ଆଉ ନୀରବ ରହିପାରିଲା ନାହିଁ। କୌଣସି ପ୍ରକାରେ ଠିକାଦାରର ମୁଖା ଖୋଲିବାକୁ ପଡ଼ିବ। ନଚେତ ତା'ର ଭୂମିକା ନିଷ୍ଫଳ ହୋଇଯିବ।

ପରଦିନ ସେ କାମ ନିକଟକୁ ଯାଇ ସବୁ ଅନୁଧ୍ୟାନ କଲା। ମାତ୍ର ସେ ଆଶ୍ଚର୍ଯ୍ୟ ହେଲା ଯେ ଯେଉଁ ଭାଗମାପରେ କାମ ହେବା କଥା ତାହା ହେଉନାହିଁ। ଏତେ ନିମ୍ନମାନର ଯେ ତାହା କହିହେବ ନାହିଁ। ସେଠାରେ ହିଁ ସେ କହିଲା, କାମ ବନ୍ଦ ହେବ।

ଏତକ କହି ସେ ଘରକୁ ଚାଲିଆସିଲା। କାମ କରିବା ଲୋକମାନେ ବୋଧହୁଏ ବାଘ କଥା ଶୁଣିଥିଲେ, ତେଣୁ ସଂଗେ ସଂଗେ କାମ ବନ୍ଦ କରିଦେଲେ।

ସେହିଦିନ ରାତିରେ ବାଘ ଘର ଆଗରେ ଗୋଟିଏ ଦାମୀ ଗାଡ଼ି ଲାଗିଲା।

ବାଘର ପରିବାର କ'ଣ, ସାରା ଗାଁ ଲୋକ ଆଶ୍ଚର୍ଯ୍ୟ ହୋଇଗଲେ। ପ୍ରଥମ ଥର ଲାଗି ବାଘ ଘର ଆଗରେ ଗାଡ଼ି ଲାଗିଛି।

ଗାଡ଼ିରୁ ତିନିଜଣ ଓହ୍ଲାଇ ବାଘ ଘର ଭିତରକୁ ଚାଲିଗଲେ।

ବାଘ ଭାବିଲା କେହି ଅଫିସରସ୍ତରୀୟ ଲୋକ ଆସିଛନ୍ତି। ମାତ୍ର ପରେ ଯାହା ଜାଣିଲା ସେଥିରୁ ସେ ଅନୁମିତ ହେଲା ଯେ ସବୁକିଛି ଓଲଟପାଲଟ ହୋଇଯାଇଛି।

ସେମାନେ ଆଉ କେହି ନଥିଲେ। ସେମାନେ ଥିଲେ କାମ ନେଇଥିବା ଠିକାଦାର, ସାଦା ପୋଷାକଧାରୀ ଜଣେ ବରିଷ୍ଠ ପୋଲିସ ଅଫିସର ଓ ଜଣେ ସରକାରୀ ପଦାଧିକାରୀ।

ଠିକାଦାରଙ୍କ ହାତରେ ଥିଲା ଏକ ସୁଟ୍‌କେଶ୍।

ସେମାନେ ଯେଉଁ ଉଦ୍ଦେଶ୍ୟରେ ବାଘ ଘରକୁ ଆସିଥିଲେ ତାହା ପ୍ରକାଶିତ ହୋଇଗଲା। ବାଘ ଛାଟିପିଟି ହେଉଥିଲା ଯେ ତୁରନ୍ତ ସେମାନେ କିପରି ବାହାରି ଚାଲିଯିବେ। କାରଣ ସେମାନେ ଯାହା କରିବାକୁ ଆସିଛନ୍ତି ତାହା ଅତ୍ୟନ୍ତ ଘୃଣ୍ୟ ବ୍ୟାପାର। ସେପରି ଲୋକ ସେ ନୁହେଁ।

ସତକୁ ସତ ଠିକାଦାରଜଣକ ବାଘ ଆଗରେ ମେଲାଇଦେଲେ

ସୁଟ୍‌କେଶ୍। ସେଥିରେ ଥିଲା କେବଳ ବିଡ଼ା ବିଡ଼ା ନୋଟ।

ବାଘ ଜୀବନକାଳରେ କେବେ ଏତେ ଟଙ୍କା ଦେଖି ନଥିଲା। ତା' ଆଖିଆଗରେ ଲକ୍ଷ ଲକ୍ଷ ଟଙ୍କା ଦେଖି ସେ ବିଚଳିତ ହୋଇଗଲା। କାନମୁଣ୍ଡା ଭାଁ ଭାଁ ହୋଇଗଲା।

ସେମାନେ ବାଘକୁ କହିଲେ- ଏ ଟଙ୍କା ରଖ। କାମ ତା' ବାଟରେ ଚାଲିବ।

ବାଘର ରାଗ ଶୀର୍ଷକୁ ଉଠିଗଲା। ଟଙ୍କାତକ ନେଇ ସେ ଚୁପ୍ ରହିଯିବ ଆଉ ଠିକାଦାର ମନଇଚ୍ଛା କାମ କରିଚାଲିବ। ସରକାରଙ୍କ ଟଙ୍କା କ'ଣ ସେମାନଙ୍କ ବାପର ? ହକ୍ ଲୋକଙ୍କ ଟଙ୍କା। ଆଉ ଏହା ବାଟମାରଣା ହେବ ? ପୁଣି ସେହି ଟଙ୍କା ଲାଂଚ ନେଇ ସେ ଆଦର୍ଶଗତ ନଂପୁସକ ପାଲଟିଯିବ ?

ଭୟଙ୍କର ଗର୍ଜନ କରି ସେ ଟଙ୍କାତକ ସେମାନଙ୍କ ଉପରକୁ ଫୋପାଡ଼ି ଦେଲା। ଆଉ କିଛି ଘଟିଥାନ୍ତା। ମାତ୍ର ସେମାନେ ଆଉ ସେଠାରେ ତିଳେ ମାତ୍ର ରହିଲେ ନାହିଁ। ଘରୁ ବାହାରକୁ ଚାଲିଆସିଲେ। ସମସ୍ତେ ଏକ ସଂଗେ କହିଲେ- ଏହାର ଫଳ ଭଲ ହେବ ନାହିଁ।

ବାଘର ଗର୍ଜନରେ କାମ ବନ୍ଦ ରହିଲା। ସରିଯାଇଥିବା କାମର ସମୀକ୍ଷା ଦାବିରେ ଅଟଳ ଥିଲେ ବାଘ ବାହିନୀ।

ଦୁଇ ଦିନ ପରର କଥା। ସନ୍ଧ୍ୟା ରତ ରତ ହୋଇଆସୁଥିଲା। ବାଘ ନିଜ ସାଇକେଲରେ ଘରକୁ ଫେରୁଥିଲା। ହଠାତ୍ ଦେଖିଲା ତା' ଆଗରେ ଠିଆ ହୋଇଛି ଗୋଟିଏ ପୋଲିସ ଭ୍ୟାନ। ସେ କାହିଁକି ଏଥିଲାଗି ଖାତିର କରିବ। ସେ ନିଜ ବାଟରେ, ପୋଲିସ ତା' ବାଟରେ।

ତାକୁ ପୋଲିସ ବାବୁମାନେ ସେଠାରେ ଅଟକାଇଲେ। ବିଚରା ବାଘ ସେଠି ଠିଆ ହୋଇଗଲା। ମାତ୍ର ଏ କ'ଣ ! ତା' ଉପରକୁ ପୋଲିସ ଯେ ଗୁଳି ଚଳାଉଛି !

ସେ ଏପରି କିଛି ଭୁଲ୍ କରିନାହିଁ ଯେ, ପୋଲିସ ତାକୁ ଗୁଳି କରିବ। ଗୁଳିମାରିବାର କାରଣ କ'ଣ ? ସେ ଅନେକ ପ୍ରଶ୍ନ କଲା। ମାତ୍ର ପୋଲିସ ନିରୁତ୍ତର। ସତେ ଯେପରି ତାକୁ ମାରିବା ଲାଗି ହିଁ ପୋଲିସ ଏଠାରେ ଅପେକ୍ଷା କରିଥିଲା।

ସେ ପ୍ରତିରୋଧ କଲେ ବି ପାରୁନାହିଁ। ପୋଲିସର ଆଖିବୁଜା ଗୁଳିରେ ସେ ସେଠାରେ ହିଁ ଟଳି ପଡ଼ିଲା।

ଜୀବନ ବିକଳରେ ସେ ଚିତ୍କାର କଲା। ମାତ୍ର କିଏ ତା' ଡାକ ଶୁଣିବ। ରାତି ଯେ ମାଡ଼ିଆସୁଛି।

କେଇ କ୍ଷଣ ଭିତରେ ବାଘର ଶରୀର ନିଶ୍ଚଳ ହୋଇଗଲା।

ପରଦିନ ଖବର କାଗଜ, ଟିଭିରେ ଖବର ପ୍ରକାଶିତ ହେଲା- ଏନକାଉଂଟରେ ଅପରାଧୀ ବାଘ ନିହତ। ଅଂଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରି ପୋଲିସ ଓ ପ୍ରଶାସନ ନିକଟରେ ହୋଇଥିଲା ମୁଣ୍ଡବ୍ୟଥାର କାରଣ।

***ଦୂରଭାଷ: ୯୪୩୭୧୬୪୭୬୪***

## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



**ଗଳ୍ପ ସଂକଳନ**
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ

**ଉପନ୍ୟାସ**
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାକାଈ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

**ସଂପାଦନା**
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ

# କଳିଯୁଗ

ସୁପ୍ରିୟା ମଲିକ୍

ପବନ ପ୍ରତିଧ୍ୱନି ତୋଳେ, "ପ୍ରିୟମ୍ୱଦା, ପ୍ରିୟମ୍ୱଦା, ପ୍ରିୟମ୍ୱଦା"

ଫୁଲ କେଶରରେ ଝଣ୍‌ଝଣ୍ ହୁଏ "ପ୍ରିୟମ୍ୱଦା, ପ୍ରିୟମ୍ୱଦା, ପ୍ରିୟମ୍ୱଦା !"

ନେଳି ପଡ଼ିଥିବା ପିଜୁଳିପତ୍ରରେ ଲେଖାଥାଏ 'ପ୍ରିୟମ୍ୱଦା, ପ୍ରିୟମ୍ୱଦା, ପ୍ରିୟମ୍ୱଦା'

କଲୋନୀ ଉଦ୍ୟାନର ବଉଳ କୁହ କି, ଶ୍ରାବଣ ସଞ୍ଜର ଭିଜା ଦେବଦାରୁ କୁହ, ସ୍କୁଲ ଖାତାବହି ଠାରୁ ଆରମ୍ଭ କରି ଭାଷା-ସାହିତ୍ୟର କବିତା-କାବ୍ୟରେ ଲେଖାଥାଏ 'ପ୍ରିୟମ୍ୱଦା'। ସେଥିପାଇଁ କି କ'ଣ ପ୍ରିୟମ୍ୱଦା କହିଲେ ଗୋଟିଏ ପୁଲକ, ଗୋଟିଏ ପ୍ରାଣସ୍ଫୂର୍ତ୍ତି, ବାଧା ବନ୍ଧନ ଡ଼େଇଁ ଆନନ୍ଦ-ଅଭିଳାଷରେ ଉନ୍ମାଦିତ ଏକ ଜୀବନ।

ପ୍ରିୟମ୍ୱଦା କହିଲେ ସେହି ଝିଅ, ଯେ ଛିଡ଼ାହୋଇଛି ଟ୍ରେନ୍ ପ୍ଲାଟ୍‌ଫର୍ମରେ ଓ ଚାହିଁଛି ଏକ୍ସପ୍ରେସ୍ ଟ୍ରେନ୍‌ର ଝରକାକୁ। ଝରକା ସେପାଖରେ ଟ୍ରେନ୍ ଡ଼ବା ଭିତରେ ବସିଛି ସ୍ୱପ୍ନାଂଶୁ। ସ୍ୱପ୍ନାଂଶୁ ତା'ର ସ୍ୱାମୀ। ତା'ର ଜୀବନସାଥୀ।

ପ୍ରିୟମ୍ୱଦାଠାରେ ଅଭାବ ବୋଲି କିଛି ନାହିଁ। କପାଳରେ ବିନ୍ଦି, ସିନ୍ଥାରେ ସିନ୍ଦୁର, ଆଖିତଳେ କଜ୍ଜ୍ୱଳଗାର। ଓଠ ଦୁଇଟିରେ ଲକ୍ଷେ ଆବେଗର ଲାଲିମା। ପାଦରୁ କାନ ପର୍ଯ୍ୟନ୍ତ ଅଳଙ୍କାରର ଉଜ୍ଜ୍ୱଳତା ଓ ଦେହରେ ଏକ ଇଟା ବର୍ଣ୍ଣର ସିଲ୍‌କ ଶାଢ଼ୀ। ହୃଦୟାବେଗର ସ୍ୱଚ୍ଛ ପ୍ରତିମାଟିଏ ସେ, ଭାବୁଛି ସ୍ୱପ୍ନାଂଶୁ ତାକୁ ଡ଼ାକିବ, କହିବ – 'ଆସ, ଭିତରକୁ ଚାଲିଆସ।' ହେଲେ ସ୍ୱପ୍ନାଂଶୁ ମୁହଁରେ ତାଚ୍ଛଲ୍ୟ ମିଶା ଏକ ଅଦ୍‌ଭୁତ ହସ। ତାଚ୍ଛଲ୍ୟ କହୁଛି – "ତୁମେ କୁଆଡ଼େ ଯିବ ମୋ ସାଙ୍ଗରେ ? ତୁମ ବାପାମା ଦେଇନାହାନ୍ତି ନୂଆ ଖଟ, ସୋଫାସେଟ୍, ଟି.ଭି. ଆଉ ଯେତେକ ଆସବାବପତ୍ର। ତୁମେ ମୋ ସହିତ ଯାଇ ମୋର ସରକାରୀ କ୍ୱାର୍ଟରରେ କେଉଁଠି ଶୋଇବ ? କେମିତି ଚଳିବ ? ଲୋକେ ମୋତେ ଛି ଛାକର କରିବେ ନି ? ତୁମେ ଯାଅ, ଫେରିଯାଅ।"

ଟ୍ରେନ୍ ଚାଲିଗଲା।

ଲୁହାଧାରଣା ଉପରେ ଯେଉଁ ଟ୍ରେନ୍ ଚାଲିଗଲା, ହ୍ୱିସିଲ୍ ଦେଇ ହୁଏତ ସେ ସମୟ ଓ ପ୍ରୋଗ୍ରାମ ଅନୁଯାୟୀ ପୁଣିଥରେ ଫେରିବ।

ହେଲେ ଜୀବନ ଥରେ ଆଗକୁ ଚାଲିଗଲେ, ପୁଣି ଫେରେ କି ?

କୋହ ଆଉ ଲୁହ ଲୁଚାଇ ଘରକୁ ଫେରିଲା ପ୍ରିୟମ୍ୱଦା। ବୋଉ ଛିଡ଼ାହୋଇଥିଲା ଘର ଭିତରେ। ତା'ର ଚାହାଣୀ, ଛିଡ଼ାହେବାର ଭଙ୍ଗୀ, ନିରବ ଓଠ ଓ ସ୍ୱର୍ଦ୍ଧିତ ଚେହେରା ପଚାରୁଥିଲା, "ନେଲାନି ? କ୍ୱାଇଁ ତୋତେ ସାଥିରେ ନେଲାନି ?"

କୋହ ଆଉ କ୍ରୋଧ, ଚା'ଗ୍ଲାସ୍‌ରେ ମିଶାଇ ଗୋଳାଇ ପିଇନେବାର ଅଭ୍ୟାସ କରିନେଲା ପ୍ରିୟମ୍ୱଦା। ଦେହ ଓ ମନର ଇଚ୍ଛା, କାମନା, ବାସନା ଗୁଡ଼ିକୁ ପବନରେ ଉଡ଼ାଇଦେଇ ପାଠପଢ଼ିଲା ସେ। ଆଇ.ଏ, ବି.ଏ, ଏମ୍.ଏ, ପିଏଚ୍.ଡ଼ି, ଡ଼ିଲିଟ୍ ପର୍ଯ୍ୟନ୍ତ କେତେକ'ଣ ପାଠ ସେ ପଢ଼ିଚାଲିଲା। ଡ଼ିଗ୍ରୀ ହାସଲ କରିଚାଲିଲା। ବିଶ୍ୱବିଦ୍ୟାଳୟରେ ସମ୍ମାନିତ ହେଲା। ଏହି ପାଠପଢ଼ିବାର ବର୍ଷଗୁଡ଼ିକ ଭିତରେ ସ୍ୱପ୍ନାଂଶୁ ବହୁବାର ଆସିଲା ଶ୍ୱଶୁର ଘରକୁ। ଚାରି / ଆଠ ଦିନ ଛୁଟି କଟାଇ ଯେତେବେଳେ ସେ ଫେରୁଥିଲା, ବହୁବାର ପ୍ରିୟମ୍ୱଦା ଧାଇଁ ଧାଇଁ ଯାଉଥିଲା ଟ୍ରେନ୍ ପର୍ଯ୍ୟନ୍ତ, ବସ୍ ପର୍ଯ୍ୟନ୍ତ। ଭାବୁଥିଲା ଡ଼ାକିବକି କେବେ ସ୍ୱପ୍ନାଂଶୁ ତାକୁ? କହିବ, "ଚାଲ। ଚାଲ ମୋ ସହିତ। ପାଠଶାଠ ଛାଡ଼। ବାପଘର ଛାଡ଼। ଚାଲ, ଆମେ ଆମର ଘରକୁ ଯିବା। ତମେ ଥିବ, ମୁଁ ଥିବି। ଆମର ଆଉ ଅଭାବ କ'ଣ ? ଆଭାବ ନଥିବ। ଆସ ମୋ ସହିତ ବାହାରି ଆସ, ତୁମ ଘରର ଏରୁଣ୍ଡି ବନ୍ଧ ଡ଼େଇଁ।" ନା, ଏମିତି କେବେ ଘଟିଲାନି। ପ୍ରିୟମ୍ୱଦାକୁ ଶୁଭୁଥାଏ ରେଣୁ ରେଣୁ ପ୍ରକୃତିର ଡ଼ାକ। ହେଲେ, କେବେବି ଶୁଭିଲା ନାହିଁ ସ୍ୱପ୍ନାଂଶର ଡ଼ାକ – 'ଆସ'

ପ୍ରେମର ଅପର ପାର୍ଶ୍ୱ କୁଆଡ଼େ ଘୃଣା ?

ଆବେଗର ଅପର ପାର୍ଶ୍ୱ କହିଲେ ବିତୃଷ୍ଣା ?

ବାପା କହନ୍ତି, "ଏହି ଗୋଟିକ ମୋର ଝିଅ। ଏଇ ମୋର ବଡ଼ଝିଅ। ସବୁଥିରେ ସେ ପାରଙ୍ଗମ। ବୁଦ୍ଧି ବିଦ୍ୟାରେ, ପାଠଶାଠରେ, ବାପାଙ୍କ

କଥା ମାନିବାରେ। ହେଲେ ଖାଲି ଗୋଟିଏ ତ୍ରୁଟି ହେଉଛି ସେ ସ୍ୱପ୍ନାଂଶକୁ ଖାତିର୍ କରେନା।"

ବୋଉ ଗାଳିଦିଏ। କହେ, "ଆହୁରି ମୋର ଋରିଋରିଟା ଝିଅ ଅଛନ୍ତି। ସେମାନଙ୍କ କଥା କିଏ ବୁଝିବ ? ତୁ ତୋ ଘରକୁ ଯାଉନୁ କାହିଁକି ? ତୋତେ ଜୋଇଁ ନଉନି। ଛାଡ଼ିଦେଇଛି ବୋଲି ଜାଣିଲେ, କିଏ ଆସିବ ଆମ ଘରକୁ ପ୍ରସ୍ତାବ ନେଇ ? ତୁ ଯା, ତୋ ଘରକୁ ଯା, ତୋର ଆଉ ତୋର ଛୁଆଙ୍କର ଦାୟିତ୍ୱ ନେଇ ମୁଁ ଥକିଲିଣି। ପଇସାଟିଏ ଖର୍ଚ୍ଚ କରୁନୁ। ଏଠି ରହିଛୁ। ଏତେ ପଇସା ମୁଁ କୋଉଠୁ ଆଣିବି ? ତୋତେ ଚଳାଇବି ? ତୋ ଛୁଆଙ୍କୁ ଚଳାଇବି। କେମିତି ?"

ପ୍ରିୟମ୍ୱଦା ହସିଦିଏ।

ପ୍ରିୟମ୍ୱଦା ସତରେ କ'ଣ କାନ୍ଦେନାହିଁ ?

ପ୍ରିୟମ୍ୱଦାର କାନ୍ଦକୁ କେବଳ ଦେଖେ ତା'ର ନିଜ ମସ୍ତିଷ୍କର ସ୍ନାୟୁ। ତା' ଆଖିର ଲୁହଭଣ୍ଡାର, ଦେହର ଅଣୁ ଅଣୁ ଚର୍ମ ଓ ଅବସୋସର ଅସଂଖ୍ୟ ପରମାଣୁ ମସ୍ତିଷ୍କର ସ୍ନାୟୁକୋଷ ଭିତରେ ସୃଷ୍ଟିକରୁଥାନ୍ତି ଘୂର୍ଣ୍ଣିବାତ୍ୟା। ତା'ର କାନ୍ଦର କୋହ ବ୍ୟାପୁଥାଏ ଅବସୋସର ଅସଂଖ୍ୟ ପରମାଣୁକୁ ନେଇ। ପରମାଣୁରୁ ହିଁ ନୂତନ ସର୍ଜ୍ଜନା ସମ୍ଭବ ହୁଏ। ବାହାରକୁ ଶାନ୍ତ ଓ ଭିତରେ ଅଶାନ୍ତ ଉଦ୍‌ବେଗରୁ ସୃଷ୍ଟିହେଉଥାଏ ଅନକ କିଛି।

ଗବେଷଣା ଶେଷକରି ବିଶ୍ୱବିଦ୍ୟାଳୟରେ ଅଧ୍ୟାପିକା ପଦରେ ଯୋଗଦିଏ ପ୍ରିୟମ୍ୱଦା। ବାପା କୁହନ୍ତି, "ଯିଏ ପଋରିବ ମୋତେ ପିଲାପିଲି କଥା, ମୁଁ କହିବି ମୋର ଗୋଟିଏ ଝିଅ। ସେ ବିଶ୍ୱବିଦ୍ୟାଳୟରେ ଅଧ୍ୟାପିକା।" ବାପା ହସନ୍ତି। ଖୁସି ହୁଅନ୍ତି। ଗର୍ବ ଅନୁଭବ କରନ୍ତି। ପ୍ରିୟମ୍ୱଦା ଭିତରେ ଖେଳୁଥାଏ ଏକ ଅନନ୍ୟ ପ୍ରେରଣା। ସେ କ'ଣ ବାପାଙ୍କ ଭଳି ହେବ କି ? ବାପା ଜଣେ ଲୋକପ୍ରତିନିଧି। ବାପା ଜଣେ ରାଜନୀତିଜ୍ଞ। ରାଜନୀତି ଭିତରେ ପ୍ରିୟମ୍ୱଦା ଭାବୁଥାଏ, ସେ କ'ଣ ସେହି ପଥରେ ଯାଇପାରିବ ? ବାପାଙ୍କର ପାଦାଙ୍କ ଅନୁସରଣ କରିପାରିବ ?

ବୋଉ କହେ, "ତୁ ଋକିରୀ ପାଇଗଲୁ। ଏଥର ତୋ ପିଲାଦିଇଟାଙ୍କୁ ନେଇ ଭଲରେ ରହ। ତୋର ଘର ତିଆରି କର।"

ଅଧ୍ୟାପିକା ପ୍ରିୟମ୍ୱଦା ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ ତିଆରି କରୁଥାଏ। ଏଣେ ସହର ଭିତରେ ନିଜପାଇଁ ତିଆରି କରୁଥାଏ ଘର। ସ୍ୱପ୍ନାଂଶୁ କହନ୍ତି, "ତମ ବାପା ତମକୁ ଘରଖଣ୍ଡେ ଦେଲେନାହିଁ। ନିଜପାଇଁ ଘରତିଆରି କରିବା ଉଚିତ୍। ମୁଁ କିଛି କିଛି ଟଙ୍କା ପଠାଇବି। ହେଲେ ସେଠିକୁ ଯାଇ ଘରତିଆରିର ଦାୟିତ୍ୱ ନେଇପାରିବି ନାହିଁ। ଛୁଟିନେଇ ସେଠି ରହିଲେ ମୋର ଋକିରୀ ରହିବନି।"

ପ୍ରିୟମ୍ୱଦା ବୁଝେ ?

ନା, ପ୍ରିୟମ୍ୱଦା ବୁଝେନାହିଁ ?

ତା'ର ମନମସ୍ତିଷ୍କର ସେହି ବୁଝିବା ପଦାର୍ଥଟି ବହଳିଆ ଗୁଡ଼ଭଳି ଗାଢ଼। କେତେବେଳେ ଜଳଭଳି ତରଳ। କେତେବେଳେ ଏତେ କଠିନ ଯେ, ପୁରା ପଥର। ତଥାପି ତା' ମନଭିତରର ବୁଝିବା ପଦାର୍ଥଟି ଦେଖିପାରୁଥାଏ, ବାପାଙ୍କର ଗର୍ବ, ବୋଉର ଅଶାନ୍ତି, ଜୀବନସାଥୀର ଦାୟିତ୍ୱହୀନତା ଓ ଦୁଇଟି ଛୋଟଛୋଟ। ସନ୍ତାନଙ୍କର ଅଳି ଅର୍ଦ୍ଦଳି, ରାଗରୋଷ ଓ କେତେବେଳେ କେମିତି ଅଯତ୍ନରେ ଝାଉଁଳି ପଡୁଥିବା ଦୁଇଟି କୋମଳ ପ୍ରାଣ। ଦୁଇଟି କରୁଣ ରାଗ।

ଇଟା, ସିମେଣ୍ଟ, ବାଲିଗୋଡ଼ି, ଲୁହାଛଡ଼ର ହିସାବ କରେ ସେ, ଦିନଦିନ ଧରି ଖରାରେ ଛିଡ଼ାହୋଇ ଘରତୋଳେ ପ୍ରିୟମ୍ୱଦା, ସହର କୋଣରେ। ଯେଉଁ ଭୂମି ଖଣ୍ଡକରେ ଘରତୋଳା ହେଉଥାଏ, ତାହାକୁ ଲାଗିରହିଥାଏ ଜଣେ ଅଫିସରଙ୍କ ଘର। ପ୍ରତିଦିନ ଅଫିସରଙ୍କ ଘରର କଲିଂବେଲ୍ ଚିପେ ପ୍ରିୟମ୍ୱଦା ଦିନକୁ ଆଠ/ଦଶ ଥର। ପ୍ରତିଥର ମାଗୁଥାଏ ଗୋଟିଏ ବୋତଲ ଥଣ୍ଡା ପାଣି। ଫ୍ରିଜ୍‌ରୁ କାଢ଼ି ପଡ଼ୋଶିନୀ ମହିଳା ଜଣଙ୍କ ବଢ଼ାଇ ଦେଉଥାଆନ୍ତି ଥଣ୍ଡା ପାଣିର ବୋତଲ। ଖରା-ଉଜ୍ଜ୍ୱଳ ସହର କୋଣରେ, ଗଛ ଛାଇତଳେ ବସି ପାଣିପିଏ ପ୍ରିୟମ୍ୱଦା। ଦେଖେ ଘରତୋଳା ଠିକ୍ ହେଉଛିକି ନାହିଁ।

ପ୍ରିୟିମ୍ୱଦା ହସେ। ସ୍ମିତହସ ତଳେ ଗୁମୁରୁଥାଏ କାନ୍ଦ। ରୁଗ୍ ରୁଗ୍ ହେଉଥାଏ ଆବେଗ। ଫ୍ରିଜ୍‌ରୁ କଢ଼ାହୋଇଥିବା ଥଣ୍ଡା ପାଣିବୋତଲ୍ ଯେମିତି ପ୍ରାଣର ସୁରକ୍ଷା କବଚ। ଯେମିତି ଆଗେଇ ଯିବାପାଇଁ ଆଶ୍ୱାସନା। ଯେମିତି ବଞ୍ଚିବାର ପ୍ରବୃତ୍ତିକୁ ଶକ୍ତ କରିବାର ଏକମାତ୍ର ଅବଲମ୍ବନ। ମାଉସୀ ପଋରନ୍ତି, "ସକାଳୁ ଜଳଖିଆ ଖାଇଦେଇ ଆସୁଥିବ ତ ?" 'ହିଁ' ମାରିବା ପୂର୍ବରୁ ବୁଲିପଡ଼େ ପ୍ରିୟମ୍ୱଦା। ସତେକି ମାଉସୀଙ୍କ ଆଖିକୁ ସାମ୍ନାକଲେ, ଝରିପଡ଼ିବ ତା' ଆଖିର ଯନ୍ତ୍ରଣା। ଅପମାନ ହେବ ତା'ର ଦୁର୍ବାର ପ୍ରାଣଶକ୍ତି ପ୍ରତି। ଏ ଅପମାନକୁ ସହିଯିବାର ଅର୍ଥ ମରିଯିବା ନିଜକୁ ନିଜେ କହୁଥାଏ ପ୍ରିୟମ୍ୱଦା, "ଅସମୟରେ ମରିଯିବା ତା' ଜାତକରେ ନାହିଁ।"

ବରଂ ଅନାହୂତ ଭାବରେ ସୃଷ୍ଟିକରିବା ପ୍ରିୟମ୍ୱଦାର ଭବିତବ୍ୟ। ତା'ର ରାଶିନକ୍ଷତ୍ର କହୁଥାଏ, ସେ ଗଢ଼ିବାକୁ ଯାଉଛି। ସେ ଗଢୁଛି। ସେ ଗଢୁଛି। ତା'ର ହସ୍ତରେଖା ଉଜ୍ଜ୍ୱଳ ହୋଇ ଦେଖାଯାଉଥାଏ। ଅଜସ୍ର ନିର୍ମାଣର ପରିକଳ୍ପନା। ଇଟା ସିମେଣ୍ଟର ଘରଗଢ଼େ ସେ। ରକ୍ତମାଂସର ଯୁବ ଛାତ୍ରଛାତ୍ରୀ ମାନଙ୍କୁ ଆବେଗର ମଣିଷ କରି ପୁନଃନିର୍ମାଣ କରୁଥାଏ ସେ ମନ ଭିତରେ ଗଢ଼ିଋଲିଥାଏ ଅଜସ୍ର କଳ୍ପନା।

ବିଶ୍ୱବିଦ୍ୟାଳୟର ଶ୍ରେଣୀଗୃହରେ କ୍ଲାସ୍ ନେଉଥାଏ ପ୍ରିୟମ୍ୱଦା। କାବ୍ୟ କବିତାର ପଂକ୍ତିଗୁଡ଼ିକୁ ବୁଝାଉଥିବାବେଳେ ଛାତ୍ରଛାତ୍ରୀଙ୍କର ଅବୋଧ ମନଭିତରୁ ଅଜାଡ଼ି ପଡ଼େ ପ୍ରଶ୍ନ। ଚଟ୍ଟାଣରେ ଖସିପଡ଼ିଲେ, ପ୍ରଶ୍ନସବୁ ଧୂଳିଧୂସରିତ ହୋଇ ମଳିନ ପଡ଼ିଯିବେ। ସେଥିପାଇଁ ଅବେଗର ପଣତରେ ପ୍ରଶ୍ନଗୁଡ଼ିକୁ ସାଉଁଟି ନିଏ ପ୍ରିୟମ୍ୱଦା, ହୃଦୟ ଭିତରକୁ। ଏମିତି ଦିନେ ସେ କଲୋନୀର ଉଦ୍ୟାନରୁ ସାଉଁଟି ଆଣୁଥିଲା ବଉଳଫୁଲ। ଇଚ୍ଛାତ ଥିଲା, ବଉଳ ଫୁଲର ମାଳାଗୁନ୍ଥି ନିରାଜନା କରିବାକୁ ପ୍ରେମ-ପ୍ରଣୟର। କିନ୍ତୁ କ'ଣ କେମିତି ସବୁ ଘଟିଯାଉଥିଲା କେଜାଣି ? କିଶୋରୀ ବୟସର କୋମଳ ଶରୀରକୁ ସହିବାକୁ ହେଲା ପ୍ରଚଣ୍ଡ ଆଘାତ। ବୋଉ ମାରୁଥିଲା। ଋପୁଡ଼ାପରେ ଋପୁଡ଼ା, ବିଧା ପରେ ବିଧା, ଗୋଇଠା ପରେ ଗୋଇଠା

ବର୍ଷିଯାଉଥିଲା ବୋଉ। ପଚାରୁଥିଲା, "ବର୍ଷାରେ ଓଦାହୋଇ କ'ଣ କରୁଥିଲୁ ସେଠି ? କିଏ ଥିଲା ତୋ ପାଖରେ ? କୋଉ ଛତରା ଟୋକା ଆସିଥିଲା କି ବଉଳ ଗଛ ପାଖର ସବୁଜ ବାଡ଼ ପାଖକୁ? କହ କହ କହ। ନହେଲେ ତୋ ତଣ୍ଟିଚିପି ମାରିଦେବି। ଏମିତିଆ ଝିଅ ମୋର ଦରକାର୍ ନାହିଁ।"

ଥରେ ଠାକୁରଙ୍କ ପାଖରୁ ମାଟିଦୀପ ଉଠାଇ ଫିଙ୍ଗିଥିଲା ଯେ, ପ୍ରିୟମ୍ବଦାର ମୁଣ୍ଡ କଣା ହୋଇଯାଇଥିଲା। ସେ ଡ଼ାକ୍ତର ପାଖକୁ ଯାଇ ବ୍ୟାଣ୍ଡେଜ୍ ଭିଡ଼ିଥିଲା। ବାପା ମା ଲୋକଙ୍କୁ କହିଥିଲେ ଝିଅ ପଡ଼ିଗଲା। ମୁଣ୍ଡରେ ବାଜିଗଲା ଚେୟାରର ଗୋଟିଏ କୋଣ।

ଏକ କୋମଳ ଶରୀର ଉପରେ ନିର୍ମମ ଅତ୍ୟାଚାରର ସ୍ମୃତି ବିଶ୍ୱବିଦ୍ୟାଳୟର ଶ୍ରେଣୀଗୃହରେ ମନେପଡ଼ିଯାଏ ପ୍ରିୟମ୍ବଦାର। ସେତେବେଳେ ସେ ପଢ଼ାଉଥାଏ 'ପୂର୍ବମେଘ' ଓ ଉତ୍ତର ମେଘ'ର ପଦଗୁଡ଼ିକ। 'ରାଜା କୁବେରଙ୍କ ଦ୍ୱାରା ନିର୍ବାସିତ ଯକ୍ଷ, ଅଳକା ନଗରୀରେ ପ୍ରତୀକ୍ଷାରତା ପ୍ରାଣପ୍ରିୟା ପତ୍ନୀଙ୍କ ନିକଟକୁ ମେଘ ହାତରେ ଖବର ପଠାନ୍ତି।' ମେଘଦୂତର ଅପୂର୍ବ ରାଗରସରେ ରସାଣିତ ପଂକ୍ତି ପୁଣିଥରେ ଜୀବନ୍ତ ଯନ୍ତ୍ରଣାରେ ଛଟପଟ କରିଦେଉଥାଏ ପ୍ରିୟମ୍ବଦାର କୈଶୋର ସ୍ମୃତିକୁ। ସୌନ୍ଦର୍ଯ୍ୟ, ପ୍ରେମ, ବିରହର କାବ୍ୟ 'ମେଘଦୂତ'ର ଆବେଗ ଭିତରେ ଅଧ୍ୟାପିକା ପ୍ରିୟମ୍ବଦା ଗୋଟି ଗୋଟି କରି ପରଖିନିଏ ସେହି ନିରୀହ ପ୍ରଶ୍ନମାନଙ୍କୁ।

ମ୍ୟାମ୍! ବିରହ ମାନେ କ'ଣ ? ଶୃଙ୍ଗାର ମାନେ କ'ଣ ?

ଯକ୍ଷପତ୍ନୀ ଓ ତା'ର ସଖୀମାନେ କାହିଁକି ଆକାଶକୁ ଚାହିଁଲେ ? ଏତେଦୂରରୁ ଯକ୍ଷ କେମିତି କଳ୍ପନା କରୁଥିଲେ ଯେ, ତାଙ୍କ ପତ୍ନୀ ରାଜପ୍ରସାଦ ଭିତରେ ଏବେ କେଉଁ ଅବସ୍ଥାରେ ଥିବେ ? ପତିପତ୍ନୀ କେମିତି ପରସ୍ପରର ଭାବନାକୁ ବୁଝିପାରନ୍ତି ? କବି ଏତେକଥା ଜାଣିଲେ କେମିତି ? କବିଙ୍କଭିତରେ କ'ଣ ଦିବ୍ୟଚକ୍ଷୁ ରହିଛି ? ସେ ସବୁ ଜାଣିପାରୁଛନ୍ତି ? ଶ୍ରଦ୍ଧାରେ ଓ ସଯତ୍ନରେ ଛାତ୍ରଛାତ୍ରୀଙ୍କର ପ୍ରଶ୍ନଗୁଡ଼ିକର ଉତ୍ତର ରଖେ ପ୍ରିୟମ୍ବଦା। ହୁଏତ କେଉଁଠି ଭାବ, ରସ, କବିତାର ସୌନ୍ଦର୍ଯ୍ୟ ଓ ସ୍ୱଭାବ ଏହି ପ୍ରଶ୍ନୋତ୍ତର ଭିତରେ ଆହତ ହୋଇଯାଉଥାଏ, ତଥାପି ଉତ୍ତର ଦେବାକୁ ହେବ। ବୁଝାଇବାକୁ ହେବ। ଛାତ୍ରଛାତ୍ରୀଙ୍କର କୌତୁହଳକୁ ସମ୍ପ୍ରସାରିତ କରିବାକୁ ହେବ ଭାଷା-ସାହିତ୍ୟର ଶ୍ରେଣୀକକ୍ଷରେ।

ପ୍ରିୟମ୍ବଦା ପଢ଼ାଏ, "ହେ ମେଘଦୂତ! ନିଦାଘରେ ଜଳୁଥିବା ଶୁଷ୍କ ପୃଥିବୀ ଉପରେ ବର୍ଷାଜଳ ସିଞ୍ଚନ କରି ତମର ଯାତ୍ରା ଆରମ୍ଭ କର। ପ୍ରଥମ ବାରିପାତରେ ଉତ୍ତପ୍ତ ମାଟିରୁ ଆସୁଥିବା ବାସ୍ନା ଗ୍ରାମ୍ୟ ନାରୀ ପୁରୁଷଙ୍କ ମନରେ ଆନନ୍ଦ ଖେଳାଇଦେଉ..........।

ରାମଗିରି ପର୍ବତ ଉପରେ ନିର୍ବାସିତ ଯକ୍ଷ ଜଳଯୁକ୍ତ, ଭାରି ମେଘମାଳାଙ୍କୁ ଚାହିଁ ଈର୍ଷାନ୍ୱିତ ହୋଇ ଉଠିଲା। ଆକାଶରେ ମେଘମାଳା ଧୀରେ ଧୀରେ ଉତ୍ତର ଦିଗକୁ ଗତିକରୁଥିଲେ। ଯକ୍ଷ କଳ୍ପନା କଲା ଯେ, ସେମାନେ ତା'ର ନିଜ ଘର ଅଳକାପୁରୀ ଦିଗକୁ ଯାଉଛନ୍ତି। ଯକ୍ଷର ଇଚ୍ଛାହେଲା ସେ ସେମାନଙ୍କ ସହିତ ମିଶି କ୍ଷିପ୍ରଗତିରେ ଘରକୁ ଉଡ଼ିଯାଆନ୍ତାକି ? ନିଜକୁ ନିଜେ ଯକ୍ଷ କହିଲା, ପ୍ରଥମ ବର୍ଷାର ଅନୁଭବରେ ଲୋକମାନେ ଯେଉଁ ଆନନ୍ଦ ରୋମାଞ୍ଚରେ ଅଭିଭୂତ ହୁଅନ୍ତି, ସେଥିରୁ ସେ ବଞ୍ଚିତ। ତା'ର ପତ୍ନୀ ମଧ୍ୟ ସେହି ଆନନ୍ଦରୁ ବଞ୍ଚିତ। ଠିକ୍ ଏମିତି କିଛି ଭାବୁ ଭାବୁ ଯକ୍ଷ ଦେଖିଲା ଏକ ବିଶାଳ ଘନୀଭୂତ କଳା ମେଘଖଣ୍ଡ ପାହାଡ଼ ମୁଣ୍ଡରେ ବିଶ୍ରାମ କରୁଛି। ନଦୀ ତୀରରେ ଆଣ୍ଠୁରେ ଭରାଦେଇଥିବା ଏକ ହାତୀ ଭଳି ଦିଶୁଛି ମେଘଖଣ୍ଡ। ସେହି ରାଜକୀୟ ମେଘର ସଂଦର୍ଶନରେ ଯକ୍ଷର ହୃଦୟରେ ଆଶା ଜାତହେଲା। ସେ ଉତ୍ତରମୁହାଁ ମେଘକୁ ପୁଷ୍ପ ଅର୍ପଣ କରି ଭାବିଲା, କାହିଁକି ମୁଁ ଏହି ମେଘକୁ ଦୂତ କରି ମୋର ପ୍ରେୟସୀ ନିକଟକୁ ସମ୍ବାଦ ପ୍ରେରଣ କରିବି ନାହିଁ ? ମୋର ମନର ବ୍ୟାକୁଳତାକୁ ପତ୍ନୀ ନିକଟକୁ ମେଘଦୂତ ମାଧ୍ୟମରେ ପଠାଇବି ନାହିଁ କାହିଁକି ?......

ସାହିତ୍ୟ ରସରେ ନିମଜ୍ଜିତ ପ୍ରିୟମ୍ବଦା ମୁହୂର୍ତ୍ତକ ପାଇଁ ଭୁଲିଯାଏ, ସେ ଅଧ୍ୟାପିକା, ସେ ଶ୍ରେଣୀ ଗୃହରେ ରହିଛି, ତା' ସମ୍ମୁଖରେ ବସିଛନ୍ତି ପଚାଶରୁ ଅଧିକ ଛାତ୍ରଛାତ୍ରୀ। ପ୍ରିୟମ୍ବଦା ଭାବେ ସ୍ୱପ୍ନାଂଶୁ କଥା। ସ୍ୱପ୍ନାଂଶୁର ଭାବନାରେ କ'ଣ ପ୍ରିୟମ୍ବଦା ପାଇଁ ବ୍ୟାକୁଳତା ଥିବ ?

ସ୍ୱପ୍ନାଂଶୁ ଓ ରାମଗିରି ପର୍ବତ ଉପରର ନିର୍ବାସିତ ଯକ୍ଷ ମଧ୍ୟରେ କିନ୍ତୁ ଆକାଶ ପାତାଳ ପ୍ରଭେଦ। ସ୍ୱପ୍ନାଂଶୁ ତା'ର ସହକର୍ମୀ ମହିଳାଙ୍କ ସହିତ ଗପେ, ହସେ, ଥଟ୍ଟାକରେ ଓ ସମୟ ବିତିଯାଏ ଆନନ୍ଦରେ। ମେଘ ଥାଉ ବା ନଥାଉ ସେଠିଥାଏ ଆନନ୍ଦର ଅପୂର୍ବ ଅବସର।

x x x x x x x

ପ୍ରିୟମ୍ବଦା ଏବେ ନିଷ୍ପତ୍ତି ନିଏ। ବହୁବାର ସେ ଭାବିଥିଲା, ପାଠ ଛାଡ଼ିଦେବ, ଚାକିରୀ ଛାଡ଼ିଦେବ ଓ ସ୍ୱାପ୍ନାଂଶୁ ପାଖକୁ ଯାଇ ଗଢ଼ିବ ଆନନ୍ଦମୟ ଦାମ୍ପତ୍ୟ। ଏବେ ସେ ନିଷ୍ପତ୍ତି ନେଲା ବାପଘର ଛାଡ଼ିବାକୁ। ବିବାହ ସହିତ ଝିଅ ପରଘରକୁ ଚାଲିଯାଏ। ବିବାହର ଅନେକ ବର୍ଷପରେ ପ୍ରିୟମ୍ବଦା ବାପଘର ଛାଡ଼ିଦେଲା ଓ ନିଜଘରକୁ ଗଲା। ସେତେବେଳେକୁ ପିଲାଦୁଇଟି ଅତିକ୍ରମ କରିସାରିଲେଣି ଶୈଶବର କାଳ। ମା ଉପରେ ଅଭିମାନ ଦାବୀ ଓ ଅଭିଯୋଗ କରିବା ଶିଖିଗଲେଣି।

ଖରାରେ ଛିଡ଼ାହୋଇ ହୋଇ ଯେଉଁ ଘର ତୋଳିଥିଲା ପ୍ରିୟମ୍ବଦା, ସେହି ସୁନ୍ଦର ଘର ଭିତରେ ପହଞ୍ଚନ୍ତି ମା'ପିଲା। କିନ୍ତୁ ଘର ସଜାଇବା ଲୋକ କାହିଁ ? ଡ଼ାଇନିଂ ଟେବୁଲ୍ ଉପରେ ଫୁଲଦାନୀ, ଲୁଣ ମରିଚଗୁଣ୍ଡ ଡ଼ବା ସହିତ ଗଦା ହୋଇଥାଏ ବହିଖାତା, ପେନ୍ ପେନ୍‌ସିଲ୍, ଔଷଧ ଫେପା, ଅଧାଜଳା ମହମବତୀ ପୁଣି ଆହୁରି କେତେ କ'ଣ। ଡ୍ରେସିଂ ଟେବୁଲ ଉପରେ ଖୋଲାହୋଇ ପଡ଼ିଥାଏ କସ୍‌ମେଟିକ୍ସର ଡ଼ବା ଓ ଶିଶି। ଗାଧୁଆ ଘରେ ଢ଼ାଳି ହୋଇଥାଏ ଶାମ୍ପୁ, ଝରକା ଓ କାନ୍ଥରେ ଲାଗିଥାଏ ଶିଉଳି ପୁଣି ଲୁଗାଭର୍ତ୍ତି ବାଲ୍‌ଟିରେ ଟ୍ୟାପ୍ ପାଣି ପଡ଼ି ଓଭରଫ୍ଲୋ ହୋଇ ଭାସୁଥାଏ ଘର। ଘର କହିଲେ ବହୁତ କାମ, ବହୁତ ଗହଳି, ବହୁତ ସ୍ୱପ୍ନ

ଓ ଅଜସ୍ର ଜିନିଷ। ପ୍ରିୟମ୍ବଦାର ଜନ୍ମ ନୁହେଁ ଘର ସଜାଇବା ପାଇଁ। ସେ ଘର ତୋଳିପାରେ; କିନ୍ତୁ ସଜାଇବାକୁ ସମୟ ନାହିଁ। ଅସଜଡ଼ା ଘରଭିତରେ ସ୍ୱପ୍ନରୁ ସ୍ୱପ୍ନ, ପ୍ରେରଣାରୁ ପ୍ରେରଣା ହୋଇ କେତେକ'ଣ ଘଟିଯାଇଛି ଏହା ଭିତରେ।

ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଚାକିରୀ ଛାଡ଼ି ରାଜନୀତିରେ ଯୋଗଦେଇଛି ପ୍ରିୟମ୍ବଦା। ଏବେ ସେ ଛାତ୍ରଛାତ୍ରୀଙ୍କର ପ୍ରଶ୍ନ ଶୁଣୁନାହିଁ। ରାଜନୀତିର ରାଜଦାଣ୍ଡରେ ଦପ୍ ଦପ୍ ଚାଲିବାବେଳେ ସେ ଲୋକଙ୍କର ପ୍ରଶ୍ନକୁ ଖାତିର୍ କରୁନାହିଁ। ବରଂ ଶୁଣୁଛି ତ କେବଳ ନିଜର ଲକ୍ଷ୍ୟ, ନିଜ ସଂକଳ୍ପ, ନିଜ କାର୍ଯ୍ୟକ୍ରମ, ନିଜ ଅଞ୍ଚଳ ପାଇଁ ଅଜସ୍ର ସ୍ୱପ୍ନର ରୁଣୁଝୁଣୁ ସ୍ୱର, କେତେକେତେ ପ୍ରତିଶ୍ରୁତି, କାମ, ଯୋଜନା, ଅର୍ଥ, ଅନର୍ଥ ସବୁକିଛି।

ଅନେକ ବର୍ଷ ଆଗରୁ ଏକ ଭୋଜି ସଭାରେ ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ୍ ହୋଇଥିଲା ପ୍ରିୟମ୍ବଦାର। ସେତେବେଳେ ନୂଆକରି ଅଧ୍ୟାପନାରେ ଯୋଗଦେଇଥାଏ ସେ। ଜଣେ ବିଶିଷ୍ଟ ରାଜନେତାଙ୍କ ଝିଅ ବାହାଘରର ଭୋଜି। ସେଠି ନେତା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଗହଳି। ସମସ୍ତେ ନିମନ୍ତ୍ରିତ।

ମୁଖ୍ୟମନ୍ତ୍ରୀ ପଚାରିଲେ, "କ'ଣ କରୁଛ ତୁମେ?"

ପ୍ରିୟମ୍ବଦା ଉତ୍ତର ଦେଲା, "ଅଧ୍ୟାପିକା ଅଛି।"

"ଅଧ୍ୟାପିକା?" ମୁଖ୍ୟମନ୍ତ୍ରୀଙ୍କସ୍ୱର ଏମିତି ଶୁଭିଲା ସତେକି ପସନ୍ଦ ହେଲାନାହିଁ ଜୀବିକା। ସତେକି ଏହାଠାରୁ ଆହୁରି ଅଧିକ, ଭିନ୍ନ ଓ ଗୁରୁତ୍ୱପୂର୍ଣ୍ଣ କିଛି କରିବାର ଅଛି ପ୍ରିୟମ୍ବଦାର।

କ'ଣ ଥିଲା ପ୍ରୟମ୍ବଦା ନିକଟରେ ଯେ, ସେହି ଆଧାରରେ ମୁଖ୍ୟମନ୍ତ୍ରୀ ଭାବିଲେ ସେ ଅଧ୍ୟାପନାରୁ ରାଜନୀତି ଭିତରକୁ ଆସୁ? ଥିଲା କିଛି, ଯାହାକୁ ଜନପ୍ରିୟ ନେତା ଜଣେ ଦେଖିପାରୁଥିଲେ ତାଙ୍କର ଅନ୍ତଃଦୃଷ୍ଟିରେ।

କେଇପଦ କଥା, ପ୍ରେରଣା ହୋଇ ଆସେ। ନିଶା ହୋଇ ଟାଣେ ମଣିଷକୁ। ଓଟାରି ନିଏ କେଉଁଠୁ କେଉଁଠିକୁ। ପ୍ରିୟମ୍ବଦା ସେହି ନିଶାର କବଳରେ ଧାଇଁଲା ଉନ୍ମାଦ ହୋଇ। ଦିନପରେ ଦିନ, ମାସପରେ ମାସ ବିତିଲା। କେତେଟା ବର୍ଷ ଭିତରେ ରୂପାନ୍ତରିତ ହୋଇଗଲା ଜଣେ ରାଜନେତାରେ। ଗଣତନ୍ତ୍ରରେ ତ ସେହିମାନେ ରାଜନେତା, ଯେଉଁମାନେ ଦିନେ ସାଧାରଣ ମଣିଷ ଭିତରେ ହଜିଯାଇଥାଆନ୍ତି ଓ ହଠାତ୍ ଦିନେ ବହୁଲୋକଙ୍କର ଆଶା ଆକାଂକ୍ଷାର କେନ୍ଦ୍ରକୁ ଆସି ଦେଶଗଠନର ନିର୍ଣ୍ଣାୟକ ଭୂମିକାରେ ଉପନୀତ ହୁଅନ୍ତି।

ଏବେ ଅଧ୍ୟାପନା ନାହିଁ। ବିଶ୍ୱବିଦ୍ୟାଳୟର ଶ୍ରେଣୀଗୃହ ନାହିଁ। ଛାତ୍ରଛାତ୍ରୀ ନାହାନ୍ତି। ପ୍ରଶ୍ନ, ପରୀକ୍ଷା ଓ ଚାକିରୀର ଅଧସ୍ତନତା ନାହିଁ। ଏବେ ରାଜନୀତିର ରାଜଦାଣ୍ଡରେ କ୍ଷିପ୍ର ଗତିରେ ପ୍ରିୟମ୍ବଦାର ଦୌଡ଼। ହେଲେ ମେଘଦୂତର ଧାଡ଼ିଗୁଡ଼ିକ କ'ଣ ସତେରେ ନିଶ୍ଚିହ୍ନ ତା'ର ମନଭିତରୁ? ଜୀବନର ସେହି ମୂଳଭୁତ ପ୍ରାଣର ଆକାଂକ୍ଷାଗୁଡ଼ିକ କ'ଣ ସତରେ ସମାହିତ? ବୁଝି ପାରେନି ପ୍ରିୟମ୍ବଦା। ସେ ଛିଡ଼ାହୁଏ ଲୋକଙ୍କ ଗହଳିରେ ନିଜ ନିର୍ବାଚନ ମଣ୍ଡଳୀ କାନ୍ତିପୁରର ବିଲ, ରାସ୍ତା, ମାଟି ଓ ଅଧା ତିଆରି ପୋଲ ଉପରେ। ଶୁଣେ ଲୋକେ କହୁଛନ୍ତି-ଏଠି ରାସ୍ତା ହେବା ଦରକାର। ଏଠି ନଦୀ ଉପରେ ବ୍ରିଜ୍ ଦରକାର। ଏଠି ଜଳସେଚନ ପ୍ରକଳ୍ପ, ଇନ୍ଦିରା ଆବାସ, ସ୍କୁଲ୍, କଲେଜ, ରେଳ ଲାଇନ୍, ଫ୍ୟାକ୍ଟ୍ରି, ଷ୍ଟିଲପ୍ଲାଣ୍ଟ୍ ଦରକାର। ପ୍ରିୟମ୍ବଦା ଦେଖେ ବିଲରେ ଖେଳୁଛି ଅଜସ୍ର ଧବଳ କାଶତଣ୍ଡୀ। ପାଟନାଳୀରେ ଫୁଟିଛି ଅଜସ୍ର ନୀଳକଇଁ ଓ ନାଲିକଇଁ। କେଉଁଠୁ କେଜାଣି ଭାସିଆସୁଛି ବର୍ଷାଭିଜା ବୁଉଳଫୁଲ ଅବା ଜୁଇଫୁଲର ବାସ୍ନା। ପୁଣି ସେଥିରୁ ନିଜକୁ ଓହରାଇ ଆଣେ ଓ ଚାହେଁ ଲୋକମାନଙ୍କୁ।

ଦୁଃଖ, ଦୁର୍ଦ୍ଦଶା ଓ ସମସ୍ୟା ଜଡ଼ିତ ଲୋକଙ୍କ ଭିତରେ ଥାଆନ୍ତି ଏମିତି କିଛି ମଣିଷ, ଯେଉଁମାନେ କେବଳ ଷଡ଼ଯନ୍ତ୍ର ରଚନ୍ତି।

ରାଜନୀତି କହିଲେ ହିଁ ଷଡ଼ଯନ୍ତ୍ର, କୂଟଚକ୍ର, ହାରିବା ଜିତିବାର ଅନ୍ତହୀନ ଯାତ୍ରା। ଷଡ଼ଯନ୍ତ୍ରର ଗଡ଼ଭାଙ୍ଗିବାର ପରିଶ୍ରମରେ ସେ କ୍ଳାନ୍ତ ହୁଏ। ତଥାପି ତା'ର ଦୌଡ଼ ଥାଏ ଅନାହତ। ରାମଦାସ, ହରିଜନ ପୁରୋହିତ, ଅସୀମ ପଟ୍ଟନାୟକ, ଦୀବ ଦେହୁରୀ, କାଳିନ୍ଦୀ ମହାନ୍ତି ଓ ପ୍ରତାପ ଜେନାସାମନ୍ତଙ୍କର କୂଟଚକ୍ରରେ ସେ ହାରେ ନିର୍ବାଚନରେ। କିନ୍ତୁ ପାଞ୍ଚବର୍ଷପରେ ଅନେକଙ୍କ ସାହାଯ୍ୟ, ସହଯୋଗ, ବିଶ୍ୱାସ, ପରିଶ୍ରମ ବଳରେ ପ୍ରିୟମ୍ବଦା ନିର୍ବାଚିତ ହୋଇଆସେ। ଲୋକ ପ୍ରତିନିଧି ରୂପେ ବିଧାନସଭା ଗୃହରେ ପ୍ରବେଶ କରିବା ଦିନ ହିଁ ସେ ନଇଁ ପଡ଼େ ଓ ଜନଶକ୍ତିର ସେହି ପବିତ୍ର ଗୃହଟିକୁ ପ୍ରଣାମ କରେ। ଏବେ ପ୍ରିୟମ୍ବଦା କାନ୍ତିପୁରର ବିଧାୟିକା।

x x x x x x x

ସେଦିନ ପ୍ରିୟମ୍ବଦାର ରୋଷେଇ ଘରୁ କ୍ଷୀର ଉତୁରିପଡ଼ିବାର ଓ ଅଣ୍ଡାଆମ୍ଲେଟ୍ ପୋଡ଼ିଯିବାର ଗନ୍ଧ ଆସୁଥିଲା। ବାଥ୍ରୁମ୍ ଭିତରେ ଅଧାବନ୍ଦ୍ ଅଧାଖୋଲା ସାୱାର ତଳେ ବାଲ୍‌ଟିଏ ଲୁଗା କ୍ରମାଗତ ଓଦାହୋଇ, ଜଳ ବହିଯାଉଥିଲା। ସେଦିନ ପିଲାମାନେ ନିଜନିଜ ପରୀକ୍ଷା ପାଇଁ ବ୍ୟସ୍ତ ଥିଲେ। ସରକାରୀ କ୍ୱାର୍ଟର୍‌ର ବଗିଚାରେ ନଡ଼ିଆଗଛରେ ଗୁଡ଼େଇ ହୋଇ ପାଚେରୀ ପର୍ଯ୍ୟନ୍ତ ଡ଼ଙ୍କ ବଢ଼ାଇଥିବା ମଣିଂଗ୍ଲୋରିର ନୀଳଫୁଲ, ବିଶାଳ କଦମ୍ବ ଗଛର ଡ଼ାଳଭର୍ତ୍ତି ରୋମାଞ୍ଚିତ ଫୁଲମାନଙ୍କ ପାଇଁ କେତେକ'ଣ ମନ୍ତ୍ର ଫୁଙ୍କୁଥିଲା।

ସେହିଦିନ ହିଁ ପ୍ରିୟମ୍ବଦା ଦେଖିଲା, କେଉଁଠୁ କେଜାଣି ଉପହାର ଆସିଥିବା ଏକ ଗୋଲାପ ଗଛରେ ଭର୍ତ୍ତିହୋଇଛି ବଡ଼ବଡ଼ ନାଲି ଗୋଲାପଫୁଲ। ବଗିଚାରେ ବୁଲୁବୁଲୁ ଗୋଲାପ ଗଛଟି ତା' ଦୃଷ୍ଟିରେ ଆସିଲା। ପ୍ରିୟମ୍ବଦା ଦେଖିଲା, ଦେଖିଲା, ଦେଖିଲା। କିଛି ସମୟ ପାଇଁ ଏକ ଲୟରେ ଦେଖିଲା ସେ, ଗୋଲାପ ମାନଙ୍କୁ। ରକ୍ତବର୍ଣ୍ଣର ବଡ଼ବଡ଼ କେଇଟି ଗୋଲାପ। ପ୍ରଥମେ ଦେଖିଲା ସେ, କୌତୁହଳରେ। ତା'ପରେ ଆସିଲା ଆକର୍ଷଣ। ପ୍ରଥମେ ଦେଖୁଥିଲା ବିସ୍ମୟରେ, ତା'ପରେ ଆସିଲା ସମ୍ମୋହନ। କିଏ ସେହି ବ୍ୟକ୍ତି, ଯେ ଫୁଲଚାରାଟିକୁ ଉପହାର ଦେଇଥିଲା? ମାତ୍ର କେଇଦିନ ତଳେ ସେ ଚାରାଟିକୁ ଉପହାର ପାଇଥିଲା। ହେଲେ

ଆଜି ସେଥିରେ ଫୁଲର ସମ୍ଭାର ? ମୁହୂର୍ତ୍ତକ ପାଇଁ ପ୍ରିୟମ୍ବଦାର ମନଭିତରେ କୈଶୋରର ସଜଳ ସନ୍ଧ୍ୟା ଉଜ୍ଜୀବିତ ହୋଇଉଠିଲା। ମେଘଦୂତର ପଂକ୍ତିଗୁଡ଼ିକ ଜୀବନ୍ତ ହୋଇ ଉଠିଲେ। "ହେ ମେଘଦୂତ। ଆପଣଙ୍କ ସ୍ପର୍ଶରେ ହିଁ କଦମ୍ବର ସବୁଜ-ମାଟିଆ ପେଣ୍ଡୁଗୁଡ଼ିକ ପାଖୁଡ଼ା ମେଲି ରୋମାଞ୍ଚିତ ହୋଇଉଠିବ। କଦମ୍ବଗଛ ପାଖରେ ଧାଡ଼ିଧାଡ଼ି ଭଅଁର ଉଡ଼ିବୁଲିବେ। ଚାତକ ପକ୍ଷୀ ଆପଣଙ୍କ ଠାରୁ ଝରୁଥିବା ନୀରକୁ ଆଗ୍ରହରେ ପାନ କରିବ। ଆପଣ ଯେତେବେଳେ ଅଳକାପୁରୀରେ ପହଞ୍ଚିବେ, ମୋ ଘରର ସନ୍ଧାନ ପାଇବା ଆପଣଙ୍କ ପାଇଁ କଷ୍ଟକର ହେବନାହିଁ।" ମେଘଦୂତର ଶ୍ରେଣୀ ଆଜି ନାହିଁ।

ମଧୁରାଷ୍ଟକମ୍‌ର ଶ୍ଳୋକ ଉଚ୍ଚାରଣ କରି ଆଡ୍‌ଭୋକେଟ୍ ଅଭିଜିତ୍ ଦାସ ଆସିଲା। ପୁଲକିତ ହେଲା ପ୍ରିୟମ୍ବଦା। ସେ ପଚାରିବାକୁ ଭୁଲିଗଲା କାହିଁକି ଆସିଛି ଅଭିଜିତ୍। କ'ଣ ଦେଖି ଆସିଛି। କ'ଣ କିଛି ଦେବାକୁ ବା ନେବାକୁ ଆସିଛି। ଷଡ଼ଯନ୍ତ୍ର ଅବା ସ୍ୱପ୍ନମନ୍ତ୍ର କେଉଁ ଆଧାରରେ ଅଭିଜିତ୍ ପ୍ରିୟମ୍ବଦା ନିକଟକୁ ଆସିଲା, ତାହା ବୁଝିବା ସମ୍ଭବ ନଥିଲା ପ୍ରିୟମ୍ବଦା ପାଇଁ। ପ୍ରେମପାଇଁ ବହୁବାର ଆହତ, କ୍ଷତାକ୍ତ, ନିର୍ଯ୍ୟାତିତ ପ୍ରିୟମ୍ବଦା ଦେଖୁଥିଲା ତା'ଭିତରେ ଯେମିତି ପୁନର୍ଜୀବନ୍ତ ହୋଇଉଠିଛି କୈଶୋର। ଦାମ୍ପତ୍ୟର ମ୍ଳାନପ୍ରେମ, ଯାହା କେବଳ ଅବସୋସ, ଅମର୍ଯ୍ୟାଦା ଓ ନିର୍ଯ୍ୟାତନା ଭିତରେ ଅନ୍ତର୍ହିତ ହୋଇ ଯାଇଥିଲା, ଆଜି ଯେପରି ସେହି ଆକାଂକ୍ଷାର ପରିପୂରଣ ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ରୂପେ ପହଞ୍ଚିଛି ଆଡ୍‌ଭୋକେଟ୍ ଅଭିଜିତ୍। ସେ ଓକିଲ ସତ, ହେଲେ ସୁନ୍ଦର ଭାବରେ ଗାନକରେ 'ମଧୁରାଷ୍ଟକମ୍'।

"ଅଧରମ୍ ମଧୁରମ୍ ବଦନମ୍ ମଧୁରମ୍
ହସିତ୍ୱମ୍ ମଧୁରମ୍ ହୃଦୟମ୍ ମଧୁରମ୍....."

ପ୍ରକୃତି ପ୍ରତ୍ୟେକ ପ୍ରାଣୀ ଭିତରେ ଯେଉଁ ଜୈବିକ ପ୍ରବୃତ୍ତି ଗୁନ୍ଥିଦେଇଥାଏ, ସେଥିପାଇଁ ତ ପ୍ରାଣୀ ବଞ୍ଚେ, ବଢ଼େ, ଆଗକୁ ଗତିକରେ ପ୍ରାଣର ଅସ୍ପୃହାରେ। ଜୀବନର ଆକାଂକ୍ଷାରେ ତା'ର ପ୍ରବୃତ୍ତି ଓ ଗତି ମୁକୁଳିତ ହେଉଥାଏ। ପ୍ରାଣୀ ଜଗତରେ ଜନ୍ମହୋଇ ମରୁଥିବା ଅଜସ୍ର ସଜୀବ ସେହି ପ୍ରବୃତ୍ତିକୁ ଚରିତାର୍ଥ କରିପାରୁଥାଏ। ମଣିଷ ପାଇଁ ଅଜସ୍ର ନୀତିନିୟମ ଅଜସ୍ର ବାଧାବନ୍ଧନ। କାରଣ ତା'ର ମନ ବୋଲି କିଛି ଅଛି। ବିବେକ ବୋଲି କିଛି ଅଛି। ସମାଜ ବୋଲି କିଛି ରହିଛି, ଯାହା ନିର୍ଦ୍ଦେଶ ଦିଏ। ତେବେ, ପ୍ରବୃତ୍ତି ଚରିତାର୍ଥ ପାଇଁ ସମାଜର ନିର୍ଦ୍ଦେଶନାମା ଅଧା-ପନ୍ତରିଆ କାହିଁକି ? ତାହା ବଦଳେ ନାହିଁ କାହିଁକି ? ତ୍ରୁଟି ସୁଧାରିବା ପାଇଁ ପଥ ଖୋଲେନାହିଁ କାହିଁକି ? ପ୍ରାଣର ଆକାଂକ୍ଷାକୁ ଅବଦମନ କରି, ଆହତ, କ୍ଷତାକ୍ତ କରି ଛାଡ଼ିଦେଲେ, ତାହା କ'ଣ ମରିଯାଏ ? ନା ସାଥୀହରା ନାଗୁଣୀର ପ୍ରତିଶୋଧର ଇଚ୍ଛାଭଳି ତାହା ବାରମ୍ବାର ବାରମ୍ବାର ଫେରୁଥାଏ ଦଂଶନ ପାଇଁ ? ଯେଉଁ ସମାଜ ଏକାଧିକ ପତ୍ନୀର ପ୍ରାବଧାନ ରଖିଛି, ବେଶ୍ୟା ଓ ଦେବଦାସୀ ଭଳି ବ୍ୟବସ୍ଥା ମାନ ରଖିଛି ପୁରୁଷର ପ୍ରବୃତ୍ତିର ପରିପୂରଣ ପାଇଁ, ସେହି ସମାଜ ନାରୀ ପାଇଁ ରଖିଛି କ'ଣ ? ନାରୀ ଜୀବନ୍ତ ନୁହେଁ ? ତା'ର ପ୍ରବୃତ୍ତି ନାହିଁ ? ସେ କେବଳ ଏକ କାଠଗଡ଼ ? ସାହାଡ଼ା ସୁନ୍ଦରୀ ?

ପ୍ରଶ୍ନ ନାହିଁ ପ୍ରିୟମ୍ବଦା ଭିତରେ। ରହିଛି କେବଳ ଏକ ପ୍ରବହମାନ ସ୍ରୋତ। କଣ୍ଟା କଙ୍କର, ପାହାଡ଼ ପର୍ବତ, ବନ୍ଧବାଡ଼ ଅତିକ୍ରମ କରି ତା'ର ପ୍ରାକୃତିକ ପ୍ରେମ ପ୍ରବୃତ୍ତି ଆଜି ଉନ୍ମୁଖ ହୋଇଉଠିଛି। ପାତ୍ର, ଅପାତ୍ର, ଷଡ଼ଯନ୍ତ୍ର କି ସ୍ୱପ୍ନମନ୍ତ୍ର, ପ୍ରଣୟୀ କି ବିଶ୍ୱାସଘାତକ ଏସବୁ ପରଖିବା ପୂର୍ବରୁ ହିଁ ବହିଗଲା ପ୍ରିୟମ୍ବଦା। ବନ୍ଧ ନିର୍ମାଣ କରି ଦୀର୍ଘସମୟ ଧରି ଯେଉଁ ଜଳକୁ ଆବଦ୍ଧ କରି ରଖାଯାଇଥିଲା, ତାହା କେଉଁ ଏକ ଫାଟ ଦେଇ ମୁକ୍ତ ହୋଇଗଲା ଅକସ୍ମାତ।

ଗୋଲାପଫୁଲ, ମଧୁରାଷ୍ଟକମ୍, ସଂସ୍କୃତି ଓ ପ୍ରବୃତ୍ତିର ସୂକ୍ଷ୍ମ ସୁନ୍ଦର ଉପହାର ନେଇ ଅଭିଜିତ୍ ଆସିଲା। ବହୁବାର ଆସିଲା।

ପ୍ରିୟମ୍ବଦା ତା'ର ରାଜନୈତିକ ଗୁରୁଙ୍କର ବାଣୀ ଭୁଲିଯାଇଥିଲା। ଗୁରୁ କହିଥିଲେ, "ରାଜନୀତିରେ କେହି ବିଶ୍ୱାସଯୋଗ୍ୟ ନୁହନ୍ତି। ସମସ୍ତେ ମତଲବୀ।"

କେବେ କେମିତି ପ୍ରିୟମ୍ବଦା ଭାବିଥିଲା, ଜୀବନରେ କିଏ ବିଶ୍ୱାସଯୋଗ୍ୟ କି ? ସ୍ୱାମୀ ? ସନ୍ତାନ ? ନା ପିତାମାତା ? କିଏ ବିନା ମତ୍‌ଲବ୍‌ରେ ଜୀବନ ବଞ୍ଚେ ? ଅବା ବଞ୍ଚାଏ ?

x x x x x x x

ଅନେକ ବର୍ଷ ଆଗରୁ ଯେଉଁ ମୁଖ୍ୟମନ୍ତ୍ରୀଙ୍କ ପ୍ରେରଣାରେ ରାଜନୀତି ଭିତରକୁ ଆସିଥିଲା ପ୍ରିୟମ୍ବଦା ଆଜି ସେ ନାହାନ୍ତି। ବାପା ନାହାନ୍ତି, ଏକ ଦୃଢ଼ ଅବଲମ୍ବନ ହୋଇ ଛିଡ଼ାହେବାକୁ। ଏବେ ଚାରିପଟରେ ଯେଉଁମାନେ ଅଛନ୍ତି ସେମାନେ ସମସ୍ତେ ଚାହିଁଛନ୍ତି ତାକୁ କଠୋର ଦୃଷ୍ଟିରେ। ସେମାନେ ଚାହିଁଛନ୍ତି ଯେପରି ଖୋଳି, ତାଡ଼ି ଖିନ୍‌ଭିନ୍ କରିବା ଚାହାଣୀରେ। ସେହି ଦୃଷ୍ଟି ଏତେ ଉଗ୍ର ଯେ, ଦୃଷ୍ଟି ହିଁ ତାକୁ ନିୟନ୍ତ୍ରଣ କରିଦେବ। ବାନ୍ଧିଦେବ। ଦମନ କରିବ। ଦୃଷ୍ଟି ହିଁ ତା' ଇଚ୍ଛାରେ ଚଲାଇ ନେବ। ସେହି ଦୃଷ୍ଟି ତା' ଉପରେ ରହିଛି। ଏହାର ଅର୍ଥ କ'ଣ ସେ ନିରବ ହୋଇଯିବ ? ଶୋଇଯିବ ? ଲୋକଲୋଚନର ଆଗୋଚରରେ ଦିନେ ମିଳେଇ ଯିବ ଏହି ପୃଥିବୀରୁ ? ଲୋକଙ୍କ ଦୃଷ୍ଟିର ତୀବ୍ରତା କ'ଣ ତାକୁ ରୋକିଦେବ ଲକ୍ଷ୍ୟପଥରୁ ?

ବିଶ୍ୱବିଦ୍ୟାଳୟର କ୍ଷୁଦ୍ର ପରିସରରୁ କାହିଁକି ସେ ବାହାରି ଆସିଥିଲା ରାଜନୀତିର ବିଶାଳ କ୍ଷେତ୍ରକୁ ? ଏହିଭଳି ଏକ ଅପାଂକ୍ତେୟ ଜୀବନ ଭୋଗି ଲୋପ ହୋଇଯିବ ବୋଲି ବିଶ୍ୱରୁ ? ଏହାହିଁ ତା'ର ଭାଗ୍ୟ ? ଏଭଳି ଭାଗ୍ୟ ଭବିତବ୍ୟରୁ ତା'ର ମୁକ୍ତି ନାହିଁ ? ନା, ଏଭଳି ଭାଗ୍ୟ ତା'ର ନୁହେଁ। ନିଜକୁ ଦୃଢ଼ କରୁଥିଲା ପ୍ରିୟମ୍ବଦା।

ତିରିଶି ବର୍ଷ ତଳେ ମୁଖ୍ୟମନ୍ତ୍ରୀ ଯେଉଁ ଦଳ ପ୍ରତିଷ୍ଠା କରିଥିଲେ, ସେହି ରାଜନୈତିକ ଦଳର ସେ ସଦସ୍ୟା। ହେଲେ, ବର୍ତ୍ତମାନର ଦଳୀୟ ନେତୃତ୍ୱ ତାକୁ ଗୁରୁତ୍ୱ ଦିଏ ନାହିଁ। ବରଂ ସେ ଯେପରି ଏକ ଅଲୋଡ଼ା ଜୀବ। ବାରମ୍ବାର, ବାରମ୍ବାର ସେ ଦଳର ନେତାଙ୍କୁ ସାକ୍ଷାତ୍ କରି ମଧ୍ୟ

ବିଫଳ ହେଲା ନିର୍ବାଚନରେ କୌଣସି ସ୍ଥାନରୁ ପ୍ରାର୍ଥୀ ହେବାପାଇଁ ଦଳୀୟ ଟିକେଟ୍ ପାଇବାରେ। ଦଳ ଯେପରି କହିଦେଲା, ତମେ ଗୋଟେ ଅପଦାର୍ଥ, ତମର ଦଳୀୟ ଟିକେଟ୍ ପାଇବାର କୌଣସି ଯୋଗ୍ୟତା ନାହିଁ। କିନ୍ତୁ କାହିଁକି ? କାହିଁକି ତାକୁ ଏକ ରାଜନୈତିକ ଦଳ ଟିକେଟ୍ ଦେଲା ନାହିଁ, ଏ ପ୍ରଶ୍ନର ଉତ୍ତର ଅସମାହିତ।

ଦଳ କହିଲେ ତ 'ନେତା' ଆଉ 'ନେତା'। ସେଠି ଗଣତନ୍ତ୍ର କାହିଁ ? ସେଠି ଦଳର ସ୍ତରସ୍ତର ସଦସ୍ୟ ଓ କର୍ମୀମାନଙ୍କର ମୂଲ୍ୟ କାହିଁ ? 'ନେତା' କହିଲେ ଦଳର ସୁପ୍ରିମୋ। ସେ କହନ୍ତି "I am the god and my word is law." ମୋର ଇଚ୍ଛା ଅଲଂଘ୍ୟ। ଦଳର ସୁପ୍ରିମୋ ପ୍ରିୟମ୍ବଦାକୁ ଅଣଦେଖା କଲେ ଓ ତା'ର ଅନୁରୋଧକୁ ଅଗ୍ରାହ୍ୟ କରିଦେଲେ। ଦଳର ସୁପ୍ରିମୋଙ୍କୁ ସାକ୍ଷାତ୍ କଲେ ସେ କେବଳ ହସନ୍ତି, ଟିକେଟ୍ ପାଇଁ ଆବେଦନର କାଗଜ ଖଣ୍ଡିକ ଗ୍ରହଣ କରନ୍ତି; କିନ୍ତୁ ଏହି କାଗଜର ଉତ୍ତର ଆସେ ନାହିଁ।

ସେଦିନ ଥିଲା ଏକ ଗୁରୁତର ଦିନ। ପ୍ରିୟମ୍ବଦା ଅଭିମାନରେ, କ୍ରୋଧରେ, ଅସହାୟତାରେ ହାତରେ ଧରିଥିଲା ନିଜର ଇସ୍ତଫା ପତ୍ର। ଦୀର୍ଘ ୨୫ ବର୍ଷଧରି ଯେଉଁ ଦଳର ସେ ସଦସ୍ୟା, ସେଥିରୁ ଇସ୍ତଫା ଦେବାପାଇଁ ନିଷ୍ପତ୍ତି ନେଇସାରିଥିଲା। ସେ ଦଳର ସୁପ୍ରିମୋଙ୍କ ଗେଟ୍ ନିକଟରେ ପହଞ୍ଚିଲା। ସେଠାରେ ଅପେକ୍ଷା କରିଥିଲା ଏକ ଭୟଙ୍କର ଘଟଣା। ଗେଟ୍ ପାଖରୁ ହିଁ ତାକୁ ଫେରାଇଦିଆଗଲା। କହିଦିଆଗଲା ଭିତରେ ପ୍ରବେଶ ପାଇଁ ଅନୁମତି ପତ୍ର ନାହିଁ। ଗଣତନ୍ତ୍ରରେ ନେତାଙ୍କର ଦ୍ୱାର ସମସ୍ତଙ୍କ ପାଇଁ ଖୋଲା। ଗତ କୋଡ଼ିଏ/ପଚିଶି ବର୍ଷ ଭିତରେ ଗଣତନ୍ତ୍ରକୁ ସ୍ଥାନାନ୍ତର କରି ସ୍ୱେଚ୍ଛାଚାରିତା ଓ ରାଜତନ୍ତ୍ର ଏଠି ରାଜ୍ ଜମାଇଛି। ପ୍ରିୟମ୍ବଦା ଦଳର ସୁପ୍ରିମୋଙ୍କ ବନ୍ଦ ଗେଟ୍ ସମ୍ମୁଖରୁ ଫେରିଲା।

ଠିକ୍ ସେହିଦିନହିଁ ଉତ୍ତପ୍ତ ରାଜରାସ୍ତାରେ ତା'ର ଗାଡ଼ି ଚାଲିଲା ବିରୋଧୀ ଦଳର ଅଫିସ୍‌କୁ। କେଉଁଠି ଗୋଟିଏ ଦଳ ଅଛି, ଯେ, ଜନତାଙ୍କ କଥା କହୁଛି। ଗଣତନ୍ତ୍ର କଥା କହୁଛି। ସେହି ବିରୋଧୀ ଦଳର ଅଫିସ୍‌ରେ ପହଞ୍ଚି ପୂର୍ବରୁ ତା' ସହିତ ସମ୍ପର୍କିତ କିଛି ବନ୍ଧୁ ଓ ସମର୍ଥକମାନଙ୍କ ସହାୟତାରେ ସେ ହାସଲ କଲା ଟିକେଟ୍। ଟିକେଟ୍ କହିଲେ, କାନ୍ତିପୁର ନିର୍ବାଚନମଣ୍ଡଳୀରୁ ଇଲେକ୍‌ସନ୍ ଲଢ଼ିବାର ଟିକେଟ୍।

ତା'ର ପୁରୁଣା ରାଜନୈତିକ ଦଳର ସୁପ୍ରିମୋଙ୍କ ବିରୋଧରେ ଲଢ଼ିବାର ନିଷ୍ପତ୍ତି ଭୁଲ୍ ବା ଠିକ୍ ବିଚାର କରିବାର ବେଳ ଆଉନାହିଁ। କାନ୍ତିପୁରରୁ ନୋମିନେସନ୍ ଫାଇଲ୍ କଲା ପ୍ରିୟମ୍ବଦା। ହେଲେ ଏହି ଦଳରେ ଭିନ୍ନ ଏକ ଆହ୍ୱାନମୂଳକ ସ୍ଥିତି ଥିଲା। ଯେଉଁମାନଙ୍କୁ ଦିନେ ସେ ବିରୋଧ କରୁଥିଲା, ଏବେ ସେହିମାନଙ୍କ ପାଖରୁ ସାହାଯ୍ୟ, ସମର୍ଥନ, ଭୋଟ୍ ଆଶାକରିବା ଏତେ ସହଜ ଓ ନିରୁପଦ୍ରୁତ ନଥିଲା।

ପ୍ରିୟମ୍ବଦା ଥକିଯାଉଥିଲା ନିର୍ବାଚନୀ ରଣକୌଶଳ ଗଢ଼ିଗଢ଼ି। ଗାଁ, ଗାଁ, ପଞ୍ଚାୟତ, ପଞ୍ଚାୟତ, ସାହି ସାହି ଘୁରିଘୁରି ସେଦିନ ଅନେକ ରାତିରେ ପ୍ରିୟମ୍ବଦା ଫେରିଛି। କ୍ଲାନ୍ତ ଶ୍ରାନ୍ତ ଦେହମନର ଯନ୍ତ୍ରଣାକୁ କମେଇବା ପାଇଁ ରାତିଅଧରେ ମୁଣ୍ଡଧୋଇ ଗାଧୋଇ ଆସିଛି ସେ। ଘର ଚାରିପାଖରେ ପ୍ରଚଣ୍ଡ ଅନ୍ଧାର। କେଉଁଠିଥି ଜଣାନାହିଁ ତାକୁ; କିନ୍ତୁ ଝରକାରୁ ଦିଶୁଥିବା ବାହାରର ଦୃଶ୍ୟ କହିଲେ, ଅଭେଦ୍ୟ ଅନ୍ଧକାର। ନିକଟରେ ଜଳୁନାହିଁ କୌଣସି ଆଲୋକ। ଜହ୍ନ ନାହିଁ। ତାରା ନାହିଁ। ବିଦ୍ୟୁତ୍ ଚାଲିଯାଇଛି।

ହଠାତ୍ ଏକ ଫୋନ୍‌କଲ୍ ଆସିଲା ତା' ମୋବାଇଲ୍‌ରେ। ଓଦା କେଶକୁ ଟାଉଏଲ୍‌ରେ ଗୁଡ଼ାଇ ଗୁଡ଼ାଇ ସେ ଉଠାଇ ନେଲା ମୋବାଇଲ୍ କାନ୍‌ପାଖକୁ। ମୋବାଇଲ୍‌ରେ ଶୁଭୁଥିବା ସ୍ୱର ମନେହେଲା ଯେପରି ଭୈରବ ରଡ଼ି ? ଭୈରବ ରଡ଼ି ହୃଦ୍‌କମ୍ପନ ସୃଷ୍ଟିକରେ। ବୋଉ କହୁଥିଲା ଭୈରବ ରଡ଼ି ଏତେ ଉତ୍କଟ, ଏତେ ଭୟଙ୍କର ଯେ, ସେହି ରଡ଼ି ଶୁଣିଲେ ଲୋକେ ମରିଯାଆନ୍ତି। ପ୍ରିୟମ୍ବଦା ସେହି ସ୍ୱର ଶୁଣିବାମାତ୍ରେ ଛଟ୍‌ପଟ୍ ହୋଇ ମୃତ୍ୟୁ ଦିଗରେ ଆଗେଇଲା। ସେହି ସ୍ୱରଥିଲା ପୁରୁଣା ରାଜନୈତିକ ଦଳର ସୁପ୍ରିମୋଙ୍କର ଏକଦମ୍ ପାଖଲୋକର ସ୍ୱର, ଯାହାନିର୍ଦ୍ଦେଶରେ ଗୋଟ୍‌ପାଖରୁ ଫେରାଇଦିଆଯାଇଥିଲା ପ୍ରିୟମ୍ବଦାକୁ। ଭୈରବ କହିଲା– "ଦଳର ସୁପ୍ରିମୋଙ୍କ ବିରୋଧରେ ଯଦି ଗୋଟିଏ ଶବ୍ଦ ଉଚ୍ଚାରଣ କର ନିର୍ବାଚନୀ ସଭାରେ, ଭିଡ଼ିଓ ଭାଇରାଲ କରିଦିଆଯିବ।" ଭିଡିଓ କହିଲେ, ଆଡ୍‌ଭୋକଟ୍ ଅଭିଜିତ୍ ସହିତ ପ୍ରିୟମ୍ବଦାର ସମ୍ପର୍କର ଭିଡ଼ିଓ।

ଦେହ, ମନ, ଅନ୍ତଃସ୍ଥଳ ଆତଙ୍କରେ ଥରିଉଠିଲା ପ୍ରିୟମ୍ବଦାର।

ପ୍ରତି ସକାଳୁ ସଭା, କର୍ମୀସମ୍ମିଳନୀ, ସାହି ବସ୍ତିକୁ ଭୋଟ୍ ପ୍ରଚାର ପାଇଁ ବାହାରିବା ବେଳକୁ ପ୍ରିୟମ୍ବଦା ଯେଉଁ ପାଉଡ଼ର୍ କି କ୍ରିମ୍‌ଟିକେ ମୁହଁରେ ମାଖେ, ଆଜି ସେତିକି ପାଇଁ ସୁଦ୍ଧା ତା'ର ହାତ ଥରୁଥିଲା। ଗାଁ ଗାଁ ବୁଲି ଲୋକଙ୍କୁ ସେ କ'ଣ କହିଲା, ତାହାମଧ୍ୟ ଭୁଲିଯାଉଥିଲା ପ୍ରିୟମ୍ବଦା। ସେ କେବଳ ହସୁଥିଲା ଏକ ଦ୍ୱନ୍ଦ୍ୱାତ୍ମକ ସଂକୁଚିତ ହସ ଓ ହାତ ଯୋଡୁଥିଲା ଲୋକଙ୍କ ସମ୍ମୁଖରେ। ଏମିତି ଦେଖିବାକୁ ଗଲେ, ସେହି ତା'ର ଯୋଡ଼ାହାତରେ ସେ ମନେମନେ ପ୍ରାର୍ଥନା କରୁଥିଲା ଭୈରବକୁ ଯେ, ଏଭଳି ଭୟଙ୍କର ଦଣ୍ଡ ମୋତେ ଦିଅନାହିଁ। ମୋ ପାଇଁ ମୃତ୍ୟୁ ଓ ବିପର୍ଯ୍ୟୟର ପରିସ୍ଥିତି ଆଉ ଆଣନାହିଁ। ନିର୍ବାଚନର ହୋ-ହଲ୍ଲା ଭିତରେ, ଗାଁ ଗାଁ, ଘର ଘର ବୁଲୁଥିବା ପ୍ରିୟମ୍ବଦା ଜନତାଙ୍କୁ ପ୍ରଣାମ କରୁନଥିଲା। ବରଂ ଭୟଙ୍କର ଭବିଷ୍ୟତର ଭୈରବକୁ ସେ ହାତଯୋଡୁଥିଲା। ପ୍ରାର୍ଥନା କରୁଥିଲା। "ମୋତେ ମୁକ୍ତି ଦିଅ।" "ମୋତେ ଦୟା କର।" "ସୁପ୍ରିମୋଙ୍କ ବିରୋଧରେ ପଦେହେଲେ ଶବ୍ଦ ଉଚ୍ଚାରଣକରିବି ନାହିଁ।"

ପ୍ରିୟମ୍ବଦା ନିଜେ ନିଜର ରାଜନୈତିକ ଅଭିଳାଷର କବର ଖୋଳିଲା।

ପ୍ରତିରାତିରେ ଗୋଟିଏ ଗୋଟିଏ କଲ୍ ଆସିଲା ଭୈରବ ପାଖରୁ। ସେଥିରେ ଗୋଟିଏ ଗୋଟିଏ ନିର୍ଦ୍ଦେଶ ଥିଲା। "ସେଇ ଯେଉଁ ଢ଼େଙ୍ଗୀ ଶ୍ୟାମଳୀ ନୀଳଶାଢ଼ୀ ପିନ୍ଧା ମହିଳା ତମ ପ୍ରଚାର କାର୍ଯ୍ୟରେ ଯାଉଛି, ତାକୁ କାଢ଼ିଦିଅ। ସେ ବେଶୀ କହୁଛି ଦଳର ସୁପ୍ରିମୋ ବିରୋଧରେ।"

"ଅମଣିଆ ଗାଁରେ ପାଦ ରଖିବ ନାହିଁ। ସେଇଟା ଆମ ଦଳର ଗଡ଼।"

"ମହିଳା କର୍ମୀମାନଙ୍କୁ ବିଲ୍‌କୁଲ୍ ନିଜ ସାଥୀରେ ନେବନାହିଁ ପ୍ରଚାର ପାଇଁ। ସେମାନେ ସମସ୍ତେ ଆମ ଦଳର ସମର୍ଥକ।"

"ରଣପୁରର ଅମୀର ଦାସ ଘରକୁ ଭୋଟ୍ ମାଗିବାକୁ ଯିବନାହିଁ।"

"ଭେଟସାହୀ ମଠର ବାବାଙ୍କୁ ଦର୍ଶନ କରିବ ନାହିଁ।"

"ଯେଉଁଠି ସଭାକରିବ, ଆମଦଳର କର୍ମୀ, ତୃଣମୂଳସ୍ତରର ନେତା ଯେମିତି ଆଗରେ ବସିବେ। ମନେରହିଲା ?"

"ଯେଉଁ ଗାଁରେ ର୍‍ୟାଲି କରିବ ଆମଦଳର କର୍ମୀମାନଙ୍କୁ ନେଇ ର୍‍ୟାଲି କର। ବିରୋଧୀ ଦଳର ଲୋକେ ପଛରେ ଚାଲିବେ।"

"ବୁଥ୍ କମିଟୀ ଯେଉଁ ଗଢ଼ିଛ ବା ଏଜେଣ୍ଟ ବସାଉଛ ନିର୍ବାଚନ ବୁଥ୍‌ରେ, ସେମାନଙ୍କର ଆଧାର କାର୍ଡ଼ ଚେକ୍ କରିବ।" "ଅରୁଣସାହୀ ପଞ୍ଚାୟତରେ ଯେମିତି ତୁମଦଳର ଏଜେଣ୍ଟ କେହି ନରହନ୍ତି।"

ଗୋଟିଏ ପରେ ଗୋଟିଏ ନିର୍ଦ୍ଦେଶ ଆସୁଥିଲା, ପରଦିନ ସେହିସବୁ ନିର୍ଦ୍ଦେଶ କାର୍ଯ୍ୟରେ ପରିଣତ ହେଉଥିଲା। ପ୍ରିୟମ୍ବଦା ନିଜର ସ୍ୱାମୀ ଓ ସନ୍ତାନଙ୍କୁ ନେଇ ପ୍ରଚାର କାର୍ଯ୍ୟରେ ଯାଉଥିଲା। ତା' ଗାଡ଼ିରେ ଜଣେ ହେଲେ କର୍ମୀ କି ନେତା କି ଭୋଟର୍ ବସୁନଥିଲେ। ଲୋକେ କହିଲେ, "ସେ ପିକ୍‌ନିକ୍ କରିବାକୁ ଆସିଛି।" ପ୍ରିୟମ୍ବଦା ଯେପରି ବଶମ୍ବଦ କ୍ରିତଦାସୀ, ଭୈରବର ଅବା ଦଳର ସୁପ୍ରିମୋର।

ସେ ପଚାରିପାରିବ ନାହିଁ, 'ଅଭିଜିତ୍ ତମେ ରକ୍ତ ଗୋଲାପ ଓ ମଧୁରାଷ୍ଟକମ୍‌ର ଉପହାର ନେଇ, ବ୍ୟାଧର ଜାଲ ବସାଇବାକୁ ଆସିଥିଲ ? ବିଶ୍ୱାସଘାତକତାର ପାପ ପାଇଁ ତମେ ନର୍କକୁ ଯିବ ନାହିଁତ ?'

ଭୈରବ ଦଳର ଅଶୀଭାଗ ନେତାଙ୍କର ଅନୈତିକ ଯୌନ ସମ୍ପର୍କ ରହିଥିଲା ଦାମ୍ପତ୍ୟ ବାହାରେ। ଏମିତିକି 'ବିରୋଧୀ ଦଳ', ଯେଉଁଥିରୁ ପ୍ରାର୍ଥୀ ହୋଇଛି ପ୍ରିୟମ୍ବଦା ସେଥିରେ ଅନେକ ନେତା ଥିଲେ, ଯେଉଁମାନେ ବହୁପତ୍ନୀ ଉପଭୋଗ କରୁଥିଲେ। କେତେକ'ଣ ଯୌନ ବିକୃତିର ଚିତ୍ରସବୁ ଖେଳେଇ ହୋଇ ରହିଥିଲା। ପ୍ରିୟମ୍ବଦା କାହାକୁ ଏ ପ୍ରଶ୍ନ ପଚାରିପାରିବ ନାହିଁ ଯେ, ଯେଉଁ କାର୍ଯ୍ୟ ତୁମମାନଙ୍କ ପାଇଁ ଅଧିକାର, ତ୍ରୁଟିହୀନ ଓ ଭଲକାମ; ସେହିକାମ ମୋ ପାଇଁ କେମିତି ଦୋଷ ହେଲା ? ତୁମ ଦଳର ନେତା ମନ୍ତ୍ରୀମାନେ କେତେ ଝିଅଙ୍କୁ ହତ୍ୟା କରିସାରିଛନ୍ତି। ଖବରକାଗଜରେ, ପୋଲିସ୍ ରେକର୍ଡ଼ରେ ରହିଛି ପ୍ରମାଣ। ତଥାପି ସେମାନେ ନିରଙ୍କୁଶ ଲୋକପ୍ରତିନିଧି ?

କେତେ ନିରିହ ପ୍ରାକୃତିକ ଅଭିଳାଷ ତା'ର ଯାହାକୁ ନାରୀ ନିଜ ଭିତରେ ଦେଖେ, ସେହି ଆକାଂକ୍ଷାର ପରିପୂର୍ତ୍ତି ପାଇଁ ଏତିକି ଦଣ୍ଡ ? ପ୍ରିୟମ୍ବଦାର ମନେପଡ଼ିଲା କୈଶୋରର ସଜଳ ସନ୍ଧ୍ୟା। ମନେପଡ଼ିଲା ସ୍ୱପ୍ନାଂଶୁ ବସିଥିବା ଟ୍ରେନ୍ ଓ ବସ୍ ପାଖରୁ ବାରମ୍ବାର ଫେରିଆସିବାର ଘଟଣାସବୁ।

ହେଲେ, ଏ ପ୍ରଶ୍ନ କ'ଣ ନାରୀଟିଏ ପଚାରି ପାରେ ଆମ ସମାଜରେ ? ପ୍ରିୟମ୍ବଦା ସ୍ୱପ୍ନ ଦେଖିଲା ସେ ଛିଡ଼ାହୋଇଛି ଗାଁ ଦାଣ୍ଡରେ। ତା'ର ମୁଣ୍ଡ ଝାମ୍ପୁଡ଼ା। ଦେହରେ କଳାଶାଢ଼ୀ। ମୁହଁ ଓ କପାଳ ସାରା ସିନ୍ଦୁର ବୋଳାହୋଇଛି। କେଉଁଠୁ କେଜାଣି ଘଣ୍ଟିଘଣ୍ଟାର ଶବ୍ଦ ଆସୁଛି। ସେ ଜିଭ ଲହଲହ କରି ନାଚୁଛି। ଭୟରେ ନିଦ ଭାଙ୍ଗିଗଲା ତା'ର। ସେ ଗୋଟାସୁଦ୍ଧା ଝାଳରେ ଗାଧେଇଥିଲା। ଭୋରୁ ଭୋରୁ ଜଣେ ବାନ୍ଧବୀ ଫୋନ୍‌ରେ କହିଲା – ଏ କି ପ୍ରଚାର ଚାଲିଛି ତୋର ? ନିର୍ବାଚନ ପ୍ରଚାର ଭଳି ମନେ ହେଉନି ? ତୁ ଲୋକପ୍ରତିନିଧି ହେବାକୁ ଲଢୁଛୁ, ହେଲେ ତୋ ସାଙ୍ଗରେ ଲୋକ କାହାନ୍ତି ? ଅମାନତ୍ ହରାଇବୁ ନା' କ'ଣ ?"

ଇଲେକ୍‌ସନ୍ ସରିଲା। ଗୋଟିଏ ନିଶ୍ଚିନ୍ତ ଶ୍ୱାସକୁ ଭିତରକୁ ଟାଣିନେଲା ସେ। ଭୈରବ ଦଳ ସୁପ୍ରିମୋ ଉଭୟେ ହାରିଯାଇଥିଲେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ।

ଇଲେକ୍‌ସନ୍ ରେଜଲ୍ଟ ଘୋଷଣା ହେଲା।

ଅମାନତ୍ ହରାଇବାର ସଂଖ୍ୟାଠାରୁ ହଜାରେ ଭୋଟ୍ ଆଗରେ ଥିଲା ପ୍ରିୟମ୍ବଦା।

ପ୍ରିୟମ୍ବଦା ଜନଶକ୍ତି ଉଦ୍ଦେଶ୍ୟରେ ହାତଯୋଡ଼ିଲା। ହାତ ଯୋଡ଼ିଲା ସେହିମାନଙ୍କ ଉଦ୍ଦେଶ୍ୟରେ ଯେଉଁମାନେ ତାକୁ ବଞ୍ଚାଇଦେଇଛନ୍ତି।

ଯେଉଁ ପଞ୍ଚାୟତରେ ସେ ଅଧିକା ଭୋଟ ପାଇଥିଲା, ସେହି ଅଞ୍ଚଳରେ ଏକ ସଭାର ଅୟୋଜନ ହୋଇଥିଲା। ସେଠି ପହଞ୍ଚିବା ମାତ୍ରେ ସେ ହାତଯୋଡ଼ି ପ୍ରଣାମ କଲା ଜନସାଧାରଣଙ୍କୁ।

କେହିଜଣେ କହିଲା, "କଳିଯୁଗ ଶେଷଭାଗରେ ଆସି ପହଞ୍ଚିଲାଣି ଅପା। ଏଥର ସିନା ଆମେ ହାରିଗଲେ। ଦେଖ ଆଗକୁ ଯେଉଁ ଯୁଗ ଆସୁଛି ସେଥିରେ ଆମେ ନିଶ୍ଚୟ ଜିତିବା।"

# ମୋହଭଙ୍ଗ

ମଧୁମିତା ମହାନ୍ତି (ମିତୁ)

ନା ପିଢ଼ା ଥିଲା ନା ଆସନ- ପାଣିଗ୍ଲାସ ଲୁଣ ଡବାତ ଦୂରର କଥା। ଜାଗାଟା ଓଳାଓଳି ବି ହେଇନଥିଲା। ପିଆଜ ଚୋପା, ପରିତ୍ୟକ୍ତ ମଟର ମଞ୍ଜି ଦି'ଚାରିଟା, ଆଳୁ, ରସୁଣ ଚୋପା ସେ ପର୍ଯ୍ୟନ୍ତ ସେଠି ନିଜର ଆଧିପତ୍ୟ ଜାହିର କରୁଥିଲେ ଦୀର୍ଘ ପଇଁତିରିଶ ବର୍ଷର ଦୈନିକ ରୁଟିନ୍‌କୁ ଉପହାସ କରି। ତରତରରେ ନିଜ ଉପରେ ଦି' ମଗ୍ ପାଣି ଖାଲି ଢାଳିଦେଇ ଆସି ଖାଇବା ଜାଗାର ଏ ଅବସ୍ଥା ଦେଖି ଗର୍ଜି ଉଠିଲା ଶଙ୍କର, "କ'ଣ ଆଜି ଗାଳି ଶୁଣେଇବ ନା କ'ଣ ମୋତେ ପ୍ରିନ୍‌ସିପାଲଙ୍କ ଠାରୁ? ସାଢ଼େ ନଅ ହେଲାଣି- କିଛି ହେଇନି ଯେ...।"

ରୋଷେଇ ଘର ଭିତରୁ ସେମିତି ତତ୍ପରତାର ସ୍ୱରଟେ ତଥାପି ଶୁଭିଲାନି। ଦର ଦର ପରିହାସ ବୋଳା କଣ୍ଠରେ ରଜନୀ କହିଲା, କ'ଣ? ଆଜି ବି ଯାଇ ତୁମେ ତାଲା ଖୋଲିବ ନା କ'ଣ?

ଧମ୍ କରି ରହିଗଲା ଶଙ୍କରର ହାତଟା ଗାମୁଛା ସହିତ ସେମିତି ମୁଣ୍ଡ ଉପରେ- ସତେ ତ - ଏତେ ବଡ଼ କଥାଟେ ସେ ଭୁଲିଥିଲା କେମିତି? ଆଜିପରା ତା'ର ଅବସର ନେବାର ଦିନ- ପ୍ରିନ୍‌ସିପାଲ କାଲିଠୁ ବାରମ୍ବାର କହିଛନ୍ତି, "ସାଢ଼େ ଏଗାରଟାରେ ଫେଆରୱେଲ ମିଟିଂ, ତା' ପରେ ମଧ୍ୟାହ୍ନ ଭୋଜନ।" ଆଖି ଦି'ଟା ତା'ର ଜକେଇଗଲା- ସତରେ କଣ ସେ ଏତେ ଅପାରଗ ହେଇଗଲା? ଏବେବି କଲେଜ ଗେଟ୍ ପହଞ୍ଚିଲେ ତାକୁ ଲାଗେ ପଇଁତିରିଶ କି ଛତିଶ ବର୍ଷ ତଳର ବାଉଁଶ କଣ୍ଟା ବାଡ଼ ଆଉ ତାଳବରଡ଼ାର ଫାଟକ ଫିଟଉଛି- ଯଦିଓ ସମସ୍ତେ ଜାଣିଥିଲେ ସେ ଚାବିର କିଛି ମୂଲ୍ୟ ନାହିଁ। ଧକ୍କାଟେ ଦବା ଦରକାର ନାହିଁ- ଆସ୍ତେ ହଲେଇ ଦେଲେ ବି ମୂଳ ସହିତ ଉଠି ଆସିବ ପୁରା ଗେଟ୍‌ଟା- ବେଳେ ବେଳେ ବାଡ଼ବି।

ଘରେ ବାପା, ବୋଉ, ସାନ ସାନ ଭାଇଭଉଣୀମାନଙ୍କୁ ଗଣ୍ଡାଏ ଭଲରେ ଖାଇବାକୁ ଦବାର ଜିଦ୍‌ରେ ଚାକିରୀ ଖଣ୍ଡିଏ ସନ୍ଧାନ କରି କରି ଯେତେବେଳେ ସେ ଗାଁ ଛାଡ଼ି ଏଠିକି ଚାଲିଆସିଥିଲା ସେତେବେଳକୁ ସେ ମୋଟେ ଏକୋଇଶି ବର୍ଷର ଟୋକାଟେ। ଏଠି ଦି'ଦିନ ମୂଳ ମଜୁରୀ, ସେଠି ବାବୁଘରେ। ତାଙ୍କ ବିରାଟ ବଗିଚାର ଯତ୍ନ ନେବା ପାଇଁ ସେ ଲୋକଟେ ଖୋଜୁଥିଲେ। ଶଙ୍କର ରହିଗଲା ସେଇଠି- ବାବୁଙ୍କ ଘର ପଛପଟ ଚାଳିଆ ଗୁଡ଼ାକରୁ ଗୋଟାଏରେ ମାଗଣା ରହିବାର ବନ୍ଦୋବସ୍ତ- ମାସ ଶେଷରେ ବେଶ୍ କିଛି କଞ୍ଚା ପଇସା- ଘରକୁ ପଠେଇ ଯେତିକି ବଳୁଥିଲା- ଦି' ଓଳି ଭାତ ପିଆଜ ହଉପଛେ ମିଳିଯାଉଥିଲା ତାକୁ। ଆଉ ତା'ର କଣ ଦରକାର ଥିଲା- ବିସ୍ତୃତ ସ୍ୱପ୍ନ ଦେଖିବାର ମନଟେ ବା କାହୁଁ ଆସିବ ତା'ଠି?

ସେତିକିବେଳେ ଦିନେ- ସଞ୍ଜବେଳେ ମା ତା ହାତରେ ଟ୍ରେରେ ଚାରିକପ୍ ଚା' ବିସ୍କୁଟ ପଠେଇଲେ ଡ୍ରଇଁରୁମ୍‌କୁ। ହଁ- ସଞ୍ଜବେଳର ବୋଲହାକ ସେ ସେଠି କରୁଥିଲା। ଟ୍ରେ ଟା ଟିପୟ ଉପରେ ଥୋଇଦେଇ ଫେରି ଆସୁ ଆସୁ ବାବୁ ଡାକିଦେଲେ,

"ଏଇ ଶଙ୍କରା- ଚାକିରୀ କରିବୁ?"

କିଛି ବୁଝି ପାରିଲାନି ସେ- "ଚାକିରୀ? କରିଛି ପରା?"

"ଏ ଚାକିରୀ ନୁହେଁ- କଲେଜ ଚାକିରୀ। ଏବେ ବେସରକାରୀ- ପରେ ନିଶ୍ଚୟ ସରକାରୀ ହେଇଯିବ।"

ସେତେବେଳକୁ ଛାତି ଭିତରେ ତା'ର କ'ଣ ଗୋଟାଏ ଭୀଷଣ ଜୋର୍‌ରେ ଉଠ୍‌ପଡ଼ ହଉଛି- ଖୁସିର ହାବୁକାଟା ଆଖି ବାଟେ ପାଣି ହେଇ ବାହାରିବ ନା ପାଟିବାଟେ? ବାଃ- ହେଇ ବାହାରିବ- ରାସ୍ତା ଖୋଜୁଛି- ସରକାରୀ ବେସରକାରୀ କଥା ଭାବେ କିଏ?

ସେ ହଁ କହିଦେଲା- କହିବାକୁ ଗଲେ କଲେଜର ପ୍ରଥମ ଷ୍ଟାଫ ସିଏ। ତା'ପରେ ଇଣ୍ଟରଭ୍ୟୁ ହେଲା- ନୂଆ ନୂଆ ଅଧ୍ୟାପକ, ଅଧ୍ୟାପିକା, କିରାଣୀ, ସୁଇପର, ପିଅନ ସମସ୍ତେ ଆସିଲେ କେତେ ରହିଲେ- କେତେ ଛାଡ଼ି ଚାଲିଗଲେ- ପୁଣି ନୂଆ ଲୋକ ଦାୟିତ୍ୱ ତା'ର ଥିଲା। କେବେ କେବେ କ୍ୟାମ୍ପସ ଛାଡୁଥିବା ଲୋକଙ୍କୁ ଜିନିଷପତ୍ର ସହ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଛାଡ଼ିବା କାମ ବି ସିଏ କରୁଥିଲା।

ସିଏ ବାଲି, ସିମେଣ୍ଟ, ରଡ୍ ଜଗୁଥିଲା- ପ୍ରଚଣ୍ଡ ଖରାରେ ଛତା ଧରି

କାମ ପରଖୁଥିଲା। ନୂଆ କଲେଜ ଘର ପାଇଁ କେତେ ବାଲିରେ କେତେ ସିମେଣ୍ଟ ମିଶାଯାଉଛି ମାପୁଥିଲା। ଦିନେ ଭଡ଼ା ଘରେ ଚାଲୁଥିବା ଛୋଟିଆ କଲେଜଟି ତା' ନିଜ ଘରକୁ ଉଠି ଆସିଲା। ସେଦିନ ଶଙ୍କର ଭାବୁଥିଲା- ଏଇଟା କଲେଜ ନୁହେଁ- ତା' ନିଜ ଘର- ତା'ର ନୂଆ ଘର।

ସେଇ ହତାରେ ଥିବା ଛୋଟ ଦି' ବଖୁରିଆ ଘରେ ରହି ଜଗି ଜଗି ସେ କୋଠା ତିଆରି କାମ ସାରିଲା। ତା'ପରେ ବି ସେଇ ଘରେ ରହିଗଲା। ବାବୁ କହିଲେ, ସେଇଠି ରହି କଲେଜ ଜଗିବୁ। ସେ ଦିନରେ ପିଅନ ହେଲା- ରାତିରେ ଜଗୁଆଳୀ। ପୁଣି ଦିନେ ନୂଆ ଜଗୁଆଳୀ ଆସିଲା- ସେ ଖାଲି ଦିନରେ କାମ କଲା। ତେବେ ସେଇ ଘରେ ସେ ରହୁଥିଲା। ରଜନୀ ବି ବାହାଘରର ଦି'ମାସ ପରେ ଗାଁ'ରୁ ଆସି ଏଠି ପହଞ୍ଚିଲା। ସଂସାର ତା'ର ମହକିଗଲା- ପୁଅ ଝିଅ ସବୁ ଏଇଠି ବଡ଼ ହେଇ ଏବେ କିଏ କୋଉଠି।

କଲେଜଟା ନଈକୂଳରେ- ବର୍ଷାଦିନ ହେଲେ ଆତଙ୍କଟେ ଖେଳିବୁଲେ ବାରଣ୍ଡା- ପଢ଼ିଆ- ଲାଇବ୍ରେରୀ ସବୁଠି। ବେଳେବେଳେ ହୋ ହୋ ହେଇ ପାଣି ମାଡ଼ିଆସେ- ଭସେଇଦିଏ କଲେଜ ଭିତରୁ ବାହାରର କେତେ କେତେ ବିଶ୍ୱାସକୁ। କାଦୁଅ ପଙ୍କ ଭିତରୁ ଚିପି ଚିପି ଶଙ୍କର ବାହାର କରେ ଅଧାପୋଡ଼ା କିଛି ବହି କି କାଗଜପତ୍ର।

ଦିନେ ସତରେ ତା ଚାକିରୀ ସରକାରୀ ହେଇଗଲା। ଦୁଇଶ ଟଙ୍କା ଦରମାରୁ କୋଡ଼ିଏ ହଜାର ଟଙ୍କା ପାଇଲା ସେ।

ସ୍ୱପ୍ନ ଭଳି ଚାଲିଗଲା ସୁଖ ଦୁଃଖର ଏତେ ଗୁଡ଼ାଏ ବର୍ଷ। ନିଛକ ସତଟେ ବୋଲି ଜାଣିଥିଲେ ବି ସେ ଭାବୁ ନଥିଲା ଅବସର ଭଳି ଗୋଟାଏ ଦିନ ଏତେ ଜଲ୍‌ଦି ଆସିଯିବ। ଆସିଲା ତ...

ଅବଶ ହେଇ ସେ ବସି ପଡ଼ିଲା ଚେୟାରଟା ଉପରେ, ରଜନୀ ରୁଟି ଦି'ଟା ଭେଣ୍ଡିଭଜା ଆଣି ପାଖରେ ଥୋଇଲା, କହିଲା, "ଖାଇଦିଅ- କଲେଜରେ ତ ଭାତ ଖାଇବ।"

ଏତେ ବର୍ଷର ଅଭ୍ୟାସ ଭାଙ୍ଗି ହେଲାନି। ଭାତଖିଆ ବେଳଟାରେ ରୁଟି ଆଦୌ ତଣ୍ଟିରେ ଗଳିଲାନି। ଫାଳେ ଖାଇ ପାଣି ପିଇଦେଲା। ଆଖି ବନ୍ଦ କରି ଚେୟାରରେ ବସିଗଲା। ବନ୍ଦ ଆଖିତଳର ଅନ୍ଧାର ଭିତରେ ବି ସେଇ ଦୃଶ୍ୟ- ସେଇ କଲେଜ- କେବେ କେବେ ସେଠି ଭୀଷଣ ଗଣ୍ଡଗୋଳ- ଷ୍ଟୁଡେଣ୍ଟ ଷ୍ଟ୍ରାଇକ୍ କି ଅଧ୍ୟାପକ ଅଧ୍ୟାପିକାଙ୍କ ହରତାଳ- ପୁଣି କେବେ ହୋଲି କି ଦିପାବଳୀରେ ଭୋଜି ଭାତର ଧୂମ୍। କେବେ ପ୍ରିନ୍‌ସିପାଲ ସାମାନ୍ୟ ଭୁଲ୍ ପାଇଁ ପ୍ରଚଣ୍ଡ ଗାଳି ଦଉଛନ୍ତି ତ କେବେ ନିଜ ହାତରେ ମିଠା ପ୍ୟାକେଟଟେ ଧରି ସମସ୍ତଙ୍କ ଆଗରେ ଖୋଲି ଧରୁଛନ୍ତି, "ଏ ବର୍ଷ ଆମ ରେଜଲ୍ଟ ବଢ଼ିଆ ହେଇଛି। ମିଠାଟେ ଖାଆ"।

ରଜନୀ ହାତ ମାରିଦେଲା। ଏତେ ସୁନ୍ଦର ସ୍ୱପ୍ନଟେ ଭାଙ୍ଗିଗଲା। ସେ ଘଣ୍ଟା ଦେଖିଲା। ଏଗାରଟା ଦଶ। ପ୍ୟାଣ୍ଟସାର୍ଟ ପିନ୍ଧିଲା। ଆଜି ଯେ ତା'ଠୁ ତା' କଲିଜା ଛଡ଼େଇ ନବାର ଦିନ। ସେ ଆଜିର ଆସାମୀ - ଘରେ ଶୋଇବ କେମିତି।

ମିଟିଂରେ ପ୍ରାୟ ସମସ୍ତେ ତାକୁ ଟେକିଟାକି କଥା କହିଲେ। ହ...ଅ...ଅ... ସେଥିରେ ତା'ର କ'ଣ ଯାଏ ଆସେ? ମଲା ପୁଅ ତ ମଧୁସୂଦନ। ଆଜି ଆଉ ତାକୁ କିଏ ଗାଳି ଦେଇଥାନ୍ତା ନା କ'ଣ? ଶେଷରେ ତାକୁ ଅନୁରୋଧ କରାଗଲା। ସେ କିଛି କହୁ।

ଆରମ୍ଭରୁ ଜାଣିଥିଲା ସେ କିଛି କହିପାରିବନି। ତଥାପି ଉଠିଲା। ଯେତେ ବାଟ ଜଗିଲେ ବି ଦି' ଧାର ଲୁହ ତା' ଗାଲ ଭିଜେଇଦେଲା। ଯେତେ ଗଳା ସଫା କଲେ ବି ପଦଟେ ତା' ପାଟିରୁ ବାହାରିଲାନି। ବହୁତ କଷ୍ଟରେ ଖାଲି ଏତିକି କହିଲା, "ଅନୁମତିଟେ ମାଗୁଛି। କଲେଜ ବାହାର ଦୁନିଆକୁ ମୁଁ ଚିହ୍ନିନି। ଏଠୁ ବାହାରିଲେ ମୁଁ ବଣା ହେଇଯିବି।" ହାତ ଯୋଡ଼ିଦେଲା ସେ... "ମୋତେ ସବୁଦିନ ଆଗଭଳି ଯଦି କଲେଜ ଆସିବାର ଆଜ୍ଞା ମିଳନ୍ତା। ..... ମୁଁ ଆସନ୍ତି, କାମ କରନ୍ତି। ନ ହେଲା ନାହିଁ ଦରମା - ପେନ୍‌ସନ୍ ମୁଠାଏ ତ ମିଳିବ। ସବୁ ଏଇ କଲେଜ ପାଇଁ। ଖାଲିଟାରେ କାହିଁକି ବସି ଟଙ୍କା ନେବି?"

ପ୍ରିନ୍‌ସିପାଲ ହସିଦେଲେ, ଭାଇସ୍ ପ୍ରିନ୍‌ସିପାଲଙ୍କ ସହିତ କଣ ଟିକେ ଫୁସ୍‌ଫାସ୍ କଥାହେଲେ, କହିଲେ, "ତୁମକୁ କିଏ ମନା କରିବ? ତୁମ କଲେଜ - ତୁମେ ଆସିବ ଆଗଭଳି - ହେଲା?"

ସେତିକିରେ ଶଙ୍କରର ପେଟଟା ପୂରିଗଲା। ତା' ଭିତରର ହା-ହୁତାଶ ଥମିଗଲା। ଆଗଭଳି ସେ ହସିଲା, ଖାଇଲା- ଗପିଲା। ସେଦିନ ରାତିରେ ପରଦିନ ପାଇଁ ରଜନୀକୁ ତାଗିଦ୍ କଲା- "ମୁଁ କାଲିଠୁ ଠିକ୍ ସମୟରେ କଲେଜ ଯିବି- ଭାତ ରାନ୍ଧିଥିବୁ।" ଅବାକ୍ ରଜନୀକୁ ସେମିତି ଛାଡ଼ିଦେଇ ସେ ବିଛଣାରେ କଡ଼ ଲେଉଟାଇଲା। ଆତୁଆଳ ହେବାରୁ ଟିକେ ହସିଦେଲା।

ପରଦିନ ସକାଳୁ ନରେନ୍ଦ୍ର ଆସି ହାଜର ତା' ଘରେ। ନରେନ୍ଦ୍ର- ନୂଆ ପିଅନଟା। ଏଇ ଦି' ଅଢ଼େଇ ବର୍ଷ ହବ ଚାକିରୀ କରିଛି। ମ୍ୟାନେଜମେଣ୍ଟ ପୋଷ୍ଟ- ଦି' ତିନି ହଜାର କେତେ ଦରମା ପାଉଛି। ତାକୁ ଦେଖି ଶଙ୍କର କାବା। "କି'ରେ ଦିନେ କାଳେ ତ ଆସୁନି। ଆଜି କାହିଁକି? ଆ - ଆ - ଆସିଛୁ ଯଦି ଭାତ ଗଣ୍ଡେ ଖାଇଦେ। ମୁଁ ପରା କଲେଜ ଯିବି - ତୁ ବ୍ୟସ୍ତ ହେଇ ଚାଲି ଆସିଲୁ ଯେ।" ରଜନୀକୁ ଟିକେ ଶୁଣେଇ ଶୁଣେଇ ବଡ଼ ପାଟିରେ ସେ କହିଲା। ରଣଚଣ୍ଡୀ ଟିକେ ବୁଝୁ- ତାକୁ ଦିନେ ନ ଦେଖିଲେ ଲୋକେ କେମିତି ବଣା ହଉଛନ୍ତି। ଇଏ ଯେ ଦିନ ଧମକ ଦଉଛି- "ତୋତେ ଛାଡ଼ିବି - ଛାଡ଼ିବି।"

ନରେନ୍ଦ୍ର ଟିକେ କୁନ୍ଥୁ କୁନ୍ଥୁ ହେଲା, କହିଲା, "ନାଇଁ ଭାଇ ଘରୁ ଖାଇ ଆସିଛି। ସାର୍ କହିଲେ କଲେଜ ଚାବିଗୁଡ଼ା ମୋତେ ଦେଇଥାଅ- ଆଜି ଟିକେ ଜଲ୍‌ଦି କଲେଜ ଖୋଲିବି।"

କିଛି ଟିକେ ବି ନ ଭାବି ଚାବି ବଢ଼େଇ ଦେଲା ଶଙ୍କର। ନିଜେ ଖାଇପିଇ ଯାଇ କଲେଜରେ ପହଞ୍ଚିଲା ବେଳକୁ, ତଥାପି ନରେନ୍ଦ୍ରର ସବୁ ରୁମ୍ ଖୋଲା ସରି ନଥିଲା। ହଁ, ସିଏ କୋଉ ତାଲା ଚିହ୍ନୁଛି ନା ଚାବି? ତା'ଠୁ ନେଇ ଧଡ଼ାଧଡ଼୍ ସବୁ ରୁମ୍ ଖୋଲିଦେଲା ଶଙ୍କର।

ପ୍ରିନ୍ସିପାଲ ଆସିବା ଆଗରୁ ତାଙ୍କ ଟେବୁଲ, ଚେୟାର ଝାଡ଼ିଦେଲା। ସୁମନ୍ତକୁ କହିଲେ, "ଏଇ ଚିଠିଟା ନେଇ ଏକ୍‌ଜାମିନେସନ୍ ସେକ୍‌ସନ୍‌ରେ ଦିଅ। ସେମାନେ ରିସିଭ କରିସାରିଲା ପରେ ଏକ୍‌ଜାମ୍ ଇନ୍‌ଚାର୍ଜଙ୍କୁ ଦେଇଦବ।"

ସବୁଦିନେ ସୁମନ୍ତ ତାକୁ ଟିକେ ସହିପାରେନି। କେମିତି ଗୋଟାଏ ଅବଜ୍ଞାର ନଜର ପକେଇ ସେ ଚିଠିଟା ନେଇ ଚାଲିଗଲା। ଫେରି ଆସିଲା ଶଙ୍କର।

ଟିକେ ପରେ ବଡ଼ବାବୁଙ୍କ ଟେବୁଲ ଉପରୁ ଦମା କାଶର ଲହର ଶୁଭିଲା। ତାଙ୍କର ଏମିତି କାଶଟା ମଝିରେ ମଝିରେ ବାହାରେ। ପାଣି ଗ୍ଲାସଟେ ପିଇଦେଲେ ଟିକେ ଶାନ୍ତ ପଡ଼ନ୍ତି ସେ। ଅଭ୍ୟାସ ବଶତଃ ପାଣି ଗ୍ଲାସଟେ ଧରି ସେ ଠିଆ ହେଇଗଲା ଟେବୁଲ ପାଖରେ। ବଡ଼ବାବୁ ତାଙ୍କ ବୋତଲରୁ ପାଣି ପିଇଲେ, କହିଲେ, "ଶଙ୍କର- ଆଜି ଆସିବନି ଭାବିଥିଲି ତ ପାଣି ନେଇ ଆସିଥିଲି ଘରୁ।"

ବାରଟା ବେଳକୁ ପୁଣି କଲିଂ ବେଲ ବାଜିଲା। ତାକୁ କେହି କହି ନଥିଲେ ଯଦିଓ- ସେ ଜାଣିଥିଲା କ୍ଲାସ ଫୋରଙ୍କ ସାଙ୍ଗରେ ମିଟିଂଟେ ଅଛି ସାର୍‌ଙ୍କର। ସମସ୍ତେ ପଶିଲେ ଭିତରେ- ସେ ବି। ସାର୍ ଉଦୟ ହାତକୁ ବଢ଼େଇ ଦେଲେ ଫାଇଲ୍‌ଟେ- କହିଲେ, "କାମ ସମସ୍ତଙ୍କ ଭିତରେ ବଣ୍ଟା ହେଇସାରିଛି। ନିଜ ନିଜ ନାମ ପାଖରେ ଦସ୍ତଖତ କର। କାହାର ଯଦି କିଛି ଅଭିଯୋଗ ଅଛି- ଆଜି ଏଇଠି ମୋ ପାଖରେ କହିଦିଅ। ପରେ କେହି ଗୁଁ ଗୁଁ ହବନି କି ସାର୍ ମ୍ୟାଡାମ୍ ମାନଙ୍କୁ ହଇରାଣ କରିବନି।"

ବାରଣ୍ଡା ପାରାପେଟ ଉପରେ ଫାଇଲଟା ଥୋଇ ସମସ୍ତେ ନିଜ ନିଜ ନା" ପାଖରେ ଦସ୍ତଖତ କଲେ। ସୁମନ୍ତ ବିରକ୍ତ ହେଲା, "ପରୀକ୍ଷା ସାଙ୍ଗରେ କ୍ୟାଣ୍ଟିନ୍ - ତା ସାଙ୍ଗରେ ପୁଣି କମନ୍ ରୁମ୍। ମୋତେ ତ ଏକା ପାଇଛନ୍ତି...।"

ନରେନ୍ଦ୍ର ବି ବିରକ୍ତ- ଚାରିଟା ଡ୍ୟୁଟି ମୋର। ଏତିକିରେ ହେଲେ ଛାଡ଼ନ୍ତେ। ଆନୁଆଲ ଫଙ୍କସନ ହବ କି ବ୍ଲଡ଼ ଡୋନେସନ କ୍ୟାମ୍ପ- ସେଥିରେ ବି ଗୁଡ଼ାଏ କାମ ଥୋପି ଦେବେ ମୋ'ରି ମୁଣ୍ଡରେ।

ଚମ୍ପା ଲେଡ଼ି ପିଅନଟା। ତାଙ୍କୁ କଣ ଆଉ ପୋଷ୍ଟ ଅଫିସ୍ କି ବ୍ୟାଙ୍କ୍ କାମ ମିଳନ୍ତା କି? ଷ୍ଟୁଡେଣ୍ଟସ କମନ ରୁମ୍, ଆଇ.ଟି. ଲାବ-ଅଫିସ୍- ଏତିକିରେ ଭିତରେ ଘୁରା ଫେରା ହେବ ସେ। ହେଲେ ସେଇଥି ପାଇଁ ବି ସୁମନ୍ତର ଆପତ୍ତି। ଛି- ସବୁ କାମରେ କଣ୍ଟା ଫୋଡ଼ିବା ଯା ଅଭ୍ୟାସ। ପ୍ରିନ୍ସିପାଲ ପରା ନିଜେ ବାରବାର କୁହନ୍ତି- "ଏକା ଶଙ୍କରକୁ ଯାହା କାମ ଦିଅ ସେ ମନା କରିବନି, ନ ହେଲେ ଆଉ ସମସ୍ତେ ବଦମାସ।"

ଫାଇଲ୍ ଉପରୁ ମୁଣ୍ଡ ସଂଖ୍ୟା କମିଗଲା ପରେ ପେନ୍ ଧରି ସେ ବି ଆଗେଇଗଲା ଦସ୍ତଖତ କରିବା ପାଇଁ। ହେଲେ ଆରମ୍ଭରୁ ଶେଷ ଯାଏଁ ତା ନାଁ କାହିଁ? କି କାମ ସେ କରିବ? ଝର୍କା ପଟେ ସାର୍ ବୋଧହୁଏ ଦେଖୁଥିଲେ ତାକୁ। ଭିତରୁ ଡାକଟେ ଦେଲେ, "ଶଙ୍କର..."

"ଆଜ୍ଞା ସାର୍ -" ଭିତରେ ପଶିଲା ସେ।

"ଶୁଣ- ନିୟମତଃ ତୁମେ ଅବସର ନେଇସାରିଛ। କଲେଜ ଫାଇଲରେ ଆଉ ତୁମ ନାଁ କେମିତି ରହିବ? ସେଥିପାଇଁ ଲେଖିନି- ତୁମର ଯୋଉ କାମ ଇଚ୍ଛା- ତୁମେ ସେୟା କରିବ। ହେଲା?"

ମୁଣ୍ଡ ଝୁଙ୍କେଇ ଫେରି ଆସିଲା ସେ। ଏତେ ସ୍ୱାଧୀନତା? ସେ କରିବ କ'ଣ? ଏଥର ଲମ୍ବା ବେଞ୍ଚଟା ଉପରେ। କେତେ ବେଳେ ସୁମନ୍ତ- କେତେବେଳେ ନରେନ୍ଦ୍ର ପୁଣି କେତେବେଳେ ଚମ୍ପା କି ଆଉ କିଏ - ଯିଏ ଯେତେବେଳେ ସମୟ ପାଇଲେ ତା'ରି ପାଖରେ ଘଡ଼ିଏ ବସିଯାଉଥାନ୍ତି। ଗପି ପକାନ୍ତି ଦି' ପଦ- ପୁଣି କିଏ ଡାକଟେ ଦେଲେ କି ସାର୍ ବେଲ୍ ମାରିଲେ ତରତର ହେଇ ଉଠି ପଳାନ୍ତି। ତାକୁ କିନ୍ତୁ କେହି ଡାକୁ ନ ଥାନ୍ତି- କାମଟେ ବରାଦ କରୁ ନ ଥାନ୍ତି - ଡେରି ହେଲେ ଗାଳି ଦଉ ନ ଥାନ୍ତି। ବରଂ ସମ୍ଭ୍ରମର ସହିତ ଚା' କପ୍‌ଟେ କି ବୁଟଭଜାର ଠୁଙ୍ଗାଟା ବଢ଼େଇ ଦଉଥାନ୍ତି ତା' ଆଡ଼କୁ।

ସେଦିନ ରାତିରେ ତାକୁ କାହିଁକି ଜମା ଭଲ ନିଦ ହେଲାନି। ମୁକ୍ତିର କଣ୍ଟାଟା ବି ଏତେ ତିକ୍ଷଣ ବୋଲି ସେ ଆଦୌ ଭାବିପାରୁନଥିଲା। ସେ ଗୁମୁରୁ ଥିଲା- ତା' ଭିତରଟା କ୍ଷତାକ୍ତ ହେଇ ଯାଇଥିଲା। ସେ କାନ୍ଦି ପାରୁନଥିଲା- ପୂର୍ବ ରାତିରେ ରଜନୀ ଆଗରେ, "ହୁଁଃ- ଦେଖିଲ ତ ଆମ କଲେଜକୁ? ମଲା ପର୍ଯ୍ୟନ୍ତ ମୋତେ ଛାଡ଼ିବେନି। ମୁଁ ନ ହେଲେ କଲେଜ ଚାଲିବ?" କହି ଫୁଟାଣି ମାରିଥିବା ଜିଭଟା ଭିଡ଼ିମୋଡ଼ି ହେଇ ଭିତରେ ଶୋଇପଡ଼ିଥିଲା।

ପରଦିନ ତା'ର ଆଉ ସେ ଆଗ୍ରହ ନ ଥିଲା। ଖାଲି ଗୋଟାଏ ବଢ଼େଇ କରି କହିଦେଇଥିଲା- ନ ଗଲେ ସମସ୍ତେ ହସିବେ ବୋଲି ପଛରୁ ଧକ୍‌କା ମାରିଲା ଭଳି ସେ ଉଠିଲା- ମଠେଇ ମଠେଇ ବାହାରି କଲେଜରେ ପହଞ୍ଚି ଘଣ୍ଟା ଦେଖି ସେ ଚମକି ପଡ଼ିଲା। ଦଶଟା କୋଡ଼ିଏ? ସାରା ଜୀବନଟା ବିତିଗଲା ନଅଟା ପୂର୍ବରୁ ସିନା ସେ ପହଞ୍ଚିଯାଏ- କେବେ ନଅଟା ଏକ ହେଇନି। ଆଜି ....।

ମନ୍ଥର ଅଳସ ଗତିରେ ସେ ଯାଇ ଷ୍ଟୁଲଟାରେ ବସି ପଡ଼ିଲା। ପ୍ରିନ୍ସିପାଲ ବେଲ୍ ମାରିଲେ ସେ ଉଠିଗଲା ଭିତରକୁ। ସାର୍ କହିଲେ, "ଚମ୍ପା କି ଉଦୟକୁ ଡାକ ତା"

ସେ ଡାକି ଦେଲା। ଚମ୍ପା ହାତରେ ସାର୍ ଗଦାଏ ସର୍ଭିସ୍ ବୁକ୍ ଧରେଇ ଦେଲେ। ଆଡମିନିଷ୍ଟ୍ରେଟିଭ ବରସାରଙ୍କୁ ଦେବା ପାଇଁ କହିଲେ। ଶଙ୍କର ଥମ୍ - ଏତିକି କଣ ସେ କରିପାରିନଥାନ୍ତା?

ମନ ବୁଝିଲା ଭଳି ସାର୍ କହିଲେ, "ସର୍ଭିସ୍ ବୁକ୍ ଗୁଡ଼ାକତ ଗୋପନୀୟ ଭାରି...। ସେଥିପାଇଁ...।" ମାନେ? ସେ ଏତେ ପର ହେଇଗଲା ଯେ - ସମସ୍ତଙ୍କର ସର୍ଭିସ୍ ବୁକ୍ କିଣିବା-ବାଇଣ୍ଡିଂ କରିବାରୁ ବୋହିବା - କୋଉ କାମ ସେ ନ କରିଛି ଯେ... ଆଜି...

ଛାଡ଼ - ସାର୍ କହିଲେ, "ବସ ଶଙ୍କର - ଗୋଟାଏ କଥା କହିବାର ଥିଲା ତୁମକୁ।" ବସିବ? କୋଉଠି? ଆଜି ପର୍ଯ୍ୟନ୍ତ ସେ ବସିଛି?

ପ୍ରିନ୍ସିପାଲ କି କୋଉ ଷ୍ଟାଫଙ୍କ ଆଗରେ ? ହଉ - ସାର କହୁଛନ୍ତି ଯେତେବେଳେ - ସେଇଠି - ତଳଟାରେ ବସି ପଢୁଥିଲା ସେ ।

ସାର୍ କହିଲେ, "ନାଇଁ- ନାଇଁ - ଏଇଠି - ଏଇ ଚେୟାରରେ ବସ ଶଙ୍କର । କାଲିପରଠୁ ତୁମେ କ'ଣ ଆଉ ମୋର ଅଧସ୍ତନ ହେଇ ଅଛ ?"

ବୋକାଙ୍କ ଭଳି ଅନେଇଥିଲା ସେ । ଏ ସମ୍ମାନ ସତେ ଯେମିତି ଅଗ୍ନି କଣା ହେଇ ବର୍ଷିଗଲା ତା' ଉପରେ । ସେ ବସିପାରିଲାନି - ରୁଦ୍ଧି ହେଇ ଆସୁଥିବା ଗଳାରେ କହିଲା, "ନାଇଁ ସାର୍- ପାରିବିନି- ଏଇଠି ଠିଆ ହେଇଛି - କୁହନ୍ତୁ ।"

ସାର୍ କହିଲେ, "ଶଙ୍କର - କଲେଜ କ୍ୱାର୍ଟରଟା ତୁମକୁ ଛାଡ଼ିବାକୁ ପଡ଼ିବ । ନିହାତି କାଲି ବୋଲି କହୁନି । ତିନିମାସ ଭିତରେ ଛାଡ଼ିଦିଅ । ନା କ'ଣ କହୁଛ ?"

କ୍ୱାର୍ଟର କ'ଣ - ତା ମନ ବି ଛାଡ଼ି ଯାଇଥିଲା । ସାର୍ କହୁଥିଲେ, "ତୁମେ ଗୋଟେ କାମ କର । ମୋ କ୍ୱାର୍ଟର ପଛଆଡ଼େ ଯୋଉ ଗୋଟିକିଆ ଘରଟା ଅଛି- ସେଇଠିକି ଚାଲିଆସ ।"

ମନା କଲା ଶଙ୍କର । କାହିଁକି ଆଉ ? ଭଙ୍ଗା ଗଳାରେ କହିଲା, "ନା ସାର୍- ଗାଁ'କୁ ପଳେଇବି ଠିକ୍ କରିଛି । ବାପା ବୁଢ଼ା ହେଇ ଗଲେଣି... ।" କହିଲା ଶେଷ ନମସ୍କାରଟେ ବି କଲା କି ନାହିଁ କେଜାଣି- ଫେରିପଡ଼ିଲା । ଷ୍କୁଲଟା ଆଡ଼କୁ ଥରେବି ଅନେଇଲାନି- ସିଧା ଏକ ମୁହାଁ ହେଇ ଆସି ଗଡ଼ିପଡ଼ିଲା ତା ଖଟ ଉପରେ । ତା' ଭିତରେ ସବୁ କଳା ହରଣ ହେଇ ଯାଇଥିଲା କି କଣ କେଜାଣି- ଭାରି ଥକା ଥକା ଲାଗୁଥିଲା ତାକୁ ।

*ଯୋଡ଼ା ମହିଳା ମହାବିଦ୍ୟାଳୟ, ବନେଇକଳା, ଯୋଡ଼ା,*
*କେନ୍ଦୁଝର-୭୫୮୦୩୮*
*ଦୂରଭାଷ: ୯୪୩୭୫୪୬୬୯୨*



# କିଏ ଆଗୋ ଶୌର୍ଯ୍ୟମୟୀ, କରୁଣାମୟୀ, ପ୍ରଜାବତ୍ସଳା-ମହାରାଣୀ ଶୁକଦେଇ

ଚୌଧୁରୀ ବରଦା ପ୍ରସନ୍ନ ଦାସ

ଆମର ମାନସଯାତ୍ରାରେ ମନୀଷା ଆମକୁ ଉଜାଣି ବାହି ନେଇ ଯେଉଁ ସୁରମ୍ୟ ଜନପଦରେ ପହଁଚେଇଲା ତା'ର ନାମ ବାଙ୍କୀ । ରାଜ୍ୟର ସମୀପରେ ବହିଯାଉଛି ଓଡିଶାର ଜୀବନରେଖା ମହାନଦୀ। ଭକ୍ତିପ୍ଲୁତ ପ୍ରଣାମ କଲୁ ମା ଚଉକେଇ (ଚର୍ଚ୍ଚିକା)ଙ୍କୁ। ତନ୍ମୟ ହୋଇଗଲା ମନୀକ୍ଷା ନଗର ସନ୍ନିକଟ ମାଳତି ମୁଣ୍ଡିଆ ଉପରେ ଏ ପ୍ରେମୀଯୁଗଳ କିଏ ? ମନୀଷା ଆମକୁ କବୟତ୍ରୀ ସୁଧାଂଶୁବାଳା ମହାନ୍ତିଙ୍କ କଣ୍ଠରୁ ଶୁଣାଇଲା-

ଠିଆ ହୋଇ ଦିନେ ମାଳତୀ ମୁଣ୍ଡିଆ
ଗଡର ସଉଧ ଚୂଳେ
ଦେଖୁଥିଲେ ରାଜା ଗୋଧୂଳି ସୁଷମା
ପ୍ରିୟା ସଙ୍ଗେ କୁତୁହଳେ
ଦୂରେ ସନ୍ନିବେଶି ଚପଳ ନୟନ
ସ୍ଥିରେ ରହିଁଥିଲେ ବେନି
ରାମ, ରାମପ୍ରିୟା ସୁରସୁନ୍ଦରୀଙ୍କୁ
ସୁରପତି ସଙ୍ଗେ ଘେନି ।

କବୀ କଣ୍ଠରୁ ଛଡେଇନେଇ ମନୀଷା କହିଲା ଇଏ ମଣି କାଞ୍ଚନର ସୁରମ୍ୟହାର । ଏଇ ପ୍ରେମିକ ପୁରୁଷ ବାଙ୍କୀ ନରପତି ଧନଞ୍ଜୟ ଆଉ ସାଥୀରେ ପ୍ରଣୟିନୀ ବଡମ୍ବା ରାଜବାଳା ଅପୂର୍ବ ସୁନ୍ଦରୀ ରାଣୀ ଶୁକଦେଇ। ସତରେ ଏମାନେ ରାମ ରାମପ୍ରିୟା ସଦୃଶ ।

ହଠାତ୍ କାନ୍ଦି ଉଠିଲା ମନୀଷା । ଏ ପ୍ରେମୀଯୁଗଳଙ୍କୁ ବିଚ୍ଛେଦ କଲା କିଏ ? ଇତିହାସର ଆଇନାରେ ସମୟ ୧୭୨୦ ରଣଭୂମିରେ ଅନ୍ୟାୟ ଯୁଦ୍ଧରେ ଏ ପ୍ରେମପକ୍ଷୀ ରାଜା ଧନଞ୍ଜୟଙ୍କୁ ଧରାଶାୟୀ କଲା କିଏ ସେଇ ଜହ୍ଲାଦ ? କଣ୍ଠରୋଧ ହୋଇଗଲା ମନୀଷାର । ବାଷ୍ପାକୂଳ ନୟନରେ ବାଙ୍କୀ ରାଜନଅର କମଳାବାଗର ସମାଧିତଳୁ ଆତ୍ମ ପ୍ରକାଶ କରୁଥିବା ରାଣୀଙ୍କ ସହଚରୀ ଅବନ୍ତୀକାଙ୍କୁ ଦେଖେଇଦେଲା । ଶୁଣ ଏ ପଥରକୁ ପାଣି କଲା ଭଳି କାହାଣୀ ।

ରାଣୀଙ୍କୁ କେମିତି ଏ ଦାରୁଣ ସମ୍ବାଦ ଦେବ ଅବନ୍ତୀକା ? ଜଣେ ନାରୀ ଜୀବନରେ ସ୍ୱାମୀର ଅକାଳ ବିୟୋଗ ସବୁଠାରୁ ମର୍ମନ୍ତୁଦ ଘଟଣା। ମୃତ୍ୟୁଠୁ ଆହୁରି କରୁଣ ଏଇ ବୈଧବ୍ୟ ଜୀବନ । ମୃତ୍ୟୁ ପୁଣି ଆଜି ଅକାଳରେ ଆତତାୟୀ ହାତରେ । ଚମକି ପଡିଲା ସଖୀ ଅବନ୍ତିକା । ନା, ରାଜ୍ୟ ହରେଇ ରାଣୀ ପାଲଟିବେ ବିଜୟୀ ରାଜାର ଶଯ୍ୟା ସଂଗିନୀ । ଇଛା ବିରୁଦ୍ଧରେ ବିଜୟୀ ରାଜାର ଅନୁଚର ମାନେ ସଜ୍ଜିତ ପାଲିଙ୍କିରେ ନେଇଯିବେ ସେଇ ଅତ୍ୟାଚାରୀର ଅନ୍ତଃପୁରକୁ । ବୀଭତ୍ସ ହସ ହସି ସେଇ କ୍ରୂର ରାଜା ଅଧିକାର କରିବ ଏଇ ପତିହରା ନାରୀର ଦେହକୁ । ପ୍ରତିବାଦ କରିବାର ଶକ୍ତି ନଥିବ, କେବଳ ସାଲିସ, ନଚେତ୍ ଆତ୍ମହତ୍ୟା । ଆଉ ଆଗକୁ ଚିନ୍ତା କରିପାରିଲାନି ।

ଏ ଥିଲା ସେ ସମୟର ପରମ୍ପରା । ବିଜିତ ରାଜ୍ୟର ନାରୀ ପାଲଟୁଥିଲେ ବିଜୟୀ ରାଜାର ସଂପତ୍ତି। ରାଜ ଅନ୍ତଃପୁରର ଚାରିକାନ୍ଥ ଭିତରେ ତାର ସ୍ୱର ମିଳେଇଯାଏ ।

କାଲିପରି ଲାଗୁଚି ବାଙ୍କୀ ନରେଶ ଧନଂଜୟ ହରିଚନ୍ଦନ ପୁରୀରୁ ଜଗନ୍ନାଥ ଦର୍ଶନ କରି ଫେରିବା ବାଟରେ ଖୋର୍ଦ୍ଧାରେ ଗଜପତି ନରେଶଙ୍କର ଅତିଥି ହୋଇଥିଲେ । ସାଥିରେ ଥିଲେ ଅସମ୍ଭବ ସୌନ୍ଦର୍ଯ୍ୟର ଅଧିକାରିଣୀ, ରାଣୀ ଶୁକଦେଇ । କ୍ରୁର, କାମୁକ, ପ୍ରବଞ୍ଚକ, ମାତୃଦ୍ରୋହୀ ଗଜପତି ଗୋପିନାଥ ଦେବ (ରାଜତ୍ୱ ସମୟ ୧୭୧୯-୧୭୨୭)ଙ୍କ ଦୃଷ୍ଟି ପଡିଲା ଏଇ ପତିପ୍ରାଣାଙ୍କ ଉପରେ । ମନରେ ଜଳିଲା କାମନାର ନିଆଁ ।

ଆଖିବନ୍ଦ ହୋଇଗଲା ସହଚରୀ ଅବନ୍ତୀକାର । ବଡମ୍ବାର ଏଇ ରାଜାବାଳା ଥିଲେ ସୁନ୍ଦରୀ ଆଉ ଧୀମତି । କନ୍ୟାବସ୍ଥାରେ ସେ ଚାଲିଗଲେ ସତେ ଯେମିତି ପଦ୍ମ ଫୁଟିଯାଉଥିଲା । ବାପାଙ୍କ ପାଖରେ ଅଳି କରିଥିଲେ ଭାଇ ସହ ସେ ମଧ୍ୟ ଅସ୍ତ୍ରଶସ୍ତ୍ର ଚାଳନା ଶିଖିବେ, ଜଙ୍ଗଲକୁ ପାରିଧିରେ ଯିବେ । ରାଜନବରର ଅୟସ ଭିତରେ ବନ୍ଦୀ ହୋଇ ରହିବେନି ବରଂ ଜନପଦରେ ବୁଲିବେ, ପ୍ରଜାଙ୍କ ସାଥୀରେ ସମୟ କଟାଇବେ ।

ସତରେ ପିତା ଠିକ୍ ସେପରି କଲେ । ରାଜକୁମାରୀର ଖୋଳପା

ଛାଡି ରାଜବାଳା ଶୁକଦେଈ ଯୁଦ୍ଧ ଶିକ୍ଷା ଶିବିରକୁ ଓହ୍ଲେଇଲେ । ପିଲାଟି ଦିନରୁ ଅବନ୍ତୀକା ତାଙ୍କର ସହଚରୀ । ଖୋଲାଖୋଲି ମନକଥା କୁହାକୁହି ହୁଅନ୍ତି ।

ଘୋଡା ପିଠିରେ ବସି କିଶୋରୀ ଶୁକଦେଈ ଯେତେବେଳେ ଅଦୃଶ୍ୟ ହୋଇ ଯାଆନ୍ତି ଚିନ୍ତାରେ ଚମକି ପଡେ ଅବନ୍ତୀକା। କେବେ ସେ କଳ୍ପନା କରିନଥିଲା ଯେ ସୁକୁମାରୀ ରାଜଦୁଲାଳୀ ଏପରି ଅଶ୍ୱଚାଳନା କରିପାରିବେ ବୋଲି । ବୀରା ବେଶରେ ସଜେଇ ହୋଇ ଏଇ ଅନିନ୍ଦ୍ୟ ସୁନ୍ଦରୀ ଯେତେବେଳେ ଅଭ୍ୟାସ କ୍ଷେତ୍ରକୁ ଓହ୍ଲାନ୍ତି ସେତେବେଳେ ମା ଦୁର୍ଗାଙ୍କର ଭୁବନମୋହିନୀ ସଂହାରିଣୀ ରୂପର ଭ୍ରମ ସୃଷ୍ଟିହୁଏ । ରାଜକୁମାର କ୍ଳାନ୍ତ ହୋଇପଡି ବେଳେବେଳେ ବିଶ୍ରାମ କରନ୍ତି କିନ୍ତୁ ଭଉଣୀ ଶୁକଦେଈ କେବେବି ଥକି ଯାଆନ୍ତି ନାହିଁ ।

ସେଦିନ ଏଇ କିଶୋରୀର ଆଉ ଗୋଟିଏ ରୂପ ଦେଖିଥିଲେ ଅବନ୍ତୀକା ଅଭ୍ୟାସ ଶେଷରେ ସାଧାରଣ କିଶୋରୀ ବେଶରେ ଜନପଦ କୁ ଚାଲିଯାଆନ୍ତି ରାଜନନ୍ଦିନୀ ଶୁକ ଦେଇ । ପୋଷାକ ସରଳ । ତଥାପି ଏକ ରାଜକୁମାରୀର ବ୍ୟକ୍ତିତ୍ୱ ଫୁଟିଉଠେ ସେଇ ସରଳ ଚେହେରାରେ । ଅସମ୍ଭବ ଦରଦୀ ଥିଲେ ଏଇ କିଶୋରୀ, ସାଧାରଣ ଜନତାଙ୍କ ଦୁଃଖ ବିଗଳିତ କରୁଥିଲା ତାଙ୍କୁ ।

ବୁଲି ବୁଲି ବେଳେ ବେଳେ ସେମାନେ ବସିଯାଆନ୍ତି ବଡମ୍ବା ନଗର ସୀମାନ୍ତରେ ଥିବା ପଦ୍ମପୋଖରୀ କୂଳରେ । ବଡମ୍ବା ଏକ କୁଞ୍ଜପରି । ଆମ୍ବଆଦି ଫଳଗଛରେ ନିବୁଜ । ଦିନେ ବୁଲିବା ଭିତରେ ଏକ ଚମକପ୍ରଦ ସଂବାଦ ରାଜକୁମାରୀଙ୍କୁ ଦେଇଥିଲେ ସହଚରୀ ଅବନ୍ତୀକା । ପାଟିକରି ନୁହେଁ କାନରେ ଚୁପ୍ କରି କହିଥିଲେ ଖୁବ୍ ଶୀଘ୍ର ବାଙ୍କୀ ରାଜକୁମାର ଧନଞ୍ଜୟଙ୍କ ସହ ତାଙ୍କର ବିବାହ କରିବାକୁ ପିତା ସ୍ଥିର କରିଛନ୍ତି । ସେତେବେଳେ ପିତାଙ୍କର ଇଚ୍ଛା କନ୍ୟା ଉପରେ ଲଦି ଦିଆଯାଉ ନଥିଲା। କନ୍ୟାର ମତାମତର ଗୁରୁତ୍ୱ ଥିଲା । ରାଜକୁମାରୀଙ୍କର ମତାମତ ନେବାର ଭାରଥିଲା ସଖୀ ଅବନ୍ତୀକାଙ୍କ ଉପରେ ।

ରାଗି ଉଠିଥିଲେ କିଶୋରୀ ଶୁକଦେଈ । ମୁହଁ ବୁଲେଇ ଦେଇଥିଲେ ଅନ୍ୟଦିଗକୁ। ତଥାପି ଗୋଲାପୀ ଗାଲ ଉପରେ ଆନନ୍ଦର ତରଙ୍ଗକୁ ଦେଖିପାରିଥିଲେ ଅବନ୍ତୀକା ବାଙ୍କୀ ରାଜକୁମାରଙ୍କର ଚେହେରା ଖୁବ୍ ମନଲୋଭା । ତାପରେ ମଙ୍ଗଳମହୁରି ବାଜିଥିଲା, ଆଉ ରାଜନନ୍ଦିନୀ ପାଲଟିଥିଲେ ବାଙ୍କୀର ରାଜରାଣୀ । ହେଲେ ଅବନ୍ତୀକାଙ୍କୁ ପାଖରୁ ଛାଡି ନଥିଲେ ଶୁକଦେଈ । ବାଙ୍କୀର ଜଣେ ଅମାତ୍ୟଙ୍କୁ ବିବାହ କରି ବାଙ୍କୀ ରାଜ୍ୟକୁ ଆସିଥିଲେ ସେ ।

ବିବାହ ପରେ ଉଭୟେ ଯାଇଥିଲେ ଦେବୀ ଚର୍ଚ୍ଚିକାଙ୍କ ମନ୍ଦିରକୁ । ପୂଜକ କାଚରେ ସିନ୍ଦୂରଟିକେ ମାରି ଦେଇ କହିଥିଲେ "ଅହି ସୁଲକ୍ଷଣୀ ହୁଅମା ।"

ଆଜି ହଠାତ୍ ଅବନ୍ତୀକାଙ୍କ ହାତରୁ ଯେମିତି ଶୁକଦେଈଙ୍କ କାଚମୁଠାକ ଖସି ପଡିଲା । ଯୁଦ୍ଧରେ ଖୋର୍ଦ୍ଧାର ଗଜପତି ରାଜା ଗୋପୀନାଥ ଦେବ ବାଙ୍କୀ ରାଜାଙ୍କୁ ଅନ୍ୟାୟ ଉପାୟରେ ଅବଲମ୍ବନ କରି ତାଙ୍କୁ ହତ୍ୟା କରିଛନ୍ତି। ଏ ହତ୍ୟା ପୂର୍ବ କଳ୍ପିତ । କାମୁକ ଗଜପତି ଅନ୍ୟାୟ ଯୁଦ୍ଧରେ ଶୁକଦେଈଙ୍କ ପ୍ରାପ୍ତି ଆଶାରେ ହତ୍ୟା କରିଛି ରାଜା ଧନଞ୍ଜୟଙ୍କୁ । ବଡଦେଉଳର ଦାରୁଦିଅଁ କ'ଣ ଏ ଅନ୍ୟାୟକୁ ଆଖିବୁଜି ଦେଲେ ।

ସାମନାରେ ସହଚରୀ ଅବନ୍ତିକାଙ୍କୁ ଦେଖି ସେଦିନ କମଳାବାଗ ନଅରରେ ବ୍ୟଗ୍ରରାଣୀ ତାଙ୍କୁ ଯୁଦ୍ଧର ସମ୍ବାଦ ପଚାରିଲେ । ସ୍ୱାମୀଙ୍କର ଯୁଦ୍ଧ ନିପୁଣତା ଉପରେ ବିଶ୍ୱାସଥିଲା ତାଙ୍କର ।

ମୁହଁ ତଳକୁ କରି ଉତ୍ତର ଦେଲେ ଅବନ୍ତୀକା "ଆଜି ଯୁଦ୍ଧରେ ରାଜା ନିହତ ହୋଇଛନ୍ତି ।" ଆଶଙ୍କାରେ ଥରି ଉଠୁଥିଲେ ସେ । ମ୍ରିୟମାଣ ରାଣୀ ଅଚେତ ହୋଇଯିବେ । ଏ ଦୁଃଖର ବୋଝକୁ ସେ ସହିବେ କେମିତି ? ରାଣୀଙ୍କର ଫୁଙ୍ଗୁଳା ବେଶକୁ କଳ୍ପନା କରି ପାରୁନଥିଲେ ସେ । ବଡମ୍ବାର ଏଇ ବିଜୁଳି କନ୍ୟା ସତରେ କ୍ଷଣପ୍ରଭା ପରି ଦୁଃଖର ଆକାଶରେ ଉଭେଇଯିବ । ଭୋ ଭୋ ହୋଇ କାନ୍ଦି ଉଠିଲେ ରାଣୀ । ଲୁହର ପଟଳତଳେ କିଛିକ୍ଷଣ ପାଇଁ ସେ ପ୍ରାୟ କିଛି ଦେଖି ପାରିଲେନି ।

ଶୁଣ ସରସ୍ୱତୀ ପୁତ୍ରୀ ଦରଦୀ କବୀ ସୁଧାଂଶୁବାଳା ମହାନ୍ତି କିପରି ମାର୍ମିକ ଭାଷାରେ କମଳାବାଗର ସମାଧିତଳେ କାବ୍ୟରେ ଶୁକଦେଈଙ୍କର ମନୋଭାବକୁ ବ୍ୟକ୍ତ କରିଛନ୍ତି ।

ନାହିଁ ଯେବେ ପ୍ରାଣ ଦେହ କି ରହିବ
କାୟା ବିନା କାହିଁ ଛାୟା
ସରିଛି ଜୀବନୁ ସକଳ ଭରସା
ତୁଟିଛି ସଂସାର ମାୟା
ବୀଣାରେ ଝଙ୍କାର ବୁନ୍ତେ ଫୁଲ ସମ
ନାରୀର ସୌଭାଗ୍ୟପତି
ଇହଲୋକେତାର ସୁଖର ଭଣ୍ଡାର
ପରଲୋକେ ଗତି ମୁକ୍ତି

କିନ୍ତୁ ଏ'କଣ କ୍ଷଣକ ଭିତରେ ଉଭାହେଲେ ଏକ ଅନିନ୍ଦ୍ୟ ସୁନ୍ଦରୀ ଭୁବନମୋହିନୀ । ସିନ୍ଥିରେ ସଦ୍ୟ ଆଉଥରେ ପିନ୍ଧିଛନ୍ତି ସିନ୍ଦୂର । ଉଭେଇଯାଇଛି ନିରୀହ ବଧୂର ଚେହେରା । ହାତରେ ଅସି । ଆର ହାତରେ ଢାଲ । ମଥାରେ ଶିରସ୍ତ୍ରାଣ । ସାକ୍ଷାତ ଦେବୀ ଦୁର୍ଗା । ଆଖିରେ ସଂହାରର ତୃଷ୍ଣା । କବୟତ୍ରୀ ସୁଧାଂଶୁବାଳା ରାଣୀ ଶୁକଦେଈଙ୍କର ଏଇ ରୂପାନ୍ତରୀତ ରୂପକୁ ନେଇ ଗାଇ ଉଠିଛନ୍ତି –

ପ୍ରେମାଶ୍ରିତାଲତା କଲାକେ ଲୁଣ୍ଠିତା
କାଟିପ୍ରିୟ ସହକାର
ଏହି ଖଣ୍ଡାଢାଲ ଏ ଅବଳା କର
ନେବ ପ୍ରତିଶୋଧ ତାର

ବାହାରେ ଅପେକ୍ଷା କରିଥିଲେ ଇତସ୍ତତଃ ହୋଇ ଯୁଦ୍ଧକ୍ଷେତ୍ରରୁ ପଳାୟନକରି ଫେରି ଆସିଥିବା କିଛି ସୈନିକ । ରାଜ୍ୟସାରା କରୁଣ ଚିତ୍କାର । ଅନାଗତ ଆଶଙ୍କାରେ ସମସ୍ତେ ଭୟଭୀତ । ଏଇମାତ୍ର ଗଜପତି

ବିଜୟ ଉଲ୍ଲାସରେ ଆସିବେ । ବିଜୟର ଉଦ୍ଦାମତାରେ ପଶୁପାଲଟିଥିବା ଗଜପତିସେନା ଲୁଟତରାଜ ଅତ୍ୟାଚାରର ଆରମ୍ଭ କରିବେ । ଥରୁଥିଲେ ନାରୀ ଆଉ ଶିଶୁମାନେ ।

ରାଣୀଙ୍କ ହାଜର ଶଙ୍ଖବାଜି ଉଠିଲା ଆଉ କାର୍ଯ୍ୟକାରୀ ହେଲା ମାତୃ ଆଦେଶ । ରଣଦୁନ୍ଦୁରି ପୁଣି ବାଜିଉଠିଲା । ମା ଚର୍ଚ୍ଚିକା ଆତ୍ମପ୍ରକାଶ କଲେ ଏଇ ବୀରା ରମଣୀ ଦେହରେ । ରାଜାଙ୍କ ଅବର୍ତ୍ତମାନରେ ତାଙ୍କ ଆଖିରେ ଲୁହନଥିଲା । ଥିଲା ରଣ ଅଗ୍ନି । ଅଗ୍ନିର ଝୁଲ ଚମକି ଯାଉଥିଲା ରାଣୀଙ୍କ ଆଖିରୁ । ନିରସ୍ତ୍ର ବାଙ୍କୀ ନରେଶଙ୍କ ହତ୍ୟା ବାଧିଥିଲା ତାଙ୍କୁ । ସ୍ୱାମୀର ମୃତ୍ୟୁର ପ୍ରତିଶୋଧ ନୁହେଁ ବାଙ୍କୀର ସ୍ୱାଧୀନତା ଅକ୍ଷୁଣ୍ଣ ରଖିବାକୁ ଆଗେଇଗଲେ ରାଣୀ । ମହାକାଳକୁ ବାର୍ତ୍ତା ଦେଇଗଲେ ନାରୀ ଅବଳା ନୁହେଁ । ସେ କେବଳ ପ୍ରେମମୟୀ ଶ୍ରୀ ରାଧା ନୁହେଁ, ସଂହାରିଣୀ ଦୁର୍ଗା ମାଆ ।

ଅନୁସରଣ କରୁଥିଲେ ଅବନ୍ତୀକା । ଗଜପତି ଶିବିରରେ ଆନନ୍ଦ ଉଲ୍ଲାସରେ ପର୍ବ ଚାଲିଥିଲା । ହାତରେ ମଦିରା ଆଉ ଓଠରେ ବୀଭତ୍ସ ହସ। କାମୁକ ରାଜା ମନରେ ଥିଲା ନାରୀଭୋଗର ଲିପ୍ସା । ଅବନ୍ତୀକା ଭାବୁଥିଲେ ଗଜପତିଙ୍କ ଉପରେ ବିଶ୍ୱାସ ଆଉ ଭରସା କରି ବରୁଣେଇ ଉଆସରେ ଅତିଥି ହୋଇଥିଲେ ରାଜା ତ୍ରୈଲୋକ୍ୟ ଆଉ ରାଣୀ ଶୁକଦେଇ। ଗଜପତିଙ୍କ ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥ କେମିତି ସହିଲେ ଏ ଅନ୍ୟାୟକୁ । ଯୁଦ୍ଧବନ୍ଦୀଙ୍କୁ ହତ୍ୟା କରିବା ରାଜପରମ୍ପରା ନୁହେଁ, ସର୍ବଦା ନୀତି ବିରୋଧୀ । ପ୍ରଭୁ ଜଗନ୍ନାଥ କ'ଣ ରାଜଶକ୍ତିର ଦାସାନୁଦାସ । ସେଇଥି ପାଇଁ କଣ ସେ ହସ୍ତପାଦ ବିହୀନ ? ତେଣୁ ଅନ୍ୟାୟ ପାଖରେ ପ୍ରତିକ୍ରିୟାହୀନ ?

ନବୀନ ଉତ୍ସାହ ନେଇ ଆଗେଇ ଚାଲିଥିଲେ ବାଙ୍କୀ ସେନାନୀ । ସର୍ବାଗ୍ରେ ସଂହାରିଣୀ ଦୁର୍ଗାସମ ରାଣୀ ଶୁକଦେଇ । ଅବଳା ବିଧବା ନୁହନ୍ତି ସେ । ଝରି ପଡୁଥିଲା ଶ୍ରୀକ୍ଷେତ୍ରରୁ ବିମଳା, ରେଣୁକା ତଟ ବାସିନୀ ମା ଚର୍ଚ୍ଚିକାଙ୍କ ଆଶୀର୍ବାଦ । ଅଗ୍ନିର ଦେବୀ ମା'ହିଙ୍ଗୁଳା ତାଙ୍କ ଆଖିରେ ଦେଇଥିଲେ ଅଗ୍ନିର ଝୁଲ । ମା ସମଲେଶ୍ୱରୀଙ୍କ ନିଥର ଦୀପ ଶିଖା ପରି ତାଙ୍କର ଲକ୍ଷ୍ୟଥିଲା ସ୍ଥିର ଆଉ ଅଭେଦ୍ୟ । କବୀ ସୁଧାଂଶୁବାଳାଙ୍କ ଲେଖନୀରୁ ରିଗଲା କାଳଜୟୀ ଧାଡିଟିଏ ।

ସଂହାର ମୂରତି ଭୈରବୀ କି ଅବା
ଗ୍ରାସିବ ଏ ବିଶ୍ୱସାରା
ବିଜୁଳି ପରାଏ ଘୁରୁଛନ୍ତି ରାଣୀ
ପ୍ରତିହିଂସା ନଳେ ଜଳି
ମୁକ୍ତ ତରବାରୀ ଚାଲିଛି ବଇରୀ
ରୁଧୀର ପାରଣା କରି

ଥରି ଉଠିଲେ ଗଜପତି ସେନାନୀ । ନ୍ୟାୟ ପାଖରେ ହାରିଗଲା ଅନ୍ୟାୟ । ଗଜପତିଙ୍କର ସ୍ୱପ୍ନ ଭାଙ୍ଗିଗଲା । ହାତରେ ତାଙ୍କର ବେଡି ପିନ୍ଧାଇଲେ ଦେବୀ ବାହିନୀ । ମା' ଚର୍ଚ୍ଚିକାଙ୍କର ବିଜୟ ହେଲା । ମାତୃଶକ୍ତିର ବିଜୟ ହେଲା ।

ସହଚରୀ ଅବନ୍ତୀକା ସେଦିନ ରାତିରେ କମଳାବାଗ ନଅରରେ ଆବିଷ୍କାର କଲେ ଆଉଜଣେ ଶୁକଦେଇଙ୍କୁ। ଅବନ୍ତୀକାଙ୍କୁ କେବେ ପାଖଛଡା କରନ୍ତ ନାହିଁ ସେ । ଯୁଦ୍ଧରୁ ଫେରି ଅନ୍ତଃପୁରରେ ଦୀପଟିଏ ଜାଳି ତାର ଶିଖାକୁ ନିରବରେ ଚାହିଁ ରହିଥିଲେ କମଳାବାଗର ଏଇ କମଳିନୀ । ଅବନ୍ତୀକା ଚିନ୍ତା କରୁଥିଲେ "ରଗଡିଗଡର ଏଇ ଭୟଙ୍କର ଯୁଦ୍ଧର ସେନାପତି କ'ଣ ଥିଲେ ଏଇ ନାରୀ ?" ଗୋଟିଏ କଥାକୁ କିନ୍ତୁ ଭୁଲିପାରୁନଥିଲେ ଅବନ୍ତୀକା ।

ଯୁଦ୍ଧ କ୍ଷେତ୍ରରେ ଆଶ୍ଚର୍ଯ୍ୟରେ ଚାହିଁଥିଲେ ଅବନ୍ତୀକା । କ୍ରୋଧ ଜର୍ଜରିତ ଆଖିରେ ଜାଗୁଳେଇପାଟଣା ଶିବିର ଦିଗରୁ ପ୍ରତୀୟମାନ ହେଲେ ଏକ ବିରଳ ପୁରୁଷ । ଏ ଯେ ପ୍ରଭୁ ଜଗନ୍ନାଥ । ଅବିଶ୍ୱାସ ଆଖିରେ ଚାହିଁଲେ ଅବନ୍ତୀକା । ହାତ ଅଛି, ପାଦ ଅଛି, ଆୟୁଧ ଅଛି । ଗଜପତିର ସମ୍ମାନ ପାଇଁ କଣ ପୁଣି ଯୁଦ୍ଧ କ୍ଷେତ୍ରରେ ପ୍ରଭୁ ନିଳାଦ୍ରିବିହାରୀ ଅନୁଗତ ରାଜା ଆଉ ରାଜ୍ୟର ସମ୍ମାନ ପାଇଁ ଉପନୀତ । କଳା, ଧଳା ଘୋଡାରେ ଚଢି ସେ ଯାଇଥିଲେ କାଞ୍ଚି ରାଜ୍ୟକୁ । ଆଜି ପୁଣିଥରେ କ'ଣ ପ୍ରମାଣିତ କରିବାକୁ ଚାହୁଁଛନ୍ତି ଈଶ୍ୱର ରାଜାର ଦାସ । ଖୋରଧା ଗଜପତିର ଅନ୍ୟାୟ ଆଚରଣ କ'ଣ ବାଧିନାହିଁ ତାଙ୍କୁ ? ପୁଣି କଣ ନାରୀ ଅପହରଣରେ ସହାୟ ହେବେ ପ୍ରଭୁ ଜଗନ୍ନାଥ ?

ଚକିତ ହେଲେ ଅବନ୍ତୀକା । ଯେତେବେଳେ ଏଇ ବିରଳ ପୁରୁଷୋତ୍ତମ ଆରମ୍ଭ କଲେ ମାତୃବନ୍ଦନା । ଗଜପତିର ଅନ୍ୟାୟ ବିରୁଦ୍ଧରେ ସେ ଅଦୃଶ୍ୟରେ ଅସ୍ତ୍ର ଧରିଛନ୍ତି । ସସାଗରା ଧରାର ଯେ ଅଧୀଶ୍ୱର ସେ କେମିତି ଦାସ ହେବ ଗୋଟାଏ ସାମାନ୍ୟ ରାଜାର କିଛି ଅନୁଗତ, ପୁରୋହିତ, ପାରିଷଦଙ୍କର । କେମିତି ସେ ବାନ୍ଧିହେବେ କିଛି ମହନ୍ତ, ପୂଜକ, ପିଠାଧୀଶଙ୍କ କାମନା, ସ୍ୱାର୍ଥ ଆଉ ପରାମର୍ଶ ପାଖରେ ? ପରମ ବିକ୍ରମରେ ଅସ୍ତ୍ରଚାଳନା କରୁଥିଲେ ଶୁକ ଦେଇ । ସୁରେଶ୍ୱରୀ ସମ ବୈଷ୍ଣବୀଙ୍କର ଜ୍ୟୋତି ଦିଶୁଥିଲା ଶୁକଦେଇଙ୍କ ଆଖିରୁ । ଶୁକଦେଇଙ୍କ ମଥାରେ ବିଜୟ ସିନ୍ଦୂର ପିନ୍ଧେଇ ଜଗନ୍ନାଥଙ୍କର ଏଇ ଅବତାର ରହିଗଲେ ଜାଗୁଳେଇପାଟାଣା ନିବାସରେ । ଲୀନ ହୋଇ ଯାଇଛନ୍ତି ସଂହାରିଣୀ ରୂପରେ ରୂପାନ୍ତରିତ ଶୁକଦେଇଙ୍କ ଅଙ୍ଗରେ, ମନରେ ପ୍ରାଣରେ । ସେଦିନ ରାତିରେ ଅବନ୍ତୀକାଙ୍କୁ ପାଖରୁ ଛାଡି ନଥିଲେ ରାଣୀ । ଅବନ୍ତୀକାଙ୍କ ଆଖିକୁ ଦେଖାଯାଉଥିଲା ବଡମ୍ବାର ସେଇ ଶାନ୍ତ ସରଳ ରାଜକୁମାରୀ, ପୁଣି ଭାଇଙ୍କ ସହ ସମରାଭ୍ୟାସ ବେଳର ଉଦ୍ଦାମତା । ଆହୁରି ଦେଖୁଥିଲେ ସ୍ୱାମୀ ଧନଞ୍ଜୟ ସହ ଲୀଳାମୟ ଜୀବନଧାରା ଆଉ ଆଜିର ଏଇ କରୁଣ ପରିଣତି ।

ପ୍ରତିଶୋଧର ନିଆଁରେ ତାଙ୍କର ମନ ଜଳିଯାଉଥିଲା । କାଲି ଖୋର୍ଦ୍ଧାର ବନ୍ଦୀ ନରେଶଙ୍କର ବିଚାର ହେବ । ସାରା ରାଜ୍ୟର ଲୋକେ ବିଶ୍ୱାସଘାତକ ରାଜାର ମୃତ୍ୟୁଦଣ୍ଡ ଶୁଣିବାକୁ ବ୍ୟଗ୍ର । ଚାରିଆଡେ ଖାଲି ପ୍ରତିଶୋଧ ଆଉ ପ୍ରତିଶୋଧର ସ୍ୱର । ରାତି ପାହି ସକାଳ ହେଲେ କମଳାବାଗ ଉଆସରେ ବିଚାର ହେବ । ବୁଢାବୁଢିଏ ଆକାଶକୁ ଚାହିଁ ରାଗରେ ଶାଗୁଣା ମାନଙ୍କ ଉଦ୍ଦେଶ୍ୟରେ କହୁଥିଲେ "ରୁହୁରୁହ କାଲି ରାଜାର ମାଉଁସ ଖାଇବ ।" ବାଙ୍କୀ କଟକରେ ସେଦିନ କାହା ଆଖିରେ ନିଦ ନଥିଲା ।

ତା ପରଦିନ କମଳାବାଗ ଇଜାଲାସରେ ବିଚାରପତି ଆସନରେ ଯିଏ ଆସିଲେ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ ଅବନ୍ତୀକା । କିଏ ଏଇ ଶାନ୍ତକାନ୍ତ ଦେବୀ ଶାରଦା ସମ ମାତୃପ୍ରତିମ ନାରୀ । ଆଖିରେ ସତେ ଯେମିତି କରୁଣାର ସାଗର । ଅବନ୍ତୀକା ଖୋଜୁଥିଲେ ପ୍ରତିଶୋଧର ନିଆଁକୁ । ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ରାଣୀ ଘୋଷଣା କଲେ ମଣିଷକୁ ହତ୍ୟା କରିବା ରାଜଧର୍ମ ନୁହେଁ । କ୍ଷମା କରିଦେଲେ ସ୍ୱାମୀହନ୍ତା ନରେଶଙ୍କୁ । କମଳାବାଗରୁ ସ୍ୱର ଶୁଭିଲା-

"ପତିବିନା ନାରୀ		କି ଗତି ସଂସାରେ
	ଜାଣେ ମୁଁ ମୋ ମନ ଜାଣେ
ଭାଷିଲେ ଗମ୍ଭୀରେ		ପ୍ରହରୀ ରାଜାଙ୍କ
	ବନ୍ଧନ ମୋଚନ କର"

ଗତରାତିରେ ସଂପୂର୍ଣ୍ଣ ନିରବତା ଭିତରେ ରାଣୀ କହିଥିବା କେବଳ ପଦୁଟିଏ କଥା ଅବନ୍ତୀକାଙ୍କୁ ଶୁଣାଗଲା । ଖୋର୍ଦ୍ଧାରାଣୀଙ୍କୁ ବିବର୍ଣ୍ଣା କରିବାର ଅଧିକାର ମୋର ନାହିଁ । ଧର୍ମାନ୍ଧ ମଣିଷକୃତ ବୈଧବ୍ୟ ସତରେ କେତେ କଷ୍ଟ ନଦେବ ତାଙ୍କୁ । କୁହ ଅବନ୍ତିକା, ପ୍ରତିହିଂସାରେ ମୁଁ କେତେ ମଥାରୁ ସିନ୍ଦୂର ଲିଭାଇ ଦେଲି । ରାତିର ଶେଷ ପହରରେ କାନ୍ଦି ଉଠିଥିଲେ ସେ । ବେଦର ମହାନ ବାଣୀ ଅନୁସାରେ ସେ ନିଜ ଭିତରେ ଦେଖିଥିଲେ ଅନ୍ୟକୁ । ଅବନ୍ତିକା ଦର୍ଶନ କରୁଥିଲେ ଆଦିଶଙ୍କରଙ୍କର ଚିରସଧବା, ପରାପ୍ରେମୟୀ, ତତ୍ତ୍ୱାତୀତମୟୀ, ଚିନ୍ମୟୀ, ବାଙ୍ଗମୟୀ ମୂର୍ତ୍ତିକୁ । ଝଂକୃତ ହେଉଥିଲା "କଲ୍ୟାଣ ବୃଷ୍ଟି ।"

ମନୀଷା ମାପି ପାରୁନଥିଲା କରୁଣାର ଏଇ ମହାରାଣୀଙ୍କର ମାନବିକତାର ଗଭୀରତାକୁ । ଯୁଦ୍ଧରେ ନିହତ ପାଇକମାନଙ୍କ ସ୍ମୃତିରେ ସେ ପୁଣି ସୁଧାଂଶୁବାଳାଙ୍କ କଣ୍ଠରେ ଗାଇ ଉଠିଲା-

ହିଂସାନଳେ ଜଳି		ରଚିଲି ପ୍ରଳୟ
	କେତେ ପ୍ରାଣେ ଦେଲି କଷ୍ଟ
ଛଡାଇ ନେଇଛି		କେତେ ସଧବାର
	ସୋହାଗ ସିନ୍ଦୂର ଚିହ୍ନ
ଛଡାଇ ନେଇଛି		କେତେ ଜନନୀର
	କୋଳୁ ତା ଅମୂଲ୍ୟ ଧନ
ଜଣକ କ୍ରୋଧାଗ୍ନି		ନିବାରି ଝରିଲା
	ଅନେକ ନେତ୍ରଲୁହ

ସେଇ ଦିବଂଗତ ନିରୀହ ଖୋରଧା ଆଉ ବାଙ୍କୀର ପାଇକମାନଙ୍କ ସ୍ମୃତିରେ ଗଢାହେଲା ମୁଣ୍ଡ ଦେଉଳ । ଆଜିବି ସେଇ ଦେଉଳ ଯୁଦ୍ଧମୁକ୍ତ ବିଶ୍ୱର ବାର୍ତ୍ତା ବହନ କରୁଛି । ମନୀଷା ପ୍ରଣାମ କଲା ଭିନ୍ନ ଏକ ଶୁକଦେଇଙ୍କୁ । କିଶୋରୀ ଶୁକଦେଇ ପ୍ରଲୁବ୍ଧ ନୟନରେ ବଡମ୍ବାର ଜନପଦରେ ଦେଖୁଥିଲେ ଅଗ୍ନିବିପନ୍ନଙ୍କ ସେବାରେ ନିମଗ୍ନ ବାଙ୍କୀ ଯୁବରାଜ ଧନଞ୍ଜୟଙ୍କୁ । ବଡମ୍ବାରେ ସେ ବର୍ଷ ପ୍ରଚଣ୍ଡ ଅଗ୍ନିକାଣ୍ଡରେ ପ୍ରଜାକୂଳ ସନ୍ତାପରେ ଥିଲେ । ବଡମ୍ବାର ମିତ୍ର ରାଜ୍ୟ ବାଙ୍କୀ ଆଗେଇ ଆସିଥିଲା । ଆଗରେ ଥିଲେ ରାଜକୁମାର । ସେବାରେ ତାଙ୍କର ନିଷ୍ଠା ଥିଲା ଅନେକ । ତାଙ୍କର ସେବା ଶୁକଦେଇଙ୍କ ଅନ୍ତରରେ ଆଣିଥିଲା ପୁଲକ । ପରେ ପିତା ଯେତେବେଳେ ବିବାହ ପ୍ରସ୍ତାବ ଆଣିଲେ ଶୁକଦେଇ ଭାବିଥିଲେ ଏହା ବିଧିର ସଂଯୋଗ ।

ଧନଞ୍ଜୟଙ୍କର ସ୍ମୃତିକୁ ପାଥେୟ କରି ଏଇ ବୀରାରମଣୀ ପାଳଟିଲେ ସେବିକା ରାଣୀ । ମା' ରୂପରେ ପ୍ରଜାମାନଙ୍କୁ ପାଳିଥିଲେ ଏଇ ଅମୃତ କୁମାରୀ । ଇତିହାସ ତାଙ୍କର ପ୍ରଜାବତ୍ସଳତାକୁ ପ୍ରାୟ ଦେଖିବାରେ ଅସମର୍ଥ ହୋଇଛି । କାରଣ ତାଙ୍କର କ୍ଷମାଗୁଣ ପାଖରେ ସବୁ ନିଷ୍ପ୍ରଭ ହୋଇ ଯାଇଛି । ତଥାପି ଭାରତବର୍ଷର ଏଇ ସର୍ବଗୁଣ ସଂପନ୍ନା ମହିୟସୀ ଏବେବି ଦେଶରେ ଅଜଣା ।

ପବିତ୍ର ଭାଦ୍ରବ ପୂର୍ଣ୍ଣିମା ତିଥିରେ ୧୬୮୬ ଖ୍ରୀଷ୍ଟାବ୍ଦରେ ବଡମ୍ବା ନରେଶ ବଳଭଦ୍ରଦେବଙ୍କ ଔରସରେ ମା' ଜୟନ୍ତୀ ଦେବୀଙ୍କ ଗର୍ଭରୁ ଏଇ ଶୁଭ କୁମାରୀ ଜନ୍ମ ନେଇ ୧୭୨୬ ମସିହାରେ ପୁଣ୍ୟ ମାଘ ପଞ୍ଚମୀ ଦିନ ଇହଧାମ ତ୍ୟାଗ କରିଥିଲେ ।

ଏକଥା କହି ସାରିଲା ପରେ କମଳା ବାଗ ଉଆସରେ ଧ୍ୱଂସସ୍ତୂପ ତଳେ ଏ ଯାବତ ଅମୋକ୍ଷ ଥିବା ଅବନ୍ତୀକା ଅନନ୍ତ ସାଥୀରେ ଲୀନ ହୋଇଗଲେ । ରହିଗଲା ମହାକାଳରେ ଏକ ଅମୃତ ସ୍ୱାକ୍ଷର । ଅମର ହୋଇ ରହିଲେ ଏଇ ଚିରସଧବା ରାଣୀ ଶୁକଦେଇ ।

*ସୁଧାଂଶୁ ବାଳା ସାରସ୍ୱତ ପରିକ୍ରମା*
*ବାରଙ୍ଗ, କୋଠିଆଁ, ଜଗତ୍‌ସିଂହପୁର*
*ଦୂରଭାଷ: ୯୯୩୭୦୯୨୨୫୯*

# ଶିକ୍ଷା

## ମନୋଜ କୁମାର ବେହେରା

ଲକ୍ଷ୍ମୀ ସ୍ୱଭାବରେ ବହୁତ ସରଳ ଆଉ ନିଜର କାମ ପ୍ରତି ସମର୍ପିତ ଥିଲେ । ସେଥିପାଇଁ କଲୋନୀରେ ଯାହା ଘରେ ସେ କାମ କରୁଥିଲେ,ସେମାନେ ତାଙ୍କୁ ବହୁତ ପସନ୍ଦ କରୁଥିଲେ ଆଉ ଯେତେବେଳେ ତା'ର ଅସୁବିଧା ହେଉଥିଲା ସେମାନେ ତାକୁ ଟଙ୍କା ଆଉ କିଛି ଜିନିଷ ଦେଇକରି ସାହାଯ୍ୟ କରୁଥିଲେ ।

ସମୟ ଗଡି ଚାଲିଲା,ଗୀତା ପ୍ରାଇଭେଟ୍‌ରେ ବି.ଏ ଡିଗ୍ରୀ ହାସଲ କଲା । ହାଇଦ୍ରାବାଦରେ ରହିଲା ପରେ ସେଠାରେ ସେ ଭଲ ଇଂରାଜୀ ଶିଖିଗଲା । ଲୋକମାନେ ତା'ର ପ୍ରଶଂସା କରୁଥିଲେ କି ପଢା ସହିତ ସେ ଘରର ଖର୍ଚ୍ଚ ମଧ୍ୟ ଉଠେଇ କରି ତା' ମା'କୁ ସାହାଯ୍ୟ କରୁଥିଲା ।

ତା'ର ବିପରୀତ ତା'ର ଦୁଇ ଭଉଣୀ ରେଗୁଲାରର ପାଠ ପଢୁଥିଲେ କିନ୍ତୁ ସେମାନେ ତା' ମା'ଙ୍କୁ କାମରେ କେବେବି ସାହାଯ୍ୟ କରୁ ନଥିଲେ। କାହିଁକିନା ପାଠପଢାର ଅହଂକାର ତାଙ୍କୁ ଏହି କାମକୁ ଛୋଟ ଭଳି ଲାଗୁଥିଲା। ସେମାନେ ନିଜର କାମ କରିବାକୁ ଚାହୁଁ ନଥିଲେ । ଦିନରେ ପଢିବା କିମ୍ବା ଟି.ଭି. ଦେଖିବା ଏହି ସବୁ ଦିନଚର୍ଯ୍ୟା ଥିଲା ସେମାନଙ୍କର।

ଗୀତା ଯଦି ସେମାନଙ୍କୁ କିଛି କହୁଥିଲା,ସେମାନେ ଓଲଟା ତାକୁ ଜବାବ ଦେଇ ତା'ର ମୁହଁ ବନ୍ଦ କରି ଦେଉଥିଲେ । ତା' ମା' ମଧ୍ୟ ସେମାନଙ୍କର ପକ୍ଷ ନେଇକରି କହୁଥିଲେ କି ସେମାନେ ଏବେ ଛୋଟ ଅଛନ୍ତି । ସେମାନଙ୍କର ଏବେ ଖେଳିବା ଆଉ ବୁଲିବାର ଦିନ ।

ଗୀତାର ଭାଇ ପ୍ଲସ୍‌ଟୁ ପଢା ଅଧାରୁ ଛାଡି ଦେଲା । ତା'ର କେବେବି ପାଠପଢ଼ାରେ ମନ ଲାଗେନି । କିନ୍ତୁ ତା'ର ସ୍ୱପ୍ନ ସବୁ ବଡ ବଡ । ସାଙ୍ଗମାନଙ୍କ ସହିତ ମୋଟର ସାଇକେଲ୍‌ରେ ବୁଲିବା ଆଉ ରାତିରେ ଘରକୁ ଫେରିବା ଆଉ ନିଜ ଭଉଣୀ ଉପରେ ରାଗିକରି ପାଟି ତୁଣ୍ଡ କରିବା ତା'ର ଦିନଚର୍ଯ୍ୟାର କାମଥିଲା ।

ଲକ୍ଷ୍ମୀ ତା'ର ଏକମାତ୍ର ପୁଅର ସବୁ ଜିଦ୍‌କୁ ପୁରଣ କରୁଥିଲା । କାହିଁକିନା ସେ ସବୁବେଳେ ଘର ଛାଡି କରି ପଳେଇବାର ଧମକ ଦେଇ କରି ତା'ର କାମ ହାସଲ କରୁଥିଲା । ଆଉ ଦିନେ ସେ ମୋଟର ସାଇକେଲ ତୁମେମାନେ ଦେଖିବ, ମୁଁ ଦିନେ ଏ ଘର ଛାଡିକରି ଚାଲିଯିବି, ସେତେବେଳେ ତୁମମାନଙ୍କୁ ମୋର ଅନୁପସ୍ଥିତିର ଅନୁଭବ ହେବ । ବଡ୍ ବଡ୍ ହୋଇ ଗୀତା ନିଜ ଘରୁ କାମ ପାଇଁ ବାହାରକୁ ଚାଲିଗଲା।

ଗୀତାର ଏହି ଧମକ ତା'ର ମା'-ବାପା ଆଉ ଭାଇ, ଭଉଣୀଙ୍କ ଉପରେ କୌଣସି ପ୍ରଭାବ ପଡିଲାନି । କାହିଁକିନା ସେମାନେ ଜାଣିଥିଲେ କି ସେ ଯଦି ଘର ଛାଡିକରି ଯିବ, ତା'ହେଲେ ଯିବ କୁଆଡେ ? ତାକୁ ପୁଣିଥରେ ଏହି ଘରକୁ ଫେରିବାକୁ ପଡିବ ।

ଆଜିକାଲି ଏହି ଭଳି ଧମକ ସବୁବେଳେ ତା'ର ମା-ବାପାଙ୍କୁ ଦେଉଥିଲା । ସେ ପୁରା ବ୍ୟତି ବ୍ୟସ୍ତ ହୋଇଯାଉଥିଲା ଏମାନଙ୍କର ପେଟ ପାଳିବାରେ । ଆଉ ସେ କେତେ ବର୍ଷ ଏମିତି ଜୀବନ ଜୀଇଁବ । ତା'ର ତ ପୁଣି ନିଜର ଜୀବନ ଅଛି । ଅନ୍ୟମାନେ ତ ତା' ବିଷୟରେ ଜମାରୁ ଚିନ୍ତା କରୁ ନାହାନ୍ତି ।

ଗୀତା ବ୍ୟତୀତ ତା'ର ଆଉ ଦୁଇ ଭଉଣୀ ଆଉ ଗୋଟିଏ ଭାଇ ଥିଲା । ବାପା ତା'ର ଫ୍ୟାକ୍ଟ୍ରିରେ ଶ୍ରମିକ ଭାବରେ କାମ କରନ୍ତି । କିନ୍ତୁ ନିଜର ସବୁ ପଇସା ମଦ ଆଉ ଜୁଆରେ ଉଡେଇ ଦେଉଥିଲେ । ଗୀତା ଯେତେବେଳେ ଦଶ ବର୍ଷର ହୋଇଥିଲା ସେ ତା' ମା' ଲକ୍ଷ୍ମୀଙ୍କ ସହିତ ଘରେ ଛାଡୁ ପୋଛା ଆଉ ବାସନ ମାଜିବାରେ ସାହାଯ୍ୟ କରିବା ଆରମ୍ଭ କରି ଦେଇଥିଲା । ସେ ବହୁତ ଶୀଘ୍ର ଖାଇବା ବନେଇବା ଶିଖି ଯାଇଥିଲା। କାହିଁକା ସେ ଦେଖିଥିଲା କି ଏହି ପେଶାରେ ଭଲ ପଇସା ମିଳେ । ଆଉ ସେ ତୁରନ୍ତ ଘରେ ଖାଇବା ବନେଇବା ଆରମ୍ଭ କରିଦେଲା । ଧୀରେ ଧୀରେ ସେ ବ୍ୟୁଟିସିୟାନ କୋର୍ସ ନକରି ମଧ୍ୟ ଫେସିଆଲ, ମେକଅପର କାମ ଶିଖି କିଛି ପଇସା ରୋଜଗାର କରିବା ଆରମ୍ଭ କରିଦେଲା । ଛୋଟ ବେଳେ ସିଏ ବହୁତ ଭଲ ପଢୁଥିଲା । ତା' ମା' ପାଠ ପଢି ନଥିଲେ କିନ୍ତୁ ସେ ଚାହୁଁଥିଲେ କି ତାଙ୍କର ଛୁଆମାନେ ଭଲ ପଢନ୍ତୁ । ସେଥିପାଇଁ ସେ ବହୁତ ପରିଶ୍ରମ କରି ଟଙ୍କା ରୋଜଗାର କରୁଥିଲେ । କେମିତି ଛୁଆମାନେ ଭଲ ପାଠ ପଢିବେ !

କିଣିବା ପାଇଁ ଯିଦ୍ କଲା । ଆଉ ଲକ୍ଷ୍ମୀ ଲୋକଙ୍କଠୁ ଧାର କରି ତା'ର ଇଛା ପୁରା କରିଲା । ଜଣେ ବହୁତ ବଡ ପୋଷ୍ଟରେ ଥିବା ବାବୁଙ୍କ ଘରେ ମା ଆଉ ଝିଅ ଦୁହେଁ କାମ କରୁଥିଲେ, ସେମାନେ ତାଙ୍କୁ କହିକରି ଗୋଟିଏ ଚାକିରୀ ରାଜୁ ପାଇଁ ଯୋଗାଡ କରିଦେଲେ । ତା' ପାଇଁ ମଧ୍ୟ କିଛି ଟଙ୍କା ଦରକାର ହେଲା । ଲକ୍ଷ୍ମୀ ଭାବିଲା ଘର ଠାରୁ ଦୂରରେ ରହି କାମ କରିବ ଆଉ ତା' ମନ କାମରେ ଲାଗିବ ସେଥିପାଇଁ ସେ ତା' ସୁନାର କାନଫୁଲକୁ ବନ୍ଧା ପକେଇ ଦେଲା ।

ଦିନେ ହଠାତ୍ ରାଜୁ ଚାକିରୀ ଛାଡିକରି କୁଆଡେ ପଳେଇ ଗଲା। ପୁରା ଘର ସ୍ତବ୍ଧ ହୋଇଯାଇଥିଲା ରାଜୁର ଏହି କାମରେ । ସମସ୍ତେ ତାକୁ ଖୋଜା ଖୋଜି କଲେ । କିଛି ମାସ ପରେ ଜଣା ପଡିଲା କି ସେ ଗୋଟିଏ ଝିଅକୁ ବାହା ହୋଇ ଏହି ସହରରେ ରହୁଛି । ସେ ଝିଅ ଗୋଟିଏ ବ୍ୟୁଟିପାର୍ଲରେ କାମ କରୁଥିଲା । ଲକ୍ଷ୍ମୀ ଆଉ ଗୀତା ଏସବୁ ଜାଣିଥିଲେ । ଗୀତା ମନେ ମନେ ଭବୁଥିଲା ରାଜୁ ପାଇଁ ସେ ଆଉ ତା' ମା' କ'ଣ ନକରିଛନ୍ତି ଆଉ ସେ ଏହି ଝିଅ ଚକ୍କରରେ ତା'ର ଭବିଷ୍ୟତ ଖରାପ କରିଦେଲା ।

ରାଜୁ ଏହି ସହରରେ ରହୁଥିବା ଜାଣିବା ପରେ ତା' ମାଆ ଏବେ ପୁଅର ଖବର ରଖୁଥିଲେ । ଲକ୍ଷ୍ମୀ ରାଜୁକୁ କୌଣସି ପ୍ରକାରରେ ବୁଝେଇ କରି ତାକୁ ଚାକିରୀ କରିବା ପାଇଁ କହୁଥିଲେ । ଆଉ ସେ ପୁଣି ଥରେ ଚାକିରୀ ଛାଡିକରି ଘରେ ଆସି ବସିଲା । ଆଉ ଆବଶ୍ୟକ ହେଲେ ଲକ୍ଷ୍ମୀକୁ ଜୋର ଜବରଦସ୍ତ କରି ପଇସା ମାଗୁଥିଲା ।

ଏବେ ଗୀତାକୁ ତା' ମା' ଲକ୍ଷ୍ମୀ ରାଜୁ ପ୍ରତି ବଢୁଥିବା ସ୍ନେହ ଖରାପ ଲାଗିବାକୁ ଲାଗିଲା । ସେ ମନେ ମନେ ରାଜଦ୍ରୋହ କରିବାକୁ ଭାବୁଥିଲା। ସେ ପିଲାଟି ଦିନରୁ ରାଜୁ ଆଉ ତା'ର ଦୁଇ ଭଉଣୀଙ୍କ ପାଇଁ କ'ଣ ନକରିଛି, କିନ୍ତୁ ଲକ୍ଷ୍ମୀ ତାକୁ ଛାଡିକରି ଅନ୍ୟମାନଙ୍କ ପ୍ରତି ତା'ର ବହୁତ ଚିନ୍ତା ରହୁଥିଲା । ଦିନେ ଗୀତା ତା' ବାପାଙ୍କୁ କିଛି କହିଲା,ହେଲେ ତା' ମା ତାକୁ ଗାଳି କରି କହିଲେ ସେ ତୋ ବାପା ପରା । ତେଣୁ ତତେ ତାଙ୍କୁ ଏମିତି କହିବା ପାଇଁ ତୋର ସାହସ କେମିତି ହେଲା । ଗୀତା ରାଗିକରି କହିଲା, ସେ କେମିତିକିଆ ବାପା ? କ'ଣ ଛୁଆ ଖାଲି ଜନ୍ମ କରିଦେଲେ କଣ ବାପା ହେଇଯିବ ! ଯଦି ସେ ଆମକୁ ପାଳି ପାରିବେନି, ତା'ହେଲେ ଛୁଆ କାହିଁକିଜି ଜନ୍ମ କରୁଥିଲେ ? ଗୀତା କିନ୍ତୁ ନିଜ ମା'କୁ ବହୁତ ଭଲ ପାଉଥିଲା । କିନ୍ତୁ ବଡ ହେଲା ପରେ ସେ ବୁଝିବାକୁ ଲାଗିଲା ଯେ, ଏହି ପରିସ୍ଥିତି ପାଇଁ ସେ ନିଜେ ହିଁ ଦାୟୀ ।

ସକାଳୁ କାମକୁ ବାହରି ଯାଏ ଗୀତା ଆଉ ରାତି ଆଠଟାରେ ଘରେ ଆସି ପହଞ୍ଚେ, ଆଉ ସେ ଦେଖିବାକୁ ପାଇଥାଏ କି ତା'ର ଦୁଇ ଭଉଣୀ ଟି.ଭି ଦେଖୁଛନ୍ତି, ମା'ତା'ର ରୋଷେଇ କରୁଛି ଆଉ ଅଗଣାରେ ବହୁତ ସାରା ବାସନ ଗଦା ହେଇଛି ମଜା ହେବା ପାଇଁ । ଏହା ସବୁ ଦେଖି କରି ତା' ମନରେ ବହୁତ ରାଗ ଆସେ । କିନ୍ତୁ କ'ଣ କରିବ ! ମନକୁ ବୁଝେଇ କରି ପୁଣି କାମରେ ଲାଗିପଡ଼େ ।

ଗୀତା ଏବେ ବି.ଏଡ୍ ପାଠ ପଢା ପୁରା କରିଦେଲା ଆଉ ସେ ଗୋଟିଏ ସ୍କୁଲ୍‌ରେ କାମ କରିବାକୁ ଲାଗିଲା । କିନ୍ତୁ ସେ ଖାଲି ସମୟରେ ଘରର କାମରେ ତା'ର ମାକୁ ସାହାଯ୍ୟ କରୁଥିଲା । ସ୍କୁଲ୍‌ରୁ ଯେଉଁ ଟଙ୍କା ପାଉଥିଲା ସେ ସବୁ ଟଙ୍କା ତା' ମା'କୁ ଦେଇଥିଲା । ଆଉ ଅନ୍ୟ ଘରମାନଙ୍କରୁ ଯେଉଁ କାମ କରେ ତା'ର ପଇସା ସେ ନିଜ ପାଖରେ ରଖୁଥିଲା । ଦେଖୁ ଦେଖୁ ଗୀତା ଛବିଶ ବର୍ଷର ହୋଇଗଲା । କିନ୍ତୁ ତା'ର ବାହାଘର ପାଇଁ କାହାର ଚିନ୍ତା ନଥିଲା । କିନ୍ତୁ ସେ ଏବେ ନିଜ ଭବିଷ୍ୟ ପାଇଁ ଚିନ୍ତା କରିବାକୁ ଲାଗିଲା । ଆଉ ମନେ ମନେ ସ୍ଥିର କଲା ଘର ଛାଡିବାର । ଏମିତି କରିକି ସେ ଘର ଲୋକଙ୍କୁ ଗୋଟିଏ ଶିକ୍ଷା ଦେବାକୁ ଚାହୁଁଥିଲା । ଗୀତା ଏବେ ପ୍ରତିଟି କଥାରେ ଘର ଛାଡିକରି ପଳେଇ ଯିବାର ଧମକ ଦେଲା । କିନ୍ତୁ ତା' ପରିବାରର ଲୋକ ଏହି କଥାକୁ କିନ୍ତୁ ସେତେଟା ଗୁରୁତ୍ୱ ଦେଲେନି । କାହିଁକିନା ସେମାନେ ଜାଣିଥିଲେ ଯେ ଗୀତା ଏଭଳି କାମ କେବେବି କରି ପାରିବ ନାହିଁ ।

ଗୀତା ଏବେ ସ୍କୁଲ୍ କ୍ୱାଟରରେ ରହିବା ପାଇଁ ଯୋଜନା କଲା । ଆଉ ଦିନେ ସେ ନିଜ ଘର ଛାଡିବାର ଖବର ଗୋଟିଏ କାଗଜରେ ଲେଖିକରି ଚୁପ୍‌ଚାପ୍ ଘରୁ ପଳେଇ ଆସିଲା । ଯେମିତି ଘର ଲୋକଙ୍କୁ ଏହି ଖବର ଜଣା ପଡିଲା, ସମସ୍ତେ ପୁରା ସ୍ତବ୍ଧ ହୋଇଗଲେ । ସବୁଠୁ ବେଶୀ ଆଘାତ ଲାଗିଲା ତା' ମା'କୁ । କାହିଁକିନା ଗୀତାର ରୋଜଗାର ବିନା ତାଙ୍କ ପାଇଁ ଘର ଚଳେଇବା ଅସମ୍ଭବ ହେଇ ପଡୁଥିଲା । ମା' ଏବେ ପୁରା ଭାଙ୍ଗି ପଡିଥିଲେ ଏହି ଘଟଣାରେ ।

ଗୋଟିଏ ସପ୍ତାହ ବିତିଗଲା,କିନ୍ତୁ ଗୀତା ଘରକୁ ଫେରିଲା ନାହିଁ । ତାକୁ ବହୁତ ଫୋନ୍ କଲେ ହେଲେ ଗୀତା ଫୋନ୍‌କୁ କାଟି ଦେଉଥିଲା । ଏବେ ହାରିକି ଲକ୍ଷ୍ମୀ ତା'ର ମଝିଆ ଝିଅକୁ ସାଙ୍ଗରେ ଧରି ସ୍କୁଲ୍‌ରେ ପହଞ୍ଚିଲା। ଲକ୍ଷ୍ମୀ ସିକ୍ୟୁରିଟି ଗାର୍ଡକୁ କହିଲା ଟିକିଏ ଗୀତାକୁ ଡାକି ଦେବାପାଇଁ । କିଛି ସମୟ ପରେ ଗୀତା ଆସିଲା । ତାକୁ ଦେଖି ମା ଆଉ ଝିଅ ଦୁହେଁ ବହୁତ କାନ୍ଦିଲେ। ଆଉ ତାକୁ କୁଣ୍ଢେଇବା ପାଇଁ ଆସିଲା ବେଳକୁ ଗୀତା ହାତ ଦେଖେଇ ସେମାନଙ୍କୁ ଅଟକି ଯିବା ପାଇଁ କହିଲା ।

ଲକ୍ଷ୍ମୀ କିଛି କହିବା ପୂର୍ବରୁ, ଗୀତା କହିଲା, ମୋତେ ଜଣା ଅଛି, ତୁମେ କାହିଁକି ଆସିଛ ! ତୁମକୁ ମୋର ଦରକାର ନାହିଁ କେବଳ ମୋର ଟଙ୍କା ଦରକାର। ମୁଁ ସେ ଘରେ କେବେବି ପାଦ ରଖିବିନି । ଯେମିତି ଏବେ ମୋର ପଇସାର ନୁହେଁ, ଏବେ ମୋର ସମ୍ମାନ ହେବ । ତୁମ ସମସ୍ତଙ୍କର ମୋ ଭଳି ଦୁଇଟା ହାତ ଅଛି, ମୋ ଭଳି ତୁମେମାନେ ସବୁ ପରିଶ୍ରମ କରି ନିଜର ଖର୍ଚ୍ଚ ତୁଲେଇବାରେ ଲାଗିପଡ। ଏବେ ମୋଠି କିଛି ପ୍ରକାରର ଆଶା ରଖିବନି । ଏବେ କେବଳ ମୁଁ ନିଜ ପାଇଁ ବଞ୍ଚିବି । ମୋତେ ଆଉ କେବେ ଦେଖା କରିବାକୁ ଆସିବନି । ଏହା କହିକରି ସେ ସେଠାରୁ ପଳେଇ ଆସିଲା ।

ନିଜ ଝିଅର ଏଭଳି କଥା ଶୁଣି ଲକ୍ଷ୍ମୀ ଆଶ୍ଚର୍ଯ୍ୟ ହୋଇଗଲା । ଏବେ ଗୀତାର ଏଭଳି ରୂପର କଳ୍ପନା ମଧ୍ୟ କରି ନଥିଲା । ତାଙ୍କର ମନେ

ପଡିଲା, ଯେତେବେଳେ ଡାକ୍ତର ଲକ୍ଷ୍ମୀକୁ ବ୍ରେଷ୍ଟ କ୍ୟାନସର ହେଇଛି ବୋଲି ସନ୍ଦେହ କଲେ । ସେତେବେଳେ ଗୀତା ଲୁଚିକରି ବହୁତ କାନ୍ଦିଥିଲା । ଲକ୍ଷ୍ମୀ ସହିତ ଗୀତା କେତେ ଥର ଡାକ୍ତରଙ୍କ ଚକ୍କର କାଟିଥିଲା । ଯେତେବେଳେ ଡାକ୍ତର କହିଲେ କି ତୁମକୁ ବ୍ରେଷ୍ଟ କ୍ୟାନସର ହେଇନି ସେ ସେତେବେଳେ କେମିତିଆ ଥିଲା ଆଉ ଆଜି ଗୀତା କେତେ କଠୋର ହେଇ ଯାଇଛି । ଏହା ଭାବିକି ଲକ୍ଷ୍ମୀ କିଛି ସମୟ ପାଇଁ ତା'ର ମୁଣ୍ଡର ବାଳକୁ ଜାବୁଡ଼ି ଧରି ପକେଇ ବସି ପଡିଲା ତଳେ ।

ଲକ୍ଷ୍ମୀ ନିଜର ସବୁ ଛୁଆଙ୍କୁ ଯଦି ଛୋଟ ବେଳରୁ ପରିଶ୍ରମ କରିବା ଶେଖେଇଥାନ୍ତା ତା'ହେଲେ ଆଜି ଟଙ୍କାର ଏତେ ଜରୁରୀ ହୋଇ ନଥାନ୍ତା । ନା' ଗୀତାକୁ ଘର ଛାଡିବାକୁ ପଡିଥାନ୍ତା ନା' ଲକ୍ଷ୍ମୀକୁ ଏତେ ଅସୁବିଧା ହୋଇ ନଥାନ୍ତା । ନିଜ ସ୍ୱାମୀ ଆଉ ପୁଅକୁ ଅନ୍ଧ ଭାବରେ ପ୍ରେମ କରି ତାଙ୍କୁ ଅଳସୁଆ ଆଉ ଅକର୍ମଣ୍ୟ କରି ଦେଇଥିଲା । ଯାହା ଫଳରେ ସେମାନେ କେବେବି କୌଣସି କାମର ଉତ୍ତର ଦାୟିତ୍ୱ ନେଲେନି । ସେମାନଙ୍କୁ ମାଗଣା ପଇସା ମିଳି ଯାଉଥିବାରୁ ସେମାନେ ଏଭଳି ହୋଇଗଲେ । ଏବେ ଏହି ଦୁହେଁ ପରିବାର ପାଇଁ ବୋଝ ପାଲଟି ଯାଇଥିଲେ ।

ଲକ୍ଷ୍ମୀକୁ ଗୀତାର ଯିବାରେ ନିଜର ଭୂଲ୍‌ର ଅନୁଭବ ହେଉଥିଲା । କିନ୍ତୁ ଏବେ ଭାବିଲେ କ'ଣ ହେବ ? ଏବେ ତାଙ୍କୁ ନୂଆ ଭାବରେ ଘର ଚଳେଇବାକୁ ପଡିବ । ସେ କିଛି ଲୋକଙ୍କ ଘରୁ ଧାର ଆଣିଥିଲେ, ଏହା କହିକରି ପ୍ରତ୍ୟେକ ମାସରେ ତା' ଦରମାରୁ ସେମାନେ କାଟି ଦେବେ । ପ୍ରଥମରୁ ତ ଘରର ଚଳେଇବା ବହୁତ କଷ୍ଟ ହେଉଥିଲା, ଏବେ ଏହି ଧାର, କରଜ ତାଙ୍କ ପାଇଁ ଗୋଟିଏ ବୋଝ ହୋଇଗଲା ।

ସ୍ୱାମୀ ଆଉ ପୁଅ ଉପରେ ଭରସା କରିବା ବେକାର ଥିଲା । ମଝିଆ ଝିଅ କୌଣସି ଗୋଟିଏ ଦୋକାନରେ ଚାକିରୀ କଲା । ଆଉ ସାନ ଝିଅ ନିଜର ପଢା ସହିତ ମା' ସହିତ ଘର କାମରେ ସାହାଯ୍ୟ କଲା । କିନ୍ତୁ ସେମାନଙ୍କୁ ନିଜର ଖର୍ଚ୍ଚକୁ ବହୁତ ମାତ୍ରାରେ କମେଇବାକୁ ପଡିଲା । ଏହି କାରଣରୁ ଦୁଇ ଭଉଣୀ ଏବେ ଚିଡଚିଡା ହୋଇ ରହିବାକୁ ଲାଗିଲେ ।

ଗୀତାର ସ୍ୱଭାବ ଆଉ ତା'ର ନିଜ କାମ ପ୍ରତି ନିଷ୍ଠାବାନ ଦେଖିକରି ତା'ର ଜଣେ ସହକର୍ମୀ ତା' ସାମ୍ନାରେ ବିବାହର ପ୍ରସ୍ତାବ ରଖିଲେ । ଆଉ ଗୀତା ତୁରନ୍ତ ହଁ କରିଦେଲା । ବାହାଘର ପରେ ଗୀତା ନିଜ ଘର ଆଉ ସ୍କୁଲ୍‌ର ଉତ୍ତରଦାୟିତ୍ୱ ଭଲ ଭାବରେ ଦେଖାଶୁଣା କରି ସମସ୍ତଙ୍କର ମନକୁ ଜିତିଗଲା । ଆଉ ଖୁସିରେ ରହିବାକୁ ଲାଗିଲା ।

ଗୀତା ସାହସ କରି ଯେଉଁ ପାଦ ଘରର ବାହାରକୁ କାଢିଥିଲା,ଏବେ ତା' ଜୀବନରେ ଖୁସି ତ ଅଛି, ଆଉ ସେ ଗୋଟିଏ ଶିକ୍ଷା ତା' ପରିବାରକୁ ଅବଶ୍ୟ ଦେଲା କି ମାଗଣା ରୋଜଗାରରେ ବେଶୀ ଦିନ ଚଳି ହେବନାହିଁ । ହେଇପାରେ ଭବିଷ୍ୟରେ ଲକ୍ଷ୍ମୀର ପରିବାର ଏକଜୁଟ ହେଇଯିବେ, ଯେଉଥି ପାଇଁ ସେମାନେ ଗରୀବି ରେଖାରୁ ବାହାରିବା ପାଇଁ ରାସ୍ତା ତାଙ୍କୁ ମିଳିଯିବ ।

*ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,*
*ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨*
*ଦୂରଭାଷ: ୭୯୭୮୮୩୦୬୧୧*

ପ୍ରକାଶ ପାଇଲା !

କବି **ପ୍ରଫେସର ଉପେନ୍ଦ୍ର ନାୟକ**ଙ୍କର

**"ଛନ୍ଦକାବ୍ୟ ସମଗ୍ର"**
**(ପ୍ରଥମ ଭାଗ)**

ପ୍ରକାଶକ - 'ଗାୟତ୍ରୀ', ଭୁବନେଶ୍ୱର
ମୂଲ୍ୟ - ସାତଶହ ଟଙ୍କା ମାତ୍ର

# ଉଡ଼ାଣ

## ରୀନାରାଣୀ ରାଉତରାୟ

ବେଳେବେଳେ ଏମିତି ପରିସ୍ଥିତି ଆସେ ମଣିଷ କଣ କରିବ କିଛି ବୁଝି ପାରେନି । ଘର ବନ୍ଦ କରି ପୁଅ ମନ ଦୁଃଖରେ ବସିଛି । ଆଜି ଟିଉସନ୍‌ରେ ସାର୍ ରାଗିଛନ୍ତି । ବାପା କେତେବର୍ଷ ପରେ ଘରକୁ ଆସିଛନ୍ତି । ପୁଅର ମୋବାଇଲ ଦେଖା ତାଙ୍କର ଜମା ପସନ୍ଦ ନୁହେଁ । ତାକୁ ଦେଖିବାକୁ ମନା କରୁଛନ୍ତି । ସିଏ କଣ କରିବ ରାଗିପାରୁନି କି କହିପାରୁନି । ଅଳ୍ପ ସମୟ ପାଇଁ ଯଦି ଲୁଚେଇକି ସେ ଦେଇଦେବ ତାକୁ ବାପା ଦେଖିଦେବେ ତା ପରେ କହିବେ ସବୁ ଦୋଷ ତୋର ।

ସୁଶ୍ରୀ ପୁଅର ମନପସନ୍ଦ ଖାଇବା ନେଇ ତା ପାଖକୁ ଗଲା । ଖାଇବା ଦେଖି ସେ ମୁହଁ ବୁଲେଇ ନେଲା । କାଳେ ତାକୁ ବାଧ୍ୟ କରିବି ସେ କହିଲା ମାମା ତୁ ନେଇଯା । ମତେ ଜମା ଭୋକ ନାହିଁ । ଟିଉସନରେ ସାର୍ ରାଗିଥିଲେ, ଘରେ ପୁଣି ଅଜା ରାଗୁଛନ୍ତି ।

- ତୋର ମୋବାଇଲ ଦରକାର ତ । ହଉ ତୁ ଖାଇସାର୍ ମୁଁ ତତେ ଅଳ୍ପ ସମୟ ପାଇଁ ଦେବି ।

- ସାର୍ ସେଥିରେ ସବୁ ପଠେଇଛନ୍ତି । ଅଜା କିଛି ବୁଝୁନାହାନ୍ତି ।

- ତୁ କଣ ସେଥିରେ ପାଠ ପଢୁଥିଲୁ । କଣ ୟାଡୁସ୍ୟାଡୁ ଦେଖୁଥିଲୁ ।

- ଆଗରୁ ଲେଖୁଥିଲି । ଭଲ ଲାଗିଲାନି ବୋଲି ଟିକେ ଦେଖିଦେଲି ।

- ଅଜା କେମିତି ବୁଝିବେ ତୁ ସେଥିରେ ପାଠ ପଢୁଛୁ କି ଦେଖୁଛୁ । ତୁ ପାଠ ପଢ଼ିଲେ ସେ ତତେ କାହିଁକି ରାଗିବେ ।

- ତା ବୋଲି କହିବେ ତୁ ଆଉ କିଛି ଦେଖି ପାରିବୁନି । ନିଜେ ବସିକି ଖାଲି ନ୍ୟୁଜ ଚାନେଲ ଲଗେଇକି ଦେଖୁଛନ୍ତି । ଅଜା ପୁରା ବୁଢ଼ା ହୋଇଗଲେଣି । ତାଙ୍କ ମୁଣ୍ଡ ଆଉ କିଛି କାମ କରୁନି ।

- ଚୁପ୍, ସେମିତି କୁହନ୍ତିନି । ତୁ ଖାଇଦେ ମୁଁ ଅଜାଙ୍କୁ ତୋ ପାଠପଢ଼ା କଥା କହିକି ବୁଝେଇଦେବି ।

ବାପା ଆମ କଥାବାର୍ତ୍ତା ଶୁଣି ପଚାରିଲେ କଣ ହେଲା ତାର । କଣ କହୁଛି ସିଏ ?

- ନାଇଁ ତା ଟିଉସନ୍‌ରେ ସାର୍ ଟିକେ ରାଗିଲେ ତ ସେଇଆ କହୁଥିଲା ।

- ହଉ ତୁ ଖାଇଦେ ଜଲ୍‌ଦି ଆମେ କଥା ହେବା ।

ପୁଅ ଖାଇ ସାରିବା ପରେ ବାପା ତାକୁ ପଚାରିଲେ ଆଜି ସାର୍ କଣ ପଢ଼ଉଥିଲେ ? ତୁ ବୁଝିପାରିଲୁନି ବୋଲି ତତେ ରାଗିଲେ ।

- ମ୍ୟାଥ୍‌ମେଟିକସ୍ ପଢ଼ୋଉଥିଲେ । ଏ ପ୍ଲସ୍ ବି ର ହୋଲସ୍କୋୟାର ମୁଁ ଭୁଲ କଲି ବୋଲି ରାଗିଲେ ।

- ତୁ ଧ୍ୟାନ ଦେଇ ତାଙ୍କ କଥା କିଛି ଶୁଣୁନୁ । ଏଇନେ କଣ କରିବୁ ପାଠ ପଢ଼ିବୁ ତୁ ।

- ନାଇଁ ବାପା ସିଏ ଏବେ ଟିଭି ଦେଖୁ । ତାପରେ ଶୋଇକି ଉଠିଲେ ପଢ଼ିବ ।

- ଆଛା ନେ ତୁ କଣ ଦେଖିବୁ ଦେଖ ।

ପୁଅ କାର୍ଟୁନ ଚାନେଲ ଲଗେଇ ଦେଖିଲା । ବାପାଙ୍କୁ କହିଲା ଅଜା ତମେ ବି ଦେଖ ତୁମକୁ ଭଲ ଲାଗିବ ।

- ନାଁ ମ ମତେ ସେଗୁଡ଼ା ଭଲ ଲାଗେନି ତୁ ଦେଖ ।

- ତୁମେ ଦେଖ ଅଜା ଦେଖିବ କେମିତି ବଢ଼ିଆ ଲାଗିବ ।

ପୁଅ ତାର କାର୍ଟୁନ ଚାନେଲ ଲଗେଇକି ବାପାଙ୍କ ସହ ବସି ଦେଖିଲା ।

ସବୁଦିନ ପରି ସେଦିନ ବି କାର୍ଟୁନ ସୋ'ରେ ସୁନ୍ଦର କାହାଣୀଟିଏ ଥିଲା । ଗୋଟେ ବଗିଚାରେ ନାନା ଫୁଲ ଫଳ ଭର୍ତ୍ତି ହୋଇଥାଏ । ଲୋକମାନେ ସେଇବାଟ ଦେଇ ଯିବା ଆସିବା କରୁଥାନ୍ତି । ବଗିଚାର ମଝିରେ ଗୋଟେ ମୂଷା ରହୁଥାଏ । ପାଖରେ କେତୋଟି ଗାତ ମଧ୍ୟ ଥାଏ । ସେଇଠି ଗୋଟେ ଗଛ ଉପରେ ଚଢ଼େଇର ବସା ଥାଏ । ଛୁଆ ଚଢ଼େଇ କେତୋଟି ସେଥିରେ ରହୁଥାନ୍ତି । ମା ଚଢ଼େଇ ତାଙ୍କୁ ସେଠି ଛାଡ଼ିଦେଇ ଖାଦ୍ୟ ଆଣିବାକୁ ଚାଲିଯାଏ ।

ଧିରେ ଧିରେ ଛୁଆମାନେ ବଡ଼ ହେଉଥିଲେ । ସେମାନେ ବସା ଭିତରେ ସବୁବେଳେ କିଚିରି ମିଚିରି କରୁଥିଲେ । ସେଇ ପକ୍ଷୀ ଶାବକ ମାନଙ୍କ ଭିତରୁ ଥରେ ଜଣେ ବାହାରକୁ ଦେଖିଲା । ବାହାରେ ଆଖି ପାଉନଥିବା ସୁନୀଳ ଆକାଶ ତଳେ ସବୁଜ ଧରଣୀ ନାନା ଫୁଲ ଫଳ ଦେଖି ସେ ଖୁବ୍ ଖୁସିହେଲା । ସେ ଛୋଟିଆ ବସା ଭିତରେ ତାକୁ ଆଉ ଜମା ଭଲ ଲାଗିଲାନି । ସେ ନିଜେ ଚେଷ୍ଟାକଲା ବାହାରକୁ ଆସି ଏଇ ସୁନ୍ଦର ପୃଥିବୀର ମଜା ନେବାପାଇଁ । ତାକୁ ଜଣାନାହିଁ ବାହାର ଦୁନିଆ

ଯେତିକି ଲୋଭନୀୟ ସେତିକି ଭୟଙ୍କର ମଧ୍ୟ । ଉଡ଼ିବା ବି ତାକୁ ଜଣାନାହିଁ। ମା ବସାରୁ ଉଡ଼ିଗଲାବେଳେ କେମିତି ଡ଼େଣା ଝାଡ଼େ ସେ ଦେଖିଛି । ପକ୍ଷୀ ଶାବକଟି ଭାବେସେ ବି ମା ପରି ଏମିତି ଉଡ଼ି ପାରନ୍ତା କି । ସେ ଚେଷ୍ଟାକରେ କିନ୍ତୁ ପାରେନି ।

ଥରେ ସେ ଏମିତି ବସାରୁ ବାହାରି ଆସି ଉଡ଼ିବାକୁ ଚେଷ୍ଟା କଲା ବେଳକୁ ତଳେ ପଡ଼ିଗଲା । କୁନି କୁନି ଡ଼େଣା ତାର କେତେ ବା ସେ ଉଡ଼ି ପାରିବ । ସେ ତାର ବସାଯାଏଁ ଆସିବା ପାଇଁ ବାଟ ଖୋଜୁଥାଏ । ଏତିକିବେଳେ ମୂଷାଟିଏ ତାକୁ ଦେଖିଲା । ପକ୍ଷୀ ଶାବକଟିକୁ ମୂଷା ଦେଖି ତାର ଗାତରୁ ବାହାରକୁ, ବାହାରୁ ଗାତ ଭିତରକୁ ଖାଲି ଡ଼େଇଁ ବୁଲୁଥାଏ। ଠିକ୍ ଏଇ ସମୟରେ କିଛି ପିଲା ଗୋଟିଏ ସାପର ପିଛାକରି କରି ଏଇଠି ଆସି ପହଞ୍ଚିଗଲେ । ସାପଟି ତାର ନିଜ ସୁରକ୍ଷିତ ଜାଗା ଗାତ ଭିତରକୁ ଯାଇ ସାରିଥିଲା । ମଝିରେ ମଝିରେ ତାର ମୁଣ୍ଡ କାଢ଼ି ସେ ବାହାରକୁ ଦେଖୁଥାଏ । ଏହା ଭିତରେ ମୂଷା, ସାପ ଏବଂ ଛୁଆମାନେ ସମସ୍ତେ ପକ୍ଷୀ ଶାବକଟିର ଉଡ଼ି ନପାରିବା କଥାଟିକୁ ଦେଖି ସାରିଥିଲେ । ଛୁଆମାନେ ଟେକା ପଥର ମାରିବା ଆରମ୍ଭ କରିଦେଲେ । କେତେବେଳେ ମୂଷାକୁ ପୁଣି ସାପକୁ ଏମିତି ମାରି ଚାଲିଥିଲେ । ପକ୍ଷୀ ଶାବକଟି ଖାଲି ଘାସ ଉପରୁ ଛୋଟ ଗଛ ପୁଣି ସେ ଗଛ ଉପରୁ ତଳକୁ ଉଡ଼ିବାକୁ ଚେଷ୍ଟା କରି ଖସିପଡୁଥାଏ ।

ଲାଗୁଥାଏ ନିଶ୍ଚୟ ତାକୁ ଆଜି ସାପଟି ଖାଇ ଦେଇ ତାର ଉଦର ଶାନ୍ତ କରିବ । ପିଲାମାନେ ଠିକ୍ ମଝିରେ ଛୋଟ ଛୋଟ କାଠିକୁଟା ଆଣି ନିଆଁ ଲଗେଇଦେଲେ । ସାପ ଏବଂ ମୂଷା ନିଜ ନିଜ ଗାତରେ ରହିଥାନ୍ତି। ସେମାନେ ଆଉ ବାହାରକୁ ବାହାରିଲେ ନାହିଁ ।

ସୁଶ୍ରୀ ସେଠୁ ଉଠିଆସିଲା । ତାପରେ ଯାହାହେବ ତାର ଦେଖିବା ଦରକାର ନାହିଁ । ବାପା ଡ଼ାକିଲେ ପୁଣିଥରେ ଯାଇ ଦେଖିବାକୁ । କହିଲେ ତୁ ଏଇଠି ବସିକି ଦେଖ ।

ତା ପାଟିରୁ ବାହାରି ଆସିଲା ହଁ ମ ଏ କାହାଣୀ ଆଉ ଦେଖିକରି ଲାଭ ନାହିଁ । ଆଗକୁ ଯାହା ହେବ ସବୁ ଜଣାପଡୁଛି ।

- ତୁ କ'ଣ ଭାବୁଛୁ କହିଲୁ ?

- ମୂଷାଟି ଲୁଚି ଗଲାଣି । ଏଇନେ ସେ ପକ୍ଷୀଟିକୁ ସାପ ଖାଇବ ନହେଲେ ପିଲାମାନଙ୍କ ନିଆଁରେ ଜଳିପୋଡ଼ି ମରିବ । ଆଉ ଦେଖିକି ଲାଭ କ'ଣ ?

- ତୁ ଆଗକୁ ସେଇଆ ହେବ ବୋଲି କହିବା ଠିକ୍ ନୁହେଁ । ସାପଟି ସୁଯୋଗ ଖୋଜୁଛି ପକ୍ଷୀ ଛୁଆଟିକୁ ଖାଇବା ପାଇଁ, ଦେଖିବା ଆଗକୁ କଣ ହେଉଛି ।

- ଛୁଆମାନେ ନିଆଁ ଜଳେଇ ଇଏ କଣ ଦେଖଉଛନ୍ତି ।

- ଛୋଟଛୁଆ ସେମାନେ ଖେଳିବା କଥା ଖେଳିବେ ।

- ତା ବୋଲି ଟେକା ପଥର ମାରି ମାରି ଥକିଗଲେ ବୋଲି ତଳେ ନିଆଁ ଲଗେଇ ଦେବେ । ଇଏ କେମିତିକା କଥା ।

- ଛୋଟ ଛୁଆଙ୍କ ମନ । ସେମିତି କହିବା କଥା ନୁହେଁ ।

ସୁଶ୍ରୀ ଭାବିଲା ପୁଅ ଠିକ୍ କହୁଥିଲା ବାପା ଏଥର ବୁଢ଼ା ହୋଇ ଗଲେଣି । ଆଉ କିଛି ବୁଝି ପାରୁନାହାନ୍ତି । ଛୁଆମାନେ ଜଣେ ଜଣେ ଈଶ୍ୱର । ତାଙ୍କ ହାତରେ କଲମ ଶୋଭା ପାଇବା କଥା । ଏମାନେ ନିଆଁ ଧରି ଖେଳୁଛନ୍ତି ଏଇଟା ବାପାଙ୍କୁ ଠିକ୍ ଲାଗୁଛି ।

ବିଚରା ପକ୍ଷୀର ମା ତାକୁ ଛାଡ଼ି କୁଆଡ଼େ ଯାଇଛି । ଏତେବେଳକୁ ଫେରିବା କଥା । ସବୁ ବୁଝିସାରି ତାକୁ ବଞ୍ଚେଇବା କଥା । ତଥାପି ସେ ଆସୁନାହିଁ । ଏଇଟା ହେଉଛି ଆମ ସଂସାର । ଏଠି ଏମିତି ହିଁ ହୁଏ । ଆଉ ତୋ ମାଆ ଆସିବନି, ସଞ୍ଜକୁ ଆସି ଆଉ ଛୁଆଙ୍କୁ ଆହାର ଦେବ । ଯା'ରେ ଧନ ଯା, ସେ ନିଆଁ ତୋତେ ଆପଣେଇବାକୁ ଟିକେ ବି କୁଣ୍ଠା ପ୍ରକାଶ କରିବନି । ଏମାନେ କେହି ତୋତେ ବଞ୍ଚିବାକୁ ଦେବେନି । ଏ ପୃଥିବୀ ସର୍ବଦା ବଳବାନ ମାନଙ୍କର । ସେଇ ନ୍ୟାୟରେ ଆଜି ତୋର ନିସ୍ତାର ନାହିଁ ।

ପକ୍ଷୀଟି ସେଇଠି ଉଡ଼ିବାକୁ ଚେଷ୍ଟାକରି ବାରମ୍ବାର ପଡୁଥାଏ । କିନ୍ତୁ ପାଖରେ ଥିବା କୌଣସି ଗଛ ଭିତରେ ନିଜକୁ ଲୁଚେଇବା ପାଇଁ ଚେଷ୍ଟା କରୁନଥାଏ । ମୂଷା ଏବଂ ସାପ ରହୁଥିବା ଗାତ ଭିତରକୁ ସେ ଯାଉନଥାଏ। କାରଣ ତା ବସାର ଅନ୍ଧାର ଠାରୁ ଗାତର ଅନ୍ଧାର ଆହୁରି ବେଶୀ ଥାଏ । ପକ୍ଷୀ ତ ଆଲୋକର ସନ୍ଧାନରେ ଥାଏ । ସେ ସେଇ ଅନ୍ଧାରକୁ କେବେ ଦେଖୁନଥାଏ । ଛୁଆମାନେ ଯୋଉଠି ନିଆଁ ଲଗେଇଥିଲେ ସେଇ ଆଡ଼କୁ ଆସୁଥାଏ । ଏତେବେଳେ କଳାହାଣ୍ଡିଆ ମେଘର ଗର୍ଜନରେ ଚାରିଆଡ଼ କମ୍ପି ଉଠୁଥାଏ। ମୂଷା ଏବଂ ସାପ ପରି ପିଲାମାନେ ମଧ୍ୟ ନିଜ ନିଜ ଘରକୁ ଯିବାକୁ ବ୍ୟସ୍ତ ହେଉଥାନ୍ତି। ପକ୍ଷୀଟି ବି ତା ବସା ଖୋଜୁଛି। କୁଆଡ଼କୁ ଗଲେ ତା ଭାଇଭଉଣୀ ମାନଙ୍କ ସହିତ ମିଶିବ ସେଇକଥା ଭାବୁଛି । ତା ମୁଣ୍ଡରେ ବୁଦ୍ଧି ଅଛି ନା ଡ଼େଣାରେ ବଳ ଅଛି । ତଥାପି ସେ ମଝିରେ ମଝିରେ ରହି ରହି ଟିକେ ଟିକେ ପ୍ରୟାସ କରୁଥାଏ ।

ସମସ୍ତେ କାହାଣୀ ଭିତରେ ବୁଡି ରହିଥାନ୍ତି । ଆଗକୁ କ'ଣ ହେବ କେହି କିଛି ଜାଣି ପାରୁନଥାନ୍ତି । ପକ୍ଷୀର ମାଆଟି ଫେରୁନଥାଏ । ଆଉ ସାପଟି ଅନ୍ୟ ଏକ ଗାତ ଭିତରେ ଥାଏ । ଖାସ୍ ସେଇମାନଙ୍କ ପାଇଁ ଏଇ ଛୁଆମାନେ ନିଆଁ ଲଗେଇ ଦେଇ ସମସ୍ତଙ୍କୁ ତଡ଼ିବା ପାଇଁ କେତେ ଚେଷ୍ଟା କଲେଣି । ଖାଲି ସେ ପକ୍ଷୀଟି ଯାହା ଗଛ ଉପରକୁ ଯାଇପାରୁନି । ପବନରେ ନିଆଁ ଆହୁରି ତାରି ପାଖ ଆଡ଼କୁ ଲାଗି ଲାଗି ଯାଉଛି ।

ସୁଶ୍ରୀଭାବୁଥାଏ ଏ ଛୁଆମାନଙ୍କ ଭିତରୁ କେହି ଜଣେ ତାକୁ ଉଠେଇ ଅଲଗା ଜାଗାକୁ ନେଇ ପାରିଥାନ୍ତେ। ସିଏ କଣ ଶୁଖିଲା ପତ୍ରରେ ତା ଆଡ଼କୁ ବଢ଼ି ଚାଲିଥିବା ନିଆଁରୁ ନିଜକୁ ରକ୍ଷା କରିପାରିବ । ହଁ ମ ସାଧାରଣ ଜୀବଟାଏ ତ ଜଳିଗଲେ କଣ ହେଲା । ତା ସମୟ ହିଁ ସେତିକି ଥିଲା ସିଏ ବିଚରା କଣ କରିବ । ଆଉ କିଛି ସମୟ ଭିତରେ ପକ୍ଷୀଟି ନିଆଁର ସର୍ବଗ୍ରାସୀ ପେଟ ଭିତରକୁ ଚାଲିଯିବ । ଏମିତି ହିଁ ହବାର ଥିଲା ।

ଏ ପୃଥିବୀରେ ମଣିଷ ହୁଅନ୍ତୁ ବା ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଜୀବନଚର୍ଯ୍ୟା ଏକାଭଳି । ଯେତେ ସବୁ ପ୍ରତିବନ୍ଧକ ବାଟ ଓଗାଳିବାକୁ ଅନେଇଥାନ୍ତି ଏଇମିତି ଘଡ଼ିସନ୍ଧି ମୂହୁର୍ତ୍ତରେ । ସିଆଡ଼େ ବ୍ୟାକଗ୍ରାଉଣ୍ଡ ମ୍ୟୁଜିକ୍‌ରସ୍ୱର ଆହୁରି କୌତୂହଳ ବଢ଼ାଉଥାଏ । ସତେ ଯେମିତି ଆଗକୁ କିଛି ଗୋଟାଏ ଚମତ୍କାର ଘଟଣା ଘଟିବାକୁ ଯାଉଛି ।

ସେଇ ସମୟରେ ପକ୍ଷୀଟି ତାର ଟିକି ଟିକି ଡ଼େଣା ଝାଡ଼ିଝାଡ଼ି ନିଆଁ ଆଡ଼କୁ ଆସୁଥାଏ । ଏବଂ ଶେଷରେ ନିଆଁ ଭିତରକୁ ଚାଲିଗଲା । କିଛି ସମୟ ପାଇଁ ସୁଶ୍ରୀର ଆଖି ବନ୍ଦ ହୋଇଗଲା । ଛୁଆମାନେ ଖୁବ୍ ଜୋରରେ କୋଳାହଳ କରୁଥିଲେ । ପୁଅ ହଠାତ୍ ପାଟି କରି ଉଠିଲା । ଦେଖ ଅଜା ପକ୍ଷୀଟି ନିଆଁଭିତରକୁ ଯାଇ ପୁଣି ଉପରକୁ ଉଡ଼ିଆସି ଅନ୍ୟ ଏକ ଗଛ ଡ଼ାଳରେ ବସିଗଲା । ପୁଣି କିଛି ସମୟ ପରେ ଆକାଶକୁ ଉଡ଼ିଯାଉଛି । ସୁଶ୍ରୀ ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲା । ଇଏ କଣ ଦେଖୁଛି ସେ ଏକ ସମାନ୍ୟ ପକ୍ଷୀ ଛୁଆ ନିଆଁକୁ କେମିତି ଅତିକ୍ରମ କରିଗଲା । ଖଣ୍ଡିଉଡ଼ା ଦେଉଥିବା ପକ୍ଷୀର ଡ଼େଣାରେ ଏତେ ଶକ୍ତି ଅଚାନକ କୋଉଠୁ ଆସିଲା ।

ସେପଟେ ସୋ'ଟି ସରି ନଥାଏ । ଦେଖିଲ ତ ପିଲାମାନେ କେମିତି ପକ୍ଷୀଟି ଉଡ଼ିଗଲା । ଈଶ୍ୱର ଇଛାକଲେ ପଙ୍ଗୁ ପାହାଡ଼ ଚଢ଼ି ପାରିବ ଆଉ ମୂକ ବି ପ୍ରଗଲ୍ଭ ହୋଇପାରିବ । ଏମିତି ହିଁ ଆମର ଦୁନିଆ । ଏଠି ସମସ୍ତେ ନିଜ ନିଜ କାମରେ ମସଗୁଲ୍ । କେହି କାହାର କାମ ଦ୍ୱାରା ଅନ୍ୟର କେତେ କ୍ଷତି ହେବ କି ଲାଭ ସେ କଥା ଚିନ୍ତା କରନ୍ତିନି । ମୂଷା ତାକୁ ଯାହା ଭଲ ଲାଗିଲା କରୁଥିଲା । ସାପକୁ ଯାହା ଭଲ ଲାଗେ ସିଏ କଲା । ମୂଷା ଭାଇ ଏବଂ ସାପ ଭାଇ ପରସ୍ପର ବନ୍ଧୁ । ତଥାପି ମୂଷା ସାପକୁ ସର୍ବଦା ଭୟ କରେ । ତା ପାଇଁ ସୁରକ୍ଷିତ ସୁରମ୍ୟ ବଳୟର ଗୃହ ଯୋଗେଇଦିଏ । କାରଣ ସାପଟିଏ କେବେ ନିଜେ ଗାତ ଖୋଳିପାରିବନି । ସେ ସର୍ବଦା ମୂଷା ଉପରେ ନିର୍ଭଳଶୀଳ । ତଥାପି ମୂଷାଭାଇ ତାକୁ ଭୟ କରେ । ଆଉ ଏଇ ଛୁଆମାନେ ସେଇ ମଣିଷମାନଙ୍କ ପରି ଯୋଉମାନେ ନିଜର ଯେତେ ଦୁଃଖ ଥାଉ ଅନ୍ୟକୁ ଅସହାୟ ଅବସ୍ଥାରେ ଦେଖିଲେ ତାଙ୍କର ମନ ଏକ ଅନନ୍ୟ ଆନନ୍ଦରେ କୁରୁଳି ଉଠେ । ମଣିଷ ଭୁଲିଯାଏ ଯେ ସେ ଦୁନିଆର ସବୁଠୁ ଶ୍ରେଷ୍ଠ ପ୍ରାଣୀ । ତା ଭିତରର ସେ ଦିବ୍ୟ କରୁଣା ହଜିଯାଏ । ନିଜକୁ ସୁରକ୍ଷିତ ରଖିବାକୁ ଯାଇ ଅନ୍ୟ ଜଣକ ପାଇଁ ଭୟର ବାତାବରଣ ସୃଷ୍ଟି କରି ମଣିଷ ତାର ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ଚେଷ୍ଟାକରେ ।

ବେଳେବେଳେ ପ୍ରକୃତି ଉପଯୁକ୍ତ ପାତ୍ରତାର ସନ୍ଧାନରେ ଥାଏଠିକ୍ ସେଇ ପକ୍ଷୀଶାବକ ପରି ଯିଏକି ଦୁନିଆର ନିଆଁକୁ ପିଇଯାଇ ହସଫୁଲର ମହକ ଭରିଦେବ । ତାକୁ ଜଣାନାହିଁ ମୂଷାର ପାରଦର୍ଶିତା, ସାପର ଭୟଙ୍କରିତା ଏବଂ ଛୁଆମାନଙ୍କର ଅବୋଧତା । ସେ କେବଳ ଗୋଟେ ଆଲୋକିତ ପୃଥିବୀର ସନ୍ଧାନରେ ନିମଗ୍ନ ।

ମୂଷା ଏବଂ ସାପ ଅନ୍ଧାରକୁ ଛାଡ଼ି ବଞ୍ଚିପାରିବେ ନାହିଁ । କିନ୍ତୁ ପକ୍ଷୀଟିଏ କେବେ ବି ଅନ୍ଧାରରେ ବେଶୀଦିନ ରହିପାରେନି । ତା ପାଇଁ ଖୋଲା ଆକାଶଟେ ଲୋଡ଼ା । ଅନ୍ଧାରର ନିରାପତ୍ତା ଅପେକ୍ଷା ଆଲୋକର ଜ୍ୱଳନ୍ତ ପୃଥିବୀ ତାକୁ ବେଶୀ ଆକୃଷ୍ଟ କରେ । ଯେମିତି ଅନ୍ଧାର ପାଖରେ ସବୁବେଳେ ଶୀତଳତା ଥାଏ ଠିକ୍ ସେମିତି ଆଲୋକ ପାଖରେ ଉତ୍ତାପ ଥାଏ । ସେ ନିଆଁ ହେଉ ବା ଖରା ସବୁଥିରେ ଉତ୍ତାପ ହିଁ ଥାଏ । ଛୁଆମାନଙ୍କ ଦ୍ୱାରା ଏଇ ସାମାନ୍ୟ ନିଆଁକୁ ଯଦି ସେ ଅତିକ୍ରମ କରି ନପାରିବ ତେବେ ପ୍ରଖର ସୂର୍ଯ୍ୟର ତାପକୁ ସେ କେମିତି ସହିବ । ଯଦି ମାଟିରୁ ତା ବସା ପର୍ଯ୍ୟନ୍ତ ଉଠିନପାରିବତାହେଲେ ସେ ଆକାଶରେ କେମିତି ଉଡ଼ି ପାରିବ ।

ମା ଚଢ଼େଇଟି ବସାକୁ କେତେ ଜଗିଥିବ । ତାକୁ ତ ଆହାର ଖୋଜିବାକୁ ଯିବାକୁ ପଡ଼ିବ । ମା ଜାଣିଛି ଜୀବନ ଏମିତି ଜୀଇଁବାକୁ ହୁଏ । ନିଜର ସଂଘର୍ଷ ହିଁ ଉଡ଼ିବା ଶିଖାଏ । ମା'ର ଡ଼େଣାରେ ନୁହେଁ ତାଙ୍କ ନିଜ ଡ଼େଣାରେ ତାର ଛୁଆମାନେ ଉଡ଼ିବେ ।

ସେମାନେ ସମସ୍ତେ ଜଣେ ଜଣେ ଈଶ୍ୱରଙ୍କ ପ୍ରତିନିଧି ଥିଲେ ଯୋଉମାନେ ତାକୁ ଉଡ଼ିବା ଶିଖୋଉଥିଲେ । ସେ ନିର୍ବୋଧ ପକ୍ଷୀଟିକୁ ସୁନେଲି ରଙ୍ଗର ଖରା ନାଇ ତା ପୃଥିବୀକୁ ଛାଇ ଯାଇଥିବାବାଦଲ ମାନଙ୍କ ପିଠିରେ ଚଢ଼ି ଉଡ଼ିବାକୁ ଶିଖେଇବା ଥିଲା ଈଶ୍ୱରଙ୍କର ଲୀଳା । ବାସ୍ ଆମ ଜୀବନ ଏମିତି ଖରାଛାଇ ଏବଂ ସୁଖ ଦୁଃଖର ସମାହାର । ତାକୁ ଜୀଇଁବାର ନାଁ ହେଲା ଉଡ଼ାଣ ।

ପୁଅ ଉଠି ଯାଉ ଯାଉ ବାପା ପଚାରିଲେ ଆରେ ଦେଖିଲୁତ କେମିତି ସବୁ ପ୍ରତିରୋଧ ସତ୍ତ୍ୱେ ପକ୍ଷୀଶାବକଟି ଉଡ଼ିଗଲା ।

ପୁଅ ହୁଁ ମାରି ଚୁପ୍ ରହିଲା ।

ଆରେ ବୁଝିଲୁ ତ ସୁଖ ଏବଂ ଦୁଃଖର ସମାନୁପାତିକ ମିଶ୍ରଣ ହେଉଛି ଜୀବନ । ତାହେଲେ କହିଲୁ ଦୁଃଖ ଯଦି ବ ହୁଏ ଏବଂ ସୁଖ ଯଦି ଭ ହୁଏ ତାହେଲେ ଜୀବନ ମାନେ କ'ଣ ?

– ବୁଝିଲି ଅଜା, ଜୀବନ ମାନେ ଏ ପ୍ଲସ୍ ବି ର ହୋଲସ୍କୋୟାର $(a + b)^2$ ।

*କରଡ଼ାପଲ୍ଲୀ, ଗୋବରା, ତାଳଚେର, ପିନ-୭୫୯୧୧୩*



# ଅକୁହା କଥା

ବୀରେଶ୍ୱର ମହାନ୍ତି

ଟ୍ରେନ୍ ଆସିବାକୁ ବହୁତ ସମୟ ବାକି। ଆସିବା ସମୟର ଅଧ ଘଂଟା ପୂର୍ବରୁ ଷ୍ଟେସନ୍‌ରେ ପହଞ୍ଚି ସାରିଥିଲା ବିନୟ। ଆସିଲା ପରେ ଜାଣିଲା ଟ୍ରେନ୍ ଆହୁରି ଦୁଇଘଣ୍ଟା ବିଳମ୍ବରେ ପହଞ୍ଚିବ। ମନଟା ବିରକ୍ତିଆ ହେଇଗଲା। ଏତେ ଗୁଡ଼ା ସମୟ କ'ଣ କରାଯାଏ ? ଏପଟ ସେପଟ ଦୃଷ୍ଟି ନିକ୍ଷେପ କରି ସାମ୍‌ନାରେ ଥିବା ବହି ଦୋକାନ ଆଡ଼କୁ ଅଗ୍ରସର ହେଲା ବିନୟ। ଉପର ଠାଉରିଆ ଭାବରେ ମେଗାଜିନ୍‌ଟାଏ ଉପରେ ଆଖି ବୁଲାଉ ବୁଲାଉ ମନଛୁଆଁ ମଧୁର କଣ୍ଠସ୍ୱରଟିଏର ସ୍ପର୍ଶ ବିନୟକୁ ମେଗାଜିନ୍‌ରୁ ଧ୍ୟାନ ହଟାଇନେବାକୁ ବାଧ କଲା। ବାମ ପଟକୁ ମୁହଁ ବୁଲାଇ ବିନୟ ଦେଖିଲା ଜଣେ ଭଦ୍ରମହିଳା 'ଚିହ୍ନି ପାରୁନାହାନ୍ତି କି' କହି ହସ ହସ ମୁହଁରେ ତା'ଆଡେ ଚାହିଁ ରହିଛନ୍ତି। ମୁହଁଟା ଚିହ୍ନା ଚିହ୍ନା ଲାଗୁଥିଲେ ବି ପରିଚୟଟା ଠିକ୍ ଠଉରେଇ ପାରୁ ନ ଥାଏ ବିନୟ।

- "ମୁଁ ଲୀନା। ଲୀନା ସାମନ୍ତରାଏ।"

ଚମକି ପଡିଲା ବିନୟ। ଏ ଲୀନା ସାମନ୍ତରାଏ, ଭଂଜବିହାରର ସହପାଠିନୀ ଲୀନା ସାମନ୍ତରାଏ ନୁହେ ତ !

ଲୀନା ଅବସ୍ଥା ଠଉରେଇ ନେଇ କହିଲା- "ଦ୍ୱନ୍ଦରେ ଅଛ ତ ?" ହଁ , ମୁଁ ସେଇ ଭଂଜବିହାର . . . . . । ଲୀନାଠୁ କଥା ଛଡ଼େଇ ନେଇ ବିନୟ କହିଲା- "ଏହା ଭିତରେ ତିରିଶ ବର୍ଷ ବିତି ଗଲାଣି। ଦେଖା ସାକ୍ଷାତ ତ କେବେ ହେଇନି। ଏଣୁ ଦ୍ୱନ୍ଦରେ ପଡିଗଲି।"

କଥା ଛଳରେ ବିନୟ ବୁଝିନେଲା ଦୁଇ ଜଣଙ୍କର ଗନ୍ତବ୍ୟ ପଥ ଏକ। ଲୀନା ଉପରେ ଆଖି ବୁଲେଇ ଆଣିଲା। ମଠା ରଂଗର ପାଟ ଶାଢ଼ିଟିଏ ଅତି ଯତ୍ନରେ ପରିଧାନ କରିଛି ଲୀନା। ଆଭିଜାତ୍ୟର ଲକ୍ଷଣ ବେଶ୍ ପରିସ୍ଫୁଟ। ମୁଣ୍ଡରେ ଛୋଟ ସିନ୍ଦୁର ଟୋପାଟାଏ ତା' ଗୋରା ମୁଖମଣ୍ଡଳକୁ ବେଶ୍ ମାନୁଛି। ଦି' ହାତରେ ଦି' ଦି' ପଟ ସୁନା ଚୁଡ଼ି । ଛୋଟ ଅଥଚ ସୁନ୍ଦର ଭ୍ୟାନିଟି ବ୍ୟାଗଟିଏ କାନ୍ଧରେ ପଡ଼ିଛି। ମୋଟା ମୋଟି କହିବାକୁ ଗଲେ ତିରିଶ ବର୍ଷ ତଳର ଏବଂ ଏବର ଲୀନା ଭିତରେ ସିନ୍ଦୁର ଟୋପା ଛଡ଼ା ସେମିତି କିଛି ଫରକ ନାହିଁ, ଯଦିଓ କିଛିଟା ବୟସର ଛାପ ମୁଖ ମଣ୍ଡଳରେ ସ୍ପଷ୍ଟ ବାରି ହୋଇ ପଡୁଛି। ବିନୟ ତିରିଶ ବର୍ଷ ତଳର ଲୀନାକୁ ଖୋଜି ଚାଲିଥିଲା ଆଜିର ଲୀନା ଭିତରେ। ଦୁଇଜଣ ଏକା ଡିପାର୍ଟମେଣ୍ଟ। ସ୍ୱତନ୍ତ୍ର ପେପର ବି ଏକା। ଏଣୁ ସ୍ୱାଭାବିକ୍ ଭାବରେ ଦୁଇଜଣ ପରସ୍ପରକୁ ଭଲ ଭାବରେ ଜାଣିଥିଲେ।

କ'ଣ ଭାବୁଛ କହି ଲୀନା ବିନୟର ହାତ ଧରି ଟାଣି ଟାଣି ନେଇଗଲା ପାଖରେ ପଡିଥିବା ଏକ ସିମେଣ୍ଟ ବେଞ୍ଚ ପାଖକୁ। ବିନୟକୁ ବସିବାକୁ କହି ଲୀନା ତା' ପାଖରେ ବସୁ ବସୁ କହିଲା- "ବିନୟ, ତୁମେ ଯେମିତି କୁ ସେମିତି ଅଛ। ସେଇ ଧଳା ରଙ୍ଗର ପେଣ୍ଟ ସାର୍ଟ ଏବେ ବି ତମକୁ ବେଶ୍ ମାନୁଛି।"

ବିନୟ କଲେଜରେ ପଢ଼ିବା ଦିନଠୁ ଆଜି ପର୍ଯ୍ୟନ୍ତ କେବଳ ଧଳା ରଙ୍ଗର ପେଣ୍ଟ୍ ସାର୍ଟ ପିନ୍ଧି ଆସିଛି। ଏହି ଧଳା ରଙ୍ଗର ପୋଷାକ ତାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଧଳା ରଙ୍ଗ ଯୋଗୁଁ ଦୂରରୁ ଦେଖିଲେ ବିନୟ ସହଜରେ ଚିହ୍ନି ହୋଇ ଯାଏ। ହେଲେ ଆଜି ଧଳା ରଙ୍ଗର ପେଣ୍ଟ ସାର୍ଟକୁ ନେଇ ଲୀନାର ମନ୍ତବ୍ୟଟା ଭାରି ଭଲ ଲାଗିଲା ତାକୁ। ସାଙ୍ଗେ ସାଙ୍ଗେ ପ୍ରତ୍ୟୁତ୍ତରରେ କହିଲା- "ଲୀନା ତମେ ବି ଯେମିତି କୁ ସେମିତି ସୁନ୍ଦର ଅଛ। ଏ ପାଟ ଶାଢ଼ିଟା ତମକୁ ବେଶ୍ ମାନୁଛି।"

ହଠାତ୍ ଗମ୍ଭୀର ହୋଇଗଲା ଲୀନା। ବିନୟ ବି ଅପ୍ରସ୍ତୁତ ହେଲା ଭଳି ଲାଗିଲା। ମନେ ମନେ ଭାବିଲା – "କିଛି ଭୁଲ କହି ଦେଲାକି ? ଏତେ ବର୍ଷ ବ୍ୟବଧାନରେ ଦେଖା ସାକ୍ଷାତ ସମୟରେ ତା' ଲଘୁ ମନ୍ତବ୍ୟଟା ବୋଧହୁଏ ଲୀନାକୁ ପସନ୍ଦ ହୋଇନାହିଁ।"

ସେହି କ୍ଷଣର ନିରବତା ବିନୟ ପାଇଁ ଅସହ୍ୟ ବୋଧ ହେଉଥାଏ। ପରିସ୍ଥିତିକୁ ସହଜ କରିବା ପାଇଁ କହିଲା- "ମୋତେ କିଛି ଭୁଲ ବୁଝିବନି ଲୀନା। ହଠାତ୍ ଦେଖା ସାକ୍ଷାତରେ ମୋର ତମକୁ ଏପରି କହିବା ଉଚିତ୍ ହୋଇନାହିଁ।"

ଲୀନା ତଥାପି ଗମ୍ଭୀର ଏବଂ ନିରବ । ତଳକୁ ମୁହଁ ପୋତି ବସିଥାଏ। ବିନୟ ବି ଚୁପ୍। ଭାବୁଥାଏ, ଅନାବଶ୍ୟକ କଥାଟିଏ କହି ଲୀନାର ମନରେ ଯନ୍ତ୍ରଣା ଦେବା ଆଦୌ ଉଚିତ ହୋଇନାହିଁ।

ନିରବତା ଭଙ୍ଗ କରି ଲୀନା କହିଲା- "ବିନୟ, ମୁଁ ବିବାହିତା। ମୁଁ ଜାଣେ, ତୁମେ ବି ବିବାହିତ। ଆମେ ଯିଏ ଯାହା ସଂସାରକୁ ନେଇ ଜୀବନରେ ଆଗେଇ ଯାଇଛେ . .। ଲୀନା ଆଉ କ'ଣ କହିବାକୁ ଯାଉଥିଲା, କିନ୍ତୁ କଥା ଛଡ଼େଇ ନେଇ ବିନୟ କହିଲା- "ମୋତେ କ୍ଷମା କର ଲୀନା। ତମକୁ ଆଘାତ ଦେବାର ମୋର କୌଣସି ଉଦ୍ଦେଶ୍ୟ ନ ଥିଲା। ମୁଁ ଜାଣେ, ମୋର ଭୁଲ ହୋଇଛି।"

- "ଭୁଲ ଠିକ୍‌ର ହିସାବ ନିକାଶ କରିବାର ସମୟ ଆଜି ନୁହେଁ ବିନୟ। ଆଚ୍ଛା ତମର ମନେ ଅଛି, ଆମର ପ୍ରଥମ ଦେଖା କେବେ ହୋଇଥିଲା ?"

ମନେ ପକାଇବାକୁ ଚେଷ୍ଟା କଲା ବିନୟ। ଠିକ୍ କେବେ ଦେଖା ହୋଇଥିଲା, ତିରିଶ ବର୍ଷ ପରେ ମନେ ପଡ଼ିବା ସମ୍ଭବ ନୁହେଁ। ବିନୟ

ହତାଶ ଆଖିରେ ଲୀନା ଆଡ଼କୁ ଚାହିଁଲା।

ଲୀନା କହିଲା- "ମୁଁ ଜାଣେ, ହୁଏତ ତୁମର ମନେ ନଥିବ। ମୋର କିନ୍ତୁ ମନେ ଅଛି। ୟୁନିଭରସିଟିରେ ଏଡ଼ମିଶନ ଦିନ କ୍ୟାସ୍ କାଉଂଟର ପାଖରେ । ଧାଡ଼ି ବହୁତ ଲମ୍ବା ଥିଲା ବୋଲି ମୋତେ ତୁମ  ସ୍ଥାନ ଛାଡ଼ି ଦେଇଥିଲ ଆଗେ ଟଙ୍କା ଜମା କରିବା ପାଇଁ। ଟଙ୍କା ଜମା କରିବା ପରେ ଧନ୍ୟବାଦ ଦେବା ପାଇଁ ତୁମକୁ ଖୋଜିଲା ବେଳକୁ ତୁମେ ସେଠି ନଥିଲ। ତା'ପରେ କ୍ଲାସରେ ଅନେକ ଥର ଧନ୍ୟବାଦ ଦେବା ପାଇଁ ଚେଷ୍ଟା କରି ପାରିନାହିଁ। ସୁବିଧା ହୁଏନି। ସେଦିନର ସେ ସାହାଯ୍ୟ ପାଇଁ ଆଜି ଯାଏ ମୁଁ ଧାରୁଆ ହେଇ ରହିଛି।"

ବିନୟ ହସି ଦେଇ କହିଲା- "ଲୀନା, ସତ କହିବାକୁ ଗଲେ ମୁଁ ତମ ମାନଙ୍କ ପରି ଭଲ କ୍ୟାରିଅର ବାଲାଙ୍କ ସାଙ୍ଗରେ କଥାବାର୍ତ୍ତା ପାଇଁ ସଙ୍କୋଚ କରୁଥିଲି। ତମର ସବୁବେଳେ ପ୍ରଥମ ଶ୍ରେଣୀକୁ ମୋର ସବୁବେଳେ ଦ୍ୱିତୀୟ ଶ୍ରେଣୀ। ତମେମାନେ ସବୁବେଳେ ପାଠାଗାରରେ ବ୍ୟସ୍ତ ଆଉ  ଆମକୁ ପାଠାଗାରରେ ବହି ମିଳେନି।"

- "ତମର ପାଠାଗାର ବିଷୟରେ ମନେ ଅଛି ବିନୟ ?"

- "ହଁ ,ମୋର ମନେ  ଅଛି। ମୋତେ କିନ୍ତୁ ସେ ପାଠାଗାରରୁ ବହି ମିଳେନି । ମୁଁ ଟିକେ ଡେରିରେ ପାଠାଗାର  ଯାଏ। ଗଲା  ବେଳକୁ ସବୁ ବହି ଇସ୍ୟୁ ହୋଇ ଯାଇଥାଏ। ଥରେ  ଦି'ଥର ଦେଖିଛି, ତମେହିଁ ସେ ବହି ସବୁ ନେଇ ଯାଇଥାଅ।"

- "ହଁ, କିନ୍ତୁ କାହିଁ  କେବେ ତ ମୋତେ ପଚାରିନ ?"

- "ଯିଏ ଆଗେ ଆସିଲା, ସିଏ ବହି ନେଲା, ଆଉ ପଚାରିବି କ'ଣ।" — ଉତ୍ତର ଦେଲା ବିନୟ ।

- "କିନ୍ତୁ ତମେ ଜାଣ ବିନୟ, ତୁମେ କାଳେ ଆସି ମୋତେ କିଛି ପଚାରିବ, ସେଇଥିପାଇଁ ହିଁ ସେ ବହି ସବୁ ମୁଁ ଇସ୍ୟୁ କରି ନେଇଥାଏ। ତୁମେ କିନ୍ତୁ ମୋତେ କେବେ କିଛି ପଚାରିଲନି କି ମୁଁ କିଛି କହିପାରିଲିନି।"

କଥାର ମୋଡ଼ ବଦଳାଇ ଲୀନା କହିଲା- "ତମର  ରିମା କଥା ମନେ ଅଛି ବିନୟ। ରିମା ମୋର ରୁମ୍ ମେଟ୍ ଥିଲା। ତମ ସାଙ୍ଗ ସୁବୋଧ ସହିତ ରିମାର ବେଶ୍ ଭଲ ସମ୍ପର୍କ ଥିଲା। ଦୁଇ ଜଣ ଗୋଟିଏ କଲେଜରୁ ଆସିଥିଲେ। ଥରେ  ତମେ ସୁବୋଧ ସାଙ୍ଗରେ ଲେଡିଜ୍ ହଷ୍ଟେଲ ଆସିଥିଲ। ରିମା ଓ ସୁବୋଧ କଥାବାର୍ତ୍ତା ହେଲେ। ମୁଁ ଗେଟ୍  ଏପାଖରେ  ରହିଲି। ନଖରେ ମାଟି ଉପରେ ଗାର ଟାଣୁଥିଲି। ତମେ ଗେଟ୍ ଆରପଟେ ରହିଲ। ଟଗରଗଛରୁ ପତ୍ର ଛିଣ୍ଡାଇ ଚାଲିଥିଲ। ମଝିରେ ସୁବୋଧ ଓ ରିମା। ତା'ପରେ ତମେ ସୁବୋଧ ସାଙ୍ଗେ ଗଲ, ମୁଁ  ରିମା ସାଙ୍ଗେ ଚାଲିଗଲି। ଆମେ ଦୁଇଜଣ କେହି କାହା ସାଙ୍ଗେ କଥାବାର୍ତ୍ତା ହୋଇ ପାରିଲେନି। ପରେ  ଶୁଣିବାକୁ ପାଇଲି ରିମା ଓ ସୁବୋଧ ବିବାହ କରିଛନ୍ତି।"

ବିନୟ ହସି ଦେଇ କହିଲା- "ସେ ସବୁ ଆଜି ଠିକ୍ ମନେ ପଡୁନି ଲୀନା। କିନ୍ତୁ ଆମ ଡିପାର୍ଟମେଣ୍ଟ ପିକ୍‌ନିକ୍‌ରେ  ବଦହଜମି ହୋଇ ମୋର ଗୁଡ଼ାଏ ବାନ୍ତି ପାଇଁ ତମେ ମୋତେ ଔଷଧ ଦେଇଥିଲ। ସେକଥା କିନ୍ତୁ ମୋର ମନେ ଅଛି। ସେଥିପାଇଁ ଧନ୍ୟବାଦ।"

- "ଧନ୍ୟବାଦ ସେଦିନ ମୁଁ ଚାହିଁଥିଲି ବିନୟ। ଆଜି ନୁହେଁ। ଏତେ ଦିନ ପରେ ସେ ଧନ୍ୟବାଦର ଅର୍ଥ  କିଛି ନାହିଁ।"

ବିନୟ ଭାବିଲା ପୁଣି ଗୋଟେ ଭୁଲ ହେଇଗଲା। ଟିକେ ଚୁପ୍ ହେଇଗଲା ସେ।

ଲୀନା କିନ୍ତୁ ଚୁପ୍ ରହିବାର ନୁହଁ। ଆଜି ତା'ର ପାଳି। ସେ ନିଶ୍ଚୟ କହିବ। ଆଜି ନ କହିଲେ ହୁଏତ ଆଉ କେବେ କହିପାରିବନି।

- "ତମର ମନେଥିବ ବିନୟ, ଆମ ଡିପାର୍ଟମେଣ୍ଟ ଡ୍ରାମାରେ ତୁମେ ସବୁବେଳେ ପାର୍ଟ ନିଅ। ଡ୍ରାମା ଦେଖିବା ପାଇଁ ମୁଁ ସବୁବେଳେ ଅଡ଼ିଟୋରିଅମ୍‌ରେ  ଆଗ ଧାଡ଼ିରେ ବସେ। ତମ ଡାଇଲଗ୍ ବେଳେ ତାଳି ମାରେ। ତମେ କେବେ ସେ ତାଳିକୁ ଦେଖି ପାରିନ ବିନୟ !"

ଟିକିଏ ରହି ଲୀନା ପୁଣି ଆରମ୍ଭ କଲା-

"ତମେ ଭଲ ଫୁଟ୍‌ବଲ୍ ଖେଳୁଥିଲ। ୟୁନିଭରସିଟିକୁ ରିପ୍ରେଜେଣ୍ଟ କରୁଥିଲ। ତମେ ଫୁଟ୍‌ବଲ୍ ଅଭ୍ୟାସ କରୁଥିବା ସମୟରେ ମୁଁ ସାଙ୍ଗ ମାନଙ୍କ ସାଙ୍ଗରେ ଚାଲି ଚାଲି ଷ୍ଟାଡ଼ିୟମ ଆଡ଼େ ବୁଲିଆସେ। ଦୂରରୁ ତମ ଖେଳକୁ ନିରୀକ୍ଷଣ କରେ। ମୋତେ ବେଶ୍ ଭଲ ଲାଗେ। ମନଟା ଫୂର୍ତ୍ତି ହୋଇଯାଏ। ତୁମେ କିନ୍ତୁ କେବେ ମୋ ଆଡ଼େ ଧ୍ୟାନ ଦେବାକୁ ଆଗ୍ରହ ପ୍ରକାଶ କରିନ।"

ଲୀନାର ଗୋଟେ ପରେ ଗୋଟେ କଥା ଶୁଣି ବିନୟର ମୁଣ୍ଡଟା ଜାମ୍ ଧରି ଯାଉଥିଲା। ଲୀନା କଣ କହିବାକୁ ଚାହୁଁଛି ସେ ସ୍ପଷ୍ଟ ବୁଝିପାରୁ ନଥିଲେ ବି  ସବୁ କଥା ଯେ ଠିକ୍ ନଥିଲା,  ସେ ଅନୁଭବ କରି ପାରୁଥିଲା।

ଲୀନା ପୁଣି କହିଲା- "ଷଷ୍ଠ ବର୍ଷ ପରୀକ୍ଷା ପୂର୍ବରୁ ମୋର ବାହାଘର ଠିକ୍ ହେଇଗଲା ମୋର ଅନିଚ୍ଛା ସତ୍ତ୍ୱେ। ତମ ସହ ଆଲୋଚନା ପାଇଁ ମନ ସ୍ଥିର କରିଥିଲି। ପାରିଲିନି। ସାହସ ହେଲାନି। ମନ କଥା ଅକୁହା ରହିଗଲା। ବାହାଘର ପରେ ଆସି ପରୀକ୍ଷା ଦେଲି। ପରୀକ୍ଷା ହଲରେ ତମର ମୋ ସହ ଦେଖା ହେଲା। କିଛି ବି କହିପାରିଲିନି। ସତ କହିବାକୁ ଗଲେ ଆଉ କହିବାର କିଛି ନଥିଲା।"

ବିନୟର ଧୈର୍ଯ୍ୟଚ୍ୟୁତି ଘଟୁଥିଲା। ସବୁ କଥା କ୍ରମେ କ୍ରମେ ସ୍ପଷ୍ଟ ହୋଇ ଉଠୁଥିଲା। ଲୀନାକୁ ସେ କ'ଣ କହିବା ଉଚିତ୍, ସେ କଥା ର ଥଳକୂଳ ପାଉ ନ ଥିଲା। ତଥାପି ମୁହଁ ଟେକି  ଲୀନାକୁ ଚାହିଁଲା। ଦେଖିଲା ଲୀନା ହସୁଛି। ତାର ବୋଝ ହାଲୁକା ହୋଇଗଲା ପରି ଲାଗୁଛି। ତା'ମୁହଁରେ ପୂର୍ବର ଗମ୍ଭୀରତା ଆଉ ନାହିଁ। ବୋଧ ହୁଏ ତାର ଅକୁହା କଥା ସବୁ କହିପକାଇ ସେ ହାଲୁକା ହୋଇ ଯାଇଛି।

ଚା'ବାଲାକୁ ଦେଖି ଦୁଇ କପ୍ ଚା'ର ଅର୍ଡ଼ର ଦେଲା ଲୀନା । ଚା' ପିଉ ପିଉ ଲୀନା କହିଲା,- "ତମ ପାଖରେ ମୋର କିଛି ଖବର  ନ ଥିବ ବିନୟ। କିନ୍ତୁ ତମର ପ୍ରତିଟି ଖବର କୌଣସି ପ୍ରକାରେ ମୁଁ ଜାଣିବାକୁ ଚେଷ୍ଟା କରିଛି। ଏବେ ବି ମୁଁ କ'ଣ କରୁଛି ବୋଲି ପଚାରିଲନି।"  ଭ୍ୟାନିଟି ବ୍ୟାଗ୍‌ରୁ ଭିଜିଟିଂ କାର୍ଡ଼ଟିଏ  କାଢ଼ି ବିନୟକୁ ବଢ଼ାଇ ଦେଉ ଦେଉ ତାଙ୍କ ଗନ୍ତବ୍ୟ ପଥର ଟ୍ରେନ ଆସିବାର ଘୋଷଣା ହୋଇଗଲା।

ବିନୟ ଓ ଲୀନା ଟିକେଟ୍ କାଢ଼ି ପରୀକ୍ଷା କରି ନେଲେ।  ଦୁଇଜଣଙ୍କର ଗନ୍ତବ୍ୟ ପଥ ଏକ ଅଥଚ ଟିକେଟ୍ ଅଲଗା ଅଲଗା ବଗିରେ। ଜଣଙ୍କର ଟିକେଟ୍ ଟ୍ରେନ୍‌ର ଆଗ ବଗିରେ ତ ଆଉଜଣଙ୍କର ପଛ ବଗିରେ।

*ସି-୧୦୫, ଶୁଭମ୍ ରୟାଲ୍*
*ନାକାଗେଟ୍ ଘାଟିକିଆ, ଭୁବନେଶ୍ୱର*
*ଦୂରଭାଷ: ୯୯୩୮୬୧୫୬୭୧*

ଧାରାବାହିକ
ଉପନ୍ୟାସ



# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)

ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.

### ରାଣୀଗୁମ୍ଫା ନିର୍ମାଣ - ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା

ନଗର ଅଖଣ୍ଡାଂଶ ପଞ୍ଚଦଶତମ ଧାଡିର ଉଲ୍ଲିଖିତ - "... ସକତ ସମଣ ସୁବିହିତାନଂ ଚ ସବ ଦିସାନଂ ୟତିନଂ ତପସ ଇସିନଂ ସଂଘାୟନଂ ଅରହତ ନିସୀଦିୟା ସମୀପେ ବରାକର ସମୁଥାପିତାହି ଅନେକ ୟୋଜନାହି ତାହି ଥପନତିସାହି ସତସହସେହଧ ସିଲାହି ସିହପଥ ରାଞ୍ଜି ସ ଥଭିଲାସେହ୍ଣୁ ପାତାଲିକ ଚତରେ ଚ ବେଦୁରିୟା ଗଭେ ପଟିଥାପୟତି ପାନତରିୟ ସତସହସେହି ॥ [ଏହି ପଞ୍ଚଦଶତମ ପଂକ୍ତିଟିର କିୟଦଂଶ ଷୋଡଶ ଧାଡିର ପ୍ରଥମ ଅସଂପୂର୍ଣ୍ଣ ଶବ୍ଦଗୁଡିକ ମିଶାଇ ପୂର୍ଣ୍ଣାର୍ଥ ନିମନ୍ତେ ଏଠାରେ ପରିବେଷଣ କରାଯାଇ ବ୍ୟାଖ୍ୟା କରୁଛନ୍ତି।]

[ସିଂହପଥ ରାଣୀଙ୍କ ଇଚ୍ଛାନୁଯାୟୀ ଅର୍ହତମାନଙ୍କ ଆଶ୍ରୟଗୁମ୍ଫାର ପୂର୍ବଦିଗରେ ଦୂରଦୂରାନ୍ତର ଉତ୍ତମ ଗଭୀର ଖଣିମାନଙ୍କରୁ ଉତ୍ତୋଳନ କରାଯାଇଥିବା ପଞ୍ଚତିରିଶ ଲକ୍ଷ ପଥର ପଟାରେ ଗୋଲାପୀ ଚଟାଣ ଓ ମରକତମଣି ଖଚିତ ଖମ୍ବ ନିର୍ମାଣ କରନ୍ତି, ଯାହା ପାଇଁ ଏକ ଲକ୍ଷ ପାଞ୍ଚ ସହସ୍ର ମୁଦ୍ରା ବ୍ୟୟ ହୁଏ। ଏହା ଦେଶର ଚତୁର୍ଦିଗରୁ ଦୂରବର୍ତ୍ତୀ ସ୍ଥାନରୁ ଆସୁଥିବା ଶ୍ରମଣ, ଯତି, ତପସ୍ୱୀ, ଋଷୀ ଓ ସଂଘବାସୀମାନଙ୍କର ସୁବିଧା ପାଇଁ ଉଦ୍ଦିଷ୍ଟ।]

ଜୟାବିଜୟା, ଅଳକାପୁରୀ ଆଦି ୟପନାପକ ଅର୍ହତ ଆଶ୍ରୟ ଗୁମ୍ଫାଗୁଡିକର ପୂର୍ବଦିଗକୁ ଯେଉଁ ରାସ୍ତା ଯାଇଛି, ତାହାର ବାମପାର୍ଶ୍ୱରେ ଗୋଟିଏ ଧାଡ଼ି ପୁରାତନ ଗୁମ୍ଫା ବିଦ୍ୟମାନ। ଏଗୁଡିକ କ୍ଲେଶରେ ଜୀବନ ଧାରଣ କରୁଥିବା ୟପନାପକ ଅର୍ହତମାନଙ୍କ ଆଶ୍ରୟ, ରାସ୍ତାର ଅଳ୍ପଦୂରରେ ଦକ୍ଷିଣପାର୍ଶ୍ୱରେ କୁମାରୀଗିରିର ଭୂମିସ୍ପର୍ଶ କରୁଥିବା ମୂଳପଉନ। ଏହି ରାସ୍ତା ଶେଷ ମୁଣ୍ଡରେ ବାମକୁ ଉତ୍ତର ଦିଗକୁ ବିସ୍ତୃତ, ଏବଂ ସେଠାରେ ବିରାଟ ପଥରଗଦାଟିଏ ରହିଛି, ଯାହାକୁ କୌଣସି ପ୍ରକାରେ ଖୋଦନ କରାଯାଇପାରେ।

ସମ୍ରାଟ ଖାରବେଳ ଉତ୍ତରପଥ ଅଭିଯାନ କାଳରେ ଗୋଟିଏ ମହାନୁଭବ ମାନସିକତା ପ୍ରଦର୍ଶନ କରିଥିଲେ। ନିଜ ସାମରିକ ଶକ୍ତି ସହିତ ତାଙ୍କର ମହାମାନବିକ ଧାର୍ମିକ ଚେତନା ବିଷୟ ଅନେକ ଜୈନ, ବୌଦ୍ଧ ଏବଂ ସନାତନ ଧର୍ମ ଆଚାର୍ଯ୍ୟମାନେ ଶତମୁଖରେ ପ୍ରଶଂସା କରିଛନ୍ତି। କଳିଙ୍ଗାଧିପତି କେବଳ ବଳଶାଳୀ ଏବଂ ଧନଶାଳୀ ନୁହନ୍ତି, ସେ ବି ଜଣେ ବିଦ୍ୱାନ ଏବଂ ତାଙ୍କର ମୁକ୍ତ ଚିନ୍ତାଧାରା କୌଣସି ଧର୍ମରେ ସୀମିତ ହୋଇ ରହିନାହିଁ।

ଉତ୍ତରପଥରେ ଜଣେ ସନାତନୀ ଶୈବ ଆଚାର୍ଯ୍ୟ ତାଙ୍କୁ ଗୋଟିଏ ଧର୍ମଭାବାପନ୍ନ ପ୍ରଶ୍ନ କରିଥିଲେ। ସେଇଟି ହେଉଛି -

"କଳିଙ୍ଗାଧିପତି, ଭାରତବର୍ଷ ପ୍ରସିଦ୍ଧ କଳିଙ୍ଗଜୀନା କଅଣ ଜଣେ ଶିବ? ମୋ ମନରେ ଦ୍ୱନ୍ଦ୍ୱ ଆସେ, କଳିଙ୍ଗଜୀନା କଅଣ ସତରେ ମହାଦେବ?"

ଖାରବେଳ ରାଜଦଣ୍ଡ ଧାରଣ କରିବା କ୍ଷଣରୁ ମନ ଭିତରେ ଶପଥ ନେଇଛନ୍ତି, ପ୍ରଜାର ଧର୍ମ ହେଉଛି ରାଜାର ଧର୍ମ। ଯଦି ତାଙ୍କ ରାଜ୍ୟର ସବୁ ପ୍ରଜା ଗୋଟିଏ ଧର୍ମ ଆଚରଣ କରିବେ, ନିଜ ପରିବାର ପୃଥକ୍ ଧର୍ମରେ ଦୀକ୍ଷିତ ହେଲେ ବି ରାଜା ପ୍ରଜାମାନଙ୍କ ଧାର୍ମିକ ମନୋବୃତ୍ତିର ଯଥୋଚିତ ଯତ୍ନ ନେବେ। ସେ ଶିବଙ୍କ ନାଁ ଶୁଣିବା ସଙ୍ଗେ ସଙ୍ଗେ ଚିନ୍ତାକଲେ, ଶିବ ସକଳ ଧର୍ମର ଆଦିଦେବତା।

"କହିଲେ, ଆଚାର୍ଯ୍ୟ ଆପଣ ତ ଶିବଭକ୍ତ ଆଉ ଏ ବିଷୟରେ କିଛି କହିବା ମୋର ବାହୁଲ୍ୟ ହେବ। ତଥାପି ଆପଣ ଚାହୁଁଛନ୍ତି ତ ମୁଁ ନିଶ୍ଚୟ ଦୁଇପଦ ଉତ୍ତର ରଖିବି।

ମୋ ଦୃଷ୍ଟିରେ କଳ୍ପିତ ପ୍ରଥମ ତୀର୍ଥଙ୍କର ଋଷଭନାଥ ହେଉଛନ୍ତି ଜୈନଧର୍ମର ଆଦିନାଥ, ସେ ଦିଗମ୍ବର ଅନାବୃତ ସନ୍ୟାସୀ। ଏହା ଧର୍ମର ଦିଗମ୍ବର ପ୍ରଥା। କିନ୍ତୁ ଶିବ ହିନ୍ଦୁ ଧର୍ମରେ ବି ଜଣେ ନଗ୍ନ ଯୋଗୀ। ଦୁଇ ସହସ୍ରାବ୍ଦ ତଳେ ଏହି ନଗ୍ନ ସନ୍ୟାସୀ ସିନ୍ଧୁ ଉପତ୍ୟକାର ଉନ୍ନତ ସଭ୍ୟତାରେ ତତ୍କାଳୀନ ସମାଜ ସ୍ଥାପନ କରିଥିଲା, ଯାହାକୁ ଆଜି ଭାରତବର୍ଷରେ ଧର୍ମ ଭାବରେ ଦଳେ ହିନ୍ଦୁ ହୋଇ ଶିବ କହୁଛନ୍ତି, ଆଉ ଦଳେ ଜୈନ ହୋଇ ଋଷଭନାଥ କହୁଛନ୍ତି।

ପୁଣି ଏହି କଳ୍ପିତ ଦେବତା ଦୁଇ ହେବେ କିପରି? ଶିବଙ୍କ ବାହନ

ଯେତେବେଳେ ବୃଷଭ ବା ନନ୍ଦି, ଋଷଭନାଥଙ୍କର ବି ସେହି ଷଣ୍ଢ।

ସେଇ ଶିବ ବି ଜୈନଶାସ୍ତ୍ରରେ ଶିବପଦ ଯେ କି ସର୍ବଜ୍ଞ ଏବଂ ଅରିହନ୍ତା। ସେ ସିଦ୍ଧ ଏବଂ ମୋକ୍ଷର ପ୍ରତୀକ। ଏହା ଋଷଭନାଥଙ୍କ ଆଉ ଗୋଟିଏ ନାମ! ଶିବ ଆଉ ଆଦିନାଥ କେତେ ପୃଥକ୍?

ଉଭୟ ପୁଣି ଆଦିନାଥ, ଜୈନମାନଙ୍କର ଆଦିନାଥ ଆଉ ହିନ୍ଦୁମାନଙ୍କର ଆଦିନାଥ। ଉଭୟ ହିମାଳୟର କୈଳାସ ପର୍ବତ ସହିତ ସମ୍ପୃକ୍ତ। ଶିବ କୈଳାସ ପର୍ବତରେ ଧ୍ୟାନମଗ୍ନ ଏବଂ ଋଷଭନାଥ ବି ଏହି ପର୍ବତ ଶୃଙ୍ଗ ଉପରେ ନିର୍ବାଣପ୍ରାପ୍ତ।

ଶିବଭକ୍ତ ମାନଙ୍କୁ ଗଣ କୁହାଯାଉଛି, ସେମାନଙ୍କର ନେତା ହେଉଛନ୍ତି ଗଣେଶ। ସେମିତି ଯେଉଁ ମୁନି ମାନେ ଋଷଭନାଥଙ୍କୁ ପ୍ରତିଷ୍ଠା କରିଛନ୍ତି, ସେମାନଙ୍କୁ ଗଣଧର ବୋଲି କୁହାଯାଏ। ଏମିତି ଗଣ ଏବଂ ଗଣଧର ପ୍ରଥା ବର୍ଦ୍ଧମାନ ମହାବୀରଙ୍କ କାଳ ପର୍ଯ୍ୟନ୍ତ ପ୍ରତିଷ୍ଠିତ ଥିଲା। ଋଷଭନାଥ ଶିବଭକ୍ତମାନଙ୍କ ମଧ୍ୟରେ ଉଚ୍ଚାସୀନ ହୋଇ ରହିଥିଲେ।

ହିନ୍ଦୁଶାସ୍ତ୍ର ଗୁଡିକରେ ଋଷଭନାଥ ଏବଂ ଶିବ କ୍ଷତ୍ରିୟ ନୃପତି ଏବଂ କ୍ଷତ୍ରିୟମାନଙ୍କର ପୂର୍ବଜ ଭାବରେ ବର୍ଣ୍ଣିତ। ପ୍ରାକ୍ଐତିହାସିକ କାଳରୁ ଦୁଇଧର୍ମର ଏହି ଅଦ୍ୱିତୀୟ ଦେବତା ସର୍ବ-କ୍ଷତ୍ରୀୟ ଅଗ୍ରଜ ଭାବରେ ଅଭିବାଦିତ। ଉଭୟ ଧର୍ମରେ ସେ ଦିଗମ୍ବର, ଦିଗ୍‌ଭାଷା, ତପୋମୟ, ଚାରୁକେଶ, ଅହିଂସା, ଜ୍ଞାନୀ, କପର୍ଦ୍ଦି ଏବଂ ଜତି ଭାବରେ ପରିଚିତ।

ଏହି ଦେବ, ଦୁଇ ଦଳର ଇଷ୍ଟଦେବତା ଗୋଟିଏ ସ୍ଥଳରେ ଏକ ହୋଇଛନ୍ତି, ସେ ହେଉଛନ୍ତି ବଦ୍ରୀନାଥ ବା ବଦ୍ରୀବିଶାଳ ଯେ ଦୁଇ ଦଳ ଦ୍ୱାରା ବଦ୍ରିକାଶ୍ରମ ବା ବଦରିକାଶ୍ରମରେ ପୂଜିତ।"

ଏଇ ଆଲୋଚନାଟି କଳିଙ୍ଗାଧିପତି ଖାରବେଳଙ୍କର ଉତ୍ତରପଥ ଗାନ୍ଧାରର ତକ୍ଷଶିଳା ବିଶ୍ୱବିଦ୍ୟାଳୟ ଶିକ୍ଷାନୁଷ୍ଠାନରେ ଘଟିଥିଲା। ଶୈବ ଆଚାର୍ଯ୍ୟ କଳିଙ୍ଗ ନୃପତିଙ୍କର ଈଶ୍ୱରଙ୍କୁ ଚିହ୍ନିବାର ପନ୍ଥା ଦେଖି ଅଭିଭୂତ ହୋଇ କହିଥିଲେ, "ଅଧିପତି, କେଉଁ ଦିଗକୁ ମହିମାଙ୍କର ବିସ୍ତାର ନାହିଁ? ଆପଣ ନିଜେ ଜଣେ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ ଏବଂ ଦୁର୍ଦ୍ଧର୍ଷ କଳିଙ୍ଗ ଜାତିର ପ୍ରତୀକ। ଆପଣ କଳିଙ୍ଗ ବକ୍ଷରେ ଗୋଟିଏ ଲୋକପ୍ରିୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଜାତିର ପ୍ରାଣସ୍ପନ୍ଦନ ପ୍ରତିଷ୍ଠା କରନ୍ତୁ।"

ସତରେ ଖାରବେଳଙ୍କର ମନର ଗଭୀରତମ ପ୍ରଦେଶରେ ଏହି ଶିକ୍ଷାନୁଷ୍ଠାନର ଅଦମ୍ୟ ଲାଳସା ବଞ୍ଚିରହିଥିଲା। ସେ କୌଣସି ରାସ୍ତା ପାଉ ନଥିଲେ କିପରି ଗୋଟିଏ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବେ। କଳିଙ୍ଗରେ କଅଣ ସବୁପ୍ରକାର ପ୍ରଯୁକ୍ତିବିଦ୍ୟା ସମ୍ଭବ ହୋଇପାରିବ? ଏଇଠି ତ ସେ ମାସିଡୋନିଆ ଆଉ ବ୍ୟାକ୍ଟ୍ରିଆ ରାଜ୍ୟର ଲୋକଙ୍କୁ ଯବନ ଭାବରେ ଦେଖାଯାଏ। ସେମାନେ ପଦାର୍ଥ ବିଜ୍ଞାନର ସମସ୍ତ ପ୍ରଯୁକ୍ତି ବୃଷୟିକ ଜ୍ଞାନରେ ସିଦ୍ଧହସ୍ତ। ଧର୍ମ, ସଂସ୍କୃତି ଆଉ ଭାଷା ବ୍ୟତୀତ କେବଳ ଧାତୁ, ଶିଳା ଓ କାଷ୍ଠଶିଳ୍ପ ହିଁ କଳିଙ୍ଗରେ ସମ୍ଭବ। ଅଳ୍ପକେତେ ଦିନ କଳିଙ୍ଗର ନୂତନ ରାଜ୍ଞୀ ସିନ୍ଧୁଳା ଆସିବା ପରଠାରୁ କଳିଙ୍ଗ ଶିକ୍ଷାଦୀକ୍ଷା ଏବଂ ଜ୍ଞାନଗାରିମାରେ ଉଦଭାସିତ ହୋଇଉଠିଛି। ସେ ବି ଅନେକ ଦିଗରେ ଏହି ଶିକ୍ଷାନୁଷ୍ଠାନକୁ ଆଲୋକିତ କରିପାରିବେ।

ସିନ୍ଧୁଳା କଳିଙ୍ଗାଧିପତିଙ୍କ ସହ ଗୋଟିଏ ସର୍ବଧର୍ମ ଅନୁଷ୍ଠାନ ପାଇଁ ସୂଚନା ଦେଲେଣି। ଏହି ସୂଚନା ଅଧିପତିଙ୍କ ଶିକ୍ଷାନୁଷ୍ଠାନ ଭାବନା ସହିତ କିପରି ଏକ ଅପୂର୍ବ ଦିଗକୁ ଗତି କରୁଛି।

"ଆଚ୍ଛା, ଆମେ ଯଦି ଗୋଟିଏ ସର୍ବଧର୍ମ ସମ୍ମିଳନୀ କକ୍ଷ କରିବା, ସେଥିରେ ଆମ କଳିଙ୍ଗର ନୃତ୍ୟଶିଳ୍ପ ତୌର୍ଯ୍ୟତ୍ରିକ ନିମନ୍ତେ କିଛି ଆୟୋଜନ ହୋଇ ପାରିବ କି?" ଏହି ପ୍ରଶ୍ନଟି ଶ୍ରୀ ଖାରବେଳ ନବନୀତା ରାଜ୍ଞୀଙ୍କୁ ପଚାରିଦେଲେ।

"ନିଶ୍ଚୟ, ଆପଣ ଆଉ ଯେତେ ଯେତେ କଳିଙ୍ଗ ବିକାଶ ପର୍ଯ୍ୟାୟ ଚିନ୍ତା କରୁଛନ୍ତି, ସବୁ ଏଇଠି ସମ୍ଭବ। ମୋତେ ମନ ଖୋଲି କହି ଦିଅନ୍ତୁ," ଏମିତି ପଚାରି ସ୍ୱାମୀଙ୍କ ଉତ୍ତର ପାଇଁ ତାଙ୍କ ମୁହଁକୁ ଚାହିଁ ରହିଲେ।

"ମୋ ମନରେ କୁମାରୀଗିରିରେ ଗୋଟିଏ ସର୍ବାଙ୍ଗ ସମ୍ଭବ ଶିକ୍ଷାନୁଷ୍ଠାନ ଗଢି ତୋଳିବାକୁ ଉନ୍ମାଦନା ଜାତ ହେଉଛି। ତୁମେ ତାକୁ ରୂପ ଦେଇ ପାରିବ?" ସମ୍ରାଟ ଖାରବେଳ ସତୃଷ୍ଣ ନୟନରେ ଚାହିଁ ରହିଲେ ପତ୍ନୀଙ୍କ ମୁଖମଣ୍ଡଳକୁ।

"ନିଶ୍ଚୟ, ନିଶ୍ଚୟ। ମହାମହିମଙ୍କର ନୃତ୍ୟଶିଳ୍ପ, ଶିଳାଶିଳ୍ପ, ଧାତୁ ଆଉ କାଷ୍ଠ କାରଖାନା ସବୁ କୁମାରୀଗିରି ଅଞ୍ଚଳରେ ସମ୍ଭବ। ପର୍ବତ ପାଦଦେଶରେ ପ୍ରଯୁକ୍ତିକ୍ଷେତ୍ର ରହିବ, ମାତ୍ର ଏଠାରେ ଗୋଟିଏ ବହୁତଳ ଦର୍ଶନୀୟ ପ୍ରାସାଦର ଗୁମ୍ଫା ଚିରକାଳ ପାଇଁ ଖୋଦିତ ହେବାର ଅବକାଶ ଏବେ ଅବତୀର୍ଣ୍ଣ। ଆଜି ଆମର କର୍ମସଚିବ କମ୍ ମହାଶୟଙ୍କୁ ମିଶାଇ ଆମେ ଗୋଟିଏ ନିଷ୍ପତ୍ତି ନେବା," କହି ସିନ୍ଧୁଳା ବକ୍ତବ୍ୟ ଶେଷ କଲେ।

ଶାସନକାଳର ଅର୍ଦ୍ଧାଧିକ କାଳ ଦିଗ୍‌ବିଜୟରେ କଟାଇ କଳିଙ୍ଗାଧିପତି ଯେଉଁ ଦିଗରେ ସଙ୍କୁଚିତ ଥିଲେ, ଏବେ ସେ ଭାଗ୍ୟ ବଳରେ ଦ୍ୱିତୀୟ ବିଦୁଷୀ ରାଣୀଙ୍କ ମାଧ୍ୟମରେ ପାଇ ପାରିଛନ୍ତି, ନିଜକୁ ଗୌରବାନ୍ୱିତ ମନେ କରୁଥିଲେ।

ସମୟରେ କର୍ମସଚିବ କମ୍ କଳିଙ୍ଗନଗର ରାଜପ୍ରାସାଦରେ ଆଲଚନା କକ୍ଷରେ ଉପନୀତ ହେଲେ। ସମ୍ରାଟ ଆଉ ପାଟରାଣୀ ଧୃତି, ବିଦୁଷୀ ରାଜ୍ଞୀ ସିନ୍ଧୁଳା ଏବଂ ବହୁ ରାଜ କର୍ମଚାରୀ ଉପସ୍ଥିତ ହେଲେ।

ସମ୍ରାଟ ଖାରବେଳ ନିଜର ଇଚ୍ଛା ବ୍ୟକ୍ତ କଲେ। କହିଲେ କୁମାରୀଗିରିରେ ଗୋଟିଏ ଶିକ୍ଷାନୁଷ୍ଠାନ ରହିବ। ତିନିଶତ ବର୍ଷ ପରେ କଳିଙ୍ଗର ରାଜଧାନୀ ପିଥୁଣ୍ଡାରୁ ତୋଷାଳୀ ସନ୍ନିକଟ କଳିଙ୍ଗନଗରୀକୁ ସ୍ଥାନାନ୍ତରିତ ହୋଇଛି। ସୁରକ୍ଷା ଦୃଷ୍ଟିରୁ କଳିଙ୍ଗଜିନା ରାଜଧାନୀ ସନ୍ନିକଟରେ ଉପସ୍ଥାପିତ ହେବା ଆବଶ୍ୟକ। ବର୍ତ୍ତମାନ ପାଇଁ ମଗଧରୁ ଫେରାଇ ଆଣିଥିବା କଳିଙ୍ଗ ଗୌରବ କଳିଙ୍ଗଜୀନା ମୂର୍ତ୍ତିଟିକୁ ହାତୀଗୁମ୍ଫା ଉପରେ ମାଙ୍କଡା ପଥର ମନ୍ଦିରରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯିବା ସମୀଚୀନ ହେବ। ନୂତନ ଶିକ୍ଷାନୁଷ୍ଠାନ ଧର୍ମାନୁଷ୍ଠାନ ବହୁତଳ ଗୁମ୍ଫା ନିର୍ମାଣ କରାଯିବ ଏବଂ ଏଠାରେ କଳିଙ୍ଗ ଶିଳାଶିଳ୍ପୀ ମାନଙ୍କୁ ଶିଳାଲିପି ଶିକ୍ଷାଦାନ କରାଯାଇ ଲିପିକାର ପ୍ରଶିକ୍ଷିତ ନୂତନ କଳାକାର ସୃଷ୍ଟି କରାଯିବ। ଏହି ଶିକ୍ଷାନୁଷ୍ଠାନଟି ଦେଶବିଦେଶରେ ଖ୍ୟାତି ଲାଭ କରିବ, କୁମାରୀଗିରିକୁ ଶ୍ରେଷ୍ଠ ବୋଲି ନାମିତ କରାଯିବ।

ଏଇ କଥାଟି ମନର ଅଭ୍ୟନ୍ତରରେ ବସା ବାନ୍ଧିଛି କଳିଙ୍ଗାଧିପତିଙ୍କର। କିଭଳି ଏହା ସମ୍ଭବ ହେବ, ବାଟ ଦେଖାଯାଉନି ତାଙ୍କୁ। ଠିକ୍ ଏତିକି

ବେଳକୁ ସିଂହପଥରାଣୀଙ୍କର ନୂତନ ପ୍ରାସାଦ ଗଢ଼ିବାର ଅଦମ୍ୟ ଉତ୍ସାହ ଶ୍ରୀ ଖାରବେଳଙ୍କ ପାଇଁ ଅସଂଖ୍ୟ ଉଦାହରଣ ହୋଇଛି। ସେ ସିଂହପଥ ରାଣୀଙ୍କର ମତାମତ ନେଲେ।

"ଏହି ପୁରାତନ ଜୈନକ୍ଷେତ୍ରରେ ସର୍ବଧର୍ମ ସମ୍ମିଳନୀ ଅନୁଷ୍ଠାନ ଗଢ଼ିଲେ, ତାହା କେତେ ଆଦୃତ ହେବ ବୋଲି ରାଜ୍ଞୀଙ୍କର ଅନୁମାନ? ଏହି ପୀଠର ସୁଦୃଢ଼ ସମ୍ପର୍କ ରହିଛି ଜୈନ ତୀର୍ଥଙ୍କର ପାର୍ଶ୍ୱନାଥ ଏବଂ ମହାବୀରଙ୍କ ସହିତ। ଶେଷତମ ଚତୁର୍ବିଂଶ ତୀର୍ଥଙ୍କର ମହାବୀର ଏହି ହାତୀଗୁମ୍ଫା ଉପରେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ। ଅନ୍ୟ ଧର୍ମାବଲମ୍ବୀ ମାନେ ଏହି ସ୍ଥାନକୁ ପବିତ୍ର ବୋଲି ନିଶ୍ଚୟ ମନେକରିବେ, କିନ୍ତୁ ସେମାନଙ୍କ ମାନସିକତାରେ କୌଣସି ନକାରାତ୍ମକ ଭାବ ରହିବନି ତ?" ପଚାରିଲେ କଳିଙ୍ଗାଧିପତି

"ଅସମ୍ଭବ ମହାରାଜ! ଅସମ୍ଭବ! ଏହି ସ୍ଥାନର ମୂଲ୍ୟ କୌଣସି ଧର୍ମ ପାଇଁ ବି ଅତିବେଶି। ଏମିତିକି ସ୍ୱର୍ଗାଦପି ଗରୀୟସୀ। ଏଠରେ ପ୍ରବଳ ଜନସମାଗମ ହେବ। ଅନ୍ୟୁନ ଭାରତବର୍ଷର ଉତ୍ତରପଥ, ଦକ୍ଷିଣପଥ, ମଗଧ, ମଥୁରା, ଅଙ୍ଗ, ବଙ୍ଗ, ସମସ୍ତ ମଧ୍ୟଦେଶ ଏବଂ ସମସ୍ତ ଧର୍ମାନୁଷ୍ଠାନ ଶ୍ରୀଖାରବେଳଙ୍କ ନିମନ୍ତ୍ରଣକୁ ଏଡାଇ ରହି ପାରିବେନି। ସେମାନେ କଳିଙ୍ଗାଧିପତିଙ୍କ ଧର୍ମ ଆଚରଣ ବିଷୟରେ ସଚେତନ। ଯଦି କୌଣସି ରାଜ୍ୟ ସର୍ବଧର୍ମ ପ୍ରଥାରେ ବିଶ୍ୱାସ କରେ, ତାହା କଳିଙ୍ଗ!" ଆନନ୍ଦ ବଦନରେ ସିଂହପଥ ରାଣୀ ଉତ୍ତର ଦେଲେ।

ପରେ ପରେ ମୁଖ୍ୟମନ୍ତ୍ରୀ ମହାମାଦ୍ ନାକିୟା କଳିଙ୍ଗାଧିପତିଙ୍କର ସନ୍ଦେହ ଦୂର କରିବାକୁ କହିଲେ, ମହାରାଜ, ଏଇଠି ଶିକ୍ଷାନୁଷ୍ଠାନ ଗଢ଼ିଲେ, ଖୁବ୍ ଲୋକପ୍ରିୟ ହେବ। ଆଜି ଦିନରେ କଳିଙ୍ଗର ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଛି। ଆମ ରାଜ୍ୟର ବ୍ୟବସାୟ ଏବଂ ନୌବାଣିଜ୍ୟ ସର୍ବାଗ୍ରେ ରହିଛି। ଲୋକମାନଙ୍କର ଆୟ ଏବଂ ଜୀବନଶୈଳୀ ଅନ୍ୟ ରାଜ୍ୟର ଲୋକମାନଙ୍କୁ ଆକର୍ଷିତ କରୁଛି। ସାରା ଭାରତବର୍ଷର ଗନ୍ତବ୍ୟସ୍ଥଳ ଆଜି କଳିଙ୍ଗନଗରୀ, କଳିଙ୍ଗର ଅନେକ ସୁବର୍ଣ୍ଣଦ୍ୱୀପଗାମୀ ସାଗରଯାତ୍ରା ଆରମ୍ଭ କରୁଥିବା ପୋତାଶ୍ରୟ ଏବଂ ଧର୍ମକ୍ଷେତ୍ର କୁମାରୀଗିରି।

ଆମର କଳିଙ୍ଗରେ ଏବେ ହିଁ ଗୋଟିଏ ଶିକ୍ଷାନୁଷ୍ଠାନ ଅୟମାରମ୍ଭ କରିବାର ସୁବେଳା ଆସିଛି। ଏହାକୁ ସମସ୍ତେ ଆଗ୍ରହ କରିବେ, ଆମେ ଶତମୁଖରେ ପ୍ରଶଂସିତ ହେବା। ଏଥିପାଇଁ ପ୍ରକୃଷ୍ଟ କ୍ଷେତ୍ର ହେଉଛି ଉଚ୍ଚାସନରେ ରହିଥିବା କୁମାର-କୁମାରୀ ପର୍ବତ।

ଗୋଟିଏ ମନଖୁସିଆ ହସରେ କଳିଙ୍ଗାଧିପତି କର୍ମସଚିବ କମଙ୍କୁ ଡାକିଲେ। କହିଲେ, କମ୍, ତୁମର ମନେଥିବ। ଅଳ୍ପଦିନ ତଳେ ଆମର ମାପଚୁପରୁ ଉଦୟଗିରିର ପୂର୍ବଭାଗରେ ରହିଥିବା ବିଶାଳ ଶିଳାଖଣ୍ଡରେ ସୁନ୍ଦର ବହୁତାଳା ଗୁମ୍ଫା ଖୋଦନ କରିବାରେ ରାଜକୋଷରୁ ଖର୍ଚ୍ଚ ପରିମାଣ, ସମୟ ଅବଧି ଆଦି ପ୍ରାକ୍‌କଳିତ।

କର୍ମସଚିବ କଳିଙ୍ଗନୃପତିଙ୍କ ସ୍ମରଣ ଯଥାର୍ଥ ଏବଂ ଏଥିରେ ଲକ୍ଷାଧିକ ମୁଦ୍ରା ଏବଂ ପାଞ୍ଚବର୍ଷ ଅବଧିର ଆକଳିତ ତଥ୍ୟ ଜଣାଇଲେ।

କଳିଙ୍ଗାଧିପତି କହିଲେ, କୁମାରୀଗିରିର ଶିଳାଶିଳ୍ପ ତ କଳିଙ୍ଗରାଜକୋଷର ପ୍ରତ୍ୟକ୍ଷ ଖର୍ଚ୍ଚରେ ନିର୍ବାହିତ। ମାତ୍ର ଗୁଣ ଏବଂ କଳାତ୍ମକ ନିର୍ମାଣ ପାଇଁ ଏକଶତ ପାଞ୍ଚ ହଜାର ମୁଦ୍ରା ସିଂହପଥରାଣୀଙ୍କ ଖର୍ଚ୍ଚ ବାବଦରେ ମଞ୍ଜୁର ହେଲା। ଏତଦ୍‌ବ୍ୟତୀତ ପଦାର୍ଥ ଆକାରରେ ମୂଲ୍ୟବାନ ପଥର, ମଣିମୁକ୍ତା ଆଦିର ଖର୍ଚ୍ଚ ରାଜକୋଷ ମାର୍ଫତରେ ରାଣୀଙ୍କ ପ୍ରୟୋଜନମତେ ଯୋଗାଇ ଦିଆଯିବ।

ରାଜକୋଷରୁ ଏକଲକ୍ଷ ପାଞ୍ଚହଜାର ମୁଦ୍ରା ବିନିଯୋଗ ସହିତ କଳିଙ୍ଗରାଜ୍ୟ ସୁଦୂର ଦକ୍ଷିଣ ସୀମାନ୍ତରୁ ଗଭୀର ଖଣିଗୁଡ଼ିକରୁ ଉତ୍ତୋଳିତ ମୂଲ୍ୟବାନ ପଥରର ଆବଶ୍ୟକତା ରହିଲା। ପଞ୍ଚତିରିଶ ହଜାର ଖଣ୍ଡ ଅତି ସୁନ୍ଦର ଗୋଲାପୀ ରଙ୍ଗର ଗଭୀର ଖଣିରୁ ଉତ୍ତୋଳିତ। ଦେଖି ଦେଖି ରାଣୀଙ୍କ ପସନ୍ଦର ରଙ୍ଗ ଆସିଲା। ସେହି ଆରକ୍ତ ବା ପାଟଳ ରଙ୍ଗକୁ ରାଣୀ ରଙ୍ଗ ବୋଲି କଳିଙ୍ଗରେ କୁହାଯାଏ। ଅନେକ ମଣିମୁକ୍ତା ତଥା ଖାରବେଳଙ୍କ ପସନ୍ଦ ମରକତମଣି ଗୁମ୍ଫା ସ୍ତମ୍ଭରେ ଖଚିତ ହେବାର ସ୍ଥିର ହେଲା।

ଘଞ୍ଚ ଜଙ୍ଗଲର ନିରାସକୋଳି ଗଛଗୁଡ଼ିକର ସବୁଜିମାରେ ରଞ୍ଜିତ କୁମାରୀଗିରି ପାହାଡ଼ ଉପରେ ଏକ ଗୁମ୍ଫାର ବହୁତଳ ପ୍ରାସାଦ ଆଉ ତା ସ୍ତମ୍ଭର ମରକତ ମଣି ଦିନରେ ସୂର୍ଯ୍ୟ ଏବଂ ରାତିରେ ଚନ୍ଦ୍ରଙ୍କର ଆଲୋକରେ ଦୁନିଆକୁ ସୂକ୍ଷ୍ମ ରଶ୍ମୀ ବିକିରଣ କରିବ। ତାହା ହିଁ ଅହିଂସାର ବାଣୀ, ସବୁ ଧର୍ମର ମୂଳମନ୍ତ୍ର। ଏମିତି ମଣିମୁକ୍ତା ଖଚିତ ଲେନମ୍ ବା ଗୁମ୍ଫା ଦୁନିଆରେ ଏକମାତ୍ର କୁମାରୀ ପର୍ବତ।

ଖାରବେଳ ଏବଂ ସିଂହପଥ ରାଣୀ ଗୋଟିଏ ସୁନ୍ଦର ନିର୍ଣ୍ଣୟ ନେଲେ। ସେମାନେ କହିଲେ, କୁମାରୀଗିରି ଏକ ଶିକ୍ଷାନୁଷ୍ଠାନ ଏବଂ ଦେବାନୁଷ୍ଠାନ। ଦେବତା ଏଠିକାର ପ୍ରାକୃତିକ ଲେନମ୍ ବା ହାତୀଗୁମ୍ଫା ଉପରେ ରହିଲା, ରାଣୀଗୁମ୍ଫାରେ କଳିଙ୍ଗର କୀର୍ତ୍ତି, ସାମରିକ କୃତିତ୍ୱ, ସାମାଜିକ ଚଳଣି ଏବଂ ପରମ୍ପରାର ଦୃଶ୍ୟରାଜି ଆମର ପ୍ରଶିକ୍ଷିତ ଶିଳାଶିଳ୍ପୀମାନେ ଅବତାରଣା କରିବେ। ନୃତ୍ୟନାଟିକା, ବିବାହ, ରାଜପ୍ରାସାଦର ଗୌରବମୟ ଅବଧି, ପୂଜାପାଠ, ଜୀବଜନ୍ତୁ, ସିଂହାସନ ଆରୋହଣ ଲିପିବଦ୍ଧ ହୋଇ ରହିବ। କାଳ କାଳକୁ ଏହା କଳିଙ୍ଗର ପ୍ରାଧାନ୍ୟ ସୂଚାଉଥିବ।

ସିଂହପଥ ରାଣୀ କହିଲେ, ଏହି ଗୁମ୍ଫା ଗାତ୍ରରେ କଳିଙ୍ଗ ରାଜପରିବାରର ଅନେକ ଅଭୁଲା ଦୃଶ୍ୟ, ଶିକାର, ମଥୁରା ବିଜୟ, କଳିଙ୍ଗରେ ବିଶାଳ ଅଭିନନ୍ଦନ, ପୂଜାପାଠ ସବୁ ଦର୍ଶାଯିବ। ଯେ କେହି ଭାବିବ ସତେକି ଇନ୍ଦ୍ରଦେବ ସ୍ୱର୍ଗରୁ ଓହ୍ଲାଇ ଏଠାରେ ନନ୍ଦନକାନନର କିଛି ଦୃଶ୍ୟର ରଚନା କରିଛନ୍ତି!

ନୂତନ ନିର୍ମାଣ ସହିତ କଳିଙ୍ଗାଧିପତିଙ୍କର କୁମାରୀଗିରିରେ ତୁଟିଯାଉଥିବା ପାତାଳକ ଗୁମ୍ଫାର ରକ୍ଷଣାବେକ୍ଷଣା, କଳିଙ୍ଗନଗରୀରେ ଦୁଇଟି ସ୍ତମ୍ଭ ଓ ତୋରଣ ନିର୍ମାଣ ସବୁ ଏକ ସମୟରେ କାର୍ଯ୍ୟ କରାଉଛନ୍ତି। କୁମାରୀ ପର୍ବତ ହେଉଛନ୍ତି କଳିଙ୍ଗର ଶିଳାକନ୍ୟା। ବହୁ ପରିଚାରିକା ସେମାନଙ୍କୁ ଏହି ଦେବଦତ୍ତ ଚିରଯୌବନା କଳିଙ୍ଗକନ୍ୟାଙ୍କୁ ବିଶ୍ୱର ଜଣେ ଅଗ୍ରଣୀ ମହିଳା ବେଶରେ ସଜାଇବାକୁ ଶିଳାଶିଳ୍ପୀମାନଙ୍କୁ ଅନୁରୋଧ କରୁଛନ୍ତି। ପ୍ରତିଟି ଦୃଶ୍ୟ ଯେମିତି ହେବ ମନଲୋଭା ଆଉ ତାହାର ଦର୍ଶନରେ ଜଣେ ସ୍ୱତଃ ପୁଲକିତ ହୋଇ ଉଠିବ! ସବୁଠାରେ ଭରି ରହିବେ ମହିଳା ଆଉ ମହିଳା।

ସ୍ୱାଗତ କରିବେ କୁମାରୀଗିରିର ପ୍ରଥମ ଗୁମ୍ଫା ଜୟବିଜୟାରେ। ଦ୍ୱାରପାଳିକା ଶୁକ ସ୍ୱାଗତିକା। ସୁନ୍ଦର ଶୈଳୀରେ ପରିଧାନ କରିବେ କଳିଙ୍ଗ ସୂକ୍ଷ୍ମ ପାଟବସ୍ତ୍ର। ପର୍ଯ୍ୟଟକ ତାଙ୍କ ବେଶରେ ତଟସ୍ଥ ହେବା ସମୟରେ ଅଭିନନ୍ଦନ ଜଣାଇବେ ତାଙ୍କ ଉପରେ ଅଙ୍କିତ ଶାଳଭଞ୍ଜିକା ପଲ୍ଲବୀ ପୁଷ୍ପିତା, ଆଉ ଅନେକ ରୂପସୀ ଦ୍ୱାରପାଳିକା, ଦିଶିଧାରିକା, ମଜ୍ଜି ରହିବେ ଅହୋରାତ୍ର କୁମାରୀଗିରି ପର୍ଯ୍ୟଟନ ପରିଚାଳନାରେ। ଏମିତି ଅଭିନବ ଧାରଣା ବିରଳ ଭାରତବର୍ଷରେ !

କୁମାରୀଗିରିର ଦାୟିତ୍ୱସମ୍ପନ୍ନ କର୍ମସଚିବ କମ ମହାଶୟଙ୍କ ଅଧୀନରେ ଅଛନ୍ତି ମୁଖ୍ୟ ସ୍ଥପତି କର୍ମକାର। ପ୍ରତିଟି ପଥର କାନ୍ଥର ଆକାର ଦେଖି ନିର୍ଣ୍ଣୟ ନିଅନ୍ତି କେଉଁଠି ରାଜକୀୟ କୀର୍ତ୍ତି କି ସାମାଜିକ ଦୃଶ୍ୟ ଅଙ୍କନ କରିବେ। କିନ୍ତୁ ନୃତ୍ୟଗୀତ ଅନୁରକ୍ତ ମହିଳାମାନେ ଅନୁରୋଧ କରନ୍ତି, ସେମାନଙ୍କର ବାଦ୍ୟ ଦର୍ପ ନୃତ୍ୟର ତୌର୍ଯ୍ୟତ୍ରିକ ଶିଳାଚିତ୍ର ଗୋଟିଏ ନୁହେଁ, ଅନେକ ଗୁମ୍ଫା କାନ୍ଥରେ ଖୋଦନ କରିବାକୁ। ସୁନ୍ଦରୀ ଗୋଲ ମୁଖମଣ୍ଡଳବାଲି ବଂଶୀବାଦିକା କଳିଙ୍ଗ ତରୁଣୀ ବୟସ୍କ କର୍ମକାରଙ୍କ କାନରେ କହନ୍ତି, ମଉସା ମୋ ବଂଶୀକୁ ମୋ ଠାରୁ ପର କରିବନାହିଁ। ମୋ ବଂଶୀର ଅଗ୍ରଭାଗର ସିଂହମୁଖ ଆପଣଙ୍କ ବଳିଷ୍ଠ ଶିଳାଶିଳ୍ପର ନିଦର୍ଶନ ହୋଇ ରହିବ। ସେଇ ସିଂହଟି ମୋ ବଂଶୀସ୍ୱରର ଉତ୍ସ। ସେଇ ସିଂହର ଉପସ୍ଥିତି ମୋର ବଂଶୀସ୍ୱରକୁ ଗମ୍ଭୀର କରେ, ବୀରତ୍ୱ ପ୍ରଦାନ କରେ ଆଉ ସିଂହପରି ପରାକ୍ରମ ବନ୍ୟଜନ୍ତୁକୁ ବି ବଶ କରିପାରେ।

ସତକୁ ସତ ପ୍ରବୀଣ ବୃଦ୍ଧ ଶିଳାଶିଳ୍ପୀ ବଂଶୀବାଦିକା ଚିତ୍ର ଖୋଦନ କରିଛନ୍ତି ରାଣୀଗୁମ୍ଫାର ତଳମହଲାରେ। ସତରେ ବଂଶୀରେ ସ୍ୱର ତୋଳୁଛନ୍ତି ମହିଳା ଏବଂ ବଂଶୀ ଅଗ୍ରଭାବରେ ଖୋଦିତ ସିଂହର ମୁହଁରୁ ବଂଶୀନାଦ ନିର୍ଗତ ହେବାର ଅନୁମାନ ଆସୁଛି ଦର୍ଶକଙ୍କର।

ସେମିତି ମୃଦଳବାଦିକା ଆଉ ବୀଣାବାଦିକା ବି ସେମାନଙ୍କ ଦାବିରେ ଅଟଳ। କଳିଙ୍ଗର ମୂବାଦ୍ୟ ମୃଦଳ ବାଦକ ମୁଖ୍ୟସ୍ଥାନ ନେଇଛି। ଏହି ବାଦ୍ୟଗୁଡିକର ସମ୍ମିଳିତ ଏକସ୍ୱରର ତାନ ଦୃଶ୍ୟରୁ ମନରେ ତୋଳି ହୋଇଯାଉଛି।

ସତରେ କଅଣ ସିଏ ଛାଡିଦେବ ? ସିଏ କଳିଙ୍ଗର ଶ୍ରେଷ୍ଠ କଳିଙ୍ଗ ନୃତ୍ୟାଙ୍ଗନା, ତା'ର ଶ୍ରେଷ୍ଠ କୃତି ଯେମିତି ହେଲେ ବି ଲିପିବଦ୍ଧ ହୋଇ ରହିବ କୁମାରୀଗିରି ରାଣୀହଂସପୁର ଗୁମ୍ଫା ଗାତ୍ରରେ। ବୁଢା ଶିଳାଶିଳ୍ପୀ ବି ଭାରି ଚତୁର। କହିଲେ, ସତରେ ମା ତୁ ଏତେ ସୁନ୍ଦର ନାଚୁଛୁ, ମୋର ହାତର କରାମତି ଦେଖାଇବି, ନୃତ୍ୟରାଗରେ ତୋର ଉଡିବା ଲାଲ ରେଶମର ଫିତା ଚୁଟିକୁ ବି ମୁଁ ଶିଳାଶିଳ୍ପରେ ଅନୁବାଦ କରିଦେବି। ତୋରଫୁରୁକା ଚୂଳ ସବୁବେଳକୁ ବାନା ପରି ଫରଫର ହୋଇ ଉଡୁଥିବ। ଆଉ ତା ସହିତ ଅଙ୍ଗଭଙ୍ଗୀ କଥା ନିଖୁଣ ନହେବ କିପରି ?

ସ୍ଥପତି କର୍ମକାର ବିହ୍ୱଳିତ ଏମିତି ଅନୁରୋଧରେ। ପ୍ରତିଶ୍ରୁତି ଦିଅନ୍ତି, ଏମିତି କିଛି ଭାବପୂର୍ଣ୍ଣ ଦୃଶ୍ୟ ବାକି ରହିବନି ଯାହା କି କଳିଙ୍ଗବାସୀ ଏହି ସୁବର୍ଣ୍ଣଯୁଗରେ ଅଙ୍ଗେ ଲିଭାଉଛନ୍ତି। କଳିଙ୍ଗର ପଶୁପକ୍ଷୀ, ବାଘହାତୀ, ଘରର ପୋଷା ବିଲେଇ ! ସମସ୍ତଙ୍କର ବି ନିଜର ରୂପ ଆଉ ବେଶ ରହିଛି। ଭାରତବର୍ଷର କେତେକ ସ୍ଥାନରେ ଶିଳାଶିଳ୍ପର ଆଦର ବଢିବାରେ ଲାଗିଛି। ଏହା ଶାସକ ରାଜାଙ୍କର ବିଦ୍ୟାବତ୍ତାର ପ୍ରଧାନ ପରିଚୟ। ସମ୍ରାଟ ଖାରବେଳ ଏବଂ ତାଙ୍କର ସ୍ୱଜନମାନେ ଏତେ ସୂକ୍ଷ୍ମ ଭାବରେ କଳିଙ୍ଗର ଚିତ୍ରଲେଖ ବରାଦ କରୁଛନ୍ତି, ମୋତେ ବୋଧ ହେଉଛି, ମୁଁ ବିଶାଳ ପରୀକ୍ଷାର ସମ୍ମୁଖୀନ। କଅଣ ମୋର ଶିଳାଶିଳ୍ପ ଏଇ ଶୋଭନୀୟ ଦୃଶ୍ୟ ଗୁଡିକର ଆଖି ଖୋଲି ଦେଇପାରିବ ରଜନୀ ନିଶାର୍ଦ୍ଧରେ ? ଅମା ଅନ୍ଧାରରେ କେମିତି ବା କିଏ ଦେଖିପାରିବ ଏଇ ସାବଲୀଳ ଶିଳାଦୃଶ୍ୟକୁ ! ସବୁ ଦିଶିଧାରିକା ମାନଙ୍କୁ ଏମିତି ମଶାଲ ଧରାଇବି, ସିଏ ଅମାବାସ୍ୟାରେ ବି ଆଲୋକର ଆଧାର ପ୍ରୟୋଗ କରି କୁମାରୀଗିରିକୁ ଉଜ୍ଜ୍ୱଳ ଆଲୋକରେ ଭୂଷିତ କରିପାରିବେ।

ପୁରୁଷତ୍ୱର ଆହ୍ୱାନରେ ଗଜପରି ବିଶାଳ ପ୍ରାଣୀ ବି ଭାବମୟ ହୋଇପାରେ ! କିଏ ସେହି କର୍ମକାର ଶିଳ୍ପୀ ହାତୀଟିର ଅନୁଭବକୁ ଚିତ୍ର ତୋଳି ପାରିଛି ? ପୁଣି ଆଉ ଗୋଟିଏ ଦୃଶ୍ୟ। ଥୋଲାଏ ଆମ୍ବ ଯାହା ମନକୁ ବିକାରମୁକ୍ତ କରିପାରେ, ତାକୁ ଶିଳ୍ପୀ ସଜାଇଛି ପ୍ରେମ ସମ୍ଭାରରେ। ତାହାକୁ ଭାବପୂର୍ଣ୍ଣ ହୋଇ ଗ୍ରହଣ କରୁଛି ତରୁଣୀ ! ମନରେ ପରିତୃପ୍ତ ଅନୁଭବ କରନ୍ତି କଳିଙ୍ଗାଧିପତି। ସତରେ ଏହି ଶିଳ୍ପୀମାନେ ସାମରିକ ନହେଲେ କଅଣ ହେଲା, ସେମାନଙ୍କର କୃତି ଜଣେ ଜଣେ ସେନାପତି ପରି। ସେନାପତି ପ୍ରାଣ ବିସର୍ଜନ କରି ଅମର ହେବେ, ଏହି ଶିଳାଶିଳ୍ପୀମାନେ ନିଜ ନିହାଣମୂନରେ କାରୁକାର୍ଯ୍ୟ କରି ଚିରଅମର ହେବେ। କାଳ ସରିବ, ଯୁଗ ସରିବ ଅନ୍ଧକାର ଆସିବ ପୁଣି ନୂତନ ଶାସନ କେତେ ଧର୍ମର କେତେ ରଙ୍ଗର ଆଲୋକ ସହ ଆସିବ। ମାତ୍ର ଏହି ପଥର ଶିଳ୍ପ ସୂଚାଇଦେବ ଦିନେ ଭାରତବର୍ଷରେ କଳିଙ୍ଗ ବୋଲି ଗୋଟିଏ ପରାକ୍ରମୀ ରାଜ୍ୟ ଥିଲା। ଇତିହାସ ଯେତେବେଳେ ତଥ୍ୟ ଅଭାବରୁ ମୂକ ହୋଇଯିବ, ସେତେବେଳେ ଏହି ଶିଳାଲେଖ ଅନେକ ତଥ୍ୟ ଯୋଗାଇଦେବ।

ଏହି ସମୟରେ ସମ୍ରାଟ ଖାରବେଳ କୁମାରୀଗିରିର ମୂଳଦେଶକୁ ଓହ୍ଲାଇ ଆସିଥିଲେ। ସେ ଜଣେ ପରିବ୍ରାଜକ ଭାବରେ ଅନୁଭବ କଲେ କୁମାରୀଗିରିକୁ ଯେତେବେଳେ ସେ ଶିକ୍ଷାନୁଷ୍ଠାନ ଆଉ ପର୍ଯ୍ୟଟନ କ୍ଷେତ୍ରର ମର୍ଯ୍ୟାଦା ଦେବାକୁ ଯାଉଛନ୍ତି, କିଛି ଆକର୍ଷଣୀୟ ରୂପ ପ୍ରବେଶ ମାତ୍ରେ ରହିବା ଆବଶ୍ୟକ। ଟିକିଏ ଚିନ୍ତାମଗ୍ନ ହୋଇପଡିଲେ।

କହିଲେ, ଆମର ପ୍ରଥମ ଗୁମ୍ଫା ଜୟାବିଜୟାରେ କେତୋଟି ଆବଶ୍ୟକୀୟ ପରିବର୍ତ୍ତନ କରିବାକୁ ପଡ଼ିବ। ଏହାର ବାମ ଦ୍ୱାରବନ୍ଧରେ ଗୋଟିଏ ଶାଣିତ ଅସ୍ତ୍ରଧାରୀ ଦ୍ୱାରପାଳ ଏବଂ ଡାହାଣ ଦ୍ୱାରବନ୍ଧରେ ଜଣେ ଆକର୍ଷଣୀୟ କଳିଙ୍ଗକନ୍ୟା ପର୍ଯ୍ୟଟକ ମାନଙ୍କୁ ସ୍ୱାଗତ କରିବା ଶୈଳୀରେ ଦଣ୍ଡାୟମାନ ହୋଇ ଅପେକ୍ଷା କରିଥିବ। ଅଭିଜ୍ଞ ଶିଳାଶିଳ୍ପୀ ପ୍ରସ୍ତାବ ଦେଲେ, ସବୁଠାରୁ ସୁନ୍ଦର କଳିଙ୍ଗକନ୍ୟା ହାତରେ ଶୁକପକ୍ଷୀଟିଏ ଧରି ଆଗନ୍ତୁକଙ୍କୁ ସ୍ୱାଗତ କରୁଥିବା ଢଙ୍ଗ ସମସ୍ତଙ୍କଦ୍ୱାରା ଆଦୃତ ହେବ। ଆମେ ଟିକିଏ ଆଗରୁ ସେଇ ତରୁଣୀ ବିଷୟ ଆଲୋଚନା କରୁଥିଲେ।

କଳିଙ୍ଗ ଅଧିପତି ସ୍ୱୀକାର କଲେ।

କହିଲେ, ମୁଁ ଯେତେ ଯେତେ ସ୍ଥାନ ଭ୍ରମଣ କରିଛି, ସବୁଠାରେ ଗୋଟିଏ ଶୁଭଙ୍କର କନ୍ୟାମୂର୍ତ୍ତି ଦେଖି ମୋର ଦୃଷ୍ଟି ସାର୍ଥକ ହୋଇଛି।

ସାଞ୍ଚି ଆଉ ବାରହୁତ୍ ଠାରେ ଦୁଇଟି ଶାଳଭଞ୍ଜିକା ଦେଖିବା ପରେ ମୁଁ ନିର୍ଣ୍ଣୟ ନେଇଛି, କୁମାରୀଗିରିରେ କେମିତି ହେଲେ ଗୋଟିଏ ଶାଳଭଞ୍ଜିକା ଖୋଦିତ ହେଲେ ହିଁ ଆମର ଶିଳାଶିଳ୍ପର ଉତ୍କର୍ଷତା ପ୍ରତିପାଦିତ ହେବ।

ସେ ପ୍ରସ୍ତାବରେ ବୟସ୍କ ମୁଖ୍ୟ ଶିଳାଶିଳ୍ପୀ ଆନନ୍ଦିତ ହେଲେ। କହିଲେ, କଳିଙ୍ଗାଧିପତିଙ୍କ ଆଜ୍ଞା ଶିରୋଧାର୍ଯ୍ୟ। ଏହି ମୂର୍ତ୍ତିଟି ଗୁମ୍ଫା ଅବା କୌଣସି ମନ୍ଦିର ନିର୍ମାଣର ପ୍ରାଥମିକ ଅଂଶବିଶେଷ। ଷୋଡଶୀ ଅନିନ୍ଦ୍ୟ ସୁନ୍ଦରୀ ଗୋଟିଏ ଶାଳଭଞ୍ଜିକା ପର୍ଯ୍ୟଟକ ମନରେ ଏମତି ଧାରଣା ଦେବ, ସେ ଭାବିବ ସମ୍ଭବତଃ କୁମାରୀଗିରିର ପ୍ରତିଟି ଗୁମ୍ଫା ଆଉ ମୂର୍ତ୍ତି ସହ ପର୍ଯ୍ୟଟକଙ୍କୁ ପରିଚିତ କରାଇଦେବ। ସେ ଗୋଟିଏ ଉଡ୍‌ଡୀୟମାନା ଶାଳବଞ୍ଜିକା ଜୟବିଜୟା ଗୁମ୍ଫାଗାତ୍ରରେ ଖୋଦନ କରିବାର ସୂଚନା ଦେଲେ।

ବୃଦ୍ଧଶିଳାଶିଳ୍ପୀଙ୍କ କଥାରେ ସମ୍ରାଟ ସମ୍ମତ ହେଲେ। ବୃଦ୍ଧ କିନ୍ତୁ ଦୁଇଟି ପ୍ରସ୍ତାବ ରଖିଲେ। ଦୁଇଜଣ ପ୍ରତିରୂପ ଆବଶ୍ୟକ ଶାଳଭଞ୍ଜିକା ଆଉ ସ୍ୱାଗତିକା ଶିଳାମୂର୍ତ୍ତି ଖୋଦନ ପାଇଁ। ସମ୍ରାଟଙ୍କର ସମର୍ଥନ ରହିବ ତାଙ୍କର ପଦମୂଳିକା କୁସୁମର ଅଂଶଗ୍ରହଣରେ। କୁସୁମ ହିଁ ବୁଝିବ କିଏ କେଉଁଥିପାଇଁ ପ୍ରତିରୂପ ହେବେ। ସଂଗୀତ ବିଦ୍ୟାଳୟର କୃତିଛାତ୍ରୀ ଆଉ ତୌର୍ଯ୍ୟତ୍ରିକ ବିଦ୍ୟାଳୟର ସବୁଠୁ ସୁନ୍ଦରୀ ନର୍ତ୍ତକୀ - ଏଇ ଦୁଇ ଛାତ୍ରୀ ପ୍ରତିରୂପ ଭାବରେ ସହାୟକ ହେବେ କଳିଙ୍ଗ ଶିଳାଶିଳ୍ପୀମାନଙ୍କର।

ସମ୍ପୂର୍ଣ୍ଣ କଳିଙ୍ଗ ପରିପାଟୀରେ ବିଭୂଷିତା ଦୁଇ କୃତି ଯୁବତୀଙ୍କୁ ପ୍ରତିରୂପ ଭାବରେ ବସାଇ ଖୋଦିତ ହେଲା ଉଡ୍‌ଡୀୟମାନ ଶାଳଭଞ୍ଜିକା ଏବଂ ଶୁକ ସ୍ୱାଗତିକା। ଏଇ ମୂର୍ତ୍ତି ଦୁଇଟି ଖାରବେଳ ଏବଂ ରାଜପରିବାରର ସମସ୍ତ ସଦସ୍ୟଙ୍କ ପସନ୍ଦ ଅନୁଯାୟୀ ଖୋଦିତ ହେଲା। ତା ସହିତ ଅନେକ ଗୁମ୍ଫା ଯାହା କୌଣସି କୀର୍ତ୍ତି ବହନ କରି ନଥିଲା, ସେଗୁଡିକରେ ହାତୀ, ବିରାଡି ଏବଂ ଅନ୍ୟାନ୍ୟ ସାମାଜିକ ଚିତ୍ର ଖୋଦନ କରିବାର ଅବକାଶ ମିଳିଲା ଶିଳାଶିଳ୍ପୀ ମାନଙ୍କୁ।

ସିଂହପଥ ରାଣୀ ସ୍ୱପ୍ନ ଦେଖୁଥିଲେ। ସେ ସଦ୍ୟ ଖୋଦିତ ନୂତନ ରାଣୀଗୁମ୍ଫାର ତଳ ମହଲାକୁ କଳିଙ୍ଗର ପରାକାଷ୍ଠା ଭାବରେ କଳିଙ୍ଗ ଚତୁରଙ୍ଗ ସେନାବାହିନୀ, ଅଶ୍ୱବାହିନୀ, ଗଜବାହିନୀ ଏବଂ ରଥବାହିନୀର ସମସ୍ତ କୃତି ପ୍ରଦର୍ଶନ କରି ଯୁଗ ଯୁଗକୁ କଳିଙ୍ଗର ଏବଂ ମହାମେଘବାହନ ପରିବାରର କୀର୍ତ୍ତି ସ୍ଥାପନ କରିବେ। କେତେକ ଗୁମ୍ଫା କାନ୍ଥରେ ରାଜାରାଣୀ ବସିବାର ଚିତ୍ର, ପୂଜା କରିବାର ଦୃଶ୍ୟ ଏବଂ କଳିଙ୍ଗ ସାମାଜିକ ଜୀବନର ଚିତ୍ର ଖୋଦନ କରିବେ।

ରାଣୀ ଦିନେ ଖାରବେଳଙ୍କୁ ଗୋଟିଏ ଚିତ୍ର ଖୋଦନର ଅନୁମତି ମାଗିଛନ୍ତି। ସେଇଟା ପୁଣି ଗୁମ୍ଫାର ଉପରମହଲାରେ ହେବ ଏବଂ ମୂଲ୍ୟବାନ ଖୋଦନ ହୋଇ ବହୁ ଦର୍ଶକ ଏହାକୁ ଦେଖିବାରୁ ନିଶ୍ଚୟ ବଞ୍ଚିତ ହେବେ, କାରଣ ଉପର ମହଲା କେବଳ ରାଜପରିବାର ପାଇଁ ଉଦ୍ଦିଷ୍ଟ।

ସମ୍ମତି ପାଇଲେ ମୁକ୍ତମନା କଳିଙ୍ଗାଧିପତିଙ୍କ ପାଖରୁ। ଗୋଟିଏ ଲମ୍ବା ଅର୍ଥବୋଧକ ଚିତ୍ର ତୋଳିବେ, ଯାହା ଅଦ୍ୟାପି ଦୁନିଆରେ କେହି ଶିଳାଶିଳ୍ପରେ ପ୍ରଦର୍ଶନ କରିନାହାନ୍ତି। ଗୋଟିଏ ସତ ଘଟଣାର ଶିଳାଶିଳ୍ପ ରୂପାନ୍ତର। ଉପର ମହଲାରେ ସମସ୍ତେ ଉତ୍ତର ପଟୁ ପ୍ରବେଶ କରିବେ। ପ୍ରଥମେ ପଡିବ ଦ୍ୱାରପାଳ କକ୍ଷ। ଏହି ଦକ୍ଷିଣମୁହାଁ କକ୍ଷର ପୂର୍ବଦ୍ୱାରପାଳ ହେବେ ଜଣେ ଦେଶୀ କଳିଙ୍ଗ ଦ୍ୱାରପାଳ, ଏବଂ ପଶ୍ଚିମ ଦ୍ୱାରପାଳ ଜଣେ ବିଦେଶୀ ଯବନ ଦ୍ୱାରପାଳ। ଏମିତି ଜଣେ ଯବନ ଲୋକ ପଶ୍ଚିମ ଗ୍ରୀସ୍‌ର ମାସିଡୋନିଆ ରାଜ୍ୟ ଅଧିବାସୀ କୌଣସିମତେ ମଥୁରା ବିଜୟ ବେଳେ କଳିଙ୍ଗସେନାଙ୍କ ସହିତ ମିଶି ଏଠାକୁ ଚାଲି ଆସିଛି। ତାର ଜୋତା, ପୋଷାକ, କାର୍ଯ୍ୟକରିବାର ଠାଣି କଳିଙ୍ଗ କର୍ମଚାରୀ ମାନଙ୍କର ଦେଖିବାର ଆବଶ୍ୟକତା ରହିଛି। ଏହା ଏକ ଉଚ୍ଚକୋଟୀର ପର୍ଯ୍ୟଟକ ଆକର୍ଷଣ ହୋଇ ରହିବ। ଦର୍ଶକ ବିଭୋର ହୋଇ ପଡିବ, କଳିଙ୍ଗାଧିପତି ତାଙ୍କ ଶାସନକାଳରେ ବି ଯବନ ଦ୍ୱାରପାଳ ନିଯୁକ୍ତ କରୁଥିଲେ !

ଅନେକ ବର୍ଷ ଲାଗିଛି, କୁମାରୀଗିରିର ପୂର୍ବଦିଗର ଅଲୋଡ଼ା ବିଶାଳ ପଥରଖଣ୍ଡକୁ ଖୋଳି ଦ୍ୱିତଳ ପ୍ରାସାଦ ସମ ରାଜପ୍ରାସାଦ ଆକୃତିର ଗୁମ୍ଫା ଭାବରେ ରୂପ ଦେବାକୁ। ଯେତେବେଳେ ପଥର ଖୋଳାଳି ଗୁମ୍ଫା ବା ଲେନମ୍ କାମ ସାରିଦେଲେ, ତେବେ ଶିଳାଶିଳ୍ପୀମାନେ କାନ୍ଥକୁ ମସୃଣ କରି ତା ଉପରେ ଶିଳାଚିତ୍ର ଖୋଦନ କରିବେ।

ସିଂହପଥ ରାଣୀ ବରାଦ କରୁଛନ୍ତି, ଦ୍ୱାରପାଳ କକ୍ଷ ପରେ ଯବନ ଦ୍ୱାରପାଳର ପଶ୍ଚିମରେ ଗୋଟିଏ ସୁଦୃଶ୍ୟ ବିସ୍ତୃତ କାନ୍ଥ ରହିଛି। ସେଥିରେ କଳିଙ୍ଗାଧିପତି ଖାରବେଳଙ୍କର ଗୋଟିଏ ପ୍ରତାପୀ ଚିତ୍ର ଅଙ୍କନ କରିବ।

କୁଶଳୀ କଳିଙ୍ଗ ଶିଳାଶିଳ୍ପୀ ରାଣୀମା'ଙ୍କୁ ସୂଚନା ଦେଲେ, ମା, ଆମେ ଆମର ପ୍ରତାପୀ କଳିଙ୍ଗାଧିପତିଙ୍କୁ ସିଂହାରୋହଣ କରାଇ ବୀର ରୂପରେ ଶିଳା ଚିତ୍ରଣ କଲେ, ମହାମହିମ ତାକୁ କେମିତି ଭାବରେ ଗ୍ରହଣ କରିବେ ?

ମୋତେ ଟିକିଏ କୁହ, ଓଦାମାଟିରେ ଟିକିଏ ସେଇ କଳ୍ପିତ ଚିତ୍ର ଅଙ୍କନ କରି ତାହାର ରୂପ ଦେଖାଇଦିଅ। ମୁଁ ତା ପରେ ମତାମତ ଦେବି।

ଶିଳାଶିଳ୍ପୀଙ୍କର ଚିତ୍ର ଦେଖି ରାଣୀ ଆନନ୍ଦିତ ହେଲେ, ଏବଂ କହିଲେ, ତୁମେ ତୁମ କଳିଙ୍ଗାଧିପତିଙ୍କୁ ବଳିଷ୍ଠ ସିଂହ ଉପରେ ବସାଇ ହାତରେ ବିଶାଳ ଖଣ୍ଡା ସହ ଚିତ୍ରଟିଏ ତୋଳିଛ। ସାବାସ୍। ଏଇଟାକୁ କିନ୍ତୁ ଗୁମର ରଖ, ପସନ୍ଦକଲାବାଲା ଯେମିତି ସମ୍ପୂର୍ଣ୍ଣ ହୋଇ ସାରିବା ପରେ ଦେଖି ତୁମକୁ ପୁରସ୍କାର ଦେବେ।

ରାଣୀମା' କିନ୍ତୁ ଅନେକ ଥର କହିସାରିଥିଲେ ବି ପୁଣି ଥରେ କହୁଛନ୍ତି। ଏହି ଗୁମ୍ଫାର ଉପର ମହଲା ପାଞ୍ଚଗୋଟି ଗୁମ୍ଫାର କାନ୍ଥକୁ ମସୃଣ କରିବା ପରେ ଖୁବ୍ ବଡ଼ ସ୍ଥାନଟିଏ ମିଳିଗଲା କିଛି କଳିଙ୍ଗ ରାଜବଂଶ ବିଷୟ ସୁଦୃଶ୍ୟ ଶିଳାଚିତ୍ର କରିବା ପାଇଁ। ତାଙ୍କ ମନକୁ ଆସୁଛି, ତାଙ୍କର କଳିଙ୍ଗାଧିପତିଙ୍କ ସହ ପରିଣୟର ଚିତ୍ରଟି ବେଶ୍ ନାଟକୀୟ ଏବଂସେଇଟି ପାଞ୍ଚଟି ପୃଥକ୍ ଦୃଶ୍ୟରେ ସୁବୋଧ୍ୟ ଭାବରେ ଉପସ୍ଥାପନ କରିବାକୁ।

କଳାପ୍ରୀୟା ସିଂହପୁର ରାଜକନ୍ୟା ଆଜିର କଳିଙ୍ଗ ସମ୍ରାଜ୍ଞୀ ନୃତ୍ୟ, ଗୀତ, କଳାଭାସ୍କର୍ଯ୍ୟରେ ନିପୁଣା। ନିଜ ଦକ୍ଷିଣ କଳିଙ୍ଗ ରାଜ୍ୟରେ ବୃଦ୍ଧ

ମହାରାଜଙ୍କର ଏକମାତ୍ର ସନ୍ତାନ ଭାବରେ ପାଠ, କଳାନୈପୁଣ୍ୟ, ଯୁଦ୍ଧବିଦ୍ୟା ସବୁଥିରେ ପାରଙ୍ଗମ। ସେ କେବଳ ସ୍ଥାନୀୟ କଳିଙ୍ଗ କଳା କି ଧର୍ମ ଭିତରେ ସୀମିତ ନୁହନ୍ତି, ସେ ନିଜ ରାଜ୍ୟର ଆନ୍ତର୍ଜାତୀୟ ପିଥୁଣ୍ଡା ପୋତାଶ୍ରୟ ଦାୟିତ୍ୱରେ ନିଜର ସର୍ବଧର୍ମ ମନୋବୃତ୍ତି ଏବଂ ସକଳ କଳାଭାସ୍କର୍ଯ୍ୟର ଅନୁରାଗୀ ହୋଇଛନ୍ତି। ଏକଥା କଳିଙ୍ଗାଧିପତିଙ୍କୁ ସମ୍ପୂର୍ଣ୍ଣ ଭାବରେ ଜଣା।

କଳିଙ୍ଗାଧିପତି ସହାସ୍ୟ ବଦନରେ କହିଛନ୍ତି, ରାଣୀ ତୁମର ଇଚ୍ଛାମତେ କୁମାରୀଗିରିକୁ ଯେତେ ସୁନ୍ଦର ରୂପ ଦେଇ ପାରିବ ଦିଅ। ଆମର ପର୍ଯାପ୍ତ ଅର୍ଥ ଏବଂ ଜନବଳ ରହିଛି। ଦେଶମଧ୍ୟରେ କଳିଙ୍ଗ ପ୍ରଶାସନ ସୀମାରେ ଅନେକ ଶିଳାଶିଳ୍ପୀ ଏବଂ ଭାସ୍କର୍ଯ୍ୟ ଖୋଦକ ଅଛନ୍ତି। ଏତଦ୍‌ବ୍ୟତୀତ ଉତ୍ତରପଥ ଏବଂ ଗାନ୍ଧାର ଓ ତକ୍ଷଶୀଳାର ନିପୁଣ ଶିଳାଶିଳ୍ପୀ ବି ଆମର ନିମନ୍ତ୍ରଣରେ ନିଶ୍ଚିତ ଆସି ପହଞ୍ଚିବେ।

କଳିଙ୍ଗ ପ୍ରଶାସନ ସିଂହପଥ ରାଣୀଙ୍କୁ ସମସ୍ତ ଜନବଳ, ଅର୍ଥବଳ ଏବଂ ଆବଶ୍ୟକୀୟ ଉପକରଣ ଯୋଗାଇଦେବ। କୁମାରୀଗିରି ବାସ୍ତବରେ କଳିଙ୍ଗକୁମାରୀ। ଏହା କେବଳ ଭାରତବର୍ଷ କାହିଁକି ସମଗ୍ର ବିଶ୍ୱର ଏକ ମର୍ଯ୍ୟାଦାପୂର୍ଣ୍ଣ ପର୍ଯ୍ୟଟନ କ୍ଷେତ୍ର ଏବଂ ଶିକ୍ଷାୟତନ ହେବାକୁ ଯାଉଛି।

ରାଣୀ ଏହି କଥା ଉପସ୍ଥିତ ସୁଦକ୍ଷ କଳିଙ୍ଗ ଶିଳାଶିଳ୍ପୀ ବିନ୍ଧାଣୀଙ୍କୁ ଡାକି ସମସ୍ତ ବିଷୟ ଜଣାଇଦେଲେ। ଏବଂ କହିଲେ, ମହାରାଜା ଯେତେବେଳେ ଏହି କ୍ଷେତ୍ରକୁ ବିଶ୍ୱର ଏକ ପ୍ରତିଷ୍ଠିତ ଶିକ୍ଷାୟତନ ଏବଂ ପର୍ଯ୍ୟଟନ କ୍ଷେତ୍ର ଭାବରେ ପ୍ରସ୍ତୁତ କରିବାକୁ ଆଶା ରଖିଛନ୍ତି, ଆମକୁ ଗୁମ୍ଫାର ପ୍ରାସାଦଟିଏ ଖୋଦନ କରି ଏହାକୁ ଅନନ୍ୟ ଭାବରେ କାରୁକାର୍ଯ୍ୟଭୂଷିତ କରିବାକୁ ପଡିବ। ଏଥିରେ ମହାମେଘବାହନ ପରିବାରର କିଛି ବିଶେଷ ଗୁପ୍ତ ତଥ୍ୟ ବି ଖୋଦିତ ହେବ। ଉପର ମହଲାର ଯେଉଁ ସମତଳ କାନ୍ଥଗୁଡିକ ରହିଛି, ତା ଉପରେ ଏମିତି ଚିତ୍ରଟିଏ ଖୋଦନ କରାଯାଉ। ଏହାର ତାତ୍ପର୍ଯ୍ୟ ଗୁପ୍ତ ରହୁ।

ପ୍ରଥମଟିରେ ଗୋଟିଏ ପୁଷ୍କରିଣୀରେ ଜଳ ପରିପୂର୍ଣ୍ଣ ଥିବ। ନୀଳ ରଙ୍ଗର ଜଳରେ ଢଳଢଳ କମଳ। ପଦ୍ମଫୁଲ ଗୁଡିକ ଖୁବ୍ ମନୋରମ ଦେଖାଯାଉଥିବ। ଏତେ ସୁନ୍ଦର, ଯେ କେହି ଦେଖିବା ମାତ୍ରେ ପୁଷ୍କରିଣୀକୁ ଡେଇଁ ପଡିବ। କେତେ ଜଣ ତରୁଣୀ ସେହି ପୁଷ୍କରିଣୀ କୂଳରେ ଯାଉଥିବା ବେଳେ ଲୋଭ ସମ୍ବରଣ କରି ନପାରି ମନଲୋଭା ପଦ୍ମ ତୋଳିବାକୁ ପୋଖରୀକୁ ଡେଇଁ ପଡିବେ। ମାତ୍ର ଗୋଟିଏ ନବଜାତ ହାତୀଛୁଆଟିଏ ସେଇ ପଦ୍ମଫୁଲ ମଧ୍ୟରେ ଥିବ, କେତେଜଣ ସେଇ କୋମଳ ହାତୀଛୁଆଟିକୁ ଆଣିବାକୁ ଉଦ୍ୟମ କରିବେ। ହାତୀପିଲା କଳିଙ୍ଗରେ ଅତି ପ୍ରିୟ ଜୀବ।

ହାତୀଛୁଆଟିର ମାଆ ଦେଖିବ, କେତେଜଣ ମଣିଷ ତା ଛୁଆକୁ ଉଠାଇ ନେବାକୁ ପ୍ରୟାସ କରୁଛନ୍ତି। ସେ ଅତର୍କିତ ଭାବରେ ସେମାନଙ୍କୁ ଆକ୍ରମଣ କରିଦେବ। ଅନେକ ଯୁବତୀ ଓ ଯୁବକ ସେଇ ମାଆ ହାତୀଟିକୁ ପିଟିବାରେ ଲାଗିବେ, ଏମିତି କି ଜଣେ କନ୍ୟା ସେଇ ମାଆ ହାତୀକୁ ନିଜ ହାତର ବଟଫଳରେ ଆଘାତ କରୁଥିବ।

କ୍ରୋଧିତ ହେବ ମାଆ ହାତୀଟି। ଗର୍ଜନ କରି ଆକ୍ରମଣ କରିବ ପୋଖରୀକୁ ପଶୁଥିବା କିଶୋରୀମାନଙ୍କୁ। କିଏ କୁଆଡେ ଇତଃସ୍ତତଃ ହୋଇ ଧାଇଁ ପଳାଇବେ ସେହି କିଶୋରୀମାନେ। କଳିଙ୍ଗ ବସ୍ତ୍ର ସେମାନଙ୍କର ବିବସ୍ତ୍ର ହେଉଥିବ। ପ୍ରାଣରକ୍ଷା ପାଇଁ ଧାବମାନ କରିବେ। କେବଳ ଜଣେ ସାହସୀ କନ୍ୟା ଭୟରେ ପଳାୟନ ନକରି ହାତୀଟିକୁ ନିଜ ପ୍ରତିରୋଧ କରୁଥିବେ।

ସେଇ କନ୍ୟା ନିଜର ଗୋଟିଏ ଓଜନିଆ ବଟଫଳ ଦ୍ୱାରା ହାତୀଟିକୁ ଆଘାତ କରିବାକୁ ଲାଗିଥିବ। ଆଉ ଜଣେ ଲୋକ ବି ଗୋଟିଏ ଠେଙ୍ଗା ଧରି ମାଆ ହାତୀଟିକୁ ପିଟିବାକୁ ଲାଗବ, ଅନ୍ୟ କନ୍ୟାମାନେ ତ ଭୟରେ ପଳାୟନ କରି ଇଆଡେ ସିଆଡେ ଛିନ୍ନଛତ୍ର ହୋଇଯାଉଥିବେ। ଜଣେ ପୁରୁଷ ଆହତ ହୋଇଯିବ ଏହି ମାଆହାତୀ ଆକ୍ରମଣରେ। ଏଇଟା ଦକ୍ଷିଣତମ କାନ୍ଥର ଚିତ୍ର ହେବ।

"ଶିଳ୍ପୀଗୁରୁ ଏହାର ଶିଳାଚିତ୍ର ସମ୍ଭବ?" ପଚାରିଲେ ସିଂହପଥ ରାଣୀ।

"ସମ୍ଭବ ରାଣୀ ମା, ସମ୍ଭବ। ପୁଷ୍କରିଣୀ, ପଦ୍ମ ଏବଂ ହାତୀ, ନବଜାତ ଶିଶୁ ହାତୀ ଓ ତା ସହିତ ଅନେକ କଳିଙ୍ଗ ତରୁଣୀ ଏବଂ କିଛି ଯୁବକ। ଏଇଟା ସମ୍ଭବ ହେବ। କୁହନ୍ତୁ ଦ୍ୱିତୀୟ କାନ୍ଥରେ କଅଣ କରାଯିବ?" ପଚାରିଲେ ବୃଦ୍ଧ ଶିଳ୍ପୀ।

ପର ଦୃଶ୍ୟରେ ଆହତ ପୁରୁଷଜଣକ ସେଇ ବଟଫଳକୁ ଅସ୍ତ୍ର କରିଥିବା ସାହସୀ ମହିଳାଙ୍କ ସେବାରେ ଆଶ୍ରିତ ହୋଇଥିବ। ଇତ୍ୟବସରରେ ପୁଷ୍କରିଣୀ ପାଖରୁ ପଳାୟନ କରିଥିବା ଜଣେ କିଶୋରୀ ଜଣେ ସୈନିକ ସହିତ ପୁନରାୟ ଆହତ ବ୍ୟକ୍ତିଟିର ସେବା ସ୍ଥଳକୁ ଆସିବ। ସେବା ପାଉଥିବା ପୁରୁଷଙ୍କୁ ହତ୍ୟାକରିବ। ସେଇ ସୈନିକବେଶୀ ଲମ୍ପଟ ସେଠାକୁ ପ୍ରବେଶ କରିବ ଏବଂ ସେ ସାହସୀ କିଶୋରୀକୁ ଅପହରଣ କରିବ। ମାତ୍ର ତାର ଚେଷ୍ଟା ସହଜ ହେବନି। ମହିଳାମାନେ ଖଣ୍ଡା ଓ ଢାଲ ଧରି ଘମାଘୋଟ ଯୁଦ୍ଧ କରିବେ ଶତ୍ରୁମାନଙ୍କ ସହିତ। ମହିଳା ମାନେ ଅବଳା । କେତେ ବା ପ୍ରତିରୋଧ କରିବେ ଜଣେ ଦୁର୍ଦ୍ଧର୍ଷ ସାମରିକ ବ୍ୟକ୍ତିଟି ସହିତ? ସେମାନେ ପରାସ୍ତ ହେବେ। ପରିଶେଷରେ ଅପହରଣକାରୀର ଶିକାର ହେବେ। ଦୁଃସାହସୀ ସେବିକା ମହିଳାଙ୍କୁ ଅପହରଣ କରି କାନ୍ଧରେ ଘେନି ଅପହରଣକାରୀ ଧାଇଁ ପଳାଇବ। ବିପଦଶଙ୍କୁଳ ସିଂହ ବାଘ ଭରା ଜଙ୍ଗଲରେ ଅପହରଣକାରୀ ତାଙ୍କୁ ଜବରଦସ୍ତ ଟେକି ନେଇ ଚାଲିବ।

"ବୁଝୁଛ ଶିଳ୍ପୀ କାରିଗର, ଏଇଟା ପରକାନ୍ଥର ଚିତ୍ର କରିବା ସମ୍ଭବ?" ପଚାରିଲେ ସିଂହପଥ ରାଣୀ।

"ସମ୍ଭବ, ରାଣୀ ମା, ସମ୍ଭବ," ଉତ୍ତର ଦେଲେ ଶିଳାଶିଳ୍ପୀ।

ପର ଚିତ୍ରଟିରେ ଜଣେ ସୁଠାମ ସୁନ୍ଦର ଶିକାରୀ ସଦଳବଳେ ସେଇ ଜଙ୍ଗଲରେ ପହଞ୍ଚିବେ। ତାମ୍ରବର୍ଣ୍ଣର ବଳିଷ୍ଠ ପୁରୁଷ, ତାଙ୍କ କଡ଼େକଡ଼େ ଦୁଇଜଣ ଛତି, ଚାମର ଧରି ଚାଲିଥିବେ। ଗୋଟିଏ ସଜ୍ଜିତ ଅଶ୍ୱକୁ ଅଶ୍ୱପାଳ ଧରି ଠିଆହୋଇଥିବ, ସେଇ ଅଶ୍ୱ ଆରୋହଣ କରିଥିବେ ଶିକାରୀ ଯୁବକ, ପିନ୍ଧିଥିବେ ଗୋଟିଏ ଲମ୍ବା ସ୍ୱର୍ଣ୍ଣହାର, କାନରେ ଦୁଇଟି ବଡ ବଡ କୁଣ୍ଡଳ ଆଉ ହାତର ମଣିବନ୍ଧରେ ଓଜନଦାର ବଳୟ। ପରିହିତ ପାଟ ବସ୍ତ୍ର

ଅଣ୍ଟାର କୁଞ୍ଚ ଆଣ୍ଠୁ ତଳ ପର୍ଯ୍ୟନ୍ତ ଝୁଲି ପଡିଥିବ, ବାମ ପାଖରେ କାନ୍ଧରେ ଓହଳିଥିବ ଗୋଟିଏ ତରବାରି। ମୁଣ୍ଡରେ ରାଜମୁକୁଟ। ଘୋଡାରୁ ଓହ୍ଲାଇ ପୁଣି ତୁରନ୍ତ ଧନୁର୍ଦ୍ଧର ବୀର ଧନୁରେ ଶର ଖଞ୍ଜି ନିଜର ଲକ୍ଷ୍ୟ ଗୋଟିଏ ସିଂହାଳ ଉପରେ ରଖିବେ। ଲକ୍ଷ୍ୟ ସିଦ୍ଧ ହେବାପାଇଁ ନିଜ ଶରୀରର ଭଙ୍ଗୀ ଟିକିଏ ସ୍ଥିର କରିବେ, ନିଜର ବାମ ଆଣ୍ଠୁ ଉପରେ ଭାର ରଖିବେ। ଶିକାର ସିଂହାଳଟି ଧାବମାନ କରିବା ଅବସ୍ଥାରେ ଭୟରେ ଶିକାରୀ ଆଡକୁ ପଛକୁ ବୁଲି ଚାହିଁଥିବ।

ଏଇ ଶିକାର ଅବସ୍ଥାରେ ଘୋର ଜଙ୍ଗଲରେ ଗଛ ଉପରେ ଚଢି ଆତ୍ମଗୋପନ କରିଥିବା ନାରୀ ଅପହରଣକାରୀ ସୈନିକ ସେଇ ନାରୀକୁ ଛାଡିଦେଇ ପଳାୟନ କରିବ, ଯୋଗ ଏମିତି ସମୟର, ଜୀବନ ପାଇଁ ଧାଇଁଥିବା ଶରବିଦ୍ଧ ସିଂହାଳଟି ଅପହୃତା ବୀରା ନାରୀ ଆଶ୍ରୟ ନେଇଥିବା ବୃକ୍ଷର ପାଦଦେଶରେ ଆସି ପଡିଯିବ। ସେଇ ସମୟରେ ନିଜ ଜୀବନପାଇଁ ସାହାଯ୍ୟ ମାଗିବାକୁ ହାତ ବଢାଇ ନିବେଦନ କରିବେ ଆଶ୍ରିତ ମହିଳା। ଆଶ୍ଚର୍ଯ୍ୟ, ବାମ ହାତରେ ଧନୁ ତଳକୁ ଖସିବାକୁ ସ୍ୱଳ୍ପ ସମୟ ମଧ୍ୟରେ ଶିକାରୀ ସାହାଯ୍ୟ ପାଇଁ ହାତ ବଢାଇଥିବା ନାରୀକୁ ଡାହାଣ ହାତରେ ଅଭୟ ପ୍ରଦାନ କରୁଥିବେ। ଅପହୃତାକୁ ଚାହିଁପାରିବେନି ଶିକାରୀ। ଆଖି ତାଙ୍କର ବୁଜି ହୋଇଯାଉଥିବ।

"ଏଇ ଚିତ୍ରଟି ସମ୍ଭବ, ଶିଳ୍ପୀଗୁରୁ?" ପଚାରନ୍ତି ସିଂହପଥ ରାଣୀ।

"ସମ୍ଭବ, ରାଣୀ ମା, ସମ୍ଭବ। କିନ୍ତୁ ଏଇ ତୃତୀୟ କାନ୍ଥଟି ଟିକିଏ ପ୍ରଶସ୍ତ, ଏଥିରେ ଦୁଇ କିତାରେ ଏହି ମର୍ମର ଶିଳାଚିତ୍ର ସମ୍ଭବ। ପ୍ରଥମ କିତାରେ ଘୋଡ଼ାରୁ ଓହ୍ଲାଉଥିବା ଦୃଶ୍ୟ ଏବଂ ଦ୍ୱିତୀୟଟି ଶିକାର ଓ ଅପହୃତା ଉଦ୍ଧାର ଚିତ୍ର ରହିବ। ସମ୍ପୂର୍ଣ୍ଣଭାବରେ ସମ୍ଭବ।" ଉତ୍ତର ଦେଲେ ଶିଳ୍ପୀ।

"ଧନ୍ୟ ତୁମେ ଶିଳ୍ପୀ, ଧନ୍ୟ। ସବୁର ଉତ୍ତର ରହିଛି ତୁମ ନିହାଣମୂନରେ। ତେବେ ଚତୁର୍ଥ କାନ୍ଥଟି କଥା ଶୁଣ।" କହିଚାଲିଲେ ରାଣୀ।

ଚତୁର୍ଥ ଦୃଶ୍ୟ ରହିବ ଅତ୍ୟୁଚ୍ଚ ଗମ୍ବୁଜ ଭରା କଳିଙ୍ଗନଗରୀ ଆନନ୍ଦ ଉଲ୍ଲାସରେ ବିଭୋର। ଚାରିଜଣ କଳିଙ୍ଗ ଲଳନା ନୃତ୍ୟରତା, ଭୂମିରେ ବସି ଆଉ ଚାରି କଳିଙ୍ଗକନ୍ୟା ମର୍ଦ୍ଦଳ, ବୀଣା ଆଉ ଢୋଲବାଜା ବଜାଇବାର ଦୃଶ୍ୟ। କଳିଙ୍ଗସମ୍ରାଟ ଖାରବେଳ ନିଜର ଅଗ୍ରମହିଷୀ ସହିତ ମଉଜରେ ବସି ଏହି ସମାରୋହକୁ ଉପଭୋଗ କରିବାରେ ମଜ୍ଜି ଯାଇଥିବେ, କିନ୍ତୁ ଏହି ସମାରୋହରେ ଉଦ୍ଧାର କରାଯାଇଥିବା ମହିଳାଙ୍କ ଉପଲକ୍ଷେ ଆୟୋଜନ କରାଯାଉଥିବା ପ୍ରତୀୟମାନ ହେଉଥିବ। ରାଜମହଲର ଦୃଶ୍ୟରେ ମହାରାଜା ଲଳିତ ଭଙ୍ଗୀରେ ମଝିରେ ବସି ନିଜ ଆସନରେ ନୃତ୍ୟ ସଙ୍ଗୀତ ଉପଭୋଗ କରୁଥିବେ। ରାଜାଙ୍କ ପାଦ ପାଖରେ ଜଣେ ସହାୟିକା ହାତ ଯୋଡି ବସିଥିବ, ରାଜାଙ୍କ ଡାହାଣରେ ଗୋଟିଏ ଚଉକିରେ ବସିଥିବେ ସେଇ ସଦ୍ୟ ଅପହରଣ ବିପଦରୁ ଉଦ୍ଧାର ପାଇଥିବା ଭାଗ୍ୟବତୀ ନାରୀ ଏବେ କଳିଙ୍ଗ ରାଜପ୍ରାସାଦରେ ଅଭ୍ୟର୍ଥନାର ପ୍ରାର୍ଥିନୀ। ମଞ୍ଚର ଅପର ପାର୍ଶ୍ୱରେ ସହାସ୍ୟ ବଦନରେ ବସିଥିବେ କଳିଙ୍ଗର ଅଗ୍ରମହିଷୀ, ଅତି ଆନନ୍ଦରେ ଶାନ୍ତିରେ ବସି ଉପଭୋଗ କରୁଥିବେ କଳିଙ୍ଗକନ୍ୟାମାନଙ୍କ ପରିବେଷିତ ଗୀତିନାଟ୍ୟ। ଅଗ୍ରମହିଷୀଙ୍କ ପାଖରେ କେତେଜଣ ପରିଚାରିକା ତାଙ୍କୁ ଘେରି ବସିଥିବେ ।

"ସମ୍ଭବ ଏହି କଳିଙ୍ଗନଗରୀ ରାଜପୁରର ଦୃଶ୍ୟ?" ପଚାରିଲେ ରାଣୀମା।

"ନିଶ୍ଚୟ ରାଣୀମା, ସମସ୍ତ କୌଶଳ ଖଟାଇ ଏଇ ପାରିବାରିକ ଚିତ୍ରଟି ତୋଳି ପାରିବି ବୋଲି ମୋର ଦୃଢ ବିଶ୍ୱାସ ଆସୁଛି।" ଶିଳ୍ପୀଙ୍କ ନିର୍ଭରଯୋଗ୍ୟ ବଚନ।

"ତେବେ ଶିଳ୍ପୀଗୁରୁ ଶୁଣ, ଆଉ ଉତ୍ତର ଦିଗର ଶେଷ କାନ୍ଥଟି ବାକି ରହିଗଲା। ସେଇଟା ବି ନିହାତି ଦରକାର ଥିଲା। ସେଥିରେ କେବଳ ଶୁଭ, ଶୁଭ ଆଉ ସର୍ବଶୁଭ ଚିତ୍ର ଖୋଦନ କରିବ। ବାହାଘରର ଶଙ୍ଖମହୁରୀ କି ପ୍ରଜାପତି ଚିତ୍ର ଦର୍ଶାଇଦେବ।" କହିଲେ ରାଣୀ ମା।

"ନାଇଁ ରାଣୀମା, ମୁଁ ଏବେ ବୁଝିଗଲିଣି ଏଇ ପାଞ୍ଚକିତା ଚିତ୍ରର ମହତ୍ତ୍ୱ। ପଞ୍ଚମ ଚିତ୍ରଟି ମୁଁ ବନାଇବି ଗନ୍ଧର୍ବ, ଅପସରା, କିନ୍ନର ଆଦିଙ୍କର ନୃତ୍ୟ, ବାଦ୍ୟ, ଐଶ୍ୱରୀୟ ଚିତ୍ର ସହିତ। ଆପଣ ଏଥିରେ ସମ୍ମତ ତ? ଏଗୁଡିକ ମାଙ୍ଗଳିକ ଶିଳାଚିତ୍ର।" ପଚାରିଦେଲେ ଅଭିଜ୍ଞ ଶିଳ୍ପୀ।

ସିଂହପଥ ରାଣୀ ଚାହୁଁଥିଲେ, ଶିଳାଶିଳ୍ପୀ ଏତେ କଥା ଶୁଣିବା ପରେ ନିଶ୍ଚୟ ପଦେ ପଚାରିବେ, ଏଇଟି କାହାର ଜୀବନୀ, ସତ ଘଟଣା ନା ମନଗଢ଼ା। କିନ୍ତୁ ଚାଲାକ୍ ଶିଳ୍ପୀ ଘଟଣାପ୍ରବାହରୁ ଧରିନେଲେ, ଏଇଟା ନିଶ୍ଚୟ ସିଂହପଥ ରାଣୀ ଏବଂ କଳିଙ୍ଗାଧିପତିଙ୍କ ସମ୍ପର୍କର ନିଚ୍ଛକ କାହାଣୀ।

ପୁଣି ରାଣୀମା କହିଗଲେ, ଉପରଗୁମ୍ଫା ସ୍ତମ୍ଭରେ ମରକତମଣି ଖଚିତ କରାଯିବ। ସବୁଯାକ ଶିଳାଚିତ୍ର ସୁନ୍ଦରଭାବେ ସୁଦୃଶ୍ୟ କରିବା ପାଇଁ। ତଳ ମହଲାରେ ରହିବ କଳିଙ୍ଗର ଜନସାଧାରଣଙ୍କର ଚାଲିଚଳନ, ବୃକ୍ଷଲତା, କଳିଙ୍ଗ ଚତୁରଙ୍ଗବାହିନୀ ଏବଂ ତାହାର କୃତିତ୍ୱ। ମଗଧ ବିଜୟ ସହିତ କଳିଙ୍ଗବାସୀଙ୍କର ପ୍ରତିଟି ଦିଗ୍‌ବିଜୟରେ ଆନନ୍ଦ ଉଲ୍ଲାସ ବି ଲିପିବଦ୍ଧ ହୋଇ ରହିବ। ରାଜାରାଣୀଙ୍କ ଦେବ ପୂଜା, ପୂଜାଥାଳୀର ସାଜସଜ୍ଜା ଏବଂ ଅସଂଖ୍ୟ ଗଜ ଚିତ୍ରରେ ଶୋଭାପାଇବ ଶିଳାରାଶି।

ରାଣୀ ବି ମନେପକାଇଦେଲେ ଶିଳ୍ପୀଙ୍କୁ, କଳିଙ୍ଗାଧିପତି କହିଛନ୍ତି, ଆମର କୁମାରୀଗିରିର ପ୍ରତିଟି ପଥରଖଣ୍ଡରେ ଜୀବଦାନ କରି ଏହାକୁ ପର୍ଯ୍ୟଟକଙ୍କର ମନୋରଞ୍ଜନ ପାଇଁ ସମସ୍ତ ପନ୍ଥା ଉପଯୋଗ କରିବାକୁ। କଳ୍ପିତ ହାତୀଗୁମ୍ଫା ସଲଗ୍ନ ସାଧାରଣ ଶିଳା ଗୁଡିକୁ କୌତୁକପୂର୍ଣ୍ଣ ଦୃଶ୍ୟରେ ପରିଣତ କଲେ ସମଗ୍ର ଭାରତବର୍ଷରୁ ହଜାର ହଜାର ଯାତ୍ରୀମାନଙ୍କ ମନରେ ଅପୂର୍ବ ହାସ୍ୟରସ ଜାଗ୍ରତ ହୋଇପାରିବ।

ଅଭିଜ୍ଞ ଶିଳ୍ପୀ ଏହି ଦିଗର ପରିକଳ୍ପନା ସୂଚାଇଦେଲେ। ଏହି ହାତୀଗୁମ୍ଫାର ନିର୍ମାତା ସ୍ୱୟଂ ସୃଷ୍ଟିକର୍ତ୍ତା, ଏଇଠି ସୃଷ୍ଟିର ପ୍ରାରମ୍ଭରୁ ମଣିଷ ଯେବେଠାରୁ ଅନୁଭବ କଲାଣି, ଖରାବର୍ଷାରୁ ରକ୍ଷାପାଇବାକୁ ହେଲେ, ଏହି ପଥର ଗୁମ୍ଫା ଭିତରେ ଆଶ୍ରୟ ନେବାକୁ। ମଣିଷ ବେଶି ସଂଖ୍ୟାରେ ଆଶ୍ରୟ ଖୋଜିଲେ, ଯଦି ନିଅଣ୍ଟ ହୁଏ, ତେବେ ଖୋଜିବୁଲନ୍ତି ଏଇ ପଥର ପାହାଡରେ ଦ୍ୱିତୀୟ ଗୁମ୍ଫା କେଉଁଠି ଅଛି କି? ସତରେ ତ ନାହିଁ। ବଡ ପଥରଖଣ୍ଡ କଡରେ ଆଶ୍ରା ନେବାବେଳେ ଚିନ୍ତାକରନ୍ତି, ଏଇଠି ପଥର ଖୋଳି ଯଦି ଆଉ କେତେଟା ଗୁମ୍ଫା ଖୋଳି ହୁଅନ୍ତା, ତେବେ ବହୁ ଲୋକ ଆଶ୍ରା ପାଇପାରନ୍ତେ। ଏମିତି ହାତୀଗୁମ୍ଫା ଦେଖୁଥିବା ମଣିଷ ଚିନ୍ତାକରେ।

କିନ୍ତୁ ଆମର କଳିଙ୍ଗାଧିପତି ହାତୀଗୁମ୍ଫା ବିଷୟରେ ଦୁଇଟି ଗୁରୁ ମନ୍ତବ୍ୟ ଦେଇଛନ୍ତି। ପ୍ରଥମଟି ହେଲା – କୌଣସି ପର୍ଯ୍ୟଟକ କୁମାରୀଗିରି ଚଢ଼ିଲେ, ପ୍ରଥମେ ହାତୀଗୁମ୍ଫାସାମନାକୁ ଆସିବ। ଏଇଟା ଗୋଟିଏ ବିଶାଳ ପ୍ରସ୍ତରର ହାତୀ ଶୋଇଥିବାପରି ଦିଶେ, ହାତୀର ଥୋଡପାହାଡ ତଳଟା ହିଁ ହାତୀଗୁମ୍ଫା। ଜଙ୍ଗଲରେ କେବଳ ହାତୀ ରହେନି, ବାଘ, ଭାଲୁ, ସାପ, ବେଙ୍ଗ କେତେ କେତେ ଜନ୍ତୁ ରହନ୍ତି। ଆମର ଗୋଟିଏ ବୈଠକ ହୋଇଥିଲା। ହାତୀଶୁଣ୍ଢ ଉପରେ ନିଜେ ମୁଁ ବସିଥିଲି, ମୋ ଡାହାଣହାତୀ ଉଚ୍ଚ ପଥରଖଣ୍ଡ ଉପରେ ଆମର ନଗର ଅଖଣ୍ଡାଂଶ ଭୂତି ବସିଥିଲେ, ତାଙ୍କ ଡାହାଣ ପଥର ଉପରେ ମହାମଦ ମୁଖ୍ୟମନ୍ତ୍ରୀ ନାକିଆ ଆଉ ସାମନା ଅତ୍ୟୁଚ୍ଚ ସ୍ତମ୍ଭପ୍ରାୟ ପଥର ଖଣ୍ଡରେ କର୍ମସଚିବ ବସିଥିଲେ। ଆମର କଥା ହୋଇଛି, ସେହି ପଥର ଗୁଡ଼ିକୁ ଦକ୍ଷ ଶିଳ୍ପୀମାନଙ୍କ ଦ୍ୱାରା ବାଘ, ଭାଲୁ, ସାପ, ବେଙ୍ଗଗୁଡ଼ିକର ରୂପ ଦେଇଦେଲେ, ଆଗନ୍ତୁକ କେତେ ଭାବୁକ ଆଉ କୌତୁକ ମନରେ ଅନୁଭବ ନକରିବ ?

ରାଣୀମା ଗମ୍ଭୀର ହୋଇ ପଡ଼ିଲେ। ନିଜକୁ ଜଣେ କଳାପ୍ରେମୀ ଭାବି ସେ ଆଜି ପର୍ଯ୍ୟନ୍ତ ଅନ୍ୟକୁ ହେୟ ମନେ କରୁଥିଲେ ବୋଲି ଅନୁଭବ କରୁଥିଲେ ବୋଲି ତାଙ୍କୁ ପ୍ରତୀୟମାନ ହେଲା। ସ୍ୱଳ୍ପ ଖର୍ଚ୍ଚରେ ପଥର ଖଣ୍ଡକୁ କିପରି ପର୍ଯ୍ୟଟକମାନଙ୍କ ଆକର୍ଷଣ କରାଯାଇ ପାରିବ, ସେ ବିଷୟରେ ସମ୍ରାଟ ଖାରବେଳ ଜଣେ ବିଶାଳ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱ, ସେ ନିଜକୁ ଗର୍ବିତ ମନେକଲେ। ସୁନ୍ଦର ଭାଘ ମୂର୍ତ୍ତିଟିଏ ଗଢ଼ିବେ, ସମସ୍ତେ ବାଘ ପାଟିରେ ପଶି ଉଷ୍ମତା ଅନୁଭବ କରିବେ !

ଶିଳ୍ପୀ କହିଲେ, ରାଣୀମା ଟିକିଏ ହାତୀଗୁମ୍ଫାର ଦକ୍ଷିଣ-ପୂର୍ବଦିଗକୁ ଚାହିଁଲେ, କଅଣ ଦେଖୁଛନ୍ତି ? ସୁଦୂରରେ ପାହାଡଟିଏ ଦିଶୁଛି। ସେଇଟି ଧବଳଗିରି; ଲୋକମୁଖରେ ଧଉଳି ଗିରି। କେତେ ପୁରୁଷତଳୁ ସେଇଠି ଜଣେ ଅତ୍ୟାଚାରୀ ନରସଂହାରୀ ରାଜା କେତେ କଅଣ ପଥର ଉପରେ ଲେଖିଯାଇଛି। ଯୁଦ୍ଧକରି ପ୍ରବଳ ନରହତ୍ୟା କରିବା ପରେ ପାଗଳ ହୋଇଗଲା, ଭାରତବର୍ଷ ସାରା ଯେଉଁଠି ପଥର ପାଇଲା ଲେଖିଲା ଧମ୍ମ, ଧମ୍ମ, ଧମ୍ମ। ନିଜେ ଷୋଳପଣେ ଅଧର୍ମୀ। ଆହୁରି ବାଇୟା ହୋଇ ଅଧାହାତୀଟିଏ ପାହାଡ ତାଡି ଗଢ଼ିଛି। କଳିଙ୍ଗର ଜନସାଧାରଣ ନିଧନ କଳାପରେ ପୁଣି ବିଳାପ କରିଛି, କଳିଙ୍ଗବାସୀ ମୋ ସନ୍ତାନ। ସେଇ ସନ୍ତାନହନ୍ତା ଚଣ୍ଡ ରାଜାର ଲେଖା ହାତୀଗୁମ୍ଫାକୁ ସାମନା କରେ। ସେହି ଧଉଳି ପାହାଡ ଲେଖାକୁ ନ୍ୟୁନ କରିବାକୁ ଏବେ କଳିଙ୍ଗାଧିପତି ପରିକଳ୍ପନା କରିଛନ୍ତି, ହାତୀଗୁମ୍ଫାର ହାତୀମଥାରେ କଳିଙ୍ଗ କାହାଣୀ ରଚନା କରି ଦୁନିଆକୁ ଚିରକାଳ ପାଇଁ ଶୁଣାଇଦେଇ ଯିବେ ଅନେକ କଥା, ଯାହା ଯୁଗ ଯୁଗକୁ ରହିଥିବ। ଲୋକ ପଢୁଥିବେ, ତାଙ୍କ ପୂର୍ବଜ ଯେ ସୁବର୍ଣ୍ଣ ଯୁଗରେ କାଳାତିପାତ କରୁଥିଲେ, ତାହା ଜାଣି ଖୁସି ହେବେ। କଳିଙ୍ଗ ପ୍ରିତିବେଶୀ ହିଂସ୍ର ମଗଧକୁ ବଶ କରିଛି। ଛିନ୍ନ କରିଥିବା କଳିଙ୍ଗଜୀନାଙ୍କୁ ଉଦ୍ଧାର କରିଛି।

ସିଂହପଥ ରାଣୀଙ୍କର ବିସ୍ମୟର ସୀମା ରହିଲାନି। ତାଙ୍କର ଦୃଷ୍ଟି ଏତେ ଦୂରକୁ ବିସ୍ତାରିତ ନୁହେଁ, ମାତ୍ର କଳିଙ୍ଗାଧିପତି କେତେ ଦୂରଦୃଷ୍ଟି ସମ୍ପନ୍ନ, ନିଜେ ତାଙ୍କର ସାନ୍ନିଧ ଲାଭ କରିଛନ୍ତି, ସେଇଟା ତାଙ୍କର ଭାଗ୍ୟଲିଖନ ବୋଲି ଆନନ୍ଦିତ ହେଲେ। ସେ ହୃଦୟଙ୍ଗମ କଲେ, ମହାମେଘବାହନ ଖାରବେଳ ନିଜ ଦିଗ୍‌ବିଜୟ କୃତିତ୍ୱରେ କଦାପି ଗର୍ବିତ ନୁହଁନ୍ତି, ମାତ୍ର ମାତୃଭୂମିର ସାର୍ବଭୌମତ୍ୱ ସହିତ ଶିକ୍ଷାଦୀକ୍ଷା ଏବଂ ମାନବିକତାର ଏକ ଆନ୍ତର୍ଜାତୀୟ କେନ୍ଦ୍ର ହେଉ, ତାହା ସେ ଚାହାନ୍ତି। ଧନ ସମ୍ପତ୍ତି ତାଙ୍କୁ ଉନ୍ମତ୍ତ କରିନାହିଁ, ବରଂ ସେ କଳିଙ୍ଗର ଦୀର୍ଘସ୍ଥାୟୀ ଖ୍ୟାତି ବଜାୟ ରଖିବାକୁ ଚାହାନ୍ତି।

ସେଥିପାଇଁ କୁମାରୀଗିରିକୁ ଏକ ବିଶିଷ୍ଟ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠା କରି ଏହାର ଖ୍ୟାତି ଚତୁର୍ଦ୍ଦିଗକୁ ବ୍ୟାପିବାର ବ୍ୟବସ୍ଥା କରିବେ। କଳାସଂସ୍କୃତି ଆଉ ମାନବିକତାର ମୁଖ୍ୟ ଆକର୍ଷଣ ରହିଥିବା କଳିଙ୍ଗ ଦିନେ ସମସ୍ତ ପର୍ଯ୍ୟଟକଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ଏବଂ ଏହାର ପରିଭ୍ରମଣରେ ଆସୁଥିବା ପ୍ରତି ପର୍ଯ୍ୟଟକ ମାନବିକତାର କିଛି ଅନୁଭବ ପାଇ ସୁସ୍ଥ ମାନବସମାଜ ଗଠନ କରିବେ।

ଆଉ ଗୋଟିଏ ବିଷୟରେ କଳିଙ୍ଗାଧିପତିଙ୍କର ଆନ୍ତରିକତା ରହିଛି। ସେ ମଣିଷର ଦେହ-ମନ ସମ୍ପର୍କ ବିଷୟରେ ପ୍ରତି ବ୍ୟକ୍ତି ସଚେତନ ହେବା ଚାହାନ୍ତି। ନିଜେ ଏହି ଦିଗରେ ସମସ୍ତ ବୁଦ୍ଧି ଖଟାଇ କେତେ ଦୂର ସମର୍ଥ ଦେହ ମନ ଉପରେ ବସିଛି ନା ମନ ଦେହ ଉପରେ ବସିଛି, ତାହା ଏବେ ବି ତାଙ୍କର ଚିନ୍ତାର ବିଷୟ। ସେଥିପାଇଁ ଜୈନ ଆଚାର୍ଯ୍ୟଙ୍କର ଏକ ବିଭାଗ ରହିବ ବୋଲି ସେ କଳ୍ପନା କରିଛନ୍ତି।

*ସମାରୋହ, ୧୨୮, ଢୁମୁଢୁମା(କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦;*
*ଦୂରଭାଷ: ୯୪୩୮୦୦୭୫୦୯*

ooo

*କ୍ରମଶଃ...*




# ସୂର୍ଯ୍ୟାସ୍ତର ପକ୍ଷୀ

**ବିଷ୍ଣୁ ମୋହନ**

ମୁଁ, ଏବେ ଏକ ସୂର୍ଯ୍ୟାସ୍ତର ପକ୍ଷୀ
ଉଡ଼ିଯାଏ ମନମୋର, ସବୁକୁ ଆଡ଼ପଟିଆ କରି
ଦୂର ଦିଗନ୍ତ ରେଖାରେ
କିଚିରି ମିଚିରି ସ୍ୱରରେ ଭରିଥିବା, ବସାଟି ମୋର
ଭାଙ୍ଗିଯାଇଛି କାଳର ଲହର
ଅନେକ କାହାଣୀର ଅଭିନୟ ପରେ, ଯବନିକାପାତ ହୋଇଛି
ଏବେ ସବୁଥିରେ।

ନିଃସହାୟତାର କରୁଣ ରାଗିଣୀ, ବହଳ ଅଂଧକାର ପରି
ମାଡ଼ିଆସେ ବଳକା ଜୀବନରେ
ପାହାଡ଼ ପଛର ଅସ୍ତରାଗର ଦୃଶ୍ୟ ପରି, ଘନ ଅଂଧକାର
କାୟା ବିସ୍ତାର କରିଅଛି ଜୀବନ ସରହଦରେ
ଆସ୍ୱର୍ଦ୍ଧାରେ ଭରା, ଜୀବନ ମଧ୍ୟାହ୍ନର ଛବି
ବିଦାୟ ନେଇଛି, ଅସ୍ତରାଗର ଅଭିସାରରେ
ହୃଦୟର ଅଗଣାରେ ଝରୁଥିବା ସେଦିନର ହାସ୍ୟ-ମଧୁର
ସମୟ, ଏବେ ଭରିଯାଇଛି ବେଦନାକ୍ରାଂତ ଯଂତ୍ରଣାରେ
ମୁଠାମୁଠା ଶୂନତାରେ ଭରା, ଏବେର ସମୟ ପାଲଟିଯାଇଛି
କାରୁଣ୍ୟ- ସଜଳ
ଉଦୟାଚଳର ଅପୂର୍ବ ଆଲୋକଛଟାରେ, ଉତ୍ପ୍ଲାବିତ ମନ
ଏବେ ଶୁଷ୍କ ନଈପରି ହୋଇଯାଇଛି ଖଡ଼ ଖଡ଼
ସୂର୍ଯ୍ୟାସ୍ତର ପକ୍ଷୀ ସମ, ଉଡ଼ିଯାଏ ମନ, ରୋମାଂଚରେ ଭରା
କାହାଣୀଗୁଡ଼ିକୁ ବାଂଧିଦେଇ ମନ-ପୁଟୁଳିରେ।
ଛାୟା, କାୟା ବିସ୍ତାର କରି ସାରିଛି ଦୁର୍ଦ୍ଦିନ, ହେବ ଯାହାର
ଅବସାନ, ଯେବେ ଆଉଜେଇ ଆସିବ ମୃତ୍ୟୁର କବାଟ
ଗାନହେବ ଧାଡ଼ିଏ ପଦ, 'ରାମନାମ ସତ୍ୟହେ'
ଖରାଦିନର ଭସା ବାଦଲ ସମ ଭାସି ଭାସି ଚାଲିଯିବ
ଜୀବନ ମଂଚରେ ଘଟିତ ସବୁ ଘଟଣାର ଦୃଶ୍ୟ
ସୂର୍ଯ୍ୟାସ୍ତର ପକ୍ଷୀ ସମ, ଉଡ଼ିଯିବ ଆତ୍ମା ଅଜଣା ରାଜ୍ୟରେ
କ୍ଲାନ୍ତ ହୋଇଯିବ ତାରାମାନଙ୍କର ଆଖି, ଦେଖି ଦେଖି
ଘଟି ଚାଲିଥିବା ଘଟଣାର ଛବି ଏ, ମାଟି ମଂଚରେ।
ସମୟ ବିତାଇବବି ମୁହିଁ, ଅସହାୟ ଶିଶୁଟିଏ ପରି,
ଜୀବନଟା ହୋଇଯିବ ନିର୍ଲିପ୍ତ, ନିରାସକ୍ତ, ନିସ୍ତରଂଗ
ମଝି ଦରିଆର ଜଳ ପରି
ପଙ୍ଗୁ ହୋଇଯିବ ମାନସିକତା, କିଛି ହୃଦୟସ୍ପର୍ଶୀ ଘଟଣାକୁ
ଭାବନାରେ ବ୍ୟବଚ୍ଛେଦ କରିବା ପାଇଁ।
ଆଉ ନଥିବ ଶକ୍ତି, ଏ ରକ୍ତ ମାଂସର ଦେହରେ,
ଆଖି ଲୁହଙ୍କ ଭିଡ଼ରେ, ସବୁ କଥା ମୁହିଁ ଦେଇଥିବି
ପାଶୋରି ପକାଇ, ଥାକ ଥାକ କଥାଗୁଡ଼ିକରେ ଡୋରି
ବାଂଧିଦେଇ
ରୌଦ୍ରର ଦହନ ସମ ଆସେ ଦୁଃଖର ଦହନ
ଆଉ ନଥାଏ ଅସ୍ତିତ୍ୱର ଦୃଢ଼ତା, ଦେଖିବାପାଇଁ
ଆସନ୍ତା କାଲିର ଆଲୋକ, ଏ ଧରା ମଂଚରେ।
ଆଉ ନଥାନ୍ତି କେହି ପରିଚିତ ଲୋକ, ଆଶ୍ୱାସନାର
ଅମୃତକୁ ବାଣ୍ଟିବା ପାଇଁ ଆଉ ନିଚିପର କରିବାକୁ
ମନର ଦହନ
ଅବସାଦର ଜଳନ୍ତା ନିଆଁରେ ଜଳି, ଡାକୁଥିବ ମନ
ପାରିକରିଦିଅ, ଈଶ୍ୱର ଏ ଭବ ସାଗରରୁ, ଆରପାରିକୁ
ଚାଲିଯାଉ ଆତ୍ମା ମୋର ପାଇବାକୁ ଶାନ୍ତି।

*ଦୂରଭାଷ: ୭୨୦୫୭୫୮୨୫୫*

# ନିବିଡ଼ ଅନ୍ତରଙ୍ଗ-୮

**ଅଜିତ ଦାଶ ମହାପାତ୍ର**

ସବୁ କଥାରେ
'ହଁ, ଠିକ୍ ଅଛି' କହୁଥିବା
ହେ ଝିଅ ! କଅଁଳ ବୟସରୁ
କେମିତି ଶିଖିଲୁ ସହନଶୀଳତାର ମନ୍ତ୍ର।
କେମିତି ବୁଝିଲୁ ସ୍ନେହ, ପ୍ରେମ
ଓ ବନ୍ଧନର ପରିଭାଷା।
ଆଶ୍ଚର୍ଯ୍ୟ ଲାଗୁଛି ମୋତେ, ଏଇଥିପାଇଁ ଯେ
ଯାହା ଆଜିଯାଏ ବୁଝି ପାରିନାହାନ୍ତି
ବଡ଼ ବଡ଼ ମଣିଷମାନେ, ତୁ କେମିତି ଜାଣିଲୁ
ବନ୍ଧନ ହିଁ ଜୀବନ।

ଭାରତରୁ ଅଷ୍ଟ୍ରେଲିଆ
ଦେଶରୁ ବିଦେଶ

ତୁ ଗଲା ପରେ
ବର୍ଣ୍ଣିବା ସମ୍ଭବ ନୁହେଁ ମୋର ସ୍ଥିତି,
ଜୀବନର ଗତି କେମିତି ବିତୁଛି
ଦିନ ଆଉ ରାତି।
ଏ ଜୀବନ ଜଳୁଛି ଦୁଃଖାଗ୍ନିରେ, ଲୁହମାନେ
ପୋଷା ମାନୁନାହାନ୍ତି। ଶବ୍ଦମାନେ
ହଜିବାରେ ବ୍ୟସ୍ତ। ବିବ୍ରତ ମୁଁ : ଅପେକ୍ଷାର୍ଥୀ
ପୁଣି କେବେ ଆସିବ
ଫୁଲ ଫୁଟିବାର ବେଳ, ଏକ ବାସ୍ନାଭରା
ସତେଜ ସକାଳ।

ଭଲ ପାଇବାରେ
ଏତେ ଦୁଃଖ ଥାଏ କାହିଁକି,
ସ୍ନେହଭରା ଆଖିରେ କାହିଁକି ଏତେ
ଲୁହ ଥାଏ, ଆସିବାର ସୁଖ ଠାରୁ
ଫେରିଯିବାର ଦୁଃଖ କାହିଁକି ହୁଏ ପ୍ରବଳତର,
ଉତ୍ତର କାହା ପାଖରେ ନ ଥାଏ।
ଅଙ୍କ କଷା, ହିସାବ ନିକାଶ'ଠୁ
ଦୂରରେ ରହୁଥିବା ମୁଁ : ଜାଣିବି କେମିତି !
ରେ ବିସ୍ମୟ ବାଳିକା !
ମୁଁ ଠିକ୍‌ରେ କହିପାରୁନି ମୋ କଥା,
ମୁଁ ଠିକ୍‌ରେ ବୁଝେଇ ପାରୁନି
ମୋ ଅନୁଭବ। ମୁଁ ଠିକ୍‌ରେ ଜଣେଇପାରୁନି
ମୋର ନିଃସଙ୍ଗ ଭାବ।
ତଥାପି ମୁଁ ଜାଣେ ହସି ହସି
ତୁ କହିବୁ- 'ହଁ, ଠିକ୍ ଅଛି।'

*ପ୍ଲଟ ନଂ- ଏନ୍-୩/୩୨୯,*
*ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର-୭୫୧୦୧୫*
*ଦୂରଭାଷ: ୯୮୬୧୨୯୬୨୭୫*

# ମୁହୂର୍ତ୍ତଟିଏ ଲୋଡ଼ା

**ଉଷା ଶତପଥୀ**

ମୁହୂର୍ତ୍ତଟିଏ ଲୋଡ଼ା
ବଦଳିବାକୁ ସଂସାରର ଚିତ୍ର
କେତେବା ସମୟ ଲାଗିଥିଲା
ଶୁଖିବାକୁ ଦେବକୀର ନେତ୍ର।

କୃଷ୍ଣ ଗଲେ ମଥୁରାକୁ
ଗୋପପୁରେ ଶୁଭିଲାନି ବଂଶୀ
ମୁହୂର୍ତ୍ତକରେ ଶ୍ରୀରାମ
ହେଲେ ବନବାସୀ।

ମୁହୂର୍ତ୍ତଟିଏ ହିଁ ମାତ୍ର
ଝରିଯାଏ ମନ ମାନଚିତ୍ର
ଆପଣାର ପ୍ରେମ ସାତପର
ଶୁଖିଯାଏ ପ୍ରେମ ସୁଧାପାତ୍ର।

କ୍ଷଣକରେ ମାଡ଼ିଆସେ ଭୀମ ରୂପେ
ପ୍ରଳୟ ପ୍ରୟୋଧିର ଜଳ
ଡୁବିଯାଏ ପ୍ରାଚୁର୍ଯ୍ୟର ସୂର୍ଯ୍ୟ
ନିଃଶବ୍ଦ ହୁଏ କୋଳାହଳ।

ମୁହୂର୍ତ୍ତଟିଏ ହିଁ ଲୋଡ଼ା
ଜୀବନରୁ ମୃତ୍ୟୁ ଲାଭ ପାଇଁ
ଶରୀର ଛାଡ଼ିଲେ ଆତ୍ମା
ସେ ଦେହର ମୂଲ୍ୟ କିଛି ନାହିଁ।

ମୂଲ୍ୟବାନ କେବଳ
ସେ ମୁହୂର୍ତ୍ତଟି
ଜନ୍ମ ପାଇଁ, ମୃତ୍ୟୁ ପାଇଁ
ଆକାଶ, ବତାସ, ସ୍ୱପ୍ନ ଓ ବାସ୍ତବର
ରଙ୍ଗ ବଦଳିବା ପାଇଁ।

*୨୦୫, ଯଦୁକୁଳ ଏନ୍‌କ୍ଲେଭ, ମହତାବ ରୋଡ୍, କଟକ*
*ଦୂରଭାଷ: ୬୩୭୦୮୦୯୩୦୧*



# ଅନ୍ଧାରର ନକ୍ସା

ନରହରି ମିଶ୍ର

ତା' ଆଖିର ଝରକାରେ
ଆକାଶର ନକ୍ସା ଆଙ୍କୁଥିଲା ଅନିତା ବେହେରା,
ଯେଉଁ ଆକାଶ ଦିନେ ଥିଲା ତା'ର ସବୁଠୁ ସୁନ୍ଦର
ଆଜି ସେ ଯାଗାରେ ଖାଲି ପୋଡ଼ା ମାଟିର ଗନ୍ଧ
କଳା କଳା ଦାଗ ପୋଡ଼ା ଅଙ୍ଗାରର।

ତା' ଓଠର କାଠଯୋଡ଼ି ତୀରେ
ପରିତ୍ୟକ୍ତ ସାପକାତିର ମଲା ମରୁଭୂମି
କ୍ଳାନ୍ତ ସକାଳ, ବିଦୀର୍ଣ୍ଣ ମଧ୍ୟାହ୍ନ, ବିଷଣ୍ଣ ଗୋଧୂଳି
ବୈରାଗୀ ବେଶରେ ବୈଶାଖ ଯାହା ଯାଏ ଚୁମି।

ତା' ନାସାରନ୍ଧ୍ରରେ ସାପର ଶୀତ୍କାର ପରି ପବନ
ଛାତିରେ ଭୂକମ୍ପ ଜନିତ ବିଖଣ୍ଡିତ ହୃଦୟ
ଘାଇଲା ବାଘୁଣୀ ଠାରୁ ଆହୁରି ହିଂସ୍ର ତା ଚାହାଣୀ
ତା'ପାଇଁ ଆଜି ସ୍ମୃତି ବି ମୁଠାଏ ପାଉଁଶ
ସରିଯାଇଛି ତା ଜୀବନର ଅର୍ଦ୍ଧେକ କାହାଣୀ।

ତା' ଚେତନାର ଚଉହଦୀରେ ଖାଲି ଗାଢ଼କଳା ରାତି
ଯେଉଁଠାରେ ଆଉ କେବେ ଉଇଁବନି ସୂର୍ଯ୍ୟ
ତା' ବିଶ୍ୱାସର ବାଲ୍‌କୋନିରେ ଆଉ ଫୁଟିବନି ଫୁଲ
ତା' ଆଶାର ଅମରାବତୀରେ ଆଉ ଜଳିବନି ଦୀପ
ଯେହେତୁ ସେଦିନ ସନ୍ଧ୍ୟାରେ
ଚାରିଟି ଜହ୍ଲାଦ ତା' ସହିତ କରିଛନ୍ତି ପାପ।

ପୋଲିସ୍ ପଚାରିଲା ତା ପ୍ରେମିକର ଠିକଣା
ବାକି ତିନିଜଣ ଥିଲେ ତା' ପାଇଁ ଅଜଣା
ରାତି ଆହୁରି ଗାଢ଼ ହେଉଥିଲା
ଅନୀତାର ଅବଚେତନରେ ଖାଲି
କଳା ସ୍ୱପ୍ନର ଛାଇ ଦିଶୁଥିଲା।

ସେ ପୋଲିସର ତଣ୍ଟି ଚିପିଛି। ଡାକ୍ତରକୁ ଛୁରି ଭୁଷିଛି
ଓକିଲ ବାବୁ ଦୁଆରେ ବିଷପିଇଛି
ଖୁବ୍ ମହରଗ ହୋଇଛି ତାପାଇଁ ଟଙ୍କା ପଚିଶି ହଜାର
ଅନ୍ଧାର, ଅନ୍ଧାର, ଏଠି ସବୁଠି ଅନ୍ଧାର
ଆଲୋକ ଆସିବା ପାଇଁ ବାଟ ବହୁଦୂର!!

*ଏଫ-୨୧୫, ସେକ୍ଟର-୮, ମର୍କତ ନଗର, କଟକ-୧୪*
*ଦୂରଭାଷ: ୯୭୭୮୮୬୯୬୮୧*

# ଅଳସ ପ୍ରହର

ଡ. କଳ୍ପନା ମହାନ୍ତି

ଇଏ ଏକ ଅଳସ ପ୍ରହର
ଭାରି ଭାରି ତନୁ ମନ
ବ୍ୟସ୍ତତା ଝଂକାର
ଆଖିରେ ନିଷ୍ପ୍ରଭ ଦୃଷ୍ଟି
ସଦା ଚଳ ଉଦ୍‌ବେଳିତ ପ୍ରାଣ
ଜଡ଼ ଅଥର୍ବ ନିଥର।

ନିଃସଙ୍ଗତା ବୋଧ
ଏକାକୀତ୍ୱର ଅସହ୍ୟ ଜ୍ୱାଳା
ଝଲମଲ ଖୁସି ପଞ୍ଜୁରୀରେ
ଉଡ଼ିଯାଏ ଫୁର୍ର କିନା
ସୁକୁମାର ପକ୍ଷୀ
ହତବାକ୍ ହୋଇପଡ଼େ
ପୁଞ୍ଜିଭୂତ ସ୍ୱରର ଲହରୀ
ଫୁଲମାନେ ଚୁପ୍‌ଚାପ୍
ଭଅଁରର ପ୍ରତାରଣା
ଛାତିରେ କେ ମାରିଦିଏ କାତି।

ବିଡ଼ମ୍ବିତ ମୁହୂର୍ତ୍ତରେ
ସୀମାହୀନ ଦ୍ୱନ୍ଦ୍ୱ
ପ୍ରତିଶ୍ରୁତି ପାଣିଗାର
ହୁଅଇ ନିଶ୍ଚିହ୍ନ
ଅଚନକ ତିକ୍ତତାରେ
କାହାକୁ ବା କି ଉତ୍ତର ଦେବ
ଘେରି ଆସେ ରାଶି ରାଶି
ଅଲିଖିତ ପ୍ରଶ୍ନ।

ଛିନ୍‌ଛତ୍ର ହୋଇଯାଏ
ଦ୍ରବ୍ୟ ଯେତେ ବୋଇତର
ଥଳ କୂଳ ମିଳେ ନାହିଁ
ଉଚ୍ଚାଟିତ ଭାବନା ରାଜିର
ଅନାବିଳ ସୁଖଶାନ୍ତି
ତିଷ୍ଠିଲାନି ବେଶୀଦିନ
ଉନ୍ମୁକ୍ତ ଗବାକ୍ଷ ଦେଇ
ପଶି କି ଆସିଲା ସତେ
ମେଞ୍ଚା ମେଞ୍ଚା ବ୍ୟଥା ହାହାକାର।

ଭାଗ୍ୟ କି ବୁଝିବ କେବେ
ମନର ଏ ଅଭିଯୋଗ
କୈଫିୟତ କି ବାଢ଼ି ହେବ
କପାଳ ପାଖରେ
ଲୁଚକାଳି ଖେଳୁଛନ୍ତି
ନିଃଶବ୍ଦ ଅତୀତ ଆଉ
ବିସ୍ତାରିତ ଭବିଷ୍ୟତ
ନୟନର ଲୁହ ଆଇନାରେ।

*ହରିଚନ୍ଦନପୁର-୭୫୮୦୨୮, କେନ୍ଦୁଝର*

# ଆଲୋକ

**ଶୈବାଳିନୀ ସାହୁ**

ମହା ଆଲୋକର ମହାପାର୍ବଣରେ ନିଦାଘ ନିସ୍ତେଜ ହୁଏ
ମହାପୁଲକର ମହାଜାଗରଣ ମାଟିରୁ ଆକାଶ ଛୁଏଁ
ମହା ଉଲ୍ଲାସର ମହାର୍ଘ ଗୀତିରେ ମହାକାଶର ମୁଁ ଉର୍ମି
ମହାଶତାବ୍ଦୀର ମହାଆଲୋକରେ ପକ୍ଷୀ ମୁଁ ମୁକ୍ତିକାମୀ।

ମେରୁ ପ୍ରାନ୍ତରୁ ମେରୁ ପ୍ରାନ୍ତକୁ ଉଡ଼ିଛି ଡେଣାକୁ ବାହି
ଏବେ ତ ଆଲୋକ ଡେଣାରେ ଉଡ଼ିବା ଆପେ ଶିଖିଅଛି ମୁହିଁ
ଉଜ୍ଜ୍ୱଳ ଜ୍ୟୋତି ଆଲୋକ ପକ୍ଷେ ଏକାକୀ ବିହାର ମୋର
ଆଲୋକର କ୍ଷୁଧା ଆଲୋକର ତୃଷ୍ଣା ତୀବ୍ରରୁ ତୀବ୍ରତର।

ଶୁଭ୍ର ଆଲୋକ ସାତବର୍ଣ୍ଣାଳୀ ପରତେ ମୁଁ ଯାଇନାହିଁ
ବର୍ଣ୍ଣବିଭାକୁ ଦୃଷ୍ଟିଦୋଷ ମୋ' ବର୍ଣ୍ଣ ବାରିବା ପାଇଁ,
ମହାସଂକେତ ସେତୁରେ ଆଲୋକ ଅଖଣ୍ଡ ସେଇ ଜ୍ୟୋତି
ଆଲୋକ ଡେଣାରେ ଉଡ଼ି ଆସିବାକୁ ଆହ୍ୱାନ ଦେଲା ନିତି।

ଯଦି ଦୃଷ୍ଟିର ଶାଣିତ ପ୍ରହରେ ଭେଟିବି ଆଲୋକ ଉତ୍ସ,
ମହାସନ୍ଧାନ ମୁଗ୍ଧ ନିଶା ମୋ' ଆଲୋକରେ ହେବ ଶେଷ।

*ସେ-ଏ, ପ୍ଲଟ୍-୯୪,*
*ମେଟ୍ରୋ ପଲିଟାନ କୋଅପରେଟିଭ୍ ସୋସାଇଟି,*
*କୋଲକତା-୭୦୦୧୦୫*
*ଦୂରଭାଷ: ୭୦୦୨୪୭୭୨୦୭*

# ଏକପଦୀ କବିତା

**ମମତାରାଣୀ ଦାସ**

ବୟସ ବଢ଼ିଲେ     ଖୁସି କମେ ନାହିଁ
ନିର୍ଭର ନିଜ ଉପରେ
ଖୁସି କମିଗଲେ     ବୟସ ବଢ଼ଇ
ଜାଣିବ ଅନୁଭୂତିରେ ॥

ପର ଉପକାର ପାଇଁ କାର୍ଯ୍ୟକଲେ
ସନ୍ତୋଷ ମିଳେ ମନରେ
ସମାଜ ମଙ୍ଗଳ     କାର୍ଯ୍ୟ ଦେଖି ଲୋକେ
ସମ୍ମାନ ଦ୍ୟନ୍ତି ଅପରେ ॥

ନିଜର ଜୀବନ     ତିଆରି କରିବା
ଅଟେ ଆମ ବ୍ୟକ୍ତିଗତ
ରାମ ଗଢ଼ିବ କି     ରାବଣ ଗଢ଼ିବ
ଦେଖିବ କାଳର ସ୍ରୋତ ॥

ସମସ୍ତଙ୍କ ଦୃଷ୍ଟି     ଆକର୍ଷଣ କରି
ଲୋକପ୍ରିୟ କେତେ ଜଣ
ନିଜ ବ୍ୟକ୍ତିତ୍ୱର     ଉପହାର ତାହା
ଚରିତ୍ରର ସୁଲକ୍ଷଣ ॥

ଅନ୍ୟ ହୃଦୟରେ     ସ୍ଥାନଟେ ପାଇବା
ଅଟଇ ବଡ଼ ଦୌଲତ
ସୁନା ରୂପା ହୀରା     ନେଇପାରିବନି
ଯିବ ତୁମେ ମୁକ୍ତ ହସ୍ତ ॥

ଅନ୍ୟ ସଫଳତା     ଦେଖି କେବେହେଲେ
ହୁଅ ନାହିଁ ଈର୍ଷାନ୍ୱିତ
ସ୍ୱୀକାର କରିଣ     ଶୁଭେଚ୍ଛା ଜଣାଅ
ପ୍ରେରଣା ବନିବ ସେ ତ ॥

ଧର୍ମର ଅଭାବ     ଦୁଃଖ ଦେଇଥାଏ
ସବୁ ବ୍ୟକ୍ତିଙ୍କ ମନରେ
ଧର୍ମର ପ୍ରଭାବ     ସୁଖ ଶାନ୍ତି ଦିଏ
ସମସ୍ତଙ୍କ ଜୀବନରେ ॥

*ମମତା ଭବନ, ଗହ୍ଲାରିଆ, କେନ୍ଦୁଝର-୭୫୮୦୦୧*
*ଦୂରଭାଷ: ୯୪୩୭୭୫୩୦୩୯*

# ମୋତେ ଦୁବଘାସଟିଏ କର

**ଡ. ସୁରେନ୍ଦ୍ର ନାଥ ପତି**

ମୋତେ କର ପ୍ରଭୁ କ୍ଷୁଦ୍ର ଦୁବଘାସଟିଏ
ପାହୁଚ ତଳେ ରହିବି; ଗୋଡ଼ଧୂଆ ପାଣି ପିଇ କରି ମୁଁ ଧୀରେ ବଢୁଥିବି।
ଲୋକେ ଚଢ଼ିଗଲେ, ଆଦୌ କାନ୍ଦିବିନି, ପାଦ ମୋର ଧୋଇଯିବ,
ଅତୀତର ଦୁଷ୍କର୍ମ, ଯୌବନର ଉଦ୍ଦାମତା, ଯୌନ ଉତ୍ପୀଡ଼ନ ମୋର କ୍ଷମାହେବ।
ଛାତ୍ର ଥିଲା ବେଳେ, ଅନ୍ୟକୁ ମୁଁ ଈର୍ଷାକଲି, ଚାକିରୀରେ କଲି ବାଦ,
ଯାର ଏହା ହେଲା, ସେ ଉପରକୁ ଉଠିଗଲା,ସହ୍ୟ କଲାନି ମୋ ଦେହ।
ସୁନ୍ଦରୀ ନାରୀଙ୍କ ପ୍ରତି ଲୋଭାସକ୍ତ ହୋଇ, ମନରେ କଲି ମୁଁ ଆଶ,
ବଦନାମ ମୁଣ୍ଡାଇ ଚୁପ୍ ରହିଲି ଏହା ମୋର ଭାଗ୍ୟଦୋଷ,
ଏତେ ଏତେ ଲୋକ ସାଧାରଣ ଭାବେ, ଚଳୁଛନ୍ତି ଦୁନିଆଁରେ
ମୋତେ କିଆଁ ଲୋଡ଼ା, ସୁଦୃଶ୍ୟ ପ୍ରାସାଦ, ଗାଡ଼ି ଘୋଡ଼ା
ମାନ ସମ୍ମାନ ସବୁଠାରେ।
ସନ୍ତାନମାନଙ୍କୁ ଭଗବାନ ସାହା, ନିଜ କର୍ମରେ ସେମାନେ ବ୍ୟସ୍ତ,
ମୋର ଶରୀର ଅସୁସ୍ଥ, ବିନା ସାହାଯ୍ୟରେ ଚାଲିପାରେନା,
କି ଲାଭ ଥାଇ ଏ ଗର୍ବ, ଗାରିମା ସବୁ ତୁଚ୍ଛ।
କବି, ସାହିତ୍ୟିକଙ୍କୁ ବଡ଼ ବୋଲି ଭାବେ, ସରସ୍ୱତୀଙ୍କର ଆଶୀର୍ବାଦ ପ୍ରାପ୍ତ।
ବୟସାଧିକ୍ୟ ହେବାରୁ ଲେଖିବାର ସ୍ପୃହା ରହୁନି,
କିପରି କଟିବ ଦିନ, ମୁଁ ଅଭିଶପ୍ତ।
ଦୁବ ଘାସ କର ପରଜନ୍ମରେ ମୋତେ,
ପାଇବି ଦେବତା' ଶିରେ ସ୍ଥାନ;
କଟୁ ଏ ଜୀବନ ଏପରି ହୋଇ ଦୀନହୀନ।

*ରେଣୁକା ଏନ୍‌କ୍ଲେଭ, ପୁରୀ*



# ଆକାଂକ୍ଷା

**ମାତୃପ୍ରସାଦ ଶତ୍ରୁଜିତ୍**

ପାରୁଛ ଯେତେ ଗାଳିଦିଅ ପଛେ
ମଥା ପାତି ସହିଯିବି ସବୁ,
ପଛରେ ନ ମାରି ଛୁରୀ
ଆଗରେ ଦିଅ ଗାଳି।
ଲୋଡ଼ା ନାହିଁ ମୋର ଆଞ୍ଜୁଳାଏ ସ୍ୱପ୍ନ
ଚାହେଁ କାଣିଚାଏ ତୁମରି ଘୃଣା
କଣ୍ଟାର ଆଘାତେ ଫୁଲର ପରଶ
କାହାକୁ ବା ଏହା ଅଜଣା ॥

ତୁମେ ମୋର ଅଧୀଶ୍ୱରୀ
ଚପଳଛନ୍ଦା ନାୟିକା,
ଯାହା ଶାଶ୍ୱତ ତାହା ହିଁ ସତ୍ୟ
ଆଉ ସବୁ ମାୟା ମରିଚୀକା ॥

ପ୍ରତୀକ୍ଷା କରିଥିବି ଆୟୁଷ ସରିବାଯାଏ
ସାକ୍ଷୀ ଏଇ ଗଛଲତା, ବନଭୂଇଁ
ତୁମେ ଆସୁଥିବ ମଳୟ ମହକେ
ଲାବଣ୍ୟବତୀ ରୂପ ନେଇ।

ଆଜି ପ୍ରକୃତି ପ୍ରେମମୟ
ଦ୍ରବୀଭୂତ ପୃଥ୍ୱୀ ଓ ଆକାଶ
ସବୁଠି ବର୍ଣ୍ଣମୟ ସୌନ୍ଦର୍ଯ୍ୟ
ଶବ୍ଦରେ ଶବ୍ଦରେ ଲେଖିହୋଇଯାଏ
କବିତାର ଧାଡ଼ି
ମୁଁ ସମ୍ମୋହିତ ହୁଏ
ତୁମ ମହାର୍ଘ ପ୍ରେମର ଅନୁଭବରେ।

ତୁମ ମନ ତଳକୁ ଛୁଇଁଦେଲେ
ମୁଁ ତରଳିଯାଏ ତୁମ ଶାଶ୍ୱତ ପ୍ରେମରେ
ଯେଉଁଠି ନ ଥାଏ ପାଇବାର ଇଚ୍ଛା
ଅବା ପ୍ରତିଦାନର ଆକାଂକ୍ଷା ॥

ତନ୍ମାତ୍ର

# ଆଗାମୀ ଓଡ଼ିଆ ଚଳଚ୍ଚିତ୍ର ସଂପର୍କରେ






**ଆଇ ଲଭ୍ ୟୁ-୨ :-**

୨୦୦୪ ରେ ବ୍ରଜରାଗ ମୁଭିଜ୍‌ରେ ମୁକ୍ତିଲାଭ କରିଥିଲା ସୁପର ଡୁପର ହିଟ୍ ଚଳଚ୍ଚିତ୍ର 'ଆଇ ଲଭ୍ ୟୁ'। ଏହାର ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ଚଳଚ୍ଚିତ୍ରଟି ସ୍ୱର୍ଗତ ବସନ୍ତ ନାୟକ, ସ୍ୱର୍ଗତ ହର ପଟ୍ଟନାୟକ, ସ୍ୱର୍ଗତ ସ୍ୱରୂପ ନାୟକ ଓ ସ୍ୱର୍ଗତ ଡ. ସୁବୋଧ ପଟ୍ଟନାୟକଙ୍କୁ ଉତ୍ସର୍ଗ କରି ବସନ୍ତ ନାୟକ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରଯୋଜକ ସଞ୍ଜୟ ନାୟକ (ଟୁଟୁ) ନୂତନ ଶୈଳୀରେ ନିର୍ମାଣ କରୁଛନ୍ତି 'ଆଇ ଲଭ୍ ୟୁ-୨'। କାହାଣୀ- ଟୁଟୁ ନାୟକ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା- ସୁଧାଂଶୁ ମୋହନ ସାହୁ, ସଙ୍ଗୀତ- ପ୍ରେମାନନ୍ଦ, ଗୀତ- ସ୍ୱର୍ଗତ ସ୍ୱରୂପ ନାୟକ, କ୍ୟାମେରା- ଦୀପକ। ପୂରା ଟିମ୍ କାଶ୍ମୀରରେ ୧୫ ଦିନ ରହି ୩୫ଟି ସିନ୍ ଓ ଦୁଇଟି ଗୀତ ସୁଟିଂ ସାରି ଫେରିଛନ୍ତି। ବ୍ରଜରାଜ ମୁଭିଜ୍ ନୂଆ ନୂଆ ନାୟକଙ୍କୁ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ସେହିପରି ୬ ଫୁଟ୍ ୪ ଇଞ୍ଚ ଲମ୍ବା ଚଉଡ଼ା ଆଦିତ୍ୟଙ୍କୁ ଟୁଟୁ ନାୟକ ସୁଯୋଗ ଦେଇଛନ୍ତି ଏହି ଚିତ୍ରରେ। ତାଙ୍କ ବିପକ୍ଷରେ ନବାଗତା ନାୟିକା ହିନ୍ଦୀ ଓ ତେଲୁଗୁ ଚିତ୍ରର ପ୍ରତିଷ୍ଠିତ ଅଭିନେତ୍ରୀ ଅପ୍‌ସରା ରାଣୀ। ଏମାନଙ୍କ ସହ ବବି ମିଶ୍ର, ସନ୍ତୁ, ମିତାଲି ସରଘରିଆ, ସୁନିଲ କୁମାର ପ୍ରମୁଖ ଅଭିନୟ କରୁଛନ୍ତି।

**ଖୋକା ଭାଇ ତୁମ ପାଇଁ:-**

କୁହୁ ସିନେ ଫିଲ୍ମସ ଓ ଭଦ୍ରା ମୋସନ ଷ୍ଟୁଡିଓର ମିଳିତ ଉଦ୍ୟମରେ ପ୍ରସ୍ତୁତ ହେଉଛି 'ଖୋକା ଭାଇ ତମ ପାଇଁ' ଚିତ୍ର। ପ୍ରଯୋଜକ- ଶୁଭେନ୍ଦୁ ସାହୁ, କାହାଣୀ ଓ ସଂଳାପ- ଭରଦ୍ୱାଜ ପଣ୍ଡା ଓ ମିତ୍ରଭାନୁ ମହାନ୍ତି, ଗୀତ ନିର୍ଦ୍ଦେଶନା- ଗୀତ ଓ ସଙ୍ଗୀତ- ସ୍ୱର୍ଗତ ଅକ୍ଷୟ ମହାନ୍ତି, ସଙ୍ଗୀତ ପରିଚାଳନା- ମିତ୍ରଭାନୁ ମହାନ୍ତି। ବିଭିନ୍ନ ଭୂମିକାରେ ସ୍ୱରାଜ ବାରିକ, ଅଙ୍କିତା ଦାଶ, ଶ୍ୱେତା ଆଚାର୍ଯ୍ୟ, ଉପାସନା ମହାନ୍ତି, ଶକ୍ତି ବରାଳ ପ୍ରମୁଖ।

**ଆଭା:-**

ଜଣେ ଭିନ୍ନକ୍ଷମ ଯୁବତୀର କାହାଣୀକୁ ନେଇ ସମୃଦ୍ଧ ହୋଇଛି ନୂଆ ଓଡ଼ିଆ ଚିତ୍ର 'ଆଭା'। ଏହାର ଶୀର୍ଷକ ଭୂମିକାରେ ନବାଗତା ସୋନା ଅଭିନୟ କରୁଛନ୍ତି। ତାଙ୍କ ସହ ଅନୁ ଚୌଧୁରୀ, କେଦାର ମିଶ୍ର, ଶ୍ୱେତା ଆଚାର୍ଯ୍ୟ ପ୍ରମୁଖ ଅଭିନୟ କରୁଛନ୍ତି। ପ୍ରଯୋଜକ ପ୍ରବୀର ମହାପାତ୍ର, ସଂଳାପ- ମୋହିତ ଚକ୍ରବର୍ତ୍ତୀ, ସଙ୍ଗୀତ- ଅଭିଜିତ ମଜୁମଦାର, ନିର୍ଦ୍ଦେଶନା- ପଲ୍ଲବ ରାୟ।

**ଅପରାହ୍ନର ସୂର୍ଯ୍ୟ:-**

ଅନନ୍ୟା ପ୍ରଡ଼କସନ ବ୍ୟାନରରେ ପ୍ରଯୋଜକ ଅଜୟ ମହାନ୍ତି ପ୍ରସ୍ତୁତ କରୁଛନ୍ତି ଏକ ଭିନ୍ନ ସ୍ୱାଦର ଚିତ୍ର 'ଅପରାହ୍ନର ସୂର୍ଯ୍ୟ'। ଏହାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନାରେ ନିଜେ ପ୍ରଯୋଜକ ଅଜୟ ମହାନ୍ତି ଅଛନ୍ତି। ମୁଣ୍ଡପୋତା କେଳା ସମ୍ପ୍ରଦାୟର ସଂଘର୍ଷକୁ ଏହି ଚିତ୍ରରେ ପ୍ରଦର୍ଶିତ କରାଯାଇଛି। ବିଭିନ୍ନ ଭୂମିକାରେ ଜୟା ସ୍ୱାମୀ, ପ୍ରମୋଦ ରାଉତ, କଳିଙ୍ଗ ଦାଶ, ମୁନମୁନ ଖୁଣ୍ଟିଆ, ଜାନକୀନାଥ ମିଶ୍ର, ଅଜୟ ମହାନ୍ତି, ସୁସନ୍ଧ୍ୟା, ନାରାୟଣ ମହାନ୍ତି ପ୍ରମୁଖ।

**ଭଗିଆ ଭାରିଯା:-**

ହରିବୋଲ ମିଡ଼ିଆ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମାଣ ହେଉଛି 'ଭଗିଆ ଭାରିଯା'। ପ୍ରଯୋଜକ- ଡ. ଭୀଷ୍ମ ରଥ ଓ ହରିହର ମହାପାତ୍ର, କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ- ହରିହର ମହାପାତ୍ର, ନିର୍ଦ୍ଦେଶକ- ମୃତ୍ୟୁଞ୍ଜୟ ସାହୁ, ସଙ୍ଗୀତ- ମଳୟ ମିଶ୍ର। ବିଭିନ୍ନ ଭୂମିକାରେ ହରିହର ମହାପାତ୍ର, ଦେବଯାନୀ, ବବି ମିଶ୍ର, ପୁପିନ୍ଦର, କାଳିଆ, ଭକ୍ତି, ଦେବୁ ବ୍ରହ୍ମା, ବ୍ରଜ ସିଂ, ତୃପ୍ତି ସିହ୍ନା ପ୍ରମୁଖ। ଗଣେଶ ପୂଜା ଅବସରରେ ମୁକ୍ତିଲାଭ କରିବ।

**ଲାଇଫ୍ ପାର୍ଟନର:-**

ବିଦିଶା କ୍ରାଫ୍ଟର ପରବର୍ତ୍ତୀ ଚିତ୍ର 'ଲାଇଫ୍ ପାର୍ଟନର' ସୁଟିଂ ଜାରି ରହିଛି। ପୂର୍ବରୁ ବିଦିଶା କ୍ରାଫ୍ଟର ବ୍ୟାନରରେ ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ଦୁଇଟି ଚିତ୍ର 'ହେ ରାମ' ଓ 'ୱାଇଫ୍' ମୁକ୍ତି ପ୍ରତୀକ୍ଷାରେ ଅଛି। 'ଲାଇଫ୍ ପାର୍ଟନର'ର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଓ ନିର୍ଦ୍ଦେଶନା ଦେଉଛନ୍ତି ସଂଗ୍ରାମ ମହାନ୍ତି। ସଙ୍ଗୀତ- ଶରତ ନାୟକ, ଭୂମିକାରେ- ଦୁଷ୍ମନ୍ତ ପଣ୍ଡା, ପୂର୍ଣ୍ୟତୋୟା ପାଣିଗ୍ରାହୀ, ଗୁଞ୍ଜନ, ଆୟନା, ପୃଥ୍ୱୀରାଜ ନାୟକ, ରାଜଶ୍ରୀ ବେହେରା, ରୂପାଲୀ, ଗୋପାଳ ପ୍ରମୁଖ।

*ସୌଜନ୍ୟ:- "ଚଳଚ୍ଚିତ୍ର ଜଗତ"*

ଖେଳ ଓ ଖେଳାଳୀ

# ୨୦୨୪ ଅଲିଂପିକ୍ - ପ୍ୟାରିସ

ବହୁ ଯାକଯମକରେ ଅଗଷ୍ଟ ୧୨ ତାରିଖରେ ସମାପ୍ତ ହୋଇଛି ବିଶ୍ୱ କ୍ରୀଡ଼ା ମହାକୁମ୍ଭ ପ୍ୟାରିସ ଅଲିମ୍ପିକ୍ସ - ୨୦୨୪। ଟୋକିଓଠାରେ ୨୦୨୨ ରେ ଅନୁଷ୍ଠିତ ହୋଇଥିବା ୨୦୨୦ ଅଲିଂପିକ୍‌ରେ ଭାରତ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ସହିତ ସମୁଦାୟ ୭ଟି ମେଡାଲ ପାଇଲାପରେ ଅଫୁରନ୍ତ ଉତ୍ସାହ ସହିତ ଏଥର ଅଲିଂପିକ୍ସରେ ଯୋଗ ଦେଇଥିଲେ ୧୧୦ ଜଣିଆ ଭାରତୀୟ ଖେଳାଳୀ ଦଳ। ଏଥି ମଧ୍ୟରେ ଥିଲେ ୬୫ ଜଣ ପୁରୁଷ ଓ ୪୫ ଜଣ ମହିଳା ପ୍ରତିଯୋଗୀ। ଯେଉଁମାନେ ଲଢ଼େଇ କରୁଥିଲେ ୬୯ଟି ପ୍ରତିଯୋଗିତାରେ ମେଡାଲ ନିମନ୍ତେ। ଏଇ ୬୯ଟି ଇଭେଣ୍ଟ ସଂପୃକ୍ତ ଥିଲା ୧୬ କ୍ରୀଡ଼ା ସହିତ। ସେଗୁଡ଼ିକ ହେଲା ତୀରନ୍ଦାଜୀ, ଦୌଡ଼କୁଦ, ବ୍ୟାଡ଼ମିଣ୍ଟନ, ମୁଷ୍ଟିଯୁଦ୍ଧ, କୁସ୍ତି, ଗୋଲ୍‌ଫ, ହକି, ଭାରୋତ୍ତଳନ, ଜୁଡ଼ୋ, ନୌ ଚାଳନା, ସନ୍ତରଣ, ଟେବୁଲ ଟେନିସ, ଟେନିସ, ବନ୍ଧୁକ ଚାଳନା, ଜଳ କ୍ରୀଡ଼ା, ପବନ ଚାଳିତ ନୌକା ଚାଳନା। ପୂର୍ବ ଅଲିଂପିକ୍‌ରେ ପଦକ ବିଜେତା ନିରଜ ଚୋପ୍ରା, ପି. ଭି. ସିନ୍ଧୁ, ମିରାବାଈ ଚାନୁ, ଇଭେଲିନା ବୋରଗୋହେନ ଏବଂ ହକି ଅଧିନାୟକ ହରମନପ୍ରିତ ଆଉ ଥରେ ଓହ୍ଲାଇଥିଲେ ପଦକ ଲଢ଼େଇ ପାଇଁ।

ଏଥର ଅଲିଂପିକ୍ସର ଉଦ୍‌ଘାଟନୀ ଉତ୍ସବରେ ଭାରତର ପତାକା ବାହକ ଭୂମିକା ତୁଲାଇଥିଲେ ପି. ଭି. ସିନ୍ଧୁ ଓ ଶରଦ କମଲ ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ପତାକା ବାହକ ଥିଲେ ମନୁ ଭାକର ଓ ଶ୍ରୀଜେଶ। ଗତଥର ଟୋକିଓରେ ଭାରତ ହାତେଇଥିଲା ୭ଟି ପଦକ ଯେଉଁଥିରେ ଅନ୍ତର୍ଭୁକ୍ତ ଥିଲା ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ। କୌଣସି ଅଲିଂପିକ୍ସରେ ଏହା ଥିଲା ଭାରତ ନିମନ୍ତେ ସର୍ବାଧିକ ପଦକ ବିଜୟ। ୧୧୪ ଜଣ ୧୮ଟି ଇଭେଣ୍ଟରେ ଅଂଶଗ୍ରହଣ କରି ସମୁଦାୟ ୭ଟି ଇଭେଣ୍ଟରେ ପଦକ ପାଇଥିଲେ। ଜାଭଲିନ୍ ଥ୍ରୋରେ ନିରଜ ଚୋପ୍ରା, ସ୍ୱର୍ଣ୍ଣ, ଭାରୋତ୍ତଳନରେ, ମୀରାବାଈ ଚାନୁ ଓ କୁସ୍ତିରେ ରବିକୁମାର ଦହିଆ ରୋପ୍ୟ ଏବଂ ମୁଷ୍ଟଯୁଦ୍ଧରେ ଇଭେଲିନା, ବ୍ୟାଡ଼ମିଣ୍ଟନରେ ସିନ୍ଧୁ, କୁସ୍ତିରେ ବଜରଙ୍ଗ ପୁନିଆ ଏବଂ ଭାରତୀୟ ହକି ଦଳ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଆଥଲେଟିକ୍ସରେ ପ୍ରଥମ ସ୍ୱର୍ଣ୍ଣ, ମହିଳା ଭାରୋତ୍ତଳନରେ ପ୍ରଥମ ପଦକ, ବ୍ୟାଡ଼ମିଣ୍ଟନରେ ପ୍ରଥମ ପଦକ ଭାରତ ପାଇଁ ଆସିଥିଲା ଅଲିଂପିକ୍ସ ଇତିହାସରେ। ଠିକ୍ ସେହିପରି ସେଥର ୪୨ ବର୍ଷ ପରେ ଭାରତ ପାଇଥିଲା ହକିରେ ଏକ ଅଲିଂପିକ୍ ପଦକ।

ଏଥର ପ୍ୟାରିସ୍ ଅଲିଂପିକ୍ସରେ କିନ୍ତୁ ୧୧୦ ଜଣ ୬୯ଟି ଇଭେଣ୍ଟରେ ଲଢ଼େଇ କରି ପାଇଥିଲେ ୬ଟି ପଦକ ମାତ୍ର ଚାରିଟି ବିଭାଗର ଇଭେଣ୍ଟରେ। ମନୁ ଭାକର, ସର୍ବୋଜିତ ସିଂହ ଓ ସ୍ୱପ୍ନିଲ କୁଶାଲେ ବନ୍ଧୁକ ଚାଳନାରେ ହାସଲ କରିଥିଲେ ୩ଟି ପଦକ। ଏଥି ମଧ୍ୟରୁ ମନୁ ଭାକର ପ୍ରଥମ ଭାରତୀୟ ମହିଳା ଭାବରେ ବନ୍ଧୁକ ଚାଳନାରେ ଦୁଇଟି ପଦକ ପାଇଥିଲେ। ନିରଜ ଚୋପ୍ରା ଏଥର ତାଙ୍କର ଗତଥରର ପାକିସ୍ତାନ ପ୍ରତିଦ୍ୱନ୍ଦୀଙ୍କ ଠାରୁ ପରାସ୍ତ ହେବା ଫଳରେ ସ୍ୱର୍ଣ୍ଣ ପଦକ ହରାଇ ରୌପ୍ୟ ପଦକ ପାଇଥିଲେ ଜାଭେଲିନ୍ ଥ୍ରୋରେ। ପୁରୁଷ ଫ୍ରି ଷ୍ଟାଇଲ କୁସ୍ତିରେ ଅମନ ଶେରାୱତ କାଂସ୍ୟ ପଦକ ଜିତି ଅଲିଂପିକ୍‌ରେ ସର୍ବକନିଷ୍ଠ ଭାରତୀୟ ପଦକ ବିଜେତା ହୋଇଥିଲେ। ଭାରତୀୟ ହକି ଦଳ ମଧ୍ୟ ପୂର୍ବ ଅଲିଂପିକ୍‌ରେ ଜିତିଥିବା କାଂସ୍ୟ ପଦକ ପୁନର୍ବାର ହାସଲ କରିଥିଲେ। ଏଇ ଭଳି ଭାବରେ ବହୁ ଆଶା ମଧ୍ୟରେ ମାତ୍ର ୬ଟି ପଦକ ପାଇଥିବାରୁ ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ନୈରାଶ୍ୟ ଖେଳି ଯାଇଥିଲା।

ଏଥର ଆଶା କରାଯାଇଥିଲା ନିଜ ଫର୍ମକୁ ଅକ୍ଷୁର୍ଣ୍ଣ ରଖିଥିବା। ଭାରତୀୟ ହକି ଦଳ ଫାଇନାଲ୍ ଖେଳି ସ୍ୱର୍ଣ୍ଣ କିମ୍ବା ରୌପ୍ୟପଦକ ପାଇବ। କିନ୍ତୁ ଦୁର୍ଭାଗ୍ୟଜନକ ଭାବରେ ଜର୍ମାନୀଠାରୁ ପରାସ୍ତ ହୋଇଥିଲା। ସେମିଫାଇନାଲରେ ଭାରତୀୟ ଦଳ। ଠିକ ସେଇଭଳି ନିରଜ ଚୋରାଙ୍କ ଠାରୁ ପୁନରାୟ ସ୍ୱର୍ଣ୍ଣ ଆଶା କରାଯାଇଥିଲା ବେଳେ ତାଙ୍କର ପାକିସ୍ତାନ ପ୍ରତିଦ୍ୱନ୍ଦୀ ଅତି ଚମତ୍କାର ପ୍ରଦର୍ଶନ ଦ୍ୱାରା ତାଙ୍କୁ ପଛରେ ପକାଇଦେଇଥିଲେ। ପି. ଭି. ସିନ୍ଧୁଙ୍କ ଓ ଲକ୍ଷ ସେନଙ୍କ ଠାରୁ ମଧ୍ୟ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ପଦକ ଆଶା କରାଯାଇଥିଲା ବେଳେ ଦୁର୍ଭାଗ୍ୟଜନକ ଭାବରେ ଉଭୟେ କାଂସ୍ୟ ପଦକ ମ୍ୟାଚ୍‌ରେ ମଧ୍ୟ ହାରିଯାଇ ପଦକ ବିହୀନ ହୋଇ ଫେରିଥିଲେ। ଲଭଲିନା ବୋରଗନ, ମୀରାବାଈ ଚାନୁଙ୍କ ଠାରୁ ଅନ୍ୟୁନ ଗୋଟିଏ ଲେଖାଏଁ ପଦକ ଆଶା କରାଯାଉଥିଲା ବେଳେ ଉଭୟେ ଚତୁର୍ଥ ସ୍ଥାନରେ ରହିଯାଇଥିଲେ। ରେକର୍ଡ଼ ସଂଖ୍ୟକ ତିନୋଟି ପଦକ ପାଇବାରୁ ଅଳ୍ପକେ ବଂଚିତ ହୋଇଥିଲେ ମନୁ ଭାକର ଚତୁର୍ଥ ସ୍ଥାନରେ ଅଟକି ଯାଇ। ଏସବୁ ମଧ୍ୟରେ ସବୁଠାରୁ ଦାରୁଣ ଧକ୍କା ଥିଲା କୁସ୍ତି ଫାଇନାଲରେ ପ୍ରବେଶ କରିଥିବା ଦିନେଶ ଫୋଗଟଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ଦ୍ୱାରା। ଏହା ଏକ ବିବାଦୀୟ ବିଷୟ ହୋଇଯାଇଥିଲେ ମଧ୍ୟ ଭିନେଶଙ୍କ ସପକ୍ଷରେ ବିଚାର ପାଇନଥିବାରୁ




ସେଇ ପଦକଟି ଭାରତ ଠାରୁ ଖସିଯାଇଥିଲା। ଏଇଭଳି ଦେଖିବାକୁ ଗଲେ ୬ଟି ପଦକରୁ ଅଳ୍ପକେ ଓ ଦୁର୍ଭାଗ୍ୟଜନକ ଭାବରେ ବଂଚିତ ହୋଇଥିଲା ଭାରତ। ପଦକ ତାଲିକାରେ ଗତଥର ସାତଟି ପଦକ ସହ ୪୮ ସ୍ଥାନରେ ଥିଲା ବେଳେ ଏଥର ସ୍ୱର୍ଣ୍ଣପଦକ ବିହୀନ ୬ଟି ପଦକ ସହିତ ୭୧ତମ ସ୍ଥାନ ଥିଲା ଭାରତର ପଦକ ତାଲିକାରେ। ଭାରତ ହୁଏତ ଦୁଇଟି ସ୍ୱର୍ଣ୍ଣ, ଚାରିଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ସହିତ ଏଇ ଅଲିଂପିକ୍‌ରୁ ଫେରିଥାଆନ୍ତା କିନ୍ତୁ ତାହା ନହେବା ଅତ୍ୟନ୍ତ ଦୁଃଖଦାୟକ ଥିଲା।

ତେବେ ଶେଷରେ ଏତିକି କୁହାଯାଇପାରେ ଯେ କ୍ରୀଡ଼ା କ୍ଷେତ୍ରରେ ଭାରତର ଅଗ୍ରଗତି ଉଲ୍ଲେଖଯୋଗ୍ୟ। ଏଇ ଚେଷ୍ଟା ଜାରି ରହିଲେ ଆଇ ଦୁଇଟି ଅଲିଂପିକ ପରେ ଭାରତ ଶ୍ରେଷ୍ଠ ୨୦ଟି ଦଳରେ ସ୍ଥାନ ପାଇବାର ଆଶା କରାଯାଇପାରେ।

An unit of
MAGNUM
Shoppers Club (P) Ltd

S & SSAC
S & SS Associates & Consultancy
( A unit of Magnum Shoppers Club Pvt. Ltd. )
A single window consultancy service in multiple fields to support and assist you



- To prepare Concept note & Project Report
- To take your Project Forward
- To know the Legal status of Land & Property
- In all matters related to Land & Real Estate
- For various approvals.
- To handle environment and mines related issues
- For Shipment and Logistic Solutions
- For Branding, Market Research & Marketing Solutions.
- With Legal consultancy
- In Insurance Solutions & Initiatives
- For Perfect Liasioning
- On Financial Management & Taxation Matters

*Contact for further details:*
*Mob.: + 91 94370 31392, Landline: +91 674 2393692*
*Email: sssassociatesss@gmail.com*
*Second Floor, A-29/1, Kharvel Nagar, behind OSCARD Bank, Jawaharlal Nehru Marg, Unit-III, Bhubaneswar*

ଜ୍ୟୋତିଷ ବିଚାର




# ମାସିକ ରାଶିଫଳ

## (ତା: ୧୫/୯/୨୦୨୪ ରୁ ତା: ୧୪/୧୦/୨୦୨୪)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ



**ମେଷ:-** ମାସଟି ଆପଣଙ୍କୁ କେତେକ ଶୁଭଫଳର ବଧାଇଦେବ। ପୂର୍ବ ତୁଳନାରେ ଶାନ୍ତି ଓ ସ୍ଥିରତା ବଜାୟ ରହିବ। ଶତୃବାଧା ପ୍ରଶମିତ ହେବା ଫଳରେ ମାନସିକ ସ୍ଥିରତା ଓ ଉତ୍ସାହ ପରିଲକ୍ଷିତ ହେବ। କର୍ମପଥର ଗତି ବୃଦ୍ଧି ସହିତ ନୂତନ କର୍ମ ଯୋଜନାରେ ପ୍ରବୃଦ୍ଧି ହେବେ। ପୂର୍ବର କେତେକ ଅସଂପୂର୍ଣ୍ଣ କାର୍ଯ୍ୟର ପୂର୍ଣ୍ଣତା କରିବାର ମନୋବଳ ଜାଗରିତ ହେବ। ଚେଷ୍ଟା ଚରିତ୍ର ଯୋଗେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା କଷ୍ଟକର ହେବ ନାହିଁ। ହିତୈଷୀମାନଙ୍କ ପ୍ରେରଣା ଲାଭକରି ଉତ୍‌ଫୁଲ୍ଲିତ ହୋଇପାରନ୍ତି। ସାମାଜିକ ସ୍ତରରେ ଉଚ୍ଚମନ୍ୟତାର ପଦାରୁଢ଼ ହେବେ। ବେପାର ବାଣିଜ୍ୟରେ ପଛକୁ ଫେରି ଚାଲିବାର ନାହିଁ। ଆର୍ଥୀକ ଦିଗ ଦୁର୍ବଳ ହେବନାହିଁ। ଋଣ କରଜ ପରିଶୋଧ କରିବା ନିମିତ୍ତ ସମର୍ଥ ହେବେ। ବିବାଦୀୟ କ୍ଷେତ୍ରରେ ହାରିଯିବେ ନାହିଁ। ଭ୍ରମଣ ଜନିତ ସୁଖ ପାଇବେ। ବନ୍ଧୁ ଦର୍ଶନ ସାଙ୍ଗକୁ ବନ୍ଧୁ ମିଳନର ଯୋଗ ଅଛି। କର୍ମକ୍ଷେତ୍ର ପ୍ରତି ଉତ୍ତମ ସମୟ। ନିର୍ମାଣ କାର୍ଯ୍ୟ ଚାଲୁ ରହିବ। ବିଶେଷ ଧରଣର ଅଣ୍ଡାଦୋଷ ଓ ଦୃଷ୍ଟିଦୋଷର ଶିକାର ହେବେ। ପାରିବାରିକ ବିଶୃଙ୍ଖଳା ଉପୁଜିବ ନାହିଁ। ମହିଳାମାନେ ନିଜ ସ୍ଥିତିରେ ଦୃଢ଼ ରହି ଅନ୍ୟମାନଙ୍କ ପ୍ରତି କର୍ତ୍ତବ୍ୟ ପରାୟଣା ହେବେ। ହାତରେ ଦୁଇ ପଇସା ରହିବ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟ ପଥରେ ଆଗୁସାର ହେବେ। ଅଶୁଭ ଦିବସ:- ୨୩, ୨୪, ୨୯, ୩୦, ୧ ଅଷ୍ଟମଚନ୍ଦ୍ର:- ୭, ୮ ଘାତଚନ୍ଦ୍ର:- ୨୧, ୨୨ ବାକିଦିନ ଶୁଭ।



**ବୃଷ:-** ଶୁଭାଶୁଭ ମିଶ୍ରିତ ଫଳ ପ୍ରଦାନ ମାଧ୍ୟମରେ ମାସଟି ଅତିବାହିତ ହେବ। ମାସର ଶେଷ ଭାଗରେ ମାନସିକ ଅବସାଦ ଦେଖା ଦେଇପାରେ। କର୍ମକ୍ଷେତ୍ରରେ ଶୁଭାଶୁଭକୁ ନେଇ କର୍ମ ପଥରେ ଗତି ଚାଲୁ ରଖିବେ। କର୍ମ ବିଳମ୍ବିତ ହେଲେବି ଅଟକି ଯିବାର ଆଶଙ୍କା ନାହିଁ। ଉତ୍ତମ ବିଚାରଧାରାକୁ ପାଥେୟ କରି ସମୟ ଅତିକ୍ରାନ୍ତ କରିବେ। ଛୋଟ ମୋଟ ଭାବେ କର୍ମ ହାତରେ ରହିବ। ଆଧାତ୍ମିକ ଦିଗକୁ ମନ ବଳିବ। ଲକ୍ଷ୍ୟସ୍ଥଳରେ ସାମାନ୍ୟ ବିଳମ୍ବରେ ପହଞ୍ଚିବାରେ ବାଧା ନାହିଁ। ଦେବତା ତଥା ଗୁରୁଜନମାନଙ୍କ ଆଶୀର୍ବାଦ ଚଲାପଥକୁ ସହଜ ସରଳ କରିବ। ଉପରିସ୍ଥ ମାନଙ୍କ ସନ୍ତୁଷ୍ଟି ବହୁ କ୍ଷେତ୍ରରେ ଲାଭବାନ କରାଇବ। ସାମାଜିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ବେପାର ବାଣିଜ୍ୟରେ କଠିନ ପରିଶ୍ରମର ଆବଶ୍ୟକତା ଲୋଡ଼ା। ଆର୍ଥୀକ ଦିଗ ବିଚାରକଲେ ଆୟ ରକ୍ଷାହେବାର ନାହିଁ ମାତ୍ର ଆୟ ତୁଳନାରେ ବ୍ୟୟର ପରିମାଣ ଅଧିକ ହେବ। ମାନସିକ ସ୍ତରରେ ସନ୍ତୁଳିତ ହୋଇପାରନ୍ତି। ଗୃହରେ ବନ୍ଧୁମିଳନର ଯୋଗ ଅଛି। ଦୂର ଭ୍ରମଣରେ ଆନନ୍ଦ ମିଳିବ। ପେଟଦୋଷ ଓ ଅଣ୍ଡାଦୋଷ ସାଙ୍ଗକୁ ବାତରୋଗ ଦେଖାଦେବ। ପାରିବାରିକ ଜୀବନ ଅଶାନ୍ତକର ହେବନାହିଁ। ଭବିଷ୍ୟତର ଯୋଜନାରେ ମନୋନିବେଶ କରିବେ। ମହିଳାମାନେ ଗୃହ ସଜ୍ଜା ତଥା ଭବିଷ୍ୟତର ରୂପରେଖ ସୃଷ୍ଟି କରିବାରେ ମନୋନିବେଶ କରିବେ। ବିଦ୍ୟାର୍ଥୀମାନେ କଠିନ ପରିଶ୍ରମକୁ ଅନାଗ୍ରହ ମଣିବେ।

ଅଶୁଭ ଦିବସ:- ୨୫, ୨୬ ଅଷ୍ଟମଚନ୍ଦ୍ର:- ୯, ୧୦ ଘାତଚନ୍ଦ୍ର:- ୨, ୩ ବାକିଦିନ ଶୁଭ।



**ମିଥୁନ:-** ଆପଣଙ୍କ ପକ୍ଷେ ଚଳିତ ମାସଟି ଅନୁକୂଳପ୍ରଦ ହେବାର ସୂଚନା ପ୍ରଦାନ କରୁଛି। ପ୍ରାୟ ପ୍ରତ୍ୟେକ ଦିଗରେ ଆଗୁଆ ରହିବା ସଙ୍ଗେ ସଙ୍ଗେ କର୍ମକ୍ଷେତ୍ରରେ ନୂତନ ମନୋବଳ ଓ ଉତ୍ସାହର ସହିତ ଆଗେଇବେ। ଶତୃମାନେ ଦୁର୍ବଳ ହୋଇପଡ଼ିବା ଯୋଗେ ଅହେତୁକ ଭୟ ହ୍ରାସ ପାଇବ। ସରକାରୀ କଳରୁ ଆବଶ୍ୟକୀୟ ସୁବିଧା ସୁଯୋଗ ହାତେଇବାରେ ଅସଫଳ ହେବେନାହିଁ। ବକେୟା କର୍ମକୁ ପୂର୍ଣ୍ଣାଙ୍ଗ କରିବାରେ ଯଥାସମ୍ଭବ ଚେଷ୍ଟା ଜାରିରଖିବେ। ବେଳେବେଳେ ଅଯଥା କର୍ମରେ ମୁଣ୍ଡ ଖେଳାଇ ଦିକ୍‌ଦାର ହୋଇପାରନ୍ତି। ବେପାର ବାଣିଜ୍ୟରେ ପୂର୍ବ ତୁଳନାରେ ଅଧିକ ଆଗ୍ରହ ଓ ଶ୍ରମ ବିନିଯୋଗ କରି ସଫଳକାମ ହେବେ। ସାମାଜିକ ସ୍ତରରେ ଆତ୍ମ ସମ୍ମାନପ୍ରତି ବାଧକ ହେବାଭଳି ପରିବେଶ ସୃଷ୍ଟି ହେବନାହିଁ। ଆର୍ଥୀକ ଦିଗରେ କୁହାଯାଇପାରେ ଟଙ୍କା ପଇସା ଦେଣନେଣ ପ୍ରତି ସତର୍କତା ଅବଲମ୍ବନୀୟ। ନିର୍ମାଣ କାର୍ଯ୍ୟ ଓ ନୂତନ ଦ୍ରବ୍ୟ କ୍ରୟ ନିମିତ୍ତ ଆଗଭର ହେବେ। ଆତ୍ମାର ଆତ୍ମୀୟମାନେ ସହଯୋଗର ହାତ ବଢ଼ାଇବେ। ଆତ୍ମ ସମୀକ୍ଷା ଆବଶ୍ୟକ। ଗଣ୍ଠିରୋଗ

ଓ ଚକ୍ଷୁରୋଗ ପ୍ରତି ଧ୍ୟାନଦେବା ଆବଶ୍ୟକ। ପାରିବାରିକ ଜୀବନରେ ଉତ୍ତମ ସହଯୋଗ ଲାଭକରି ସନ୍ତୁଷ୍ଟ ହେବେ। ମହିଳାମାନେ ଆଳସ୍ୟ ପରାୟଣା ହେଲେବି କର୍ତ୍ତବ୍ୟ କର୍ମରେ ହେଳା କରିବେ ନାହିଁ। ବିଦ୍ୟାର୍ଥୀମାନେ ପ୍ରତିଯୋଗୀତାମୂଳକ ମନୋବୃତ୍ତି ଗ୍ରହଣ କରିବେ।

ଅଶୁଭ ଦିବସ:- ୨୭, ୨୮ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୨, ୧୩ ଘାତଚନ୍ଦ୍ର:- ୧୭, ୧୮, ୧୪ ବାକିଦିନ ଶୁଭ।



**କର୍କଟ:-** ମାସଟି ଆପଣଙ୍କୁ ଶୁଭାଶୁଭ ମିଶ୍ରିତଫଳ ଦେବ। ମାସର ଶେଷାର୍ଦ୍ଧରେ ଶୁଭଫଳର ପରିମାଣ ପୂର୍ବ ତୁଳନାରେ ଅଧିକ ହେବ। ଧୈର୍ଯ୍ୟ, ଧର୍ମ ଓ କର୍ତ୍ତବ୍ୟ ପରାୟଣତାକୁ ପ୍ରାଧାନ୍ୟ ଦେଇ ଅଶାନ୍ତି ଓ ଅଶୁଭଫଳର ମାତ୍ରା ହ୍ରାସ ଘଟାଇପାରନ୍ତି। କର୍ମର ଗତି ସାମାନ୍ୟ ବିଳମ୍ବିତ ହେଲେବି ବିଡ଼ମ୍ବିତ ହେବାର ନାହିଁ। ଯୋଜନାବଦ୍ଧତା ପ୍ରତି ଦୂରଦୃଷ୍ଟି ଦେଲେ ପଶ୍ଚାତାପ ଭଳି ଦୁଶ୍ଚିନ୍ତା ଉପଗତ ହେବନାହିଁ। ଭାବପ୍ରବଣତା ଠାରୁ ନିଜକୁ ସଂଯତ କରିବା ଆବଶ୍ୟକ। ଶତ୍ରୁମାନଙ୍କ ପ୍ରତି ସଜାଗ ହେବାକୁ ପଡ଼ିବ। ବେପାର ବାଣିଜ୍ୟରେ ଉତ୍ତମ ବିଚାର ବିମର୍ଶ ଦ୍ୱାରା ଆଗେଇବାକୁ ପଡ଼ିବ। ସାମାଜିକ ସ୍ତରରେ ତଳକୁ ପଡ଼ିଯିବାର ନାହିଁ। ଆର୍ଥୀକ ଦିଗ ମଧ୍ୟମ ଧରଣର ରହିବ। ପରିବାରରେ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ଚିନ୍ତିତ କରାଇପାରେ। ଗଠନମୂଳକ କାର୍ଯ୍ୟରେ ଆଗକୁ ଆଗକୁ ମାଡ଼ିଚାଲିବେ। ଗୃହରେ ଉତ୍ସବର ପଦଧ୍ୱନି ଶୁଣାଯାଇପାରେ। ସୌଖୀନ ଦ୍ରବ୍ୟ ପ୍ରତି ଆଗ୍ରହ ବୃଦ୍ଧିପାଇବ। ଥଣ୍ଡାଦୋଷ ସାଙ୍ଗକୁ ଗଣ୍ଠିଦରଜ ଓ ପେଟରୋଗ ଦେଖାଦେବ। ପାରିବାରିକ ସ୍ଥିତି ଅଣାୟତ୍ତ ହେବନାହିଁ। ମହିଳାମାନେ ବଚନ କୁଶଳତା ଓ ତ୍ୟାଗ ଯୋଗେ ଅନ୍ୟମାନଙ୍କର ଆଦରଣୀୟା ହେବେ। ପରିଚାଳନା କ୍ଷେତ୍ରରେ ଦକ୍ଷତା ବୃଦ୍ଧିପାଇବ। ଭୋଗ ବିଳାସର ଯୋଗ ଅଛି। ବିଦ୍ୟାର୍ଥୀମାନେ ଯଥା ସମ୍ଭବ ଆଗେଇବାରେ ବାଧା ନାହିଁ।

ଅଶୁଭ ଦିବସ:- ୧୯, ୨୦, ୪, ୫, ୬ ଅଷ୍ଟମଚନ୍ଦ୍ର:- ୧୭, ୧୮, ୧୪ ଘାତଚନ୍ଦ୍ର:- ୨୯, ୩୦, ୧ ବାକିଦିନ ଶୁଭ।



**ସିଂହ:-** ପୂର୍ବ ତୁଳନାରେ ମାସଟି ଆପଣଙ୍କ ନିମିତ୍ତ ଆରାମପ୍ରଦ ହେବ। କର୍ମରେ ଉନ୍ନତି ସାଙ୍ଗକୁ ମନରେ ଉତ୍ସାହ ଭରିଯିବା କାରଣରୁ ଶାନ୍ତି ପ୍ରାପ୍ତ ହେବେ। ଉପରିସ୍ଥମାନଙ୍କ ପ୍ରେରଣା ପାଇ କର୍ମ ସଂପାଦନ ନିମନ୍ତେ ଆଗଭର ହେବେ। ଅଟକିଥିବା କର୍ମର ଗତି ବୃଦ୍ଧି ପାଇବ। ନିଜଲୋକମାନଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବାରେ ବାଧା ନାହିଁ। ଅଧିକ ଦୌଡ଼ଧୂପ ଲାଗି ରହିଲେବି କର୍ମରେ ସାଫଲ୍ୟତା ପ୍ରାପ୍ତିଯୋଗେ ପରିଶ୍ରମର କ୍ଳେଶ ପାଶୋରି ନେବେ। ଗୋଡ଼ଟଣା ଲୋକଙ୍କର ଅଭାବ ରହିବନାହିଁ। ସମସ୍ତ ପ୍ରକାରର ନକାରାତ୍ମକ ପରିବେଶକୁ ଏଡ଼ାଇ ଦେଇ ଆଗକୁ ଅଗ୍ରସର ହେବେ। ସାମାଜିକ ସ୍ତରରେ ସ୍ଥାନ ମାନ ପ୍ରତି ବିଘଟନ ଘଟିବାର ନାହିଁ। ବେପାର ବାଣିଜ୍ୟରେ ପୂର୍ବ ତୁଳନାରେ ସୁଧାର ଆସିବାର ସମ୍ଭାବନା ଅଧିକ। ଅର୍ଥ କାରବାରରେ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ଅଛି। ବେଳେବେଳେ ମନର କଥା ଅନ୍ୟ ଆଗରେ ପ୍ରକାଶ କରିନହେବା କାରଣରୁ ଅସନ୍ତୋଷ ବୋଧ ହେବ। ଦେବ ଦର୍ଶନ ଓ ଭ୍ରମଣ ଯୋଗ ଅଛି। ଦେହ ଅପେକ୍ଷା ମଝିରେ ମଝିରେ ମନୋପୀଡ଼ା ଦେଖାଦେବ। ଯୋଗେ ବାତ ପ୍ରକୁପିତ ରୋଗର ଶିକାର ହେବେ। ପରିବାରରୁ ସହଯୋଗ ମିଳିବ। ମହିଳାମାନେ ଅନ୍ୟମାନଙ୍କ ନିମିତ୍ତ ଚିନ୍ତିତ ହୋଇପାରନ୍ତି। ଆରାମ ସମୟର ଅଭାବ ଘଟିବ। ବିଦ୍ୟାର୍ଥୀମାନେ ପରିଶ୍ରମ ଦ୍ୱାରା ଆଶାଜନକ ସଫଳତା ହାସଲ କରିବେ।

ଅଶୁଭ ଦିବସ:- ୨୧, ୨୨, ୨, ୩, ୭, ୮ ଅଷ୍ଟମଚନ୍ଦ୍ର:- ୧୯, ୨୦ ଘାତଚନ୍ଦ୍ର:- ୧୫, ୧୬, ୧୨, ୧୩ ବାକିଦିନ ଶୁଭ।



**କନ୍ୟା:-** ଶୁଭାଶୁଭ ମିଶ୍ରିତଫଳ ବହନ କରି ମାସଟି ଅତିକ୍ରାନ୍ତ ହେବ। ମଝିରେ ମଝିରେ ପ୍ରତିକୂଳ ଅବସ୍ଥା ଦୋହଲାଇ ଦେଇପାରେ। ମାସର ଶେଷ ଭାଗରେ ଶୁଭଫଳର ଆଗମନ ଯୋଗେ ଆଶ୍ୱସ୍ତ ହେବେ। ଦୃଢ଼ ମନୋବଳ ଓ ଅଦମ୍ୟ ସାହାସ ଖଟାଇ ଚିତ୍ତ ବୈକଲ୍ୟକୁ ଆୟତ୍ତରେ ରଖିବେ। କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଲେବି ତାହା ଦୈବୀକୃପା ଯୋଗେ ଅପସାରିତ କରି ଆଗେଇ ଚାଲିବେ। କର୍ମ କ୍ଷେତ୍ରରେ ଗତାନୁଗତିକତା ବଜାୟ ରହିବ। ଗୁପ୍ତ ଶତ୍ରୁମାନେ ତଥା ଗୃହ ଶତ୍ରୁମାନେ ବେଳଉଣ୍ଡି ହଇରାଣ କରିବାକୁ ଚେଷ୍ଟା କରିପାରନ୍ତି। ବିବାଦୀୟ କ୍ଷେତ୍ରରେ ନିଜକୁ ଦୃଢ଼ଭାବେ ରଖିବାରେ ସମର୍ଥ ହେବେ। ସାମାଜିକ କ୍ଷେତ୍ରରେ ପତିଆରା ଊଣା ହେବନାହିଁ। ବେପାର ବାଣିଜ୍ୟ ପ୍ରତି ଆଶଙ୍କା କରିବାର ନାହିଁ। ସମୟାନୁବର୍ତ୍ତିତା ଯୋଗେ ପରିବେଶକୁ ନିଜ ସପକ୍ଷରେ ନେବେ। ଧନଭାବ ସଙ୍କୁଚିତ ହେବନାହିଁ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ଦେବ ଦର୍ଶନ ଯୋଗ ଅଛି। ପିତ୍ତଦୋଷ ଓ ଗଣ୍ଠି ଯନ୍ତ୍ରଣା ଅନୁଭୂତ ହେବ। ଦୁର୍ବଳତାର ଶିକାର ହେବେ। ପାରିବାରିକ ସ୍ଥିତି ଆବିଳ ହେବନାହିଁ। ମହିଳାମାନେ ଆଶାପୋଷଣ କରି ନିରାଶ ହେବେ ନାହିଁ। ମନର କଥା ମନରେ ମାରିବାକୁ ପଡ଼ିବ। ଗୃହରେ ମୁଖ୍ୟ ଭୂମିକା ନିର୍ବାହ କରିବେ। ବିଦ୍ୟାର୍ଥୀମାନେ ବାଧାବିଘ୍ନକୁ ଏଡ଼ାଇ କର୍ତ୍ତବ୍ୟରେ ଆଗେଇବେ।

ଅଶୁଭ ଦିବସ:- ୨୩, ୨୪, ୯, ୧୦, ୧୧ ଅଷ୍ଟମଚନ୍ଦ୍ର:- ୨୧, ୨୨ ଘାତଚନ୍ଦ୍ର:- ୨୫, ୨୬ ବାକିଦିନ ଶୁଭ।



**ତୁଳା:-** ମାସଟି ଆପଣଙ୍କୁ ଉତ୍ସାହିତ କରି କର୍ମ ସଂପାଦନରେ ପ୍ରେରଣା ପ୍ରଦାନ କରିବ। ମାସର ଆରମ୍ଭରୁ କିଛିଟା ନକାରାତ୍ମକ ଚିନ୍ତାଧାରା ଦେଖାଦେଲେବି ତାହା ଅଚିରେ ଉଭେଇଯାଇ ସୁଖକର ଘଟଣାମାନ ସାମନାକୁ ଆସିବ। ଅନେକ ଗୁଡ଼ିଏ କାର୍ଯ୍ୟର ରୂପାୟନ କରିବାରେ ସମର୍ଥ ହେବେ। ଉତ୍ସାହିତ ହେବା ଯୋଗେ କର୍ମ ଜନିତ କ୍ଳାନ୍ତି ଓ ବିଷାଦକୁ ଅନୁଭବ କରିବାର ଅବସାଦ ଘେରିବ ନାହିଁ। ଉପରିସ୍ଥମାନଙ୍କ ଉତ୍ତମ ପରାମର୍ଶ ଏବଂ ଆତ୍ମୀୟମାନଙ୍କ ଆନ୍ତରିକ ସହଯୋଗ ଲାଭକରି ସନ୍ତୋଷ ପ୍ରାପ୍ତ ହେବେ। ନୂତନ ଦାୟିତ୍ୱ ବହନ କରି ସେଗୁଡ଼ିକର ସୁଚାରୁ ପରିଚାଳନା କରିବେ। ସାମାଜିକ


ଭାବମୂର୍ତ୍ତି କ୍ରମବର୍ଦ୍ଧନ ହେବ। ସମାଜ ମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରି କିଛି ଲୋକଙ୍କର ପ୍ରଶଂସାର ପାତ୍ର ହେବ। ବାଣିଜ୍ୟିକ କ୍ଷେତ୍ରରେ ସଫଳତା ପ୍ରାପ୍ତି ନିଶ୍ଚିତ। ଆର୍ଥୀକ ଉନ୍ନତିରେ ଆନନ୍ଦ ପାଇବେ। ବିବାଦୀୟ କ୍ଷେତ୍ରରୁ ସହଜରେ ମୁକୁଳିଯିବାର ସମ୍ଭାବନା ଅଛି। ଦେବତା ଓ ଗୁରୁଜନ ମାନଙ୍କର ଆଶୀର୍ବାଦ ପ୍ରାପ୍ତ ହେବେ। ଗୃହ ଉତ୍ସାହ ମୁଖରିତ ହେବ। ବାୟୁ ବିକାର ଓ ଗଳାନାସା କର୍ଣ୍ଣ ରୋଗର ବିଲକ୍ଷଣ ଦେଖାଦେବ। ପାରିବାରିକ ଶାନ୍ତି ବ୍ୟାହତ ହେବାର ନାହିଁ। ମହିଳାମାନେ ଆମୋଦ ପ୍ରମୋଦ ମଧ୍ୟରେ ଦିନ ବିତାଇବେ। ମନର ଅଭିଳାଷ ପୂରଣ ହେବ। ବିଦ୍ୟାର୍ଥୀମାନେ ଦୁଶ୍ଚିନ୍ତାର ଶିକାର ହେବେ ନାହିଁ।

ଅଶୁଭ ଦିବସ:- ୧୫, ୧୬, ୨୫, ୨୬, ୧୨, ୧୩ ଅଷ୍ଟମଚନ୍ଦ୍ର:- ୨୩, ୨୪ ଘାତଚନ୍ଦ୍ର:- ୯, ୧୦, ୧୧ ବାକିଦିନ ଶୁଭ।



**ବିଛା:-** ଗ୍ରହମାନଙ୍କ ସ୍ଥିତି ଆକଳନ କଲେ ଅନୁସୂଚିତ ହୁଏ ଯେ ଚଳିତ ମାସଟି ଆପଣଙ୍କ ନିମିତ୍ତ ଶୁଭ ପ୍ରଦାୟକ ହୋଇ କର୍ମକ୍ଷେତ୍ରରେ ଦ୍ରୁତଗତି ଧାରଣ ପୂର୍ବକ ଇପ୍ସିତ କାର୍ଯ୍ୟ ସମାହିତ କରିବାରେ ସମର୍ଥ ହେବେ। ସରକାରୀ କଳରୁ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ପାଇବାରୁ ବଞ୍ଚିତ ହେବେ ନାହିଁ। ମୁଣ୍ଡ ଉଠାଉଥିବା ଶତ୍ରୁମାନେ ନିଜ ନିଜର ସମସ୍ୟାରେ ଛନ୍ଦି ହୋଇ ପଡ଼ିବା କାରଣରୁ ପଥରୋଧ କରିବାରେ ଅସମର୍ଥ ହେବେ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ। ସାମାଜିକ ସ୍ତର ପ୍ରଶଂସା ମୁଖର ହେବ। ବେପାର ବାଣିଜ୍ୟର ଧାରା କ୍ରମବର୍ଦ୍ଧିଷ୍ଣୁ ହେବ। ଆର୍ଥୀକ ଦିଗ ନ୍ୟୁନ୍ମୁଖୀ ହେବାର ନାହିଁ। ଗଠନମୂଳକ କାର୍ଯ୍ୟ ଯଥାସମ୍ଭବ ଚାଲୁ ରହିବ। ଦେବଦର୍ଶନ ଓ ବନ୍ଧୁ ଦର୍ଶନରେ ଆଗଭର ହେବେ। ବ୍ୟବହାର କୁଶଳତା ଯୋଗେ ଶତ୍ରୁ ମିତ୍ରରେ ପରିଣତ ହୋଇପାରନ୍ତି। ସ୍ନାୟବିକ ରୋଗ ଦେଖାଦେବ। ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ମହିଳାମାନେ ପ୍ରଶଂସା ପାଇବାକୁ ବ୍ୟାକୁଳିତ ହେବେ। ପରିବାରରେ ଓ ସମାଜରେ ମୁଖ୍ୟ ଭୂମିକା ନିର୍ବାହ କରିବେ। ବିଦ୍ୟାର୍ଥୀମାନେ କୀର୍ତ୍ତିବାନ ହେବେ।

ଅଶୁଭ ଦିବସ:- ୧୭, ୧୮, ୧୯, ୨୦, ୨୭, ୨୮, ୪, ୫, ୬, ୧୪ ଅଷ୍ଟମଚନ୍ଦ୍ର:- ୨୫, ୨୬ ଘାତଚନ୍ଦ୍ର:- ୨୩, ୨୪ ବାକିଦିନ ଶୁଭ।




**ଧନୁ:-** ମାସଟିରେ ଆପଣଙ୍କୁ ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତ ହେଲେବି ଅଶୁଭ ଅପେକ୍ଷା ଶୁଭଫଳର ମାତ୍ରା ଅଧିକ ପରିମାଣରେ ମିଳିବ। କାମ୍ୟ କର୍ମରେ ଆଗେଇଚାଲିବା ନିମିତ୍ତ ପ୍ରତିବନ୍ଧକ ସୃଷ୍ଟି ହେବନାହିଁ। ଉପରିସ୍ଥ ମାନଙ୍କଠାରୁ ସାହାଯ୍ୟ ସହଯୋଗ ପାଇ କର୍ତ୍ତବ୍ୟରେ ଆଗେଇବେ। ଲାଭପ୍ରଦ କାର୍ଯ୍ୟଗୁଡ଼ିକୁ ଆପଣେଇ ନେଇ ଫଳଭୋକ୍ତା ହେବେ। ଈର୍ଷାଳୁମାନଙ୍କ ପ୍ରତିହିଂସା ପରାୟଣତା ପଣ୍ଡ ହେବ। ସାଙ୍ଗଠନିକ ଓ ଆନୁଷ୍ଠାନିକ କର୍ମ କୁଶଳତା ବୃଦ୍ଧି ଯୋଗେ ଆତ୍ମ ସନ୍ତୋଷ ପ୍ରାପ୍ତ ହେବେ। ଗୁରୁଜନମାନଙ୍କ ନିମିତ୍ତ ତଥା ପୈତୃକ ସଂପତ୍ତିକୁ ନେଇ ଚିନ୍ତା ଉଦ୍ରେକ ହେବ। ସାମାଜିକ ସ୍ତରରେ ଲୋକମାନ୍ୟତା ହାସଲ କରିବେ। ବେପାର ବାଣିଜ୍ୟରେ ସାବଧାନତା ଅବଲମ୍ବନ କଲେ କ୍ଷତିଆଡ଼କୁ ମୁହାଁଇବେ ନାହିଁ। ବୃହତ୍ତର ଯୋଜନାରେ ସଂଶ୍ଳିଷ୍ଟ ହେବେ। ଆୟର ଦିଗ ସଙ୍କୁଚିତ ନହେଲେବି ବ୍ୟୟର ଦିଗ ସାହାଣମେଲା ରହିବ। ଆଧାତ୍ମିକ ଦିଗପ୍ରତି ଆଗ୍ରହ ପ୍ରକାଶ ପାଇବ। ବିବାଦୀୟ କ୍ଷେତ୍ରରେ କୌଶଳ କ୍ରମେ ସହଜ ଉଦ୍ଧାର ପାଇବେ। ବୈଷୟିକ ସମୃଦ୍ଧି କରଗତ ହେବ। ଉଚ୍ଚ ରକ୍ତଚାପ ସାଙ୍ଗକୁ ମେଦବୃଦ୍ଧି ଦୁର୍ବଳତା ଜାତ କରାଇବ। ବିଶେଷ ରୋଗ ଭୋଗର ଆଶଙ୍କା ନାହିଁ। ପାରିବାରିକ ସ୍ଥିତିରେ ସମାହିତ ଯୋଜନା ଆବଶ୍ୟକ। ମହିଳାମାନେ କର୍ତ୍ତବ୍ୟର ଉପରେ ଅଣନିଶ୍ୱାସୀ ହେଲେବି କର୍ତ୍ତବ୍ୟରୁ ଓହରିଯିବେ ନାହିଁ। ସ୍ଥାନ ମାନ ସୁରକ୍ଷିତ ରହିବ। ବିଦ୍ୟାର୍ଥୀମାନେ ଏକାଗ୍ରତା ରକ୍ଷା କରିବେ।

ଅଶୁଭ ଦିବସ:- ୨୧, ୨୨, ୨୯, ୩୦, ୧, ୭, ୮ ଅଷ୍ଟମଚନ୍ଦ୍ର:- ୨୯, ୨୮ ଘାତଚନ୍ଦ୍ର:- ୧୯, ୨୦ ବାକିଦିନ ଶୁଭ।



**ମକର:-** ଶୁଭାଶୁଭ ଫଳ ମିଶ୍ରିତଭାବେ ପ୍ରାପ୍ତ ହେଲେବି ପୂର୍ବ ତୁଳନାରେ ମାସଟି ଆରାମପ୍ରଦ ହେବ। କର୍ମର ଗତି ବିଳମ୍ବିତ ହେଲେବି ସୁଖୀ ହେବନାହିଁ। ମନର ଉଦ୍‌ବେଗ ମଝିରେ ମଝିରେ ବିଚଳିତ କରିପାରେ। ଉପରିସ୍ଥମାନଙ୍କ ସାହାଯ୍ୟ ସହଯୋଗ ଲାଭକରି କର୍ମପଥରେ ଆଗେଇବେ। ଶତ୍ରୁମାନେ ଚେଷ୍ଟା କରି ମଧ ହଇରାଣ କରିପାରିବେ ନାହିଁ। ଦୈବୀକୃପା ଯୋଗେ ଅସମ୍ଭବ ସମ୍ଭବରେ ପରିଣତ ହେବ। ମନର ଦୃଢ଼ତା ଓ କର୍ମର ଉତ୍ତମ ସଂପାଦନା ଯୋଗେ କେତେକ ସମସ୍ୟା ପାଣି ଫୋଟକା ଭଳି ମିଳାଇଯିବ। ସାମର୍ଥ୍ୟ ଅପେକ୍ଷା ଅଧିକ ଦାୟିତ୍ୱ ପରିବହନ କରିପାରନ୍ତି। ସମାଜ ମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଶାନ୍ତି ପାଇବେ। ଲୋକ ସଂପର୍କ ବୃଦ୍ଧିପାଇବ। ସାମାଜିକ ସ୍ତରରେ ଅଙ୍ଗୁଳି ନିର୍ଦ୍ଦେଶର ଆଶଙ୍କା ନାହିଁ। ରଚନାତ୍ମକ ଶୈଳୀରେ କର୍ମ ପ୍ରବଣତା ବୃଦ୍ଧି ପାଇବ। ଦୂର ଭ୍ରମଣରୁ ଶାନ୍ତି ଓ ଅନୁଭୂତି ସଂଗ୍ରହ କରିବେ। ବେପାର ବାଣିଜ୍ୟର ଧାରା ମଧ୍ୟମ ଧରଣର ହେବ। ବନ୍ଧୁ ଓ ଆତ୍ମୀୟମାନଙ୍କ ମେଳରେ ସମୟ କଟିବ। ଆର୍ଥୀକ ଦିଗ କାମ ଚଳାଇବାରେ ଦୁର୍ବଳ ହେବନାହିଁ। ବିବାଦୀୟ କ୍ଷେତ୍ରରେ ସମ୍ମାନ ବଜାୟ ରହିବ। ବାତ ପ୍ରକୋପ ଓ ପିତ୍ତ ବିକାର ଦେଖାଦେବ। ପାରିବାରିକ ଜୀବନ ମଧୁରମୟ ହେବ। ମହିଳାମାନେ ଶାରିରୀକ ଅସୁସ୍ଥି ସତ୍ତ୍ୱେ କର୍ତ୍ତବ୍ୟରେ ପଛେଇଯିବେ ନାହିଁ। ବିଦ୍ୟାର୍ଥୀମାନେ ଉଚ୍ଚ ସୋପାନରେ ଆସୀନ ହେବେ।

ଅଶୁଭ ଦିବସ:- ୨୩, ୨୪, ୨, ୩, ୯, ୧୦, ୧୧ ଅଷ୍ଟମଚନ୍ଦ୍ର:- ୨୯, ୩୦, ୧ ଘାତଚନ୍ଦ୍ର:- ୨୯, ୩୦, ୧ ବାକିଦିନ ଶୁଭ।



**କୁମ୍ଭ:-** ଚଳିତ ମାସରେ ପୂର୍ବରୁ ଗଡ଼ି ଚାଲିଥିବା ସମସ୍ୟାର ପ୍ରଶମିତ ହେବା କାରଣରୁ ଆଶ୍ୱସ୍ତି ଲାଭ କରିବେ। ଆତ୍ମୀୟମାନଙ୍କର ଆତ୍ମୀୟତା ଊଣା ହେବା ଫଳରେ ମନରେ ଦୁର୍ବଳତା ଓ ଅଭିମାନ ଜାତହେବ। ଆତ୍ମ ସଂଯମତା ରକ୍ଷା ନକଲେ ଅସହାୟତାର କବଳିତ ହେବେ। ଜବଦମାନ ପରିବେଶରୁ

ଯଥା ସମ୍ଭବ ନିଜକୁ ଦୂରେଇ ରଖିପାରିଲେ ଅବଶୋଷମୁକ୍ତ ହେବେନାହିଁ। କର୍ମର ଗତି ଧିରେ ସୁସ୍ଥେ ଆଗେଇ ଚାଲିବ। ବିଶେଷ କ୍ଷତି ଅଥବା ଦୁଃସ୍ଥିତି ଉପୁଜିବ ନାହିଁ। ସାମାନ୍ୟ ବିଳମ୍ବରେ କାର୍ଯ୍ୟ ସାଧନ ହେବ। ଅନ୍ୟପାଇଁ ଉପକାର ଅଥବା ସହଯୋଗ କରି ପ୍ରତାରିତ ହେବାଭଳି ପରିବେଶ ଉପୁଜିପାରେ। ସାମାଜିକ ସ୍ତରରେ ନିଜର ସ୍ଥାନ ବଜାୟ ରଖିବା ନିମିତ୍ତ ଆପ୍ରାଣ ଚେଷ୍ଟା ଜାରି ରଖିବେ। ବେପାର ବାଣିଜ୍ୟ ଯଥାରୀତି ଚାଲୁ ରହିବ। ଆର୍ଥୀକ ଦିଗରୁ ନିଶ୍ଚିତ ରହିବେ। ଭ୍ରମଣ ଯୋଗରୁ ଲାଭବାନ ହେବେ। ପୁରାତନ ରୋଗ ସହିତ ମାନସିକ ସନ୍ତୁଳନ ରକ୍ଷା କରିବା କଷ୍ଟକର ହେବ। ପାରିବାରିକ ଶାନ୍ତି ନିମିତ୍ତ କଷ୍ଟ ସହଜ କରିବାକୁ ପଡ଼ିପାରେ। ମହିଳାମାନେ ମାସଟିରେ ନିଜର ମାନ ସମ୍ମାନ ଓ ପ୍ରତିଷ୍ଠା ରକ୍ଷା ଦିଗରେ ଯତ୍ନବାନ ହେବେ। ଆର୍ଥୀକ ଦିଗ ଓ ଆନୁଷ୍ଠାନିକ ପରିଚାଳନା ଦିଗରେ ଆଗଭର ହେବେ। ବିଦ୍ୟାର୍ଥୀମାନେ ବିଦ୍ୟା ଅପେକ୍ଷା ଧନାର୍ଜନ ପ୍ରତି ଲାଳାୟିତ ହେବେ।

ଅଶୁଭ ଦିବସ:- ୧୫, ୧୬, ୧୯, ୨୦, ୨୫, ୨୬, ୧୨, ୧୩ ଅଷ୍ଟମଚନ୍ଦ୍ର:- ୨, ୩ ଘାତଚନ୍ଦ୍ର:- ୯, ୧୦, ୧୧ ବାକିଦିନ ଶୁଭ।



**ମୀନ:-** ମାସଟିରେ ମିଶ୍ରଫଳ ଭୋକ୍ତା ହେଲେବି ଅଶୁଭ ଅପେକ୍ଷା ଶୁଭଫଳର ମାତ୍ରା ଅଧିକ ପରିମାଣରେ ଉପଗତ ହେବା କାରଣରୁ ଆଶ୍ୱସ୍ତ ହେବେ। ବିନା କାରଣରେ ବହୁ ସମୟ ଅନ୍ୟମନସ୍କ ହେବାର ସୂଚନା ମିଳୁଛି। ଚିନ୍ତାଧାରାରେ ଅସ୍ଥିରତା ପ୍ରକାଶ ପାଇବା ଅଛି ତେବେ ଗଭୀର ଆତ୍ମବିଶ୍ୱାସ ଓ ଈଶ୍ୱରାନୁଗତ ହେବାଫଳରେ ଅନେକ ସମସ୍ୟା ବାଟଭାଙ୍ଗି ଚାଲିଯାଇପାରେ। କର୍ମକ୍ଷେତ୍ରର ଗତି ସାବଲୀଳ ହେବ। ଗୃହରେ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ନିମିତ୍ତ ଉଦ୍‌ବେଗ ପ୍ରକାଶ କରିପାରନ୍ତି। ଭୁଲ ବୁଝାମଣା ଠାରୁ ଯଥାସମ୍ଭବ ଦୂରେଇ ରଖିପାରିଲେ ଶାନ୍ତି ପାଇବେ। ଶୁଭ ଚିନ୍ତକ ମାନଙ୍କଠାରୁ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଉପଲବ୍ଧ ହେବ। ମୂଲ୍ୟବାନ ଦ୍ରବ୍ୟ କ୍ରୟ ନିମିତ୍ତ ଆଗ୍ରହ ସୃଷ୍ଟିହେବ। ସାମାଜିକ ସ୍ତରରେ ଭାବମୂର୍ତ୍ତି ପରିବର୍ଦ୍ଧିତ ହୋଇପାରେ। ବେପାର ବାଣିଜ୍ୟରେ ଲାଭବାନ ହେବାର ଆଶା ଅଧିକ। ବିବାଦୀୟ କ୍ଷେତ୍ର ସପକ୍ଷରେ ଯିବ। ଆର୍ଥୀକ ଦିଗ ଯଥେଷ୍ଟ ଉନ୍ନତ ଧରଣର ନହେଲେବି ଗୁଜୁରାଣ ମେଣ୍ଟାଇବା ନିମିତ୍ତ ଅସମର୍ଥ ହେବନାହିଁ। ବନ୍ଧୁ ଦର୍ଶନ ଓ ତୀର୍ଥ ଭ୍ରମଣ ଯୋଗେ ଅର୍ଥ ବ୍ୟୟିତ ହୋଇପାରେ। ଛାତିରୋଗ ଓ ପେଟରୋଗରେ ଯନ୍ତ୍ରଣା ପାଇବେ। ପାରିବାରିକ ଜୀବନ ବୋଝ ସଦୃଶ ହେବ। ମହିଳାମାନଙ୍କ ତ୍ୟାଗ ଓ ଚେଷ୍ଟା ଚରିତ୍ର ଯୋଗେ ସମସ୍ତ କ୍ଲେଶକର ପରିବେଶକୁ ସହଜରେ ପରିଣତ କରି ପ୍ରଶଂସାର ପାତ୍ର ବନିବେ। ବିଦ୍ୟାର୍ଥୀମାନେ ନିଜର ସ୍ଥିତି ଦୃଢ଼ କରିବେ।

ଅଶୁଭ ଦିବସ:- ୨୧, ୨୨, ୨୭, ୨୮ ଅଷ୍ଟମଚନ୍ଦ୍ର:- ୪, ୫, ୬ ଘାତଚନ୍ଦ୍ର:- ୧୭, ୧୮, ୧୪ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

**DM Associates**
**Chartered Accountants**
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912

*We undertake*
*Auditing, Taxation, Consultancy outsourcing*

Postal Regd. No. CK (C)/91/2024-2026
The Samaroha September - 2024, Vol. - 33, Issue - 12 RNI Regd. No. : 034056/1981

KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)

Our Strength is-
Unity &
Teamwork with





Commitment and
Dedication

Our Motto –
No Words but Deeds





Aiming for Excellence
in Achievement with
Customer Satisfaction

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

CORPORATE OFFICE
A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012
MOB: 9937559264
WEB: www.kccl.co.in

₹ 20/-

Date of Publication : 13.09.2024
Facebook: The Samaroha
E-mail: thesamaroha@gmail.com, Website: www.samaroha.in